# ଧରିତ୍ରୀ DHARITRI

ଢେଙ୍କାନାଳ, ଶୁକ୍ରବାର, ଜାନୁୟାରୀ ୧୫/୨୦୨୧ (୧୬ ପୃଷ୍ଠା) | Dhenkanal, Friday, January 15/2021 | ★★★★★

୧୬ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**କଇଁଛ ସହ ରେସ୍ ଲଗାଇଲେ ଅଦା**

ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମାଙ୍କୁ ଏକ ପାର୍କରେ କଇଁଛ ସହ ଦୌଡୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଏବେ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି। ୧୪

୧୩ **ଡମ୍ ବେସ୍‌ଙ୍କୁ ୫ଉଇକେଟ ସଫଳତା**

ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଅଫ୍‌ସ୍ପିନର ଡମ୍ ବେସ୍ ୫ ଉଇକେଟ ସଫଳତା ପାଇଛନ୍ତି।




# ବିଶେଷଜ୍ଞ କମିଟିରୁ ଓହରିଲେ ଭୂପିନ୍ଦର

## 'ପଞ୍ଜାବ ଓ ଦେଶର ଚାଷୀଙ୍କ ବିରୋଧରେ ଯାଇପାରିବି ନାହିଁ'

- ଘୋଷଣା ପରେ ଭୂପିନ୍ଦରଙ୍କୁ କାନାଡାରୁ ଧମକ
- କେନ୍ଦ୍ର-କୃଷକ ନବମ ପର୍ଯ୍ୟାୟ ଆଲୋଚନା ଆଜି



ଏସ୍. ଭୂପିନ୍ଦର ସିଂ ମାନ୍

ନୂଆଦିଲ୍ଲୀ,୧୪।୧

କେନ୍ଦ୍ରର ୩ କୃଷି ଆଇନ ସ୍ଥଗିତ ରଖିବା ପରିପ୍ରେକ୍ଷୀରେ ଚାଷୀଙ୍କ ସହ ଆଲୋଚନା ପାଇଁ ସୁପ୍ରିମକୋର୍ଟ ପକ୍ଷରୁ ସଦ୍ୟ ଗଠିତ ୪ ଜଣିଆ ବିଶେଷଜ୍ଞ କମିଟିରୁ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ରାଷ୍ଟ୍ରୀୟ ଅଧ୍ୟକ୍ଷ ଏସ୍. ଭୂପିନ୍ଦର ସିଂ ମାନ୍ ଗୁରୁବାର ଓହରିଯାଇଛନ୍ତି। ଭୂପିନ୍ଦର ପଞ୍ଜାବ ଓ ଦେଶର ଚାଷୀଙ୍କ ବିରୋଧରେ ଯାଇପାରିବେ ନାହିଁ। ତେଣୁ ଉକ୍ତ କମିଟିରେ ରହିବେ ନାହିଁ ବୋଲି ଘୋଷଣା କରିବା ପରେ ତାଙ୍କୁ କାନାଡାରୁ ଧମକ ମିଳିଥିବା ଜଣାପଡ଼ିଛି। ସେପଟେ କେନ୍ଦ୍ର ସରକାର ଓ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ଶୁକ୍ରବାର ନବମ ପର୍ଯ୍ୟାୟ ଆଲୋଚନା ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଭୂପିନ୍ଦରଙ୍କ ଏହି ନିଷ୍ପତ୍ତି ନାନା ପ୍ରଶ୍ନବାଚୀ ଛିଡ଼ା କରିଛି।

ସୁପ୍ରିମକୋର୍ଟ ମଙ୍ଗଳବାର ବିବାଦୀୟ କୃଷି ଆଇନର କାର୍ଯ୍ୟକାରିତା ଉପରେ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରି ୪ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ। ଉକ୍ତ କମିଟିରେ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ତଥା ଅଲ୍ ଇଣ୍ଡିଆ କିଷାନ କୋଅର୍ଡିନେଶନ କମିଟି (ଏଆଇକେସିସି) ☞ପୃଷ୍ଠା–୪

# କଳାହାଣ୍ଡି ଗରିବୀର ଗବେଷଣାଗାର ନୁହେଁ

ଭୁବନେଶ୍ୱର(ବ୍ୟୁରୋ)/ଭବାନୀପାଟଣା/ଜୟପାଟଣା/କୋକସରା,୧୪।୧(ସ୍ୱ.ପ୍ର./ଡି.ଏନ୍.ଏ.)

- ୨ ହଜାର କୋଟିର ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଇନ୍ଦ୍ରାବତୀ ମେଗା ଜଳସେଚନ ପ୍ରକଳ୍ପ ଲୋକାର୍ପିତ
- କଳାହାଣ୍ଡିରେ ହେବ ଇନ୍ଦ୍ରାବତୀ ମ୍ୟୁଜିୟମ, ପାର୍କ, ମନ୍ଦିର
- ଇନ୍ଦ୍ରାବତୀ ମ୍ୟୁଜିୟମ କହିବ କଳାହାଣ୍ଡି ବିକାଶର କାହାଣୀ
- ୫୪ ପ୍ରକଳ୍ପର ଉଦ୍‌ଘାଟନ, ୫୨ ପ୍ରକଳ୍ପର ଶିଳାନ୍ୟାସ



ନବୀନ ପଟ୍ଟନାୟକ

କଳାହାଣ୍ଡି ଗରିବୀର ଗବେଷଣାଗାର ନୁହେଁ, ବିକାଶର ମଡେଲ। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡିଠାରେ ୨୦୮୫ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବା ଅବସରରେ ଏକଥା କହିଛନ୍ତି। କୃଷି କ୍ଷେତ୍ରରେ କଳାହାଣ୍ଡିର ବିକାଶର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୋକର ଭୂଗୋଳ କୁହାଯାଉଥିବା କଳାହାଣ୍ଡି ଏବେ ଭାତହାଣ୍ଡି ହୋଇଛି। କଳାହାଣ୍ଡି ଧାନ ଉତ୍ପାଦନରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ମଧ୍ୟ ଚାଉଳ ଯୋଗାଉଛି। ୧୦ଟି ରାଜ୍ୟ କେନ୍ଦ୍ରୀୟ ଭଣ୍ଡାରକୁ ଯେତିକି ଚାଉଳ ଯୋଗାଉଛନ୍ତି, କଳାହାଣ୍ଡି ଏକାକୀ ସେତିକି ଚାଉଳ ଯୋଗାଉଛି ବୋଲି କହିଛନ୍ତି। କଳାହାଣ୍ଡିର ଚାଷୀ ଓ ଜନସାଧାରଣଙ୍କ ଦୃଢ଼ ଇଚ୍ଛାଶକ୍ତି, ଗଭୀର ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋଭିଡ୍ ମହାମାରୀ ଯୋଗୁ ଦୀର୍ଘ ୯ ମାସ ପରେ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ଯୋଗ ଦେଇଛନ୍ତି। ଜୟପାଟଣା ବ୍ଲକର ମଙ୍ଗଳପୁରଠାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ବିଜୁବାବୁ ୯୦ ଦଶକରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ଭବାନୀପାଟଣା ଗସ୍ତ ସମୟରେ କିଛି ପିଲା ତାଙ୍କ ଉପରକୁ ପଥର ମାଡ଼ କରିଥିଲେ। ବିଜୁବାବୁ ସେମାନଙ୍କୁ କ୍ଷମା କରିଦେଇଥିଲେ। ପରେ ଯେତେବେଳେ ପୁଅ ଭାବରେ ତାଙ୍କୁ ପଚାରିଥିଲି ସେ କହିଥିଲେ ବ୍ୟସ୍ତ ହେବାର କିଛ ନାହିଁ। କଳାହାଣ୍ଡିବାସୀ ମୋତେ ବହୁତ ଭଲ ପାଆନ୍ତି। ମୁଁ କଳାହାଣ୍ଡିକୁ ବହୁତ ଭଲ ପାଏ। କଳାହାଣ୍ଡି ମାଟିରେ ମୋର ଯେତିକି ବିନ୍ଦୁ ରକ୍ତ ପଡ଼ିଛି, ଏହାର ବିକାଶ ପାଇଁ ମୁଁ ୧୦ ଗୁଣ ଅଧିକ ପରିଶ୍ରମ କରିବି।'

୨୦୦୦ରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ସମୟର ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତ, ଓଡ଼ିଶା ମା'ର ସେବା ପାଇଁ ମୁଁ ଯେତେବେଳେ ସୁଯୋଗ ପାଇଲି ସେତେବେଳେ ବିଜୁବାବୁଙ୍କ ଏହି କଥା ମୋ ମନକୁ ବାରମ୍ବାର ଆସୁଥିଲା। କଳାହାଣ୍ଡିର ବିକାଶ ପାଇଁ ମୋତେ ମାର୍ଗ ଦେଖାଉଥିଲା। ଏହା ଭିତରେ କଳାହାଣ୍ଡିର ଛବି ଉଜ୍ଜ୍ୱଳ ହୋଇଛି। ନୂଆ ଓଡ଼ିଶା ପାଇଁ ବାଟ ଦେଖାଇଛି।

ଧାନ ସଂଗ୍ରହ ଋତୁରେ କଳାହାଣ୍ଡିର ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୧୨୦୦ କୋଟି ଟଙ୍କା ଦିଆଯାଇଛି। ଜଳସେଚନ ସୁବିଧା ୩ ଗୁଣ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପୁଷ୍ଟି କ୍ଷେତ୍ରରେ ଭଲ କାମ ପାଇଁ କଳାହାଣ୍ଡି ସାରା ଦେଶରେ ଉତ୍ତମ ପ୍ରଦର୍ଶନକାରୀ ଜିଲାରେ ପରିଣତ ହୋଇଛି। ମାଛଚାଷ କ୍ଷେତ୍ରରେ ମଧ୍ୟ ଦେଶରେ ଶ୍ରେଷ୍ଠ ଜିଲାର ☞ପୃଷ୍ଠା–୪

## ୯ମାସ ପରେ ସାଧାରଣ ସଭାରେ ନବୀନ

## ଦ୍ୱିତୀୟ ଦିନ ଲାଗି ବଢ଼ିଲା ତେଲ ଦର



**ପେଟ୍ରୋଲ ୨୫, ଡିଜେଲ ୨୭ ପଇସା ଉର୍ଦ୍ଧ୍ୱରେ**

**ନୂଆଦିଲ୍ଲୀ,ଭୁବନେଶ୍ୱର,୧୪।୧:** ତେଲ ଦରରେ ଲଗାମ ଲାଗିପାରୁ ନାହିଁ। ଦର ବର୍ତ୍ତମାନ ରେକର୍ଡ ଭାଙ୍ଗି ଚାଲିଛି। ଲଗାତର ଦ୍ୱିତୀୟ ଦିନ ଲାଗି ତେଲ ଦର ବଢ଼ିବା ଯୋଗୁ ଭୁବନେଶ୍ୱରରେ ପେଟ୍ରୋଲ ୮୫.୩୬ ଟଙ୍କା ଏବଂ ଡିଜେଲ ୮୧.୫୮ ଟଙ୍କା ଛୁଇଁଛି। ଏଠାରେ ଗୁରୁବାର ପେଟ୍ରୋଲ ଲିଟର ପିଛା ୨୫ ପଇସା ବୃଦ୍ଧି ହୋଇଥିବା ବେଳେ ଡିଜେଲ ୨୭ ପଇସା ଉର୍ଦ୍ଧ୍ୱରେ ରହିଛି। ଭୁବନେଶ୍ୱରରେ ବୁଧବାର ପେଟ୍ରୋଲ ୨୫ ପଇସା ବଢ଼ି ଲିଟର ପିଛା ଦର ୮୫.୧୧ ଟଙ୍କା ରହିଥିଲା। ସେହିଭଳି ଡିଜେଲ ୨୭ ପଇସା ବଢ଼ିବା ଯୋଗୁ ଦର ୮୧.୩୧ ଟଙ୍କା ଥିଲା। ଭୁବନେଶ୍ୱରରେ ପେଟ୍ରୋଲ ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ବର୍ତ୍ତମାନ ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ନୂଆଦିଲ୍ଲୀଠାରୁ ଉଚ୍ଚରେ ରହିଛି। ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ୨୨ରୁ ୨୫ ପଇସା ଏବଂ ଡିଜେଲ ୨୪ରୁ୨୬ ପଇସା ବଢ଼ିଛି। ନୂଆଦିଲ୍ଲୀରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ୨୫ ପଇସା ବଢ଼ିବା ଯୋଗୁ ଦର ଯଥାକ୍ରମେ ୮୪.୭୦ ଟଙ୍କା ଏବଂ ୭୪.୮୮ ଟଙ୍କା ରହିଛି। ସେହିଭଳି ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୮୭.୪୦ ଟଙ୍କା, ୮୬.୧୫ ଟଙ୍କା ଏବଂ ୯୧.୩୨ ଟଙ୍କା ରହିଛି। ଏହି ୩ ସହରରେ ଡିଜେଲ ଯଥାକ୍ରମେ ୮୦.୧୯ ଟଙ୍କା, ୭୮.୪୭ ଟଙ୍କା ଏବଂ ☞ପୃଷ୍ଠା–୪

# ଟିକା ନ ନେବାକୁ ସ୍ୱାସ୍ଥ୍ୟକର୍ମୀଙ୍କ ଚେତାବନୀ

- କଳା ବ୍ୟାଜ୍ ପିନ୍ଧି ଅନ୍ୟକୁ ଟିକା ଦେବୁ
- ଫେବୃୟାରୀ ୧ରୁ ସିରିଞ୍ଜ୍ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ରାଜ୍ୟରେ ଶନିବାରଠାରୁ ଆରମ୍ଭ ହେବ କରୋନା ଟିକାକରଣ। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ ବୋଲି ଯୋଜନା ହୋଇଛି। କିନ୍ତୁ କରୋନା ଟିକା ନ ନେବାକୁ ଚେତାବନୀ ଦେଇଛନ୍ତି ୧୫ ହଜାର ସ୍ୱାସ୍ଥ୍ୟକର୍ମୀ। କ୍ୟାଡର୍ ପୁନର୍ଗଠନ ଓ ପଦବୀ ପରିବର୍ତ୍ତନ ଦାବିରେ ଏପରି ନିଷ୍ପତ୍ତି ନେଇଛି ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ। ଗୁରୁବାର ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ☞ପୃଷ୍ଠା–୪

## ଟିକାକରଣ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ଶନିବାରଠାରୁ ରାଜ୍ୟରେ ଆରମ୍ଭ ହେବ କରୋନା ଟିକାକରଣ। ଏହି ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମେ ପଞ୍ଜୀକୃତ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ଏନେଇ ଗୁରୁବାରଠାରୁ ସ୍ୱାସ୍ଥ୍ୟକର୍ମୀଙ୍କ ମୋବାଇଲ୍ ଫୋନ୍‌କୁ ଏସ୍‌ଏମ୍‌ଏସ୍ ପଠାଯାଇଛି। କେଉଁଠି ଓ କେତେବେଳେ ଟିକା ଦିଆଯିବ ତାହାର ସବିଶେଷ ତଥ୍ୟ ☞ପୃଷ୍ଠା–୪



ମକର ସଂକ୍ରାନ୍ତି ଅବସରରେ ଗୁରୁବାର କଟକ କାଠଯୋଡ଼ି ନଦୀ ରେଲଧାରଣା ଉପରେ ବିପଦପୂର୍ଣ୍ଣ ଭାବେ ପିଲାମାନେ ଗୁଡ଼ି ଉଡ଼ାଉଛନ୍ତି।

# 'ସିନେଟ୍‌ରେ ଦେଖିନେବି'

ୱାଶିଂଟନ,୧୪।୧

## ଟ୍ରମ୍ପ୍‌ଙ୍କ ଶୁଣାଣିର ଅଧକ୍ଷତା କରିବେ ହାରିସ୍

୨୦୨୦ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିରେ ଏକଚ୍ଛତ୍ରବାଦୀ ନେତା ଥିଲେ। ହ୍ୱାଇଟ୍ ହାଉସ୍‌କୁ ଦ୍ୱିତୀୟ ଥର ଯିବା ପାଇଁ ଦଳରେ ସେ ଏକମାତ୍ର ପ୍ରାର୍ଥୀ ଥିବାବେଳେ ଡେମୋକ୍ରାଟିକ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍‌ଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍ ଦେବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ। ସେତେବେଳେ ଟ୍ରମ୍ପ୍ ଉପହାସ କରି ଟୁଇଟ୍ କରିଥିଲେ, ଆମେ ତୁମକୁ ମିସ୍ କରିବୁ। ଏବେ ସମୟର ଚକ ଘୂରିଛି। ଟ୍ରମ୍ପ୍‌ଙ୍କ ପାଳି ଖରାପ ପଡ଼ିଛି। ହାରିସ୍ ଟୁଇଟରରେ ତାଙ୍କୁ ଜବାବ ଦେଇଛନ୍ତି, ରାଷ୍ଟ୍ରପତି ମହୋଦୟ, ଚିନ୍ତା କରନ୍ତୁ ନାହିଁ। ଆପଣଙ୍କୁ ସିନେଟରେ ଶୁଣାଣି ବେଳେ ଦେଖିନେବି।

ଆମେରିକାର ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବ ବୁଧବାର ବିଳମ୍ବିତ ରାତିରେ ନିମ୍ନ ସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ୨୩୨–୧୯୭ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ ହୋଇଛି। ଏବେ ସିନେଟରେ ଏହାର ଶୁଣାଣି ହେବାକୁ ଯାଉଛି। ରାଷ୍ଟ୍ରପତିଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କ ରାଜନୈତିକ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇବାର ସାମର୍ଥ୍ୟ ରଖୁଥିବା ସିନେଟରେ ରିପବ୍ଲିକାନ୍ ନେତା ମିଚ୍ ମେକ୍‌କୋନ୍ନେଲ କହିଛନ୍ତି, ଜାନୁୟାରୀ ୨୦ରେ ଟ୍ରମ୍ପ୍ ଅଫିସ ଛାଡ଼ିବା ପରେ ଯାଇ ମହାଭିଯୋଗ ପ୍ରସ୍ତାବକୁ ଉଚ୍ଚ ସଦନକୁ ପଠାଯିବ। ସିନେଟରେ ଉଭୟ ଡେମୋକ୍ରାଟ୍ ଓ ରିପବ୍ଲିକାନ୍ ପାର୍ଟିର ପଲା ଏବେ ପ୍ରାୟ ସମାନ ଅଛି। କିନ୍ତୁ ହାରିସ୍ ଉପରାଷ୍ଟ୍ରପତି ଭାବେ ଶପଥ ☞ପୃଷ୍ଠା–୪

# ଇଞ୍ଜିନିୟର ବୋହୂ ସହ ଶାଶୂ ଗିରଫ

ଭଦ୍ରକ ଅଫିସ, ୧୪।୧

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଗୁରୁବାର ରମ୍ଭିଳା ପଞ୍ଚାୟତ ଘୁଷୁରୀଗଡ଼ିଆ ଗ୍ରାମରେ ଲକ୍ଷାଧିକ ଟଙ୍କାର ପୋଚ ନଷ୍ଟ କରିବା ସହ ମଦ ରନ୍ଧା ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ମହିଳା ଓ ତାଙ୍କ ଇଞ୍ଜିନିୟର ବୋହୂଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ଶାଶୂ ଆଳତି ସିଂ ଓ ବୋହୂ ସରସ୍ୱତୀ ସିଂ। ଦୁଇପୁଅ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି।



ଗିରଫ ଶାଶୂ, ବୋହୂ।

ଏହି ଗ୍ରାମରେ ଶାଶୂ, ପୁଅ ଓ ବୋହୂ ମିଶି ମଦ ରାନ୍ଧି ଆଖପାଖ ଅଞ୍ଚଳକୁ ହୋଲସେଲ୍‌ରେ ବିକ୍ରି କରୁଥିବା ପୋଲିସକୁ ସୂଚନା ମିଳିଥିଲା। ଗୁରୁବାର ଆଳତି ଓ ସରସ୍ୱତୀ ମିଶି ଘରେ ମଦ ରାନ୍ଧୁଥିବା ସମୟରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ୧୨ଶହ ଲିଟରରୁ ଉର୍ଦ୍ଧ୍ୱ ପୋଚ ସହ ମଦରନ୍ଧା କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ସେମାନଙ୍କ ଘରୁ ୧ ଲକ୍ଷ ୫ ହଜାର ଟଙ୍କା ଏବଂ ଏକ ଇଣ୍ଡିଗୋ ଓ ସ୍କୁଟି ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୩୨/୨୧) ରୁଜୁ କରାଯାଇଥିବା ଥାନାଧିକାରୀ ଆଲୋକ ଜେନା ସୂଚନା ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ମଦ ଜବତ

# କଟକରୁ ଧାନ ଉଠାଇବେ ବରଗଡ଼ ମିଲର୍ସ

ବରଗଡ଼ ଅଫିସ୍,୧୪।୧

- ବରଗଡ଼ରେ ସରିନି ଧାନ ଉଠାଣ ପ୍ରକ୍ରିୟା
- ଚାଷୀଙ୍କ ପାଖରେ ରହିଛି ଲକ୍ଷାଧିକ ବସ୍ତା ଧାନ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ବିତିଥିଲେ ମଧ୍ୟ ଜିଲାର ବିଭିନ୍ନ ଅଞ୍ଚଳରେ ବହୁ ପରିମାଣର ଧାନ ବିକ୍ରି ନ ହୋଇ ପଡିରହିଛି। ଅନ୍ୟପଟେ ରାଜ୍ୟ ଯୋଗାଣ ନିଗମ ବରଗଡ଼ର ୪ ମିଲର୍ସଙ୍କୁ କଟକ ଜିଲାରୁ ଧାନ ଉଠାଇବାକୁ ଅନୁମତି ଦେଇଛି। ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଦାସଙ୍କ ପତ୍ରସଂଖ୍ୟା:–୭୮୫ ତା:–୧୩/୧/୨୦୨୧ରେ ଏହା ସ୍ପଷ୍ଟ ହୋଇଛି। ବରଗଡ଼ ଜିଲାରୁ ଧାନ ଉଠାଣ ପ୍ରକ୍ରିୟା ସରି ନ ଥିବାବେଳେ ଏହି ଜିଲାର ମିଲର୍ସମାନଙ୍କୁ ଅନ୍ୟ ଜିଲାରୁ ଧାନ ଉଠାଣ ପାଇଁ ଅନୁମତି ଦିଆଯିବାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ବରଗଡ଼ ଜିଲା ଝାରବନ୍ଧ ବ୍ଲକ ବିଳାସପୁର ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ିଥିବା ଧାନ।

ବରଗଡ଼ ଜିଲାରେ ଗତ ନଭେମ୍ବର ୯ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ୧୮୫ଟି ମଣ୍ଡି ଖୋଲିଥିବାବେଳେ ୧୧୨ ମିଲର୍ସ ଭାଗ ନେଇଥିଲେ। ଇତିମଧ୍ୟରେ ଜିଲାରୁ ୬୬ଲକ୍ଷ ୨୯ହଜାର କୁଇଣ୍ଟାଲ ଧାନକ୍ରୟ ହୋଇ ସାରିଥିବା ଜିଲା ଯୋଗାଣ ବିଭାଗରୁ ସୂଚନା ମିଳିଛି। ତଥାପି ଜିଲାର ବିଭିନ୍ନ ମଣ୍ଡିରେ ଲକ୍ଷାଧିକ କୁଇଣ୍ଟାଲ ଧାନ ପଡ଼ିରହିଛି। ଏଭଳି ସ୍ଥିତିରେ ଜିଲାର ଭବାନୀ ପ୍ରୋସେସର୍ସ, ଗଜଲକ୍ଷ୍ମୀ ଫୁଡ୍ ଆଣ୍ଡ୍ ପ୍ରୋସେସର୍ସ, ଶଙ୍ଖୋଳିଆ ରାଇସ୍ ଇଣ୍ଡଷ୍ଟ୍ରିଜ୍ ଏବଂ ଶ୍ରୀ ଲକ୍ଷ୍ମୀ ହାଇଟେକ୍ ଫୁଡ୍ ପ୍ରଡୁସର୍ସ ରାଇସ୍ ମିଲ୍‌କୁ କଟକ ଜିଲାରୁ ଧାନ କିଣିବାକୁ ଅନୁମତି ☞ପୃଷ୍ଠା–୪

# ମକର ବୁଡ଼ ବେଳେ ଯୁବତୀଙ୍କୁ ଗଣବଳାତ୍କାର

ବାରିପଦା ଅଫିସ,୧୪।୧

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳରେ ବୁଧବାର ମକର ବୁଡ଼ ପକାଇବାକୁ ଯାଇଥିବା ଜଣୈକା ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୫୭/୨୧) ରୁଜୁ କରି ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ଅଟକ ରଖାଯାଇଛି। ଗିରଫ ଅଭିଯୁକ୍ତ ହେଲେ କାଳିକାପୁର ୱାର୍ଡ ନଂ.୨୪ର ବୁଧୁରାମ ସିଂ। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତା ଜଣକ ତାଙ୍କ ନାବାଳିକା ଭଉଣୀ ସହିତ ମକର ବୁଡ଼ ପାଇଁ ବଡ଼ିଭୋଲରୁ ନିକଟସ୍ଥ ନଦୀ କୂଳକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଦୁଇ ଅଭିଯୁକ୍ତ ପୀଡ଼ିତାଙ୍କୁ ଜୋର ଜବରଦସ୍ତ ଏକ ☞ପୃଷ୍ଠା–୪

## ଅଭିଯୁକ୍ତ ଗିରଫ, ନାବାଳକ ଅଟକ


**ଆଜିର ସମ୍ପାଦକୀୟ**

ଏକ ସାମୟିକ ବିରତି


**ଆଜିର ମନ୍ତବ୍ୟ**

"ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍ ବିହାରରେ ଭାଜପାକୁ ସହଯୋଗ କରିଥିଲା। ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ମଧ୍ୟ ଏହି ଧାରା ବଜାୟ ରହିବ।

– ସାକ୍ଷୀ ମହାରାଜ, ବରିଷ୍ଠ ଭାଜପା ନେତା



ପଶ୍ଚିମବଙ୍ଗର ଶାସକ ଟିଏମ୍‌ସିର ୪୧ ବିଧାୟକ ଖୁବ୍‌ଶୀଘ୍ର ଦଳ ଛାଡ଼ିବେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏହି ବିଧାୟକମାନେ ଭାଜପାରେ ଯୋଗଦେବେ। ଆମ ପାଖରେ ସମସ୍ତ ୪୧ ବିଧାୟକଙ୍କ ତାଲିକା ରହିଛି।
**-କୈଳାସ ବିଜୟଭର୍ଗୀୟ, ଭାଜପା ସାଧାରଣ ସମ୍ପାଦକ**



## ସଂକ୍ଷେପରେ

### ଲାଞ୍ଚ ନେଇ ୪ ସିବିଆଇ ଅଧିକାରୀ ଗିରଫ

**ନୂଆଦିଲ୍ଲୀ, ୧୪ା୧:** ବ୍ୟାଙ୍କ ଠକେଇ ମାମଲାରେ ଅଭିଯୁକ୍ତଙ୍କଠାରୁ ଲାଞ୍ଚ ନେଇ ମାମଲା ଦୁର୍ବଳ କରିବାକୁ ଚେଷ୍ଟା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଏହାର ଗୁରୁବାର ୪ ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଆର୍. କେ. ରିଷି ଏବଂ ଆର୍. କେ. ସଙ୍ଗୱାନ, ଇନ୍ସପେକ୍ଟର କପିଳ ଧନକଡ୍ ଓ ଷ୍ଟେନୋ ସମୀର କୁମାର ସିଂ। ତଦନ୍ତ ଜାରି ଥିବାରୁ ଏ ବାବଦରେ ଅଧିକ ତଥ୍ୟ ସିବିଆଇ ପକ୍ଷରୁ ଦିଆଯାଇନାହିଁ। ଗୁରୁବାର ସକାଳେ ଦିଲ୍ଲୀ ସମେତ ଗାଜିଆବାଦ, ନୋଏଡା, ଗୁଡଗାଓଁ, ମିରଟ ଏବଂ କାନପୁରର ୧୪ ଟି ସ୍ଥାନରେ ଚଢ଼ାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଥିବା ସିବିଆଇ କହିଛି।

### 'ଅସୁବିଧା ହେଲେ କ୍ଷତିପୂରଣ ଦେବ ଟିକା କମ୍ପାନୀ'

**ନୂଆଦିଲ୍ଲୀ, ୧୪ା୧:** ଆସନ୍ତା ୧୬ରୁ ଭାରତରେ କରୋନା ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଦେଶରେ କୋଭିଶିଲ୍ଡ ଓ କୋଭାକ୍ସିନର ଜରୁରିକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ମିଳିସାରିଛି। ଟିକାର ପାର୍ଶ୍ୱ ପ୍ରତିକ୍ରିୟାକୁ ନେଇ ଅନେକଙ୍କ ମନରେ ଭୟ ଥିବାବେଳେ ଭାକ୍ସିନ ନେବା ପରେ କୌଣସି ବ୍ୟକ୍ତିଙ୍କ କିଛି ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ଏ ବାବଦରେ ଟିକା କମ୍ପାନୀ କ୍ଷତିପୂରଣ ଦେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଭଗବାନ୍ ଓୱାଇସିଙ୍କୁ ଶକ୍ତି ଦିଅନ୍ତୁ: ସାକ୍ଷୀ ମହାରାଜ

**ଲକ୍ଷ୍ନୌ, ୧୪ା୧:** ବିହାରରେ ସଫଳତା ପରେ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ଉତ୍ତରପ୍ରଦେଶରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଆସନ୍ତା ଏପ୍ରିଲ-ମେ'ରେ ହେବାକୁ ଥିବା ପଞ୍ଚାୟତ ଭୋଟ୍ ଏବଂ ୨୦୨୨ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଓୱାଇସି ମଙ୍ଗଳବାର ବାରାଣସୀ, ମଉ, ଜଉନପୁର ଓ ଆଜମଗଡ଼ ଗସ୍ତ କରି ଦଳୀୟ ସ୍ଥିତି ସୁଦୃଢ଼ ସକାଶେ ରଣନୀତି ପ୍ରସ୍ତୁତ କରିଛନ୍ତି। ଏହାକୁ ଭାଜପାର ଉନ୍ନାଓ ଏମ୍‌ପି ସାକ୍ଷୀ ମହାରାଜ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଏଆଇଏମ୍‌ଆଇଏମ୍ ବିହାର ନିର୍ବାଚନରେ ଭାଜପାକୁ ନିର୍ବାଚନ ଜିତିବା ପାଇଁ ସାହାଯ୍ୟ କରିଥିଲା। ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମଧ୍ୟ ଗୈରିକ ଦଳ ତାଙ୍କଠାରୁ ସହଯୋଗ ପାଇବ। ଭଗବାନ ଓୱାଇସିଙ୍କୁ ଅଧିକ ଶକ୍ତି ଦିଅନ୍ତୁ।

### 'ରାଷ୍ଟ୍ରପତି ହେବାକୁ ମହିଳା ଅଯୋଗ୍ୟ'

**ମାନିଲା, ୧୪ା୧:** ପୁରୁଷଙ୍କ ତୁଳନାରେ ଭାବପ୍ରବଣତାରେ ଫରକ୍ ଯୋଗୁ ମହିଳାମାନେ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବା ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିଛନ୍ତି ଫିଲିପାଇନ୍ସ ରାଷ୍ଟ୍ରପତି ରେଡ୍ରିଗୋ ଡୁଟେର୍ଟେ। ଏଥିସହ ତାଙ୍କ ପରେ ଝିଅ ଶାସନ ଭାର ସମ୍ଭାଳିବେ ବୋଲି ଦୀର୍ଘ ଦିନରୁ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସେ ଯେଉଁଭଳି ପରିସ୍ଥିତି ଦେଇ ଗତି କରୁଛନ୍ତି ତାଙ୍କ ଝିଅ ମଧ୍ୟ ସମାନ ଅସୁବିଧା ଭୋଗିବେ ବୋଲି ରେଡ୍ରିଗୋ କହିଛନ୍ତି।



# ଡାକ ଟିକେଟରେ ଗ୍ରେଟା

**ଷ୍ଟକହମ୍, ୧୪ା୧:** ସ୍ୱିଡେନ୍‌ର ଡାକ ଟିକେଟ୍‌ରେ ସ୍ଥାନିତ ହୋଇଛନ୍ତି ଜଣାଶୁଣା ପରିବେଶ କର୍ମୀ ଗ୍ରେଟା ଥନବର୍ଗ। ଜାନୁୟାରୀ ୩ରେ ସେ ୧୮ ବର୍ଷ ବୟସରେ ପାଦ ଥାପିଛନ୍ତି। ଟିକେଟ୍‌ରେ ହଳଦିଆ ରଙ୍ଗର ପୋଷାକରେ ଏକ ପଥର ଉପରେ ଛିଡ଼ା ହୋଇଥିବା ଥନବର୍ଗଙ୍କ ଚିତ୍ର ରହିଥିବା ଦେଖିବାକୁ ମିଳିଛି। ପରିବେଶ ସୁରକ୍ଷା ଦିଗରେ ସ୍ୱିଡେନ ସରକାର ସଚେତନ ଥିବା ଏବଂ ଏଥିପାଇଁ ପଦକ୍ଷେପ ନେଉଥିବା ଏହା ମାଧ୍ୟମରେ ଦର୍ଶାଯାଇଛି। ଚିତ୍ରକାର ହେନିଙ୍ଗ ଟ୍ରୋଲବ୍ୟାକ୍ ଚିତ୍ରରେ ଗ୍ରେଟାଙ୍କ ସହ ପ୍ରକୃତିକୁ ଚିତ୍ରିତ କରିଛନ୍ତି। ପରିବେଶ ରକ୍ଷା ପାଇଁ ଏତେ କମ୍ ବର୍ଷରୁ ସ୍ୱର ଉଠାଇ ସେ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଥିଲେ। ତାଙ୍କ ଜନ୍ମଦିବସ ଉପଲକ୍ଷେ ସ୍ୱିଡେନ୍ ସରକାର ତାଙ୍କୁ ଟିକେଟ୍‌ରେ ସ୍ଥାନିତ କରିଛନ୍ତି। ତେବେ ଏ ସବୁ ନ କରି ପ୍ରକୃତରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ଗ୍ରେଟା କହିଛନ୍ତି। ଯଦି ଜଣେ ଯାହା କହିଥାଏ ତାହା ନ କରେ ତେବେ ସେ କଥାର କୌଣସି ମୂଲ୍ୟ ରହେନାହିଁ ଏବଂ ତାଙ୍କୁ ପରିହାସର ପାତ୍ର ହେବାକୁ ପଡ଼େ ବୋଲି ସେ ମତ ରଖିଛନ୍ତି।




# ଅଢ଼େଇ କୋଟିରେ ସରପଞ୍ଚ ପଦବୀ ନିଲାମ



**ନାଶିକ୍, ୧୪ା୧:** ମହାରାଷ୍ଟ୍ରର ନାଶିକ୍ ଜିଲା ଉମରେନ ଗ୍ରାମରେ ୨ କୋଟି ୪୨ ଲକ୍ଷ ଟଙ୍କାରେ ସରପଞ୍ଚ ପଦବୀ ନିଲାମ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟ ନିର୍ବାଚନ କମିଶନ ସେଠାରେ ନିର୍ବାଚନ ରଦ୍ଦ ଘୋଷଣା କରିଛନ୍ତି। ସେଠାରେ ଭୋଟିଂ ପ୍ରକ୍ରିୟା ବଦଳରେ ସରପଞ୍ଚ ହେବାକୁ ନିଲାମ ପ୍ରକ୍ରିୟା ଚାଲିଥିଲା। ନିଲାମ ବାବଦ ଟଙ୍କା ବଢ଼ି ୨ କୋଟି ୪୨ ଲକ୍ଷରେ ପହଞ୍ଚିଥିଲା। ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ଚାରିଆଡ଼େ ଘଟଣା ପ୍ରଚାର ହୋଇଯାଇଥିଲା। ସେହିପରି ନନ୍ଦୁରବାର ଜିଲାର ଖୋନ୍ଦମାଳି ଗ୍ରାମରେ ମଧ୍ୟ ସମାନ ଘଟଣା ସାମ୍ନାକୁ ଆସିଛି। ଏହାର ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୫ ତାରିଖରୁ ମହାରାଷ୍ଟ୍ରର ୩୪ ଜିଲାରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

# ସିନେଟ୍ ଉପରେ ନଜର

## ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହେଲେ ଲଢ଼ିପାରିବେନି ୨୦୨୪ ନିର୍ବାଚନ

**ୱାଶିଂଟନ, ୧୪ା୧**

ଆମେରିକାର ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଦ୍ୱିତୀୟ ଥର ପାଇଁ ଆଗତ ମହାଭିଯୋଗ ପ୍ରସ୍ତାବ କଂଗ୍ରେସର ନିମ୍ନ ସଦନରେ ଗୃହୀତ ହୋଇଛି। ୪୩୫ ସଦସ୍ୟ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ବା ପ୍ରତିନିଧି ସଭାରେ ପ୍ରସ୍ତାବ ଗୃହୀତ ହେବା ପାଇଁ ମହାଭିଯୋଗ ସପକ୍ଷରେ ୨୧୮ ସଦସ୍ୟଙ୍କ ସମର୍ଥନ ଜରୁରୀ ଥିଲା। ପ୍ରସ୍ତାବ ସପକ୍ଷରେ ୨୩୨ ଭୋଟ ପଡ଼ିଥିବାବେଳେ ବିରୋଧରେ ଯାଇଛି ୧୯୭ ଖଣ୍ଡ। ତେବେ ଟ୍ରମ୍ପ୍‌ଙ୍କ ବିରୋଧରେ ସମସ୍ତ ୨୨୨ ଡେମୋକ୍ରାଟ୍‌ଙ୍କ ସହ ୧୦ ରିପବ୍ଲିକାନ୍ ଭୋଟ ଦେବା ପରେ ତାଙ୍କ ଅଡୁଆ ବଢ଼ିଯାଇଛି। ମହାଭିଯୋଗ ପ୍ରସ୍ତାବକୁ ବିଚାର ପାଇଁ ଉଚ୍ଚ ସଦନ ସିନେଟକୁ ପଠାଯାଇଛି। ସିନେଟର ୧୦୦ ସଦସ୍ୟଙ୍କ ମଧ୍ୟରୁ ୫୧ ଜଣ ହେଉଛନ୍ତି ଟ୍ରମ୍ପ୍‌ଙ୍କ ରିପବ୍ଲିକାନ୍ ପାର୍ଟିର। ୪୬ ଡେମୋକ୍ରାଟ୍ ଥିବାବେଳେ ୨ ଜଣ ସ୍ୱାଧୀନ ସଦସ୍ୟ ମଧ୍ୟ ରହିଛନ୍ତି। ସିନେଟ୍‌ରେ ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଅର୍ଥାତ୍ ତାଙ୍କ ବିରୋଧରେ ସମସ୍ତ ଡେମୋକ୍ରାଟ୍ ଭୋଟ ଦେବା ପରେ ମଧ୍ୟ ୧୭ ରିପବ୍ଲିକାନ୍‌ଙ୍କ ସମର୍ଥନ ଲୋଡ଼ାପଡ଼ିବ। ତେବେ ଏଥିପାଇଁ ୧୭ ନୁହେଁ, ବରଂ ୨୦ ରିପବ୍ଲିକାନ୍ ପ୍ରସ୍ତୁତ ହୋଇ ରହିଥିବା ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଏପରି ହେଲେ ମହାଭିଯୋଗରେ ଦୋଷୀ ହେବାରେ ଟ୍ରମ୍ପ୍ ହେବେ ଆମେରିକାର ପ୍ରଥମ ରାଷ୍ଟ୍ରପତି। ଏଥିସହ ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିପାରିବେ ନାହିଁ ଓ ତାଙ୍କ ରାଜନୈତିକ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିବ।

ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ଟ୍ରମ୍ପ୍‌ଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ନେଇ ମିଛ ଦାବି କରିବା ଓ ହିଂସା ଉସୁକାଇବା ଭଳି ସାଂଘାତିକ ଅଭିଯୋଗ ଆଣିଛି। ଆସନ୍ତା ବୁଧବାର ଅର୍ଥାତ୍ ଜାନୁୟାରୀ ୨୦ ତାରିଖରେ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍ ଛାଡ଼ିବେ। ଏହାସହ ଡେମୋକ୍ରାଟିକ୍ ପାର୍ଟିର ନବ ନିର୍ବାଚିତ ନେତା ଜୋ ବାଇଡେନ୍ ନୂଆ ରାଷ୍ଟ୍ରପତି ଭାବେ ଶପଥ ନେବେ। ତେଣୁ ବିଦାହେବା ବେଳେ ଟ୍ରମ୍ପ୍‌ଙ୍କ ବିରୋଧରେ ଏପରି ମହାଭିଯୋଗ ଅଣାଯିବାର ଯଥାର୍ଥତା କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ମହାଭିଯୋଗ ଆପରାଧିକ ଭାବେ ନୁହେଁ, ବରଂ ରାଜନୈତିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। ଆମେରିକା ସମ୍ବିଧାନ ଅନୁସାରେ ଜଣେ ରାଷ୍ଟ୍ରପତିଙ୍କ ବିରୋଧରେ ଦେଶଦ୍ରୋହ, ଭ୍ରଷ୍ଟାଚାର ବା ଅନ୍ୟ ସଙ୍ଗିନ ଅପରାଧ ଭଳି ଅଭିଯୋଗ ଆସିଲେ ତାଙ୍କୁ ଅଫିସ୍‌ରୁ ହଟାଯିବା ପାଇଁ ମହାଭିଯୋଗ ଅଣାଯାଇଥାଏ। ବୁଧବାର ବିଳମ୍ବିତ ରାତି ଯାଏ ନିମ୍ନ ସଦନରେ ବିତର୍କ ଚାଲିବା ପରେ ଟ୍ରମ୍ପ୍‌ଙ୍କ ବିରୋଧରେ ୨୩୨ ଜଣ ଭୋଟ ଦେଇଥିଲେ, ଯାହାକି ଆବଶ୍ୟକ ସଂଖ୍ୟାଠାରୁ ୧୪ ଅଧିକ। ପୂର୍ବରୁ ମଧ୍ୟ ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ ଆସିଥିଲା। ପୁନଃ ନିର୍ବାଚିତ ହେବା ପାଇଁ ୟୁକ୍ରେନଠାରୁ ସହଯୋଗ ଲୋଡ଼ିବା ନେଇ ଆଗତ ଏହି ପ୍ରସ୍ତାବକୁ ଖାରଜ କରି ସିନେଟ ତାଙ୍କୁ ଦୋଷମୁକ୍ତ କରିଥିଲା। ଏଥର ସିନେଟରେ ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହେଲେ ଆଇନପ୍ରଣେତାମାନଙ୍କୁ ନେଇ ଆଉ ଥରେ ଭୋଟିଂ ହେବ। ୨୦୨୪ରେ ପୁଣି ନିର୍ବାଚନ ଲଢ଼ିବା ପାଇଁ ଚାହୁଁଥିବା ଟ୍ରମ୍ପ୍ ପୂର୍ବରୁ ସଙ୍କେତ ଦେଇଥିଲେ। ତେଣୁ ତାଙ୍କୁ ଏଥିରୁ ଅଟକାଇବା ଲାଗି ଏହି ମତଦାନ କରାଯିବ। ଏହି ମହାଭିଯୋଗର ଏହା ହେବ ସବୁଠୁ ବଡ଼ ପରିଣାମ। ସିନେଟରମାନଙ୍କ ସଂଖ୍ୟାଗରିଷ୍ଠ ଭୋଟରେ ଦୋଷୀ ସାବ୍ୟସ୍ତ ହେଲେ ଟ୍ରମ୍ପ୍ ଆଗକୁ ଆମେରିକାର ଆଉ କୌଣସି ସମ୍ମାନ, ଆସ୍ଥା ବା ଲାଭଜନକ ପଦବୀରେ ରହିପାରିବେ ନାହିଁ। ଏହାସହ ରିପବ୍ଲିକାନ୍ ପାର୍ଟି ମଧ୍ୟ ଦୁର୍ବଳ ହୋଇଯିବ। କୌଣସି ରିପବ୍ଲିକାନ୍ ପ୍ରାର୍ଥୀଙ୍କୁ ରାଷ୍ଟ୍ରପତି ନିର୍ବାଚନ ଜିତିବା କଷ୍ଟକର ହୋଇଯିବ। ତେବେ ଟ୍ରମ୍ପ୍‌ଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏହା ହେବାକୁ ଯାଉନାହିଁ। କାରଣ ସିନେଟରେ ୧୯ ତାରିଖ ପୂର୍ବରୁ ଏହି ପ୍ରକ୍ରିୟା କରାଯାଇପାରିବ ନାହିଁ। ବରିଷ୍ଠ ହାଉସ୍ ଡେମୋକ୍ରାଟମାନେ କହିଛନ୍ତି, ଜୋ ବାଇଡେନ୍ ଶପଥ ନେବାର ପ୍ରଥମ ୧୦୦ ଦିନ ପର୍ଯ୍ୟନ୍ତ ସିନେଟକୁ ଆର୍ଟିକିଲ୍ ଅଫ୍ ଇମ୍ପିଚ୍‌ମେଣ୍ଟ ପଠାଯାଇ ନ ପାରେ।



ଜାନୁୟାରୀ ୬ର କ୍ୟାପିଟୋଲ ବିଲ୍ଡିଂ ଦଙ୍ଗା ଆମେରିକାର ଗଣତାନ୍ତ୍ରିକ ଇତିହାସରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା। ନଭେମ୍ବର ୩ ନିର୍ବାଚନରେ ପରାଜିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ରିପବ୍ଲିକାନ୍ ପାର୍ଟିର ସମର୍ଥକମାନଙ୍କୁ ଉସୁକାଇ ସଶସ୍ତ୍ର ବିଦ୍ରୋହ ଉଦ୍ୟମ କରିଥିଲେ। ତାଙ୍କ ଯୋଗୁ ସୃଷ୍ଟି ହୋଇଥିବା ହିଂସାକାଣ୍ଡରେ ୫ ଜଣଙ୍କ ଜୀବନ ଯାଇଥିଲା। ଏହାକୁ ନେଇ ଟ୍ରମ୍ପ୍‌ଙ୍କ ବିରୋଧରେ ନିମ୍ନ ସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ମହାଭିଯୋଗ ପ୍ରସ୍ତାବ ୨୩୨-୧୯୭ ସଂଖ୍ୟାଗରିଷ୍ଠତାରେ ଗୃହୀତ ହୋଇଛି। ସିନେଟରେ ଏହା ପାରିତ ହେଲେ ୭୪ ବର୍ଷୀୟ ଟ୍ରମ୍ପ୍‌ଙ୍କ ରାଜନୈତିକ ଜୀବନର ସୂର୍ଯ୍ୟାସ୍ତ ହେବ। ଏଥିପାଇଁ ଡେମୋକ୍ରାଟିକ୍ ପାର୍ଟି ଜୋର୍‌ଦାର ଉଦ୍ୟମ ଚଳାଇଛି। ତେଣୁ ଏବେ ସିନେଟ ଉପରେ କେବଳ ଆମେରିକା ନୁହେଁ, ବରଂ ସାରା ବିଶ୍ୱର ନଜର ରହିଛି।



" ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଶପଥ ନେବା ପୂର୍ବରୁ ଟ୍ରମ୍ପ୍‌ଙ୍କ ବିରୋଧରେ ନିରପେକ୍ଷ କିମ୍ବା ଗମ୍ଭୀର ଶୁଣାଣି ଶେଷ ହେବାର ସମ୍ଭାବନା ନାହିଁ। କଂଗ୍ରେସ ସୁରକ୍ଷିତ ତଥା ଶୃଙ୍ଖଳିତ ଭାବେ କ୍ଷମତା ହସ୍ତାନ୍ତର ଉପରେ ଗୁରୁତ୍ୱ ଦେଲେ ଆମେରିକାର ସ୍ୱାର୍ଥ ପାଇଁ ଶୁଭଙ୍କର ହେବ।
**-ମିଚ୍ ମେକ୍‌କୋନେଲ, ସିନେଟ ରିପବ୍ଲିକାନ୍ ଲିଡର**



### 'କୃଷି ଆଇନ ହଟାଇବାକୁ ବାଧହେବ କେନ୍ଦ୍ର'



**ମଦୁରାଇ, ୧୪ା୧**

ଆଗାମୀ ଦିନରେ କେନ୍ଦ୍ର ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧହେବେ ବୋଲି ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦୃଢ଼ୋକ୍ତି ବାଢ଼ିଛନ୍ତି। ତାମିଲନାଡୁ ଗସ୍ତରେ ଥିବା ରାହୁଲ ମଦୁରାଇ ବିମାନବନ୍ଦରରେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ମଦୁରାଇ ଜିଲାର ଅବନୀୟପୁରମ୍ ଗ୍ରାମରେ ଜାଲିକାଟ୍ଟୁ ଉତ୍ସବ ଦେଖିବାକୁ ଯାଇଥିବା ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, କୃଷକମାନଙ୍କୁ ଦମନ କରି ଦେଶକୁ ସମୃଦ୍ଧ କରାଯାଇପାରିବ ବୋଲି ଯଦି କେହି ଚିନ୍ତା କରୁଥାଆନ୍ତି ତେବେ ସେ ଆମର ଇତିହାସକୁ ଦେଖିବା ଉଚିତ। ଭାରତ ଓ ଭାରତୀୟ କୃଷକମାନେ ଦୁର୍ବଳ ନୁହନ୍ତି। ମୋଦି କୃଷକମାନଙ୍କୁ ଅଣଦେଖା କରି କେତେଜଣ ହାତଗଣତି ବ୍ୟବସାୟୀଙ୍କୁ ସାହାଯ୍ୟ କରୁଛନ୍ତି। ସେ କାହାର ପ୍ରଧାନମନ୍ତ୍ରୀ? ଜନସାଧାରଣଙ୍କର ନା ନିର୍ଦ୍ଦିଷ୍ଟ ଦୁଇ ତିନିଜଣ ବ୍ୟବସାୟୀଙ୍କର ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ଚାଷୀମାନଙ୍କୁ ମାରିଦେବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। କୃଷକ ଆନ୍ଦୋଳନକୁ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ସମର୍ଥନ କରିବ। ଏଭଳି ସ୍ଥିତି ସୃଷ୍ଟି କରାଯିବ ଯେ, ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧହେବେ।



ଉତ୍ତରାଖଣ୍ଡସ୍ଥିତ କୁମାଓଁ ଅଞ୍ଚଳର ମହିଳାମାନେ ମକର ସଂକ୍ରାନ୍ତି ଅବସରରେ ଉତ୍ତରାୟଣୀ ମେଳାରେ ଭାଗନେଇଛନ୍ତି।

# ଭାରତକୁ ଦୋଷ ଦେଲେ ପ୍ରଚଣ୍ଡ

### ନେପାଳ ପାର୍ଲାମେଣ୍ଟ ଭଙ୍ଗ ଘଟଣା

**କାଠମାଣ୍ଡୁ, ୧୪ା୧**

ନେପାଳ ପ୍ରଧାନମନ୍ତ୍ରୀ କେ. ପି. ଓଲି ଭାରତ ଇସାରାରେ ଦେଶର ପାର୍ଲାମେଣ୍ଟ ଭାଙ୍ଗିଥିବା ଅଭିଯୋଗ କରିଛନ୍ତି ଶାସକ କମ୍ୟୁନିଷ୍ଟ ପାର୍ଟିର ସଭାପତି ପୁଷ୍ପ କମଲ ଦହଲ ପ୍ରଚଣ୍ଡ। ଏଥିସହ ଦଳରେ ବିଭାଜନ ସୃଷ୍ଟି ପଛରେ ମଧ୍ୟ ଭାରତର ହାତ ଥିବା ସେ କହିଛନ୍ତି। ଏନ୍‌ସିପିର କିଛି ନେତା ଭାରତ କଥାରେ ତାଙ୍କ ସରକାରକୁ ହଟାଇବା ପାଇଁ ଷଡଯନ୍ତ୍ର ରଚିଥିବା ଓଲି ଅଭିଯୋଗ ଆଣିଥିଲେ ବୋଲି ପ୍ରଚଣ୍ଡ କହିଛନ୍ତି। ପ୍ରଚଣ୍ଡ ଆହୁରି ଅଭିଯୋଗ ଆଣିଛନ୍ତି ଯେ, ଓଲି ଭାରତର ଗୋଇନ୍ଦା ବିଭାଗ ର'ର ମୁଖ୍ୟ ସାମନ୍ତ ଗୋଏଲଙ୍କୁ ବାଲୁୱାଟା ସ୍ଥିତ ସରକାରୀ ବାସଭବନରେ ଭେଟିଥିଲେ। ପ୍ରାୟ ୩ ଘଣ୍ଟା ଧରି ସେ ଗୋଏଲଙ୍କ ସହ କଥା ହୋଇଥିଲେ ଏବଂ ସେହି ସମୟରେ ସେଠାରେ ଅନ୍ୟ କୌଣସି ତୃତୀୟ ବ୍ୟକ୍ତି ଉପସ୍ଥିତ ନ ଥିଲେ। ଏଥିରୁ ଓଲିଙ୍କ ଉଦ୍ଦେଶ୍ୟ ବୁଝାପଡୁଛି। ଅନ୍ୟର ଚାପରେ ଓଲି ଭୁଲ୍ ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି।



### ଚାଇନାରେ ୮ ମାସରେ ପ୍ରଥମ କରୋନା ମୃତ୍ୟୁ

ପୁଣି କରୋନା ସଂକ୍ରମଣ କବଳରେ ପଡିଛି ଚାଇନା। ଗତ ୧୦ ମାସରେ ସର୍ବାଧିକ ମାମଲା ସାମ୍ନାକୁ ଆସିଛି। ଏଥିସହ ଗତ ୮ ମାସରେ ମଧ୍ୟରେ କରୋନାରେ ମଙ୍ଗଳବାର ଜଣଙ୍କ ମୃତ୍ୟୁ ଘଟିଛି। ହାଇବେ ପ୍ରଦେଶରେ ସର୍ବାଧିକ ଲୋକେ ସଂକ୍ରମିତ ହୋଇଛନ୍ତି। ମୋଟ ୧୩୮ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବାବେଳେ ଏହି ସଂଖ୍ୟା ଗତ ବର୍ଷ ମାର୍ଚ୍ଚଠାରୁ ମଧ୍ୟ ଅଧିକ ରହିଛି। ଏଥିପାଇଁ ହାଇବେ ସହରରେ ସରକାର କଠୋର କଟକଣା ଲଗାଇଛନ୍ତି। ଫଳରେ ସହରର ପ୍ରାୟ ୨ କୋଟି ଲୋକ ଏବେ ଗୃହବନ୍ଦୀ ରହିଛନ୍ତି।

### ଉହାନରେ ଡବ୍ଲ୍ୟୁଏଚ୍‌ଓ ବୈଜ୍ଞାନିକ ଟିମ୍

# କରୋନା ପାଇଁ ତନାଘନା

**ବେଜିଂ, ୧୪ା୧**



କୋଭିଡ୍-୧୯ର ଉତ୍ସ ଖୋଜିବାକୁ ଚାଇନାରେ ଗୁରୁବାର ପହଞ୍ଚିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ୧୩ ଜଣିଆ ବୈଜ୍ଞାନିକ ଟିମ୍। ଭାଇରସ୍‌ର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଉହାନରେ ଏହି ଟିମ୍ ଯାଞ୍ଚ କରିବେ। ତେବେ ଟିମ୍‌ର ଆଉ ୨ ବୈଜ୍ଞାନିକଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବାରୁ ସେମାନେ ଏଥିରୁ ବାଦ୍ ପଡ଼ିଛନ୍ତି। ୨ ସପ୍ତାହର କ୍ୱାରାଣ୍ଟାଇନ ପରେ ଉହାନରେ ପହଞ୍ଚିଥିବା ଏକ୍ସପର୍ଟମାନେ ଖୁବଶୀଘ୍ର ସେମାନଙ୍କ କାର୍ଯ୍ୟ ଆରମ୍ଭ କରିବେ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଟୁଇଟ୍ କରାଯାଇଛି।

ଡବ୍ଲ୍ୟୁଏଚ୍‌ଓର ଏହି ଟିମ୍‌ରେ ଆମେରିକା, ଅଷ୍ଟ୍ରେଲିଆ, ଜର୍ମାନୀ, ଜାପାନ, ବ୍ରିଟେନ, ରୁଷିଆ, ନେଦରଲାଣ୍ଡ, କତାର ଓ ଭିଏତନାମ୍‌ର ପ୍ରମୁଖ ବିଶେଷଜ୍ଞ ସାମିଲ ଅଛନ୍ତି। ସଂକ୍ରମଣ ଆରମ୍ଭବେଳେ ଉହାନରେ ଥିବା ବିଭିନ୍ନ ଗବେଷଣା ଅନୁଷ୍ଠାନର ରିସର୍ଚ୍ଚର, ହସ୍ପିଟାଲ କର୍ତ୍ତୃପକ୍ଷ ଓ ଡାକ୍ତର ବିଶେଷଜ୍ଞ, ସିଫୁଡ୍ ମାର୍କେଟର ଲୋକଙ୍କୁ ଭେଟି ଏହି ଟିମ୍ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡିଛି। ଉହାନରେ କରୋନାର ପ୍ରଥମ ସଂକ୍ରମଣ ମାମଲା ସାମ୍ନାକୁ ଆସିଥିଲା। ଏପରିକି ଚାଇନା ଜାଣିଶୁଣି ଭୂତାଣୁର ଭୟାବହତା ଓ ସଂକ୍ରମଣ ବାବଦରେ ସାରା ବିଶ୍ୱକୁ ତଥ୍ୟ ଲୁଚାଇଥିଲା ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସିଧାସଳଖ ଭାବେ କହିଥିଲେ। ଏଭଳି କରି ଚାଇନା ଦୁନିଆକୁ ବିପଦରେ ପକାଇବାରେ ଅପଚେଷ୍ଟା କରିଥିବା ସେ କହିଥିଲେ। ଅଷ୍ଟ୍ରେଲିଆ ମଧ୍ୟ ଏଥିପାଇଁ ଚାଇନାକୁ ଦାୟୀ କରିଆସୁଛି। ଲାବରେ ଭୂତାଣୁ ସୃଷ୍ଟି କରି ଅନ୍ୟ ଦେଶ ବିରୋଧରେ ଏହି ଜୈବିକ ଅସ୍ତ୍ର ପ୍ରୟୋଗ କରିଥିବା ଭଳି ସଙ୍ଗିନ ଅଭିଯୋଗ ମଧ୍ୟ ଚାଇନା ଉପରେ ରହିଛି। କିନ୍ତୁ ଚାଇନା ଏହାକୁ ପ୍ରତ୍ୟାଖାନ କରିବା ସହ ଅନ୍ୟ ଦେଶ ମୁଣ୍ଡରେ ଅଠା ବୋଳି ଚାଲିଛି। ଗତ ବର୍ଷ ମେ'ରେ ୧୯୪ ଦେଶ ସଦସ୍ୟ ଥିବା ୱାର୍ଲ୍ଡ ହେଲ୍ଥ ଆସେମ୍ବ୍ଲି ଭୂତାଣୁର ଉତ୍ସ ଜାଣିବାକୁ ନିରପେକ୍ଷ ତଦନ୍ତ ପାଇଁ ଏକ ରିଜୋଲ୍ୟୁଶନକୁ ଅନୁମୋଦନ ଦେଇଥିଲା। ତେବେ ଡବ୍ଲ୍ୟୁଏଚ୍‌ଓ ଟିମ୍ ପ୍ରକୃତରେ କେଉଁ ସ୍ଥାନରେ ତଦନ୍ତ କରିବ ଏବଂ ବୈଜ୍ଞାନିକମାନେ କ'ଣ ଅନୁସନ୍ଧାନ କରିବେ ତାହା ସିକ୍ରେଟ ରଖାଯାଇଛି। ଡବ୍ଲ୍ୟୁଏଚ୍‌ଓ ଓ ଚାଇନା ଏ ଦିଗରେ କୌଣସି ସ୍ପଷ୍ଟ ମତ ରଖିନାହାନ୍ତି।

- ୨ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍
- ୧୪ ଦିନିଆ କ୍ୱାରାଣ୍ଟାଇନ ପରେ ତଦନ୍ତ
- ଲାବରୋଟାରିରୁ ସଂଗ୍ରହ ହୋଇପାରେ ନମୁନା

### ଉହାନ କାହିଁକି

ଶିଳ୍ପ ଓ ପରିବହନର ହବ୍ ୟାଙ୍ଗେଜ୍ ନଦୀ କୂଳରେ ଅବସ୍ଥିତ ଉହାନରେ ପ୍ରଥମେ ଚିହ୍ନଟ ହୋଇଥିଲେ କରୋନା ସଂକ୍ରମିତ। ପ୍ରାୟ ୧ କୋଟି ଲୋକସଂଖ୍ୟା ଥିବା ଏହି ସହରବାସୀ ୨୦୧୯ ଡିସେମ୍ବରରେ ସଂକ୍ରମଣ କବଳରେ ପଡ଼ିଥିଲେ। ପ୍ରଥମେ ୱେଟ ମାର୍କେଟରେ କୌଣସି ଜୀବଜନ୍ତୁଙ୍କ ନିକଟରୁ ଭାଇରସ୍ ଆସିଥିବା କୁହାଯାଉଥିଲା। ୨୦୨୦ ମାର୍ଚ୍ଚରେ ଚାଇନା ଏହି ରୋଗ ନିୟନ୍ତ୍ରଣକୁ ଆଣିବା ପୂର୍ବରୁ ଧୀରେ ଧୀରେ ଅନ୍ୟ ଦେଶଗୁଡ଼ିକୁ ବ୍ୟାପି ଯାଇଥିଲା। ସେବେ ସୁଦ୍ଧା ମଧ୍ୟ ଚାଇନା ରୋଗର ଭୟାବହତା ସମ୍ପର୍କରେ ବିଶ୍ୱକୁ ଜଣାଇ ନ ଥିଲା। ଏପରିକି ହଠାତ୍ ଉହାନରେ ଲକ୍‌ଡାଉନ ଜାରି କରିଦିଆଯାଇଥିଲା।

### କ'ଣ ରହିଛି ଯୋଜନା

ଚାଇନାରେ ପହଞ୍ଚିଥିବା ବୈଜ୍ଞାନିକ ଟିମ୍ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବା ଅବସରରେ ଭିଡିଓ କନଫରେନ୍ସ ଜରିଆରେ ବେଜିଂ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ। ସଙ୍ଗରୋଧରୁ ବାହାରି ଏହି ଟିମ୍ ସିଫୁଡ୍ ମାର୍କେଟ ଏବଂ ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ତଦନ୍ତ ପାଇଁ ଯାଇପାରନ୍ତି। ଲାବରେଟୋରିରୁ ନମୁନା ସଂଗ୍ରହ କରି ଆଣିବାକୁ ଏହି ଟିମ୍‌କୁ ଅନୁମତି ମିଳିବ ବୋଲି ବୈଜ୍ଞାନିକଙ୍କ ଆଶା ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୩୦,୩୫,୮୦୯ | ୧୯,୯୨,୫୭୬ | ୬,୬୫,୧୫,୯୭୨ |
| ଭାରତ | ୧,୦୫,୨୫,୪୫୨ | ୧,୫୧,୯୧୦ | ୧,୦୧,୫୬,୮୭୯ |
| ଓଡ଼ିଶା | ୩,୩୨,୭୬୩ | ୧୮୯୬(+୫୩) | ୩,୨୮,୮୩୨ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମାର୍କଫେଡ୍‌କୁ ଏଜି ଅଡିଟ୍ ଛାଟ

- ଲକ୍ଷାଧିକ ଟଙ୍କାର କାରବାର ଉପରେ ପ୍ରଶ୍ନ
- ଅନିୟମିତତା, ଟଙ୍କା ହଡ଼ପ ସନ୍ଦେହ
- ୫ ବର୍ଷ ହେଲା ଅନୁପାଳନ ହୋଇନାହିଁ ଅଡିଟ୍ ରିପୋର୍ଟ

**ଯାଜପୁର ଅଫିସ,୧୪।୧**

ନୂତନ କୃଷି ଆଇନକୁ ନେଇ ସାରା ଭାରତ ବର୍ଷରେ ହଇଚଇ ସୃଷ୍ଟି ହୋଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେତେ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ତାହା ଚାଷୀମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ଏହି କ୍ରମରେ କୃଷି କ୍ଷେତ୍ରରେ ଅନ୍ୟତମ ଭୂମିକା ଗ୍ରହଣ କରୁଥିବା ଓଡ଼ିଶା ଷ୍ଟେଟ୍ କୋ-ଅପରେଟିଭ ମାର୍କେଟିଂ ଫେଡେରେଶନ ଲିଃ (ମାର୍କଫେଡ୍) ସଂସ୍ଥାର କାର୍ଯ୍ୟଧାରାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ମାର୍କଫେଡ୍ କାର୍ଯ୍ୟରେ ଗତ ୫ ବର୍ଷର ଅନୁମୋଦିତ ଅଡିଟ୍ ରିପୋର୍ଟର କେତେକ ପାରା ଅନୁପାଳନ ହୋଇ ନ ଥିବାରୁ ଏଜି (ଆକାଉଣ୍ଟାଣ୍ଟ ଜେନେରାଲ) ଅଡିଟ୍ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ସମବାୟ ବିଭାଗ ସଚିବଙ୍କୁ ଜବାବ ତଲବ କରାଯାଇଛି। ଅଡିଟର ଏହି ନିର୍ଦ୍ଦେଶ ଆଧାରରେ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା ସମବାୟ ସମିତି ନିବନ୍ଧକ, ମାର୍କଫେଡ୍‌ର ଜେନେରାଲ ମ୍ୟାନେଜର ପ୍ରମୁଖଙ୍କୁ ତୁରନ୍ତ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ମାର୍କଫେଡ୍-ଓଡ଼ିଶା ଜିଏମ୍(ଫାଇନାନ୍ସ) ମଧ୍ୟ ତତ୍ପରତା ପ୍ରକାଶ କରି ୮।୧।୨୦୨୧ରେ ଆସନ୍ତା ୧୯ ତାରିଖ ସୁଦ୍ଧା ଆବଶ୍ୟକ କାଗଜପତ୍ର ସହ ଅଡିଟର ନିର୍ଦ୍ଦିଷ୍ଟ ବିରୋଧ ଉପରେ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଜି ଅଡିଟର ଏହି ଛାଟ ମାର୍କଫେଡ୍ ବିଭାଗର କାର୍ଯ୍ୟ ସ୍ୱଚ୍ଛତା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୧୯୪୯ରୁ ମାର୍କଫେଡ୍ ଆରମ୍ଭ ହୋଇଛି। କୃଷି କ୍ଷେତ୍ରରେ ରାସାୟନିକ ସାର, କୀଟନାଶକ ଇତ୍ୟାଦି ବଣ୍ଟନ କରିଆସୁଛି। ଏହାସହ ରାଜ୍ୟ ଏଜେନ୍ସି ଭାବେ ଚାଷୀଙ୍କଠାରୁ ଧାନ ସଂଗ୍ରହରେ ସାମିଲ ହୋଇଛି। ଏହି ଧାରାରେ ମାର୍କଫେଡ୍ ବାର୍ଷିକ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲାଭ କରିଆସୁଛି। ତେବେ ଗତ ୫ ବର୍ଷ ହେଲା ମାର୍କଫେଡ୍ ଏଜି ଅଡିଟ୍ ରିପୋର୍ଟକୁ ନ ମାନି ଏକାଧିକ ବିରୋଧ ଉପରେ ଉତ୍ତର ରଖିପାରି ନାହିଁ। ଏଥିରେ ୨୭.୨୨ ଲକ୍ଷ ଟଙ୍କାର ବିନିଯୋଗ ପତ୍ର, ୧୧ଟି ଏକ୍‌ଜିକ୍ୟୁସନ ପ୍ରୋସେସ୍ (ଇପି), ୬ଟି କୃଷକ ବଜାର ଅଚଳ, ୧୯୬୨ ଓ ୧୯୮୨ରେ ଆରମ୍ଭ ହୋଇଥିବା ୧୦ଟି ଶୀତଳ ଭଣ୍ଡାର ଅଚଳ, ୨୦୨୦ରୁ ରାୟଗଡ଼ାରେ ୫୦୦ ଏମ୍‌ଟି କ୍ଷମତା ବିଶିଷ୍ଟ ଏକ ପଣ୍ୟଦ୍ରବ୍ୟ ଶୀତଳଭଣ୍ଡାର ନିର୍ମାଣ ହୋଇଥିଲେ ହେଁ ଅଡିଟ୍ ରିପୋର୍ଟ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ, ୬୯ଟି ଲିକ୍ୟୁଡେସନ ପ୍ରୋସିଡିଂ ପଡିରହିଛି, ୧୩୦୦ ଏମ୍‌ଟି ଇଫ୍‌କୋ ୟୁରିଆର ସନ୍ଧାନ ମିଳିପାରି ନାହିଁ। ଦୀର୍ଘଦିନ ପର୍ଯ୍ୟନ୍ତ କୀଟନାଶକ ପଡ଼ିରହିବାରୁ ଗୋଦାମ ଭଡ଼ା ବାବଦରେ ୧୯.୦୫ ଲକ୍ଷ ଟଙ୍କାର କ୍ଷତି ଇତ୍ୟାଦି ଅନିୟମିତତା ଅଡିଟ ରିପୋର୍ଟରେ ଧରାପଡିଛି। ଏହାବାଦ୍ ପୂର୍ବରୁ ଧାନ ସଂଗ୍ରହରେ ବହୁ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଆସୁଛି।

ଧାନ ସଂଗ୍ରହ ସମୟରେ ମାର୍କଫେଡ୍ କର୍ତ୍ତୃପକ୍ଷଙ୍କ ମଣ୍ଡିରେ ସାଧାରଣତଃ ଦେଖା ମିଳି ନ ଥାଏ । ସେମାନେ ସଂପୃକ୍ତ ମିଲର୍ସଙ୍କ ଉପରେ ଭରସା ରଖିଥାଆନ୍ତି । ମାର୍କଫେଡ୍ ମାର୍ଫତରେ ମିଲର୍ସମାନେ ପ୍ୟାକ୍ସ ଜରିଆରେ ଧାନ କିଣି ମିଲକୁ ନେଇଥାଆନ୍ତି। ଅନ୍ୟପକ୍ଷରେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ନିର୍ଦ୍ଧାରିତ ସହାୟକ ମୂଲ୍ୟଠାରୁ କମ୍ ଦରରେ ମଧ୍ୟସ୍ଥଙ୍କୁ ବିକ୍ରି କରିଥାଆନ୍ତି । ଏହାସହ ଚାଷ ପୂର୍ବରୁ ମଧ୍ୟସ୍ଥମାନେ ଚାଷୀଙ୍କୁ ଅଗ୍ରିମ ଆକାରରେ ଟଙ୍କା ଦେଇ ଚାଷ କାର୍ଯ୍ୟରେ ସହାୟତା କରିଥାଆନ୍ତି। ଯାହା ଧାନ ଉତ୍ପାଦନ ହେବ, ମଧ୍ୟସ୍ଥମାନେ କିଣିବେ ବୋଲି ସେତେବେଳେ ଚୁକ୍ତି କରିଥାଆନ୍ତି। ତେବେ ବେଆଇନ ଭାବେ ଚାଷୀଙ୍କଠାରୁ ମଧ୍ୟସ୍ଥ କିଣିଥିବା ଏହି ଧାନକୁ ସିଧାସଳଖ ମିଲର୍ସମାନେ କିଣିଥାଆନ୍ତି। ମିଲର୍ସ କିଣିଥିବା ଏହି ଧାନକୁ ନେଇ ମାର୍କଫେଡ୍ ତା'ର ଲକ୍ଷ୍ୟଧାର୍ଯ୍ୟ ପୂରଣ କରିଥାଏ । ଏଥିରେ ମାର୍କଫେଡ୍ ଓ ମିଲର୍ସ ବହୁ କୋଟି ଟଙ୍କାର ମୁନାଫା ଉଠାଇଥାଆନ୍ତି ବୋଲି ଅଭିଯୋଗ ହେଉଛି । ତେବେ ଅଡିଟ୍ ରିପୋର୍ଟ ଉପରେ ମାର୍କଫେଡ୍‌ର ଇନ୍ସପେକ୍ଟର, ଇନ୍‌ପୁଟ, ମାର୍କେଟିଂ, ଇଷ୍ଟେଟ୍ ଆଣ୍ଡ ଏସେଷ୍ଟସ ଓ ସିଭିଲ ମ୍ୟାନେଜର ଏବଂ ଚିଫ୍ ଆକାଉଣ୍ଟାଣ୍ଟଙ୍କୁ ନିଶ୍ଚିତ ରୂପେ ଅନୁପାଳନ କରି ନିର୍ଦ୍ଧାରିତ ସମୟରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।






# ଅବକାରୀ ଅଧିକାରୀଙ୍କ ବିରୋଧରେ ମାମଲା

## ଶାରୀରିକ ସମ୍ପର୍କ ରଖିବାକୁ କହିଥିବା ମହିଳାଙ୍କ ଅଭିଯୋଗ

**ବଇଣ୍ଡା,୧୪।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବଇଣ୍ଡା ଅବକାରୀ ଉପନିରୀକ୍ଷକ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନାମରେ ବୁଧବାର ଅଭିଯୋଗ ଆସିଛି। ଜଣେ ଅଭିଯୁକ୍ତଙ୍କୁ ଚୋରା ମଦ ବିକ୍ରି ମାମଲାରୁ ଖସାଇ ଦେବା ପାଇଁ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇଥିବା ଅଭିଯୁକ୍ତଙ୍କ ସ୍ତ୍ରୀ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୪/୨୦ ରେ ଏକ ମାମଲା ରୁଜୁ କରିଛି। ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି ଯେ, ୫ ତାରିଖରେ ଚୋରା ମଦ ବିକ୍ରି ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ମାଡ଼ ମରାଯିବା ସହ ଦୋକାନରୁ ଗିରଫ କରାଯାଇଥିଲା। ପରେ ରବୀନ୍ଦ୍ର ସ୍ୱାମୀଙ୍କୁ ଛାଡିଦେବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ରାଜି ନ ହେବାରୁ ଗୋଟିଏ ରାତି ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ରବୀନ୍ଦ୍ର ମଧ୍ୟ ମହିଳାଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଚଢାଉ ସମୟରେ ମହିଳା ଜଣକ ବିରୋଧ ସହ ଗାଳିଗୁଲଜ କରିଥିଲେ। ପୋଲିସ ନଂ. ୫/ ୨୧ ଏକ ମାମଲା ରୁଜୁ କରିଛି। ଏ ନେଇ ରବୀନ୍ଦ୍ର କହିଛନ୍ତି, ମହିଳା ଓ ତାଙ୍କ ସ୍ୱାମୀ ଚୋରା ମଦ ବିକ୍ରି କରନ୍ତି। ପୂର୍ବରୁ ବହୁଥର ଚଢାଉ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଆକ୍ରୋଶମୂଳକ ଭାବେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଛି।

# ଫେରୁଛି ଶୀତ

## ୫ ଡିଗ୍ରୀ ତଳକୁ ଖସିଲା ୧୨ ସହର

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ଗତ କିଛି ଦିନ ଶୀତ ଗାଏବ ହେବା ପରେ ପୁଣି ଥରେ ଝଲକ ଦେଖାଇଛି। ଆଭ୍ୟନ୍ତୀଣ ଓଡିଶାରେ ପାରଦ ୩ରୁ ୫ ଡିଗ୍ରୀ ସେଲସିୟସ୍ ତଳକୁ ଖସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୧୨ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ଝାରସୁଗୁଡାରେ ସର୍ବନିମ୍ନ ତାପମାତ୍ରା ୮ .୬ ଡିଗ୍ରୀ ସେଲ୍‌ସିୟସ୍ ଥିବା ବେଳେ ଫୁଲବାଣୀ ୯.୫, ଦାରିଙ୍ଗବାଡି ୧୧.୨, ସୁନ୍ଦରଗଡ ୧୧, ବଲାଙ୍ଗୀର ୧୨, ସୋନପୁର ୧୩, କୋରାପୁଟ ୧୩.୨, ସମ୍ବଲପୁର ୧୩.୨, ହୀରାକୁଦ ୧୩.୬, ଭାବାନୀପାଟଣା ୧୩.୫, ଟିଟଲାଗଡ ୧୪.୫, କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୪.୮ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି। ଆସନ୍ତା ଦୁଇ ଦିନ ଆଭ୍ୟନ୍ତରୀଣ ଓଡିଶାରେ ଶୀତ ଲହରି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର ଓ ଶନିବାର ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର କେତେକ ସ୍ଥାନରେ ଥଣ୍ଡା ଲହରି ପ୍ରବାହିତ ହେବ । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ନିଂ ଜାରି କରାଯାଇଛି। ଉପକୂଳ ଜିଲାରେ କୁହୁଡି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ବୌଦ୍ଧ, ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ ଏବଂ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡି ହେବାର ସମ୍ଭାବନା ରହିଛି।

# ଭାଜପାକୁ ଫେରିଲେ ଜୀବନ ପ୍ରଦୀପ



ଭାଜପାର ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

**ବାଲେଶ୍ୱର ଅଫିସ,୧୪।୧**

ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଜିଲା ଭାଜପା ପକ୍ଷରୁ ସହର ସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ପୂର୍ବାହ୍ନରେ ଆୟୋଜିତ ମିଶ୍ରଣ ପର୍ବରେ ସେ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଜିଲାର ବହୁ ବରିଷ୍ଠ ନେତୃବର୍ଗ ଉପସ୍ଥିତ ଥିଲେ। ସେ ପୂର୍ବରୁ ଭାଜପାରେ ୩ଥର ଜିଲାସଭାପତି ସହିତ ୩ ଥର ବିଧାୟକ, ବ୍ରିଟ୍ ଅଧ୍ୟକ୍ଷ, ବାଲେଶ୍ୱର-ଭଦ୍ରକ କୋ-ଅପରେଟିଭ୍ ବ୍ୟାଙ୍କ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି।ଭାଜପାରେ ଯୋଗଦେବା ଅବସରରେ ସେ କୁହନ୍ତି, ଜୀବନର ଶେଷ ସୋପାନରେ ମୋର ଘର ବାହୁଡ଼ା ହୋଇଛି। ଦଳ ଯେଉଁ ଦାୟିତ୍ୱ ଦେବ ବିନା ଦ୍ୱିଧାରେ ତାହା ସମ୍ପାଦନ କରିବି। ତେବେ ୧୨ ବର୍ଷ ପରେ ତାଙ୍କର ଘର ବାହୁଡ଼ା ହୋଇଥିବାରୁ ଜିଲାରେ ଭାଜପା ସଙ୍ଗଠନ ଅଧିକ ମଜଭୁତ ହେବ ବୋଲି ଦଳୀୟ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଆୟୋଜିତ ଏହି ମିଶ୍ରଣ ପର୍ବରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବାଲେଶ୍ୱର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ମାନସ ଦତ୍ତ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସିପ୍ରା ବାଜପେୟୀ, ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା: ୫୪ ଛାତ୍ରୀଛାତ୍ର କରୋନା ସଂକ୍ରମିତ

**ଲଖନପୁର,୧୪।୧(ଡି.ଏନ୍.ଏ.)**

ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଗତ ମାର୍ଚ୍ଚ ମାସରୁ ସ୍କୁଲ୍ କଲେଜ ବନ୍ଦ କରିଥିଲେ। ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ଗତ ୮ ତାରିଖରୁ ଏହିସବୁ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ସରକାରୀ ଭାବେ ନିର୍ଦ୍ଦେଶ ଜାରି ହୋଇଛି। ଏଥିରେ କୋଭିଡ୍ ନିୟମ ପାଳନ କରିବାକୁ କୁହାଯାଇଛି। ସ୍କୁଲ୍ ଖୋଲିବାର ୫ଦିନ ମଧ୍ୟରେ ଝାରସୁଗୁଡା ଜିଲାର ବିଭିନ୍ନ ସ୍କୁଲରେ ୫୪ ଛାତ୍ରୀଛାତ୍ର କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ଏଥିମଧ୍ୟରେ ପୂର୍ବରୁ ୧୩ ଜଣ ନର୍ସିଂ ଛାତ୍ରୀ ଅଛନ୍ତି। ପରେ ଲଇକେରା ବ୍ଲକ୍‌ର ୩ ହାଇସ୍କୁଲରେ ୧୯ ଛାତ୍ରୀଛାତ୍ର ସଂକ୍ରମିତ ହୋଇଛନ୍ତି। ଏଥିମଧ୍ୟରେ ଗତ ୧୦ ତାରିଖରେ ସାଲେଟିକ୍ରା ହାଇସ୍କୁଲ୍‌ରୁ ୨, ୧୧ ତାରିଖରେ ସାହାସପୁର ହାଇସ୍କୁଲ୍‌ରୁ ୯, ୧୩ ତାରିଖରେ ପାକେଲଖୋଲ ହେମସାଗର ହାଇସ୍କୁଲ୍‌ରୁ ୮ ଛାତ୍ରୀଛାତ୍ର ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଭଳି ସ୍ଥିତିରେ ପୁଣି ବୁଧବାର ଗୋଟିଏ ଦିନରେ ଜିଲାରେ ୨୨ ଛାତ୍ରୀଛାତ୍ର ସଂକ୍ରମିତ ହୋଇଥିବା ଜଣାପଡିଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଜିଲା ପ୍ରଶାସନର ଚିନ୍ତା ବଢିଯାଇଛି। ଏହାକୁ ଅନୁଧ୍ୟାନ କରିବା ପାଇଁ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ,ଏସ୍‌ପି ବିକାଶ ଚନ୍ଦ୍ର ଦାସ, ବିଡିଓ ଶଙ୍କର କେର୍କେଟା, ଅତିରିକ୍ତ ବିଡିଓ ପ୍ରମୋଦ ଦେହୁରୀ, ବିଇଓ ପ୍ରଦୀପ୍ତ ସା, ଅତିରିକ୍ତ ବିଇଓ ବିଦେଶୀ ବେହେରା ପ୍ରମୁଖ ବିଭିନ୍ନ ସ୍କୁଲକୁ ଯାଇ ପରିଦର୍ଶନ କରି ଫେରିଛନ୍ତି। ସେମାନେ ଏ ନେଇ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଝାରସୁଗୁଡା ଜିଲା କୋଭିଡ୍ ମାଜିଷ୍ଟ୍ରେଟ ଗୋଲଖ ବିହାରି ମଙ୍ଗରାଜ କହିଥିଲେ, ଜିଲାର ବିଭିନ୍ନ ସ୍କୁଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଥିରେ ୧୩ ନର୍ସିଂ ଛାତ୍ରୀ ଅଛନ୍ତି। ଏହା ଜଣାପଡିବା ପରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି।

# 'ଦରଦ ଥିଲେ ବିଧାୟକ, ମନ୍ତ୍ରୀ ମଣ୍ଡିରେ ରାତ୍ରିଯାପନ କରନ୍ତୁ'

**ଭବାନୀପାଟଣା, ୧୪।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଯଦି ପ୍ରକୃତରେ ଦରଦ ଅଛି ତେବେ କଳାହାଣ୍ଡି ଗସ୍ତରେ ଆସିଥିବା ତାଙ୍କର ୭୦ଜଣ ବିଧାୟକ ଓ ୧୨ଜଣ ମନ୍ତ୍ରୀଙ୍କୁ ଜିଲାର ସବୁ ମଣ୍ଡିକୁ ଜଗିବା ପାଇଁ ଦାୟିତ୍ୱ ଦିଅନ୍ତୁ। ଚାଷୀମାନେ ଧାନ ବିକ୍ରି କରି ନ ପାରି ତଳିତଳାନ୍ତ ହେଉଛନ୍ତି। ଏଭଳି ସମୟରେ ଉଦ୍‌ଘାଟନ ନାମରେ ଫାର୍ସ ଚାଲିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। କଳାହାଣ୍ଡିରେ ନବୀନ ପଟ୍ଟନାୟକଙ୍କ ଗସ୍ତକୁ ସଫଳ କରିବା ପାଇଁ ୧୨ ମନ୍ତ୍ରୀ, ୭୦ ଜଣ ବିଧାୟକ, ୩ ଦିନ ହେବ ଡେରା ପକାଇଛନ୍ତି। ସେମାନେ ଧର୍ମଗଡ, ଜୟପାଟଣା ଓ କୋକସରା ବ୍ଲକର ସମସ୍ତ ପଞ୍ଚାୟତବାସୀଙ୍କୁ ଏଲ୍‌ଇଡିରେ ମୁଖ୍ୟମନ୍ତ୍ରୀଙ୍କ ଲାଇଭ୍ ପ୍ରୋଗ୍ରାମ ଦେଖାଇବେ। ଯଦି କଳାହାଣ୍ଡିର ଚାଷୀଙ୍କ ପାଇଁ ନବୀନଙ୍କ ହୃଦୟରେ ଟିକେ ବି ସମବେଦନା ଓ ଦରଦ ଅଛି, ତେବେ ବିଧାୟକ ଓ ମନ୍ତ୍ରୀମାନେ ଷ୍ଟାର୍ ହୋଟେଲରେ ନ ରହି ଚାଷୀଙ୍କ ସହ ମଣ୍ଡିରେ ରାତ୍ରିଯାପନ କରନ୍ତୁ। ମଣ୍ଡିରେ ପଡିଥିବା ଧାନ ତୁରନ୍ତ କ୍ରୟ କରାଇବା ପାଇଁ ବ୍ୟବସ୍ଥା କରାନ୍ତୁ ବୋଲି ସେ କହିଥିଲେ। ୧୨ ବର୍ଷ ତଳେ ତେଲନଦୀ ଛିଲିପାରେ ୧୪ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ୍ୱାଡେଟ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଗୋଲାମୁଣ୍ଡା ବ୍ଲକର ଚାଷୀ ଆଜିଯାଏଁ ପାଣି ଓ ଜଳସେଚନର ସୁବିଧା ପାଇପାରିଲେ ନାହିଁ। ଜିଲାର ୪୦% ଲୋକ ଆଜି ବି ନିରକ୍ଷର, ସ୍ୱାସ୍ଥ୍ୟ ବ୍ୟବସ୍ଥାର ସ୍ଥିତି ଯନ୍ତ୍ରଣାଦାୟକ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଜିଲାବାସୀଙ୍କ ପାଇଁ କଟା ଘାରେ ଚୂନ ଲଗାଇବା ଭଳି ବୋଲି ଭକ୍ତ କହିଛନ୍ତି।

# ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାର ଟେର ପାଉନି ପୋଲିସ

**ଯାଜପୁର ଅଫିସ, ୧୪।୧**

ବଡ଼ଚଣା ଥାନା କୋଟରକ୍ଷୀ ଦେବୀଙ୍କ ମନ୍ଦିରରୁ ତାଲା ଭାଙ୍ଗି ଦୁର୍ଲଭ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାକୁ ୩ଦିନ ବିତିଛି। ଚୋରି ସମ୍ପର୍କରେ ପୋଲିସ୍ ଟେର୍ ପାଉନାହିଁ। ଗୁରୁବାର ଯାଜପୁର ଏସ୍‌ପି ରାହୁଲ୍ ପିଆର୍, ଏସଡିପିଓ ଚିନ୍ମୟ ନାୟକ ଓ ଆଇଆଇସି ପ୍ରିୟବ୍ରତ ରାଉତ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଫେରିଛନ୍ତି। ୧୧ ତାରିଖରେ ହୋଇଥିବା ଏହି ଚୋରି ଘଟଣାର ବିଭିନ୍ନ ଦିଗକୁ ନେଇ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାକୁ ପୋଲିସ୍ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଇତିମଧ୍ୟରେ କେତେଜଣ ସନ୍ଦିଗ୍ଧଙ୍କୁ ପଚରାଉଚରା କରାଯାଇଥିଲେ ମଧ୍ୟ କୌଣସି ସୁରାକ୍ ମିଳିପାରି ନାହିଁ ବୋଲି ସୂଚନା ମିଳିଛି। ସିସିଟିଭି ଫୁଟେଜ ଅନୁସାରେ ଏହି ଚୋରିରେ ୩ ଜଣରୁ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ତେବେ କୌଣସି ବଡ଼ ମୂର୍ତ୍ତି ଚୋରି ର୍ୟାକେଟ୍ ଦ୍ୱାରା ସ୍ଥାନୀୟ କୌଣସି ବ୍ୟକ୍ତି ସହାୟତାରେ ମୂର୍ତ୍ତି ଚୋରି କରାଯାଇଥିବା ଗ୍ରାମବାସୀ ଅନୁମାନ କରୁଛନ୍ତି।








# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ବାଟୁଥିବୁ ବାଟ୍,**
**ମୁଁ ସେହି ଟେମେଡା କାଠ୍।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ୍ୟ ବଦଳାଇବା ସମ୍ଭବପର ହେଉନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହା ହେବ ପଛକେ ହେଉ**
**ଭୁଲନ୍ତା ମନ, ଚଳନ୍ତି ପାଣି**
**ଲେଉଟି ନ ଆସେ ଆଉ।**

ଯେଉଁ କଥା ବା ଘଟଣା ଥରେ ମନରୁ ଅପସ୍ମରି କି ଭୁଲି ହୋଇଯାଇଥାଏ ତାହାକୁ ପୁନଶ୍ଚ ମନେପକେଇବା ଅତୀବ କଷ୍ଟକର ହୋଇଯାଇଥାଏ। ସେହିପରି ବୋହି ଯାଉଥିବା ପାଣି ଆଉ କସ୍ମିନ କାଳେ ପୂର୍ବ ଅବସ୍ଥାକୁ ଫେରି ଆସିପାରି ନ ଥାଏ। ପରୋକ୍ଷରେ ଥରେ ଯାହା ଘଟିଯାଇଛି ଆଉ ତାହା କେବେ ପୁନଃ ବିବର୍ତନ ବା ବଦଳାଯାଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଧରିତ୍ରୀ
DHARITRI
ଶୁକ୍ରବାର, ୧୫ ଜାନୁୟାରୀ, ୨୦୨୧




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ପ୍ରିୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ମଙ୍ଗଳପୁରଠାରେ ଆୟୋଜିତ ସାଧାରଣ ସଭାରେ ଜନତାଙ୍କ ସମାଗମ।

## ପ୍ରଥମ ପୃଷ୍ଠାରୁ...

### ଟିକାକରଣ ପାଇଁ...

ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଇଦିଆଯାଇଛି। କରୋନା ଟିକା ରଖିବା ପାଇଁ ୪୧ଟି ଡିପ୍ ଫ୍ରିଜର ଆସି ପହଞ୍ଚିଛି। ଏହା ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାକୁ ପଠାଯିବ। ଇତିମଧ୍ୟରେ ପ୍ରତି ଜିଲା ଓ କୋଲ୍ଡ ଚେନ୍ ପଏଣ୍ଟରେ ଟିକା ପହଞ୍ଚି ଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପ୍ରାଣିଗ୍ରାହୀ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ଦେଇଥିବା ସୂଚନାନୁସାରେ, ଆସନ୍ତା ୧୬ ତାରିଖରେ ରାଜ୍ୟର ୧୬୦ଟି ନିର୍ଦ୍ଧାରିତ ଡାକ୍ତରଖାନାରେ କରୋନା ଟିକାକରଣ ଆରମ୍ଭ କରାଯିବ। ପ୍ରଥମେ ଜଣେ ସଫେଇ କର୍ମଚାରୀଙ୍କୁ ଟିକା ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାକୁ ଗୁରୁତ୍ୱ ଦିଆଯାଇଛି। ଟିକାକରଣ ସମୟରେ ପ୍ରତ୍ୟେକ ଡାକ୍ତରଖାନାର ସମସ୍ତ କର୍ମଚାରୀ (ସଫେଇ କର୍ମୀଠାରୁ ଡାକ୍ତରଙ୍କ ପର୍ଯ୍ୟନ୍ତ) ଯେପରି ଟିକା ନେଇପାରିବେ, ସେଥିପାଇଁ ଯଥେଷ୍ଟ ଡୋଜ୍ ଉପଲବ୍ଧ କରାଇବାକୁ ପଦକ୍ଷେପ ନିଆଯାଇଛି। ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ (ସରକାରୀ ଓ ଘରୋଇ) ତ୍ରିସ୍ତରୀୟ, ଦ୍ୱିସ୍ତରୀୟ ଓ ପ୍ରାଥମିକସ୍ତରୀୟ ସେବା ଉପଲବ୍ଧତା ଆଧାରରେ ଟିକାକରଣ ପାଇଁ ଅଗ୍ରାଧିକାର ଦିଆଯିବ। ସର୍ବପ୍ରଥମେ ତ୍ରିସ୍ତରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଏହି ଟିକାକରଣ ଆରମ୍ଭ କରାଯିବ। ଡାକ୍ତରଖାନାରେ ଯଥେଷ୍ଟ ପରିମାଣର କରୋନା ଟିକା ଉପଲବ୍ଧ ହୋଇ ନ ପାରିଲେ, ବରିଷ୍ଠ କର୍ମଚାରୀଙ୍କୁ ଅଗ୍ରାଧିକାର ଦିଆଯିବ। ତେବେ କୋଭିଡ୍ ପରିଚାଳନା ସମ୍ପର୍କିତ ରାଜ୍ୟ ଷ୍ଟିଅରିଂ କମିଟି ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କରୋନା ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରାଜସ୍ୱ ବିଭାଗର କର୍ମଚାରୀଙ୍କ ଟିକାକରଣ ପାଇଁ ଡାଟାବେସ୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୯୨ହଜାର ୫୫୫ ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କ କରୋନା ପ୍ରତିଷେଧକ ଟିକାକରଣ ପାଇଁ ୪ଲକ୍ଷ ୮ହଜାର କୋଭିଶିଲ୍ଡ ଓ ୨୦ହଜାର କୋଭାକ୍ସିନ ଟିକା ଆସିଛି। କୋଭିଶିଲ୍ଡ ଟିକା ଭାଏଲ୍ ୧୦ ଡୋଜ୍ ବିଶିଷ୍ଟ ହୋଇଥିବାବେଳେ କୋଭାକ୍ସିନ ଟିକା ଭାଏଲ୍ ୨୦ ଡୋଜ୍ ବିଶିଷ୍ଟ। ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଣେ କେବଳ ଗୋଟିଏ ପ୍ରକାରର ଟିକା (କୋଭିଶିଲ୍ଡ କିମ୍ବା କୋଭାକ୍ସିନ) ୨ଟି ଡୋଜ୍ ନେଇପାରିବେ।

- ୧୬ରେ ୧୬୦ କେନ୍ଦ୍ରରେ ଟିକାକରଣ ଶୁଭାରମ୍ଭ ହେବ
- ସ୍ୱାସ୍ଥ୍ୟକର୍ମୀଙ୍କୁ ପଠାଗଲା ଏସ୍‌ଏମ୍‌ଏସ୍
- ରାଜସ୍ୱ କର୍ମଚାରୀଙ୍କ ଡାଟାବେସ୍ ପ୍ରସ୍ତୁତି ନିଷ୍ପତ୍ତି

### 'କଳାହାଣ୍ଡି ଗରିବୀର...

ମର୍ଯ୍ୟାଦା ଲାଭ କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୦୦ରେ କଳାହାଣ୍ଡିରେ ଶିଶୁ ମୃତ୍ୟୁ ହାର ପ୍ରତି ହଜାରରେ ୭୬ ଥିବା ବେଳେ ମାତୃ ମୃତ୍ୟୁ ହାର ୪୩୨ ଥିଲା। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯୋଗୁ ଏହି ହାର ହ୍ରାସ ପାଇଛି। ବହୁ ସଂଖ୍ୟାରେ ଶିଶୁ ଓ ମା'ଙ୍କ ଜୀବନ ରକ୍ଷା କରିପାରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କଳାହାଣ୍ଡିର ଏହି ରୂପାନ୍ତରର ସବୁ ଶ୍ରେୟ ଇନ୍ଦ୍ରାବତୀ ନଦୀକୁ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଇନ୍ଦ୍ରାବତୀ ଆମର ମା' ଓ କଳାହାଣ୍ଡିର ଜୀବନ ରେଖା। ସେ ତା'ର ପ୍ରତିଟି ଜଳବିନ୍ଦୁ ଦେଇ କଳାହାଣ୍ଡିକୁ ସମୃଦ୍ଧ କରିଛି। କଳାହାଣ୍ଡିବାସୀଙ୍କ ଦେହରେ ତା'ର ପାଣି ରକ୍ତ ହୋଇ ବହୁଛି। ମା' ଇନ୍ଦ୍ରାବତୀର ଏହି ଅବଦାନକୁ ସମ୍ମାନ ଜଣାଇ ଏଠାରେ ଏକ ସଂଗ୍ରହାଳୟ ଓ ଉଦ୍ୟାନ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ମ୍ୟୁଜିୟମ ସାରା ବିଶ୍ୱକୁ କଳାହାଣ୍ଡିର ବିକାଶ କାହାଣୀ କହିବ। ଏହି ଉଦ୍ୟାନ ଭିତରେ ମା' ଇନ୍ଦ୍ରାବତୀଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇନ୍ଦ୍ରାବତୀର ଟୋପାଏ ବି ଜଳ ବିନ୍ଦୁକୁ ନଷ୍ଟ ହେବାକୁ ନ ଦେଇ କଳାହାଣ୍ଡିର ବିକାଶରେ ପୂରା ବିନିଯୋଗ କରିବା ସହିତ ଭବିଷ୍ୟତ ପିଢ଼ି ପାଇଁ ଏହାର ପାଣିକୁ ସୁରକ୍ଷିତ ରଖିବାକୁ ସଙ୍କଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। କୋଭିଡ୍-୧୯ କଟକଣାର ୧୦ ମାସ ପରେ ମୁଖ୍ୟମନ୍ତ୍ରୀ ପ୍ରଥମ ଥର ଲାଗି ସାଧାରଣ ସଭାରେ ଉଦ୍‌ବୋଧନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ୫୪ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ୫୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ଇନ୍ଦ୍ରାବତୀ ମେଗା ଜଳ ସେଚନ ପ୍ରକଳ୍ପ ସହିତ ଫୁଡ୍ ପାର୍କ, ନୂଆ ବିଦ୍ୟୁତ୍ ଫିଡର ଲାଇନ, ଭବାନୀପାଟଣାରେ ନୂଆ ବସ୍‌ଷ୍ଟାଣ୍ଡ, ରାସ୍ତାଘାଟ, ସେତୁ ଆଦି ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ, ରଘୁନନ୍ଦନ ଦାଶ, ଦିବ୍ୟ ଶଙ୍କର ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ଆକର୍ଷଣୀୟ ନୃତ୍ୟ ଜରିଆରେ କଳାହାଣ୍ଡିର ବିକାଶଧାରା ଉପସ୍ଥାପନ କରିଥିଲା।

କଳାହାଣ୍ଡି ଜିଲାର ବହୁ ପ୍ରତୀକ୍ଷିତ ଇନ୍ଦ୍ରାବତୀ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କଳାହାଣ୍ଡିବାସୀଙ୍କୁ ମକର ସଂକ୍ରାନ୍ତିରେ ନୂଆବର୍ଷ ଭେଟି ଦେଇଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଜୟପାଟଣା ସମେତ କୋକସରା ଓ ଧର୍ମଗଡ଼ ବ୍ଲକର ୨୫,୨୭୫ହେକ୍ଟର ଚାଷଜମି ଜଳସେଚିତ ହେବା ସହ ଏଥିରେ ପ୍ରାୟ ୩ ଲକ୍ଷ ଚାଷୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୪୫ରେ ହେଲିକପ୍ଟରରେ ଯୋଗେ ସମାବେଶ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ପ୍ରଥମେ ମା' ମାଣିକେଶ୍ୱରୀଙ୍କ ନାମ ନେଇ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ। କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପାଇଁ କରାଯାଇଥିବା ସ୍ୱତନ୍ତ୍ର ମଞ୍ଚରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଅନ୍ୟ ଏକ ମଞ୍ଚରେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଧର୍ମଗଡ ବିଧାୟକ ମୌଷଧୀ ବାଗ, ନର୍ଲା ବିଧାୟକ ଭୂପିନ୍ଦର ସିଂ, କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ପ୍ରମୁଖ ଉପସ୍ଥିତ ଥିଲେ। ନିକଟସ୍ଥ ସୁନାମାଳଠାରେ ଇନ୍‌ପୁଟ୍ କେନାଲ ନିକଟରେ ହୋଇଥିବା ସମାବେଶରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ସମେତ ବହୁ ବିଧାୟକ, ମନ୍ତ୍ରୀ, ୨ହଜାରରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଚାଷୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ୧୦୬ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୧୦୬୪ କୋଟି ଟଙ୍କା ବ୍ୟୟରେ ୫୪ଟି ପ୍ରକଳ୍ପର ଲୋକାର୍ପଣ କରିବା ସହ ୧୦୨୦ କୋଟି ଟଙ୍କାର ୫୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ରାଜ୍ୟର ୬୯ ବିଧାୟକ ଓ ମନ୍ତ୍ରୀ ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସ୍ୱତନ୍ତ୍ର ଭାବେ ୨୫ଶହ ଲୋକଙ୍କୁ କୋଭିଡ୍ ନେଗେଟିଭ ରିପୋର୍ଟ ଥାଇ ସଭାରେ ଯୋଗଦେବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ଅନୁମତି ଦେଇଥିଲେ। ଏହି ସମାବେଶରେ ୨୮ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ୨ଦିନ ପୂର୍ବରୁ ୬୯ ବିଧାୟକ ଓ ୧୦ ମନ୍ତ୍ରୀଙ୍କ ସମେତ ବିଜେଡିର ବହୁ ନେତା କଳାହାଣ୍ଡିରେ ଡେରା ପକାଇଥିଲେ। ଏହି ନେତା ଓ ମନ୍ତ୍ରୀମାନେ ମେଗା ଲିଫ୍ଟ ଯୋଜନାରେ ସାମିଲ ହେଉଥିବା ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପର ଉପକାରିତା ବିଷୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିଲେ।

### ବିଶେଷଜ୍ଞ କମିଟିରୁ ...

ଚେୟାରମ୍ୟାନ୍ ଭୂପିନ୍ଦର ସିଂ ମାନ୍‌ଙ୍କ ସମେତ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ଦକ୍ଷିଣ ଏସିଆ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ସଂସ୍ଥା ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ଜୋଷୀ, ମହାରାଷ୍ଟ୍ରର ଶେତ୍‌କେରି ସଙ୍ଗଠନ ମୁଖ୍ୟ ଅନିଲ ଘନାୱତ୍‌ଙ୍କୁ ରଖିବା ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସରକାର ଓ କୃଷକ ପ୍ରତିନିଧିମାନଙ୍କ ସହ ଆଲୋଚନା ପରେ ଆବଶ୍ୟକ ସୁପାରିସ ସମ୍ବଳିତ ଏକ ରିପୋର୍ଟ ଦାଖଲ କରିବା ଲାଗି ଜଷ୍ଟିସ୍ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଉକ୍ତ କମିଟିକୁ କହିଥିଲେ। ରାୟ ପ୍ରକାଶ ଦିନ (ଜାନୁୟାରୀ ୧୨)ଠାରୁ ୧୦ ଦିନ ମଧ୍ୟରେ ପ୍ରଥମ ବୈଠକ ବସିବ। ଏହାର ୨ ମାସ ମଧ୍ୟରେ କମିଟି ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

ତେବେ ଏହି ୪ ଜଣ ଯାକ ସଦସ୍ୟ ସରକାରଙ୍କ ନୂଆ କୃଷି ଆଇନ ସପକ୍ଷବାଦୀ ବୋଲି ବିବାଦ ସୃଷ୍ଟି ହୋଇଛି। ଅତୀତରେ ଏହି ୪ ସଦସ୍ୟ କୃଷି ଆଇନକୁ ପ୍ରତ୍ୟକ୍ଷ ଭାବେ ସମର୍ଥନ କରିଥିଲେ ବୋଲି କଂଗ୍ରେସ ଦଳ ଓ ଆନ୍ଦୋଳନରତ କୃଷକ ସଙ୍ଗଠନଗୁଡ଼ିକ ଆପତ୍ତି ଉଠାଇଛନ୍ତି। ସର୍ବୋଚ୍ଚ ଅଦାଲତ କୃଷି ଆଇନ ସମୀକ୍ଷା ଲାଗି କମିଟି ଗଠନ କରିବାର ଦୁଇଦିନ ପରେ ଭୂପିନ୍ଦର ଏକ ବିବୃତି ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, କୃଷକମାନେ ଚଳାଇଥିବା ଆନ୍ଦୋଳନକୁ ନେଇ ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଏବଂ ସୁପ୍ରିମକୋର୍ଟ ନିଯୁକ୍ତ ପ୍ୟାନେଲର ନିରପେକ୍ଷତା ବଜାୟ ରଖିବାକୁ ଚାହୁଁଥିବାରୁ ଏଥିରେ ସେ ରହିବେ ନାହିଁ। କୃଷକ ସଙ୍ଗଠନଗୁଡ଼ିକ ସହ ଆଲୋଚନା ପାଇଁ ତାଙ୍କୁ କମିଟିକୁ ମନୋନୀତ କରିଥିବାରୁ ସେ ଶୀର୍ଷ ଅଦାଲତଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ବ୍ୟକ୍ତିଗତ ଭାବେ ଜଣେ ଚାଷୀ ଓ କୃଷକ ସଙ୍ଗଠନର ନେତା। ତେବେ ଜନସାଧାରଣ ଓ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ତାଙ୍କ ନିଯୁକ୍ତିକୁ ନେଇ ଆଶଙ୍କା ପ୍ରକାଶ ପାଇଥିବାରୁ ସେ କୌଣସି ପଦବୀ ତ୍ୟାଗ କରିବାକୁ ପ୍ରସ୍ତୁତ। କାରଣ ପଞ୍ଜାବ ଓ ଦେଶର ଚାଷୀମାନଙ୍କ ସ୍ୱାର୍ଥ ସହିତ ସେ ସାଲିସ କରିବାକୁ ଚାହୁଁନାହାନ୍ତି। ସେ କମିଟିରୁ ଓହରିଯାଉଛନ୍ତି ଏବଂ ଚାଷୀକୁଳ ତଥା ପଞ୍ଜାବ ସହ ସବୁବେଳେ ଛିଡ଼ାହୋଇ ରହିବେ।

### 'ସିନେଟ୍‌ରେ...

ନେଇ ଗୃହରେ ଅଧ୍ୟକ୍ଷତା କରିବା ବେଳକୁ ଜର୍ଜିଆର ଦୁଇଜଣ ନବନିର୍ବାଚିତ ଡେମୋକ୍ରାଟ ମଧ୍ୟ ସେଠାକୁ ଯାଇସାରିଥିବେ। ତେଣୁ ଟ୍ରମ୍ପ୍‌ଙ୍କ ଭାଗ୍ୟ ନିର୍ଣ୍ଣୟ ବେଳେ ହାରିସ୍‌ଙ୍କ ଭୂମିକା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପାରେ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ହାରିସ୍ ଟ୍ରମ୍ପ୍‌ଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି।

### ଦ୍ୱିତୀୟ ଦିନ...

୮୧.୬୦ ଟଙ୍କା ଛୁଇଁଛି। ଇନ୍ଧନ ଉପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଚ୍ଚ ପରିମାଣର ଟିକସ ଲାଗୁ କରିବା ଯୋଗୁ ଦର ଖସୁନାହିଁ। ସୂଚନାଯୋଗ୍ୟ, ପେଟ୍ରୋଲ ଉପରେ ୩୨.୯୮ ଟଙ୍କା ଏବଂ ଡିଜେଲ ଉପରେ ୩୧.୮୩ ଟଙ୍କାର ଉତ୍ପାଦ ଟିକସ ଲାଗୁ ହେଉଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲରେ ୧୯.୩୨ ଟଙ୍କା ଏବଂ ଡିଜେଲରେ ୧୦.୮୫ ଟଙ୍କାର ଭାଟ୍ ଲାଗୁଛି। ୨୦୨୦ ମେ ପରଠାରୁ ପେଟ୍ରୋଲ ଲିଟର ପିଛା ୧୫.୦୪ ଟଙ୍କା ଏବଂ ଡିଜେଲ ୧୨.୫୯ ଟଙ୍କା ମହଙ୍ଗା ହୋଇଛି।

### ମକର ବୁଡ଼...

ନିଛାଟିଆ ସ୍ଥାନକୁ ଟେକି ନେଇ ଗଣ ବଳାତ୍କାର କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ପୀଡ଼ିତା ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ମା' ବାପା ବାହାର ରାଜ୍ୟରେ ରହି କାମ କରୁଥିବା ବେଳେ ଦୁଇ ଭଉଣୀ ତାଙ୍କ ସମ୍ପର୍କୀୟଙ୍କ ସହ ରହୁଥିଲେ। ଅଭିଯୁକ୍ତ ବୁଧୁରାମଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ଥାନାଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

### କଟକରୁ ଧାନ...

ମିଳିଛି। ପ୍ରତ୍ୟେକ ମିଲର୍ସଙ୍କୁ ଆବଶ୍ୟକ ସଂରକ୍ଷିତ ରାଶି ଜମା କରିବା ପରେ କଟକ ଜିଲାରୁ ୪୦ହଜାର କୁଇଣ୍ଟାଲ ଲେଖାଏଁ ଧାନ ଉଠାଇବାକୁ ଅନୁମତି ଦିଆଯାଇଛି। ଏ ସମ୍ପର୍କରେ ଚାଷୀନେତା ରମେଶ ମହାପାତ୍ର କୁହନ୍ତି, ସରକାର ସୁରୁଖୁରୁରେ ଧାନ କିଣୁଥିବା କହୁଛନ୍ତି। ମାତ୍ର ବାସ୍ତବ ଚିତ୍ର ଭିନ୍ନ। ଏବେ ମଧ୍ୟ ଜିଲାର ବହୁ ସଂଖ୍ୟକ ପଞ୍ଜୀକୃତ ଚାଷୀଙ୍କ ପାଖରେ ଲକ୍ଷାଧିକ ବସ୍ତା ଧାନ ରହିଛି। ଏଭଳି ପରିସ୍ଥିତିରେ ବରଗଡ଼ର ମିଲର୍ସମାନଙ୍କୁ ଅନ୍ୟ ଜିଲାରୁ ଧାନ ଉଠାଇବା ପାଇଁ ଅନୁମତି ଦିଆଯିବା ଦୁର୍ଭାଗ୍ୟଜନକ। ଯଦି ବରଗଡ଼ ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣା ନ ଯାଏ ଆଗକୁ ବ୍ୟାପକ ଚାଷୀ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ପଚାରିବାରୁ ଆଉ ପ୍ରାୟ ୧ଲକ୍ଷ କୁଇଣ୍ଟାଲ ଧାନକ୍ରୟ ଲକ୍ଷ୍ୟ ରହିଛି। ସେହିସବୁ ଧାନକୁ କିଣାଯିବ ଏବଂ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ଚାଲିଥିବା ସେ କହିଥିଲେ।

### ଟିକା ନ ନେବାକୁ...

ଅନ୍ୟକୁ ଟିକା ଦେବୁ, କିନ୍ତୁ ନିଜେ ନେବୁ ନାହିଁ। ସରକାରଙ୍କ ପାଖରେ ସ୍ୱାସ୍ଥ୍ୟକର୍ମୀମାନେ ବାରମ୍ବାର ଏହି ଦୁଇଟି ଦାବି ରଖି ଆସୁଥିଲେ ମଧ୍ୟ କୌଣସି ସମାଧାନ ହୋଇନି। କ୍ୟାଡର ପୁନର୍ଗଠନ ନ ହେବା ଦ୍ୱାରା ପଦୋନ୍ନତିରେ ସମସ୍ୟା ହେଉଛି। ତେଣୁ ଆସନ୍ତା ୧୬ ତାରିଖରୁ କରୋନା ଟିକାକରଣ ପ୍ରକ୍ରିୟାବେଳେ କଳା ବ୍ୟାଜ୍ ପରିଧାନ କରି ପ୍ରତୀକାତ୍ମକ ଧାରଣା ଦିଆଯିବ। ଦାବି ପୂରଣ ନ ହେଲେ ଫେବୃଆରୀ ୧ରୁ କାର୍ଯ୍ୟବନ୍ଦ ସହିତ ସିରିଞ୍ଜ ଛାଡ଼ ଆନ୍ଦୋଳନ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ମିଳିତ ମହାସଂଘ ଆବାହିକା ମମତା ନାୟକ କହିଛନ୍ତି, ବର୍ତ୍ତମାନ ଭଳି କରୋନାର ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କୁ ହଇରାଣ କରିବା ଆମର ଉଦ୍ଦେଶ୍ୟ ନାହିଁ। କ୍ୟାଡର୍ ପୁନର୍ଗଠନ ଏବଂ ପଦବୀ ପରିବର୍ତ୍ତନ ଦାବି ନେଇ ପୂର୍ବରୁ ମଧ୍ୟ ନଭେମ୍ବର ଓ ଡିସେମ୍ବର ମାସରେ ସରକାରଙ୍କୁ ଦାବିପତ୍ର ଦେଇଥିଲୁ। କିନ୍ତୁ ସରକାର ଏପର୍ଯ୍ୟନ୍ତ ଆମକୁ ଆଲୋଚନା ପାଇଁ ମଧ୍ୟ ଡାକିଲେ ନାହିଁ। ଆମ ପାଇଁ ଗୋଟିଏ ପଦୋନ୍ନତି ପଦବୀ ଅଛି। ଆମ ଚାକିରି କାଳ ସରିଯାଉଛି। ଅବସର ହୋଇଯାଉଛି, କିନ୍ତୁ ପ୍ରମୋଶନ ମିଳୁନାହିଁ। ତେଣୁ ଆମ କଥା ତୁରନ୍ତ ବିଚାର କରାଯାଉ। ଚାକିରି କାଳ ଭିତରେ ଆମକୁ ୪ଟି ପଦୋନ୍ନତି ବ୍ୟବସ୍ଥା କରାଯାଉ, ଡେଜିଗ୍‌ନେଶନ ଚେଞ୍ଜ କରାଯାଉ। ସରକାର ଆମ କଥା ବୁଝୁ ନ ଥିବାରୁ ଆମେ କୋଭିଡ୍ ଟିକା ନେବୁନି। କିନ୍ତୁ ଅନ୍ୟମାନଙ୍କୁ ଟିକା ଦେବୁ। କିନ୍ତୁ କରୋନା ପରିଚାଳନାରେ ଆମେ କୌଣସି ଅବହେଳା କରିବୁ ନାହିଁ ବୋଲି ମମତା ନାୟକ କହିଛନ୍ତି।


# classifieds Everyday

0674-2580101, 2549302




**SALE**

Damana Shree Vihar ଓ VSS Nagar ହାଟକୁ ଲାଗି sqft. 2400/-ରେ boundary filling ସହିତ immediate ଘର କରିବା ପାଇଁ plot କିଣନ୍ତୁ। 7788888879. D-70155

**Plot Hanspal sqft.-750/, Rangabazar sqft. 899/-, Madanpur sqft. 760/-, Sundarpada sqft. 199/. 9437522338.** D-19563

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

**ଭୁବନେଶ୍ୱର ସୁନ୍ଦରପଦା Hi-Tech ଛକ ପାଖରେ ଘରବାରି boundary wall plot ମିଳୁଅଛି। 8338932027.** D-70156

**Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202.** D-70150

**ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764.** D-19454

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

**ଘରବାରି ପାଚେରି Scheduledcaste plot Trinath Bazar ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅରୁଗୁଳ station 2000sqft. 4,40,000/-, 9439006524, 9861281504.** D-69361

**ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ଼କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553.** D-70147

**ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952.** D-70153

Contact for House Construction (Simplex/ Duplex/ Apartment) with Interior Design from the experts. MPlanets-7008550473. D-19527

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70094

Leading Doctor desires 5400 Sq.ft. Sthitiban GA Plot preferably corner plot in Kalinga Nagar, Bhubaneswar for early registration. Contact: 9937156262. D-19580

**କଟକ Highcourtରୁ 8K.M. ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ 200mtr ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 6372930002.** D-70148

**ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଟିରେ ଘରବାରି ପ୍ଲଟ୍ ମିଳୁଅଛି। (Bank finance available) 9439902721, 9090432721.** D-70143

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**Tankapani road Sai ମନ୍ଦିର ନିକଟରେ demarcated, developed gharabari plot କିଣନ୍ତୁ। 7008492511.** D-69359

**Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562




To let 1 room, kitchen, bathroom. Srivihar, Patia. 9437017426, 7205859421. D-69672

54000 Sq.ft. land available in Sisolo (Near Balakati, Uttara Square). Mob.: 7978097047. D-19582

2BHK Flat available near Krupajala College in Gudia Pokhari. Mob.: 7978097047. D-19583




Revitalize your self with our ayurvedic massage and refreshment, Call: 7381239385. D-70091

Experience full body massage with expert therapists. Call: 7377048581. D-70092

Ayurvedic full body massage, trained lady therapist. 9437453813, 7377064624. D-69960

Newly open full body massage ladies and gents. 9337349409. D-70406

**Newly open full body massage Saikrupa Panchakarma and Spa. Contact: 8984068077.** D-19492

Swarna SPA newly open positively health benefits with expert therapist. 9556978408. D-70088

Rejuvenate and Ayurvedic full body massage by smart therapist. 9348123330. D-70089

Only for 300 body massage ladies and gents therapist. 9583808247. D-19560

Refreshing your mind & body with best therapy at Lotus SPA. 8018234866. D-70411

**AFFIDAVIT**

This is to inform for all concerned that due to printing mistake in my Indian Passport my name has been printed as Talvinder Singh Bhurji. But my name is Talwinder Singh. Henceforth, my name be read as Talwinder Singh. I Sri Talwinder Singh and Sri Talvinder Singh Bhurji is one and same person. D-19581



D-19587

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜିର ଗ୍ରହପ୍ରଭାବରେ ଅନୁକୂଳ ପରିବେଶ କାମ ହାସଲ କରିବାରେ ସାହାଯ୍ୟ କରିବ। ଚନ୍ଦ୍ର ସମାଗମସ୍ଥ ହେତୁ କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁ ଅନୁତପ୍ତ ହେବେ। ପ୍ରତୀକ୍ଷିତ ବନ୍ଧୁଟି ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ପାଖରେ ପହଞ୍ଚିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବୃଷ**



ଆଜି ଧନସ୍ଥାନ ବହୁଗ୍ରହ ଦୃଷ୍ଟ ହେତୁ ଆର୍ଥିକ ଉନ୍ନତି ସହ ଶାରୀରିକ ସୁସ୍ଥତା ମନୋବଳ ବୃଦ୍ଧିରେ ସହାୟକ ହେବ। କଳା, ସାହିତ୍ୟ, କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିବ। କର୍ମକ୍ଷେତ୍ରରେ, ସଭାସମିତିରେ ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**ମିଥୁନ**



ଅଷ୍ଟମ ସ୍ଥାନରେ ଏକାଧିକଗ୍ରହ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ଇଚ୍ଛା ନ ଥାଇ କେତେକ କାମ କରିବାକୁ ପଡିବ। ପଡୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ଋଣଭାର, କଚେରି ମାମଲା, ପରିବହନ ଓ ନିର୍ମାଣ ସମ୍ପର୍କୀୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ।

**କର୍କଟ**



ସ୍ୱାସ୍ଥ୍ୟରେ ଉନ୍ନତି ସହ ମାନସିକ ସ୍ଥିତି କେତେକାଂଶରେ ଭଲ ରହିବ। ଅର୍ଥ ସମ୍ପର୍କ କିମ୍ବା ପାରିବାରିକ ସମସ୍ୟାକୁ ନେଇ ବିବାଦ ଦେଖାଦେଇ ପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନରେ ସମସ୍ୟା ଦୂର ହେବ।

**ସିଂହ**



ଆଜିର ଗ୍ରହସ୍ଥିତି ପ୍ରଭାବରେ ଆପଣ ଯାହା ଚାହୁଁଛନ୍ତି ତାହା ପାଇବାକୁ କଷ୍ଟ କରିବାକୁ ପଡିବନାହିଁ। କୌଣସି ଅନାକାଂକ୍ଷିତ ସୂଚନାକ୍ରମେ ଗସ୍ତ ବାତିଲ ହୋଇପାରେ। ମଧ୍ୟାହ୍ନରେ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଯୁକ୍ତିତର୍କ କରନ୍ତୁ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ରର ଆର୍ଥିକ, ପାରିବାରିକ ଓ ସାମାଜିକ ସ୍ଥିତି ଦୁର୍ବଳ ରହିବ।

**କନ୍ୟା**



ବୁଧଙ୍କ ଦୁର୍ବଳତା କାରଣରୁ କର୍ମକ୍ଷେତ୍ରର ଗୁରୁଦାୟିତ୍ୱ ସାମୟିକ ବିଚଳିତ ଅନୁଭବ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ। ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢି ସମସ୍ୟାକୁ ଦ୍ୱିଗୁଣିତ କରିବ। କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରେ ବନ୍ଧୁମିଳନ ଘଟିବ।

**ତୁଳା**



ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରିବା ଦ୍ୱାରା ତାହା ଆପଣଙ୍କ ପାଇଁ ସମସ୍ୟାର କାରଣ ହେବ। ପରିସ୍ଥିତିରେ ପଡି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଈର୍ଷାନ୍ୱିତ ହୋଇ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ବିଛା**



ସମସ୍ୟା ଲାଗି ରହିଲେ ମଧ୍ୟ ଅଭିମାନ ନ କରି କୌଶଳରେ କାମ ହାସଲ ପାଇଁ ଚେଷ୍ଟା କରିବା ଭଲ। ସଭାସମିତିରେ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ମତାନ୍ତର ଲାଗି ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରେସ୍, ପବ୍ଲିକେଶନ କ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିବ।

**ଧନୁ**



ଅଫିସରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ବନ୍ଧୁମାନଙ୍କ ସାହାଯ୍ୟରେ ଧାତବଜନିତ ଦ୍ରବ୍ୟ ଲାଭର ଯୋଗ ରହିଛି। ପାରିବାରିକ ସମସ୍ୟା ଥିଲେ ମଧ୍ୟ ବିଶେଷ କିଛି ଗୁରୁତର ହେବନାହିଁ। ପଡୋଶୀ ଓ ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**ମକର**



ଆଜିର ଯାତ୍ରା, ବାଣିଜ୍ୟ, ପରିବହନରେ କୌଣସି ଅସୁବିଧା ହେବନାହିଁ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହୋଇପାରନ୍ତି। ସମ୍ପର୍କୀୟମାନଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ**



ସମସ୍ୟା ଲାଗି ରହିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଆବଶ୍ୟକୀୟ ସାହାଯ୍ୟ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଜ ଲୋକମାନେ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ପିଲାଙ୍କ କୃତିତ୍ୱକୁ ନେଇ ଗର୍ବ ଅନୁଭବ କରିବେ।

**ମୀନ**



ଏକାଦଶସ୍ଥ ଏକାଧିକଗ୍ରହ ହେତୁ ଗତକାଲିଠାରୁ ଯେଉଁ ଜିନିଷର ଅଭାବ ଥିଲା ତାହା ସୁବିଧାରେ ପୂରଣ ହୋଇଯିବ। ଆକସ୍ମିକ ଭାବରେ ନିଜ ପରିସରରେ ରହୁଥିବା ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ଛୋଟ ଛୋଟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ପାରିବାରିକ ପରିସ୍ଥିତି ଭଲ ରହିବ।

ଆଜି ପୌଷ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର, ଜାନୁୟାରୀ ୧୫ ତାରିଖ, ଭାରତୀୟସେନା ଦିବସ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ସିଂହ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୮ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୦୭.୫୫ମି. ଗତେ ଘ.୧୦.୦୬ମି. ମଧ୍ୟେ, ଘ.୧୨.୧୮ମି. ଗତେ ଘ.୦୨.୨୯ମି. ମଧ୍ୟେ, ଘ.୦୩.୫୬ମି. ଗତେ ଘ.୦୫.୨୬ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୩୪ମି. ଗତେ ଘ.୧୧.୫୬ମି. ମଧ୍ୟେ ରାହୁକାଳ।

# ୨୫.୫କିଲୋ ରୁପା ଅଳଙ୍କାର ଜବତ, ୫ ଗିରଫ

**ଅଳଙ୍କାର ଦୋକାନ ଚୋରି ଘଟଣା**


ଜବତ ରୁପା, ସୁନା ଅଳଙ୍କାର ସହ ୫ ଅଭିଯୁକ୍ତ ।

କଟକ ଅଫିସ, ୧୪।୧

ଜଗତ୍‌ପୁର ଥାନା ଅନ୍ତର୍ଗତ ଆଇବି ରୋଡରେ ଥିବା ବାସନ୍ତୀ ଦୁର୍ଗା ଅଳଙ୍କାର ଦୋକାନ ଚୋରି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୨୫କିଲୋ ୫୦୦ ଗ୍ରାମ୍ ଓଜନର ରୁପା ଅଳଙ୍କାର, ୩୮୫ ଗ୍ରାମ୍ ଓଜନର ସୁନା ଅଳଙ୍କାର ସହ ନଗଦ ୧୨,୪୦୦ ଟଙ୍କା ଜବତ କରିଛି। ଏଥିସହିତ ଚୋରମାନେ ବ୍ୟବହାର କରୁଥିବା ଏକ କାର, ଗୋଟିଏ ସ୍କୁଟି, ମୋଟରସାଇକେଲ, ଗ୍ୟାସ୍ କଟର ସହ ୪ଟି ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁରର ବାବୁ ଓରଫ ତପନ କୁମାର ସେଠୀ(୪୭), କଟକ ଜିଲା ଚୌଦ୍ୱାର ଓଟିଏମ୍ କଲୋନୀର ବାବି ଓରଫ ଅମୂଲ୍ୟ କୁମାର ମହାନ୍ତି (୪୨), ବଡ଼ମ୍ବାର ମୁନା ଓରଫ ରମେଶ ଚନ୍ଦ୍ର ସେଠୀ(୩୭), ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର କୁନା ଓରଫ ତ୍ରିଲୋଚନ ସେଠୀ(୩୯)ଙ୍କ ସହ ଚୋରି ସାମଗ୍ରୀ କ୍ରୟ କରିଥିବା ଚାଉଳିଆଗଞ୍ଜର ପ୍ରଫୁଲ୍ଲ କୁମାର ସାହୁ(୫୫)। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା କଟକ ଡିସିପି ପ୍ରତୀକ ସିଂହ ବୁଧବାର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ଡିସେମ୍ବର ୫ତାରିଖ ରାତିରେ କେତେକ ଦୁର୍ବୃତ୍ତ ଜଗତପୁର ଆଇବି ରୋଡ୍‌ରେ ଥିବା ଏକ ଅଳଙ୍କାର ଦୋକାନର ପଛପାର୍ଶ୍ୱ କାନ୍ଥ ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା । ଦୁର୍ବୃତ୍ତମାନେ ଦୋକାନର କାନ୍ଥ ତାଡ଼ି ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଭାଙ୍ଗିବା ସହ ହାର୍ଡଡିସ୍କକୁ କାଢ଼ି ନେଇଯାଇଥିଲେ। ଦୋକାନରୁ ପାଖାପାଖି ନଗଦ ୭୦ହଜାର ଟଙ୍କା ସହ ୪୦୦ ଗ୍ରାମ ଓଜନର ସୁନା ଅଳଙ୍କାର, ୪୦ କିଗ୍ରା ରୁପା ଅଳଙ୍କାର ଚୋରି କରିନେଇଥିବା ଦୋକାନ ମାଲିକ ଦୟାନିଧି ସାହୁ ଅଭିଯୋଗରେ ଦର୍ଶାଇଥିଲେ।




# ପଞ୍ଚଭୂତରେ ବିଲୀନ ହେଲେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ

**କଟକ ଅଫିସ, ୧୪।୧**

ପଞ୍ଚଭୂତରେ ବିଲୀନ ହେଲା ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ମରଶରୀର। ଗୁରୁବାର କଟକ ଯୋବ୍ରାସ୍ଥିତ କାଳିଆବୋଦା ଶ୍ମଶାନଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନଝିଅ ବି. ଭାନୁପ୍ରିୟା ମୁଖାଗ୍ନି ଦେଇଥିଲେ। ଗୁରୁବାର ସକାଳ ସାଢେ ୮ଟାରେ ରାଓଙ୍କ ବାସଭବନରୁ ମରଶରୀରକୁ ଶୋଭାଯାତ୍ରାରେ ତାଙ୍କ ଚା' ଦୋକାନକୁ ନିଆଯାଇଥିଲା। ସେଠାରେ ସ୍ଥାନୀୟ ବାସିନ୍ଦା ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ପରେ ମରଶରୀରକୁ କାଳିଆବୋଦା ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପ୍ରତୀକ୍ ସିଂ, ବିଧାୟକ ମହମ୍ମଦ ମୋକିମ, ରାଜ୍ୟସଭା ସଦସ୍ୟ ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ମାଲ୍ୟାର୍ପଣ କରିଥିଲେ। ପରେ ତାଙ୍କୁ ଗାର୍ଡ ଅଫ ଅନର୍ ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୫ରେ ରାଓ ଅସୁସ୍ଥ ହୋଇ ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ରିପୋର୍ଟ ନେଗେଟିଭ୍ ଆସିଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିଲା। ଏହାପୂର୍ବରୁ ବୁଧବାର ଅପରାହ୍ନରେ ତାଙ୍କର ପରଲୋକ ହୋଇଥିଲା।

ରାଓ କଟକ ବକ୍ସିବଜାରରେ ଏକ ଚା' ଦୋକାନ କରିଥିଲେ। ସେଥିରୁ ଉପାର୍ଜିତ ଅର୍ଥରେ ସେ ବସ୍ତି ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ଏଥିସହ ସେ ନିଜ ଉଦ୍ୟମରେ ସ୍କୁଲ କରିଥିଲେ। ସେ ୨୦୦ରୁ ଅଧିକ ଥର ରକ୍ତଦାନ କରିଛନ୍ତି। ୨୦୧୮ ମେ' ୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ଆସିଥିବାବେଳେ ରାଓଙ୍କୁ ସ୍ୱତନ୍ତ୍ର ଭାବେ ସାକ୍ଷାତ କରିଥିଲେ। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଓଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ଏଥିସହ ସେ ଅନେକ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି।


ଡି.ପ୍ରକାଶ ରାଓଙ୍କ ମରଶରୀର ନିକଟରେ ବିଧାୟକ ମହମ୍ମଦ ମୋକିମ୍ ଓ ଅନ୍ୟମାନେ।

## ଫାଇନାନ୍ସ ମ୍ୟାନେଜରଙ୍କଠାରୁ ଲୁଟ୍ ଘଟଣାରେ ୪ ଗିରଫ

**ବାରଙ୍ଗ,୧୪।୧(ଡି.ଏନ୍.ଏ.)**

ବିଦ୍ୟାଧରପୁର ଗ୍ରାମ ନିକଟରେ ଭାରତ ଫାଇନାନ୍ସ ମ୍ୟାନେଜର ସୁରେଶ ବଳବନ୍ତରାୟଙ୍କଠାରୁ ୩ ଜଣ ଦୁର୍ବୃତ୍ତ ୧ଲକ୍ଷ ୧୦ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଅଭିଯୁକ୍ତଙ୍କୁ ବାରଙ୍ଗ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ବିଦ୍ୟାଧରପୁର ଗ୍ରାମର ନାକିଆ ଓରଫ ମିଥୁନ ଜେନା, ଗୋବିନ୍ଦପୁର ଥାନା ନୂଆଗାଁ ଗ୍ରାମର ପଶା ଓରଫ ପ୍ରଶାନ୍ତ ଜେନା, କାହ୍ନା ଓରଫ ନୃସିଂହ ପଟ୍ଟନାୟକ, ବଣ୍ଟି ଓରଫ ହିମାଂଶୁ ସାଥୁଆ। ଏମାନଙ୍କ ନିକଟରୁ ୩ ବାଇକ୍, ୬୯,୦୦୦ଟଙ୍କା, ପରିଚୟପତ୍ର, ୫ ମୋବାଇଲ ଫୋନ ଜବତ ହୋଇଛି। ଗତ ୪ ତାରିଖରେ ଭାରତ ଫାଇନାସ ମ୍ୟାନେଜର ସୁରେଶ ବିଦ୍ୟାଧରପୁର ଗ୍ରାମରୁ ଟଙ୍କା ଆଦାୟ କରି ଫେରୁଥିଲେ। ସୁରେଶଙ୍କୁ ଆକ୍ରମଣ କରି ତାଙ୍କଠାରୁ ଟଙ୍କା, ଟାବଲେଟ, ବ୍ୟାଗ ଓ ପରିଚୟପତ୍ର ନେଇ ଫେରାର ହୋଇଯାଇଥିଲେ। ସୁରେଶଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୬/୨୧)ରୁଜୁକରି ତଦନ୍ତ ଚଳାଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି


ରାଜ୍ୟପାଳଙ୍କୁ ଫେରାଦ ହେବାକୁ ଯାଇଥିବା ଭାଜପା ନେତୃବୃନ୍ଦ।

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

୨୦୨୨ ସୁଦ୍ଧା ରାଜ୍ୟର ସମସ୍ତ କଚ୍ଚା ଘରକୁ ପକ୍କା ଘର କରାଯିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରୁଛନ୍ତି । ମାତ୍ର ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଉ ନାହିଁ। ରାଜ୍ୟର ୩୧୪ ବ୍ଲକ, ମ୍ୟୁନିସିପାଲିଟି ଏବଂ ଏନ୍‌ଏସିଗୁଡ଼ିକରେ ପକ୍କାଘର ଯୋଗାଇ ଦେବାରେ ବ୍ୟାପକ ଦୁର୍ନୀତି ଚାଲିଛି । ଶାସକ ବିଜେଡି ବିଧାୟକ ଓ ନେତାମାନେ ହିତାଧିକାରୀଙ୍କ ଠାରୁ ୨୦-୨୫ ହଜାର ଟଙ୍କା ଆଦାୟ କରୁଛନ୍ତି । ପ୍ରଥମ କିସ୍ତିର ଅର୍ଥକୁ ଶାସକ ଦଳର ନେତାମାନେ ପିସି ଆକାରରେ ନେଉଥିବାରୁ ପ୍ରକୃତ ହିତାଧିକାରୀ ଘର କରିପାରୁ ନାହାନ୍ତି ବୋଲି ରାଜ୍ୟ ଭାଜପା ଅଭିଯୋଗ କରିଛି। ଏହା ବିରୋଧରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

**ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତି ବିରୋଧରେ ପ୍ରତିବାଦ କରିବା ଯୋଗୁ ଭାଜପା କର୍ମୀମାନଙ୍କୁ ମରଣାନ୍ତକ ଆକ୍ରମଣ ସହ ହତ୍ୟା କରାଯାଉଛି । କଟକ ଜିଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନୃଗାଙ୍ଗ ଠାରେ ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯିବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। କୁଳମଣି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚାଲିଥିବା ଦୁର୍ନୀତି ବିରୋଧରେ ଦୃଢ ପ୍ରତିବାଦ କରିବା ଯୋଗୁ ଅଯୋଗ୍ୟ ହିତାଧିକାରୀଙ୍କ ନାଁ ତାଲିକାରୁ କଟାଯାଇଥିଲା ଏବଂ କିଛି ସ୍ଥାନୀୟ ସରକାରୀ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା। ଶାସକ ଦଳ ମନ୍ତ୍ରୀ ପ୍ରତାପ ଜେନାଙ୍କ ପ୍ରରୋଚନାରେ ବିଜେଡି ଗୁଣ୍ଡାମାନେ ଭାଜପା ନେତା କୁଳମଣି ଓ ଦିବ୍ୟସିଂହଙ୍କୁ ହତ୍ୟା କରିଥିଲେ ବୋଲି ଭାଜପା ପ୍ରତିନିଧି ଦଳ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ପକ୍କା ଘର ଆଗରେ ବିଜୁପକ୍କା ଘର ଲେଖି ରାଜ୍ୟ ସରକାର ନିଜର ଆତ୍ମପ୍ରଚାର କରୁଛନ୍ତି । ଏଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚାଲିଥିବା ବ୍ୟାପକ ଦୁର୍ନୀତି ବିରୋଧରେ ହସ୍ତକ୍ଷେପ କରିବା ପାଇଁ ଭାଜପା ରାଜ୍ୟପାଳଙ୍କ ନିକଟରେ ଦାବି କରିଛି। ଏହି ଟିମ୍‌ରେ ଉପନେତା ବିଷ୍ଣୁ ସେଠୀ, ମୁଖ୍ୟ ସଚେତକ ମୋହନ ମାଝି, ବରିଷ୍ଠ ନେତା ତଥା ବିଧାୟକ ଜୟ ନାରାୟଣ ମିଶ୍ର, ସୁବାସ ପାଣିଗ୍ରାହୀ, ଗଣେଶ ରାମ ଖୁଣ୍ଟିଆ, ଭବାନୀ ଭୋଇ, କୁସୁମ ଟେଟେ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରୀ ନାୟକ, ବୁଧନ ମୁର୍ମୁ, ଆଦିତ୍ୟ ମାଢୀ, ସୁକାନ୍ତ ନାୟକ, ପ୍ରକାଶ ସୋରେନ୍, ରାଜ୍ୟ ସାଧାରଣ ସମ୍ପାଦିକ ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ଠାକୁର ରଞ୍ଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ପିକ୍‌ନିକ୍ ସ୍ପଟ୍

# ପୁଞ୍ଜିସିଲ




ବଣ ପାହାଡ଼ ଘେରା ପ୍ରାକୃତିକ ପରିବେଶରେ ରହିଛି କୋରାପୁଟ ଜିଲା। ଏଠାରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ପୁଞ୍ଜିସିଲ ଅନ୍ୟତମ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ ଜିଲାର ବିଭିନ୍ନ ଝରଣାର କୁଳୁକୁଳୁ ସ୍ୱର। ପାହାଡ଼ ଉପରୁ ପ୍ରବାହିତ ହେଉଥିବା ଝରଣା ପର୍ଯ୍ୟଟକଙ୍କୁ ଦିଏ ନିଆରା ଅନୁଭବ। ସେହିପରି ଏକ ଝରଣା ରହିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ମୁଜାଙ୍ଗ ପଞ୍ଚାୟତରେ। ପୁଞ୍ଜିସିଲ ପର୍ଯ୍ୟଟନ ସ୍ଥଳୀ ରୂପେ ପରିଚିତ ଏହି ସ୍ଥାନ ଦାମନଯୋଡ଼ିର ପଞ୍ଚବଟୀମାଳି ପର୍ବତରୁ ଝରି ଆସିଥିବା ମୁରାନ ଝରଣା ପୁଞ୍ଜିସିଲଠାରେ ଏକ ବିଶାଳ ପଥର ଉପରେ ପଡି ପ୍ରବାହିତ ହେଉଛି। ଏହି ଝରଣାର ଜଳରାଶି କେବେ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଏ ତ କେବେ ସ୍ଥାନୀୟ ଲୋକଙ୍କ ଚାଷଜମିରେ ଲାଗି ସେମାନଙ୍କ ଅର୍ଥନୀତିକୁ ସୁଦୃଢ କରେ। କେବେ ଏହାର ନୈସର୍ଗିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ମୁଗ୍ଧକରେ। ଏଠାରେ ବଣଭୋଜି କରିବା ପାଇଁ ସମସ୍ତ ସୁବିଧା ରହିଛି। ଖରାଦିନେ ପଥର ଓ ପାଣିରେ ବୁଲି ମଜା ନେବା ଏହି ସ୍ଥାନର ଅନ୍ୟ ଏକ ବିଶେଷତ୍ୱ। ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ଶୌଚାଳୟ ସମେତ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଛି। ଏଠାକୁ ଭଲ ରାସ୍ତାଟିଏ ନିର୍ମାଣ ସହ ଅନ୍ୟ ଭିତ୍ତିଭୂମିର ବିକାଶ ପ୍ରତି ପ୍ରଶାସନ ଗୁରୁତ୍ୱ ଦେଲେ ପୁଞ୍ଜିସିଲ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା।

**କେମିତି ଯିବେ**

କୋରାପୁଟ ସଦର ମହକୁମାରୁ ପୁଞ୍ଜିସିଲର ଦୂରତା ପ୍ରାୟ ୨୫ କିଲୋମିଟର। କୋରାପୁଟରୁ ଭାୟା ପୋଡ଼ାଗଡ଼ ଦେଇ ମୁଜାଙ୍ଗ ପଞ୍ଚାୟତରୁ ୨ କି.ମି. ଗଲେ ପଡିବ ଏହି ସ୍ଥାନ। ଦୁଇଚକିଆ ଓ ୪ ଚକିଆ ଗାଡି ସେଠାକୁ ଯାଇପାରିବ।

– ରିପୋର୍ଟ: ଅମିତାଭ ବେହେରା, କୋରାପୁଟ

# ପୋଲିସ ମାଡ଼ରେ ଯୁବକ ଆହତ, ଥାନା ଘେରାଉ

**ରାଇରଙ୍ଗପୁର, ୧୪।୧ (ଡି.ଏନ.ଏ)**

ହେଲମେଟ୍ ଚେକିଂ ବେଳେ ମୟୂରଭଞ୍ଜ ଜିଲା ଯାମଦା ଥାନା ପୋଲିସ ମାଡ଼ରେ ବାଇକ୍ ଆରୋହୀ ଜଣେ ଯୁବକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ। ଆହତ ଯୁବକ ହେଲେ ପାଶନା ଗ୍ରାମର ଲୁଗୁ ହାଁସଦା। ଚିକିତ୍ସା ପାଇଁ ସେ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଲୁଗୁଙ୍କ ଅଭିଯୋଗ କ୍ରମେ ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୭/୨୧) ରୁଜୁ ହୋଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଲୁଗୁ ପନିପରିବା ବିକ୍ରି ସକାଶେ ବାଇକ୍‌ରେ ଯାମଦା ବଜାରକୁ ଆସୁଥିଲେ। ରାସ୍ତାରେ ଚେକିଂ କରୁଥିବା ପୋଲିସ ତାଙ୍କୁ ଅଟକାଇଥିଲେ। ସେ ହେଲମେଟ୍ ପିନ୍ଧି ନ ଥିବାରୁ ପୋଲିସ କର୍ମଚାରୀ ତାଙ୍କୁ ଫାଇନ ଦେବା ପାଇଁ କହିଥିଲେ। ଏନେଇ ଲୁଗୁ ଯୁକ୍ତିତର୍କ କରିବାରୁ ଦୁଇ ପୋଲିସ କର୍ମଚାରୀ ତାଙ୍କୁ ଲାଠିରେ ପିଟିଥିଲେ। ଫଳରେ ସେ ଲହୁଲୁହାଣ ହୋଇ ପଡ଼ିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଥାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଥିଲେ। ରାଇରଙ୍ଗପୁର ସର୍କଲ ଏସ୍‌ଡିପିଓ ଗାୟତ୍ରୀ ପ୍ରଧାନ ଓ ଯାମଦା ଥାନା ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।


ଆହତ ଯୁବକଙ୍କୁ ବୁଝାଉଛନ୍ତି ଥାନା ଅଧିକାରୀ।

# ଶ୍ରୀଜୀଉଙ୍କ ମକରଚୂଡ଼ା ବେଶ

**ଜୟପୁର,୧୪।୧ (ନି.ପ୍ର.)**

ଜୟପୁର ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କୁ ମକର ଚୂଡ଼ା ବେଶ କରାଯାଇଛି । ଏଥିସହ ମକର ଚାଉଳ ଭୋଗ ଲାଗି କରାଯାଇଛି । ଶ୍ରୀ ଜୀଉଙ୍କ ମକରଚୂଡ଼ା ବେଶ ବେଶ୍ ଆକର୍ଷଣୀୟ ହୋଇଥାଏ। ଏହାକୁ ଦର୍ଶନ କଲେ ପୁଣ୍ୟ ଲାଭ ହୋଇଥାଏ। ପୂର୍ବରୁ କରୋନା କଟକଣା ହେତୁ ମନ୍ଦିର ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରୁ ନ ଥିଲେ। ଠାକୁରଙ୍କ ସବୁ ବେଶ ଦର୍ଶନରୁ ବଞ୍ଚିତ ହେଉଥିଲେ। ଏବେ ସେସବୁ କଟକଣା ନ ଥିବାରୁ ମନ୍ଦିରରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରୁଛନ୍ତି। ସେହିପରି ବଲ୍ଲଭ ନାରାୟଣଙ୍କୁ ମଧ୍ୟ ସ୍ୱତନ୍ତ୍ର ବେଶ କରାଯାଇ ମକର ଚାଉଳ ଭୋଗ ଲାଗି କରାଯାଇଥିଲା । ଏହି ଅବସରରେ ସ୍ୱତନ୍ତ୍ର ଆଳତି ହୋଇ ଭୋଗ ଲାଗି ପରେ ୪ ଥର ମକରହାଣ୍ଡି ମନ୍ଦିର ପରିକ୍ରମା କରାଯାଇଛି । ଜୟପୁରରେ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

# ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ

**ତରବୋଡ/ନୂଆପଡା ଅଫିସ, ୧୪।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବନାଞ୍ଚଳ ସିଆଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର କରଙ୍ଗାସାଗର ଜଙ୍ଗଲରେ କଲରାଆପତରିଆ ବାଘ ଦେଖିବାକୁ ମିଳିଛି। ଗତ ସପ୍ତାହରେ କୋମନା ବନାଞ୍ଚଳ ଅଧୀନ ଭରୁଆମୁଣ୍ଡା ଗ୍ରାମରେ ମଧ ବାଘ ଆତଙ୍କ ଦେଖାଦେଇଥିଲା। ବାଘ ବୁଲିବା ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଗୁରୁବାର ସକାଳ ୭ଟାରେ ବାଗମୁଣ୍ଡା ଗାଁର ମହେନ୍ଦ୍ର ମଟାରୀ ଜମିକୁ ଚଣା ଓ ପନିପରିବା ଚାଷ ଜଗିବା ପାଇଁ ଯାଇଥିଲେ। ସେହି ସମୟରେ ୨ଟି ବାଘ ଦେଖିବା ମାତ୍ରେ ଡରିଯାଇ କିଛି ଦୂର ଯାଇ ଘର ଲୋକଙ୍କୁ ଫୋନ କରି ଜଣାଇଥିଲେ। ପରେ ମହେନ୍ଦ୍ରଙ୍କ ଭାଇମାନେ ଦୌଡି ଆସି ୨ଟି କଲରାପତରିଆ ବାଘ ଦେଖିଥିଲେ। ସେମାନେ ମଧ୍ୟ ଭୟଭୀତ ହୋଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଅଧିକାଂଶ ଲୋକ ଆସି ପ୍ରକୃତ ବାଘ ବୋଲି ଜାଣି କୋମନା ବନ ବିଭାଗକୁ ଖବର ଦେଇଥିଲେ। କୋମନା ବନ ବିଭାଗ ରେଞ୍ଜର ଜଗଦୀଶ ଦୁରିଆଙ୍କ ସହ ଏଲିଫାଣ୍ଟ ସ୍କୋର୍ଡ, ପାରାଷ୍ଟାପ ଓ ଫରେଷ୍ଟର, ଫରେଷ୍ଟଗାର୍ଡ



ପ୍ରମୁଖ ବାଗମୁଣ୍ଡା ଗାଁକୁ ଯାଇ ଅନୁଧ୍ୟାନ କରିଥିଲେ। ବାଗମୁଣ୍ଡା, କରଙ୍ଗାଭଟା, ଭାଲୁକୋନା, ସିଆଲଟି, ଦିଆମୁଣ୍ଡା ଗାଁକୁ ଯାଇ ବାହାରକୁ ନ ଯିବା ପାଇଁ କହିଥିଲେ। ଯଦି ଯିଏ ବାହାରକୁ ଯାଉଛି ସାଙ୍ଗ ହୋଇ ହାତରେ ବାଡି, ଠେଙ୍ଗା ଧରି ଯାଆନ୍ତୁ। ସନ୍ଧ୍ୟା ହେଲେ ଘରୁ କେଉଁଆଡେ ଯାଆନ୍ତୁ ନାହିଁ ବୋଲି ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସଚେତନ କରିଥିଲେ। ବାଗମୁଣ୍ଡା, କରଙ୍ଗାଭଟା ଗାଁର ଲୋକେ ଆତଙ୍କିତ ହୋଇ ଘରୁ ବାହାରୁ ନାହାନ୍ତି। ଗାଈ, ବଳଦ, ଛେଳି, ମେଣ୍ଢା ବା ଗୃହପାଳିତ ପଶୁଙ୍କୁ ବାହାରକୁ ନ ଛାଡି ଗୁହାଳରେ ରଖି ଖାଇବା ପାଇଁ ଦେଉଥିବା ଲୋକେ କହିଛନ୍ତି। ରାସ୍ତା ଘାଟ ଯେଉଁଆଡେ ଦେଖିଲେ ଶୂନଶାନ ଲାଗି ଖାଁ ଖାଁ ଲାଗୁଛି। ବାଘ ସୁନାବେଡା ଅଭୟାରଣ୍ୟ ଗୋଡାପାହାଡ କାକେରମେଞ୍ଚି ଘାଟି ଦେଇ ବେଲାରଦନା ଓ ସିଆଲଟି, ଭାଲୁକୋନା ମଧ୍ୟ ଭାଗ ଦେଇ ବାଗମୁଣ୍ଡା ଗାଁକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ଖବର ଲେଖାଯିବା ପର୍ଯ୍ୟନ୍ତ ବାଘ କରଙ୍ଗାସାଗର ଜଙ୍ଗଲ ଭିତରେ ରହିଥିଲା। ବନ ବିଭାଗ ଟିମ୍ ରାତ୍ରିରେ ମଧ୍ୟ ନିଆଁ ଜାଳି ଜଗି ରହିବେ। ଗ୍ରାମବାସୀ ସହଯୋଗ କରନ୍ତୁ, ବାଘ ବାହାରିଲେ ଗୋଡାପାହାଡ ଅଞ୍ଚଳକୁ ହିଁ ଚାଲିଯିବ। ଭୟଭୀତ ହୁଅନ୍ତୁ ନାହିଁ, ନିଜେ ସତର୍କ ହୋଇ ରୁହନ୍ତୁ ବୋଲି କୋମନା ବନାଞ୍ଚଳ ରେଞ୍ଜର ଦୁରିଆ କହିଛନ୍ତି ।

# ଢେଲା ମାଡରେ ୪ ପୋଲିସ ଆହତ



**ପାରଳାଖେମୁଣ୍ଡି, ୧୪।୧ (ଡି.ଏନ୍.ଏ.)**

ଗଜପତି ଜିଲା ଗୋଷାଣି ବ୍ଲକ ଖର୍ସଣ୍ଡା ଗ୍ରାମରେ ଗୁରୁବାର ରାତିରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ଚଢଉ ପାଇଁ ଯାଇଥିବା ଗୁରାଣ୍ଡି ପୋଲିସ ଟିମ୍ ଉପରକୁ ଆକ୍ରମଣ ହୋଇଛି। ଲୋକଙ୍କ ଢେଲାପଥର ମାଡରେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଓଆଇସି ମମତା ପଣ୍ଡା, ଚାଳକ ଯାତ୍ରାକର କିଷୋନ, ହୋମଗାର୍ଡ ଚିନ୍ମୟ ସାମଲ ଓ ଓଆଇପିଏଫ୍ ଯବାନ ହେମନ୍ତ କୁମାର ପ୍ରଧାନ। ଆହାତମାନଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଗାଡି ଭାଙ୍ଗିରୁଜି ଯାଇଥିବା ଜଣାପଡିଛି। ରାତି ପ୍ରାୟ ସାଢେ ୯ଟାବେଳେ ଜୁଆଆଡ୍ଡା ଉପରେ ଚଢାଉ ପାଇଁ ପୋଲିସ ଟିମ୍ ଯାଇଥିଲା। ଜୁଆଡିମାନେ ପୋଲିସ ଗାଡି ଆସୁଥିବା ଦେଖି ଅତର୍କିତ ଢେଲାପଥର ମାଡ କରିଥିଲେ। ଖବର ପାଇଁ ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି ଓ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଫୋର୍ସ ଯାଇ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ଆଣିଥିଲା।

ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡ଼ି ଦେବାକୁ ହେବ। **–ଶ୍ରୀମା**



# ଏକ ସାମୟିକ ବିରତି

କେନ୍ଦ୍ର ସରକାରଙ୍କ ତିନୋଟି ନୂଆ କୃଷି ଆଇନ ପ୍ରତ୍ୟାହାର ଦାବି କରି ମାସାଧିକ କାଳ କୃଷକମାନେ ଦିଲ୍ଲୀ ଆଖପାଖରେ ଆନ୍ଦୋଳନ ଚଳାଇଛନ୍ତି। ଗତ ମଙ୍ଗଳବାର ସୁପ୍ରିମ୍‌କୋର୍ଟ ଏହି ୩ଟି ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଏହା ସହ ଶୀର୍ଷ କୋର୍ଟ ୪ ଜଣିଆ ସଦସ୍ୟ ବିଶିଷ୍ଟ ଏକ କମିଟି ମଧ୍ୟ ଗଠନ କରିଛନ୍ତି ଓ ଏହି କମିଟି ତିନୋଟି ଆଇନ ଉପରେ ଅନୁଧ୍ୟାନ କରବା ସହ ବିଭିନ୍ନ ପକ୍ଷଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ୨ ମାସ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର କୃଷକମାନଙ୍କ ସହ ଯେଉଁଭଳି ଆଲୋଚନା କରି ସମାଧାନ କରିବା ଲାଗି ପ୍ରୟାସ କରି ଆସୁଥିଲେ ସେଥିରେ ପ୍ରଥମରୁ ଶୀର୍ଷ କୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ସୋମବାର ସୁପ୍ରିମକୋର୍ଟ ଏହି ୩ଟି ଆଇନ୍‌କୁ ନେଇ କେନ୍ଦ୍ର ସରକାରଙ୍କୁ କଡା ଭର୍ତ୍ସନା କରିଥିଲେ। ଆଇନଗୁଡ଼ିକୁ ସ୍ଥଗିତ ରଖିବ ନା ଆମେ ରଖିବୁ ବୋଲି ପ୍ରଶ୍ନ କରିଥିଲେ। ତେବେ ଏହାପର ଦିନ ସେ ଏହି ୩ଟି ଆଇନ ଉପରେ ସ୍ଥଗିତାଦେଶ ଜାରି କିରିଥିଲେ। କୋର୍ଟଙ୍କ ଏହି ନିଷ୍ପତ୍ତିକୁ କୃଷକମାନେ ସ୍ୱାଗତ କରିଥିଲେ ବି ସେମାନେ ଖୋଲାଖୋଲି ଭାବେ କମିଟିକୁ ବିରୋଧ କରିଛନ୍ତି। କୃଷକମାନଙ୍କ ମୁଖ୍ୟ ଯୁକ୍ତି ହେଉଛି,ସୁପ୍ରିମକୋର୍ଟ ନିଯୁକ୍ତ କରିଥିବା କମିଟିର ସମସ୍ତ ସଦସ୍ୟ ସରକାର ସପକ୍ଷବାଦୀ ଏବଂ ପୂର୍ବରୁ ବି ସେମାନେ ନୂଆ କୃଷି ଆଇନକୁ ସମର୍ଥନ କରିଥିଲେ । ଏଣୁ ଏହି କମିଟିରୁ ଅଧିକ କିଛି ଲାଭ ପାଇପାରିବେ ନାହିଁ ବୋଲି କୃଷକମାନେ ମନେକରୁଛନ୍ତି। କମିଟି ଗଠନ କରିବାର ଚିନ୍ତାଧାରା ସେମାନଙ୍କୁ ପ୍ରତାରଣା କରିବାର ସରକାରଙ୍କର ଏକ ପାରମ୍ପରିକ ଚାଲ୍ ବୋଲି ମନେକରି କୃଷକ ସଂଗଠନଗୁଡ଼ିକ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ପରେ କେନ୍ଦ୍ର ତତ୍‌କ୍ଷଣାତ ତାଙ୍କର କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି।

ଏହି ମାମଲାର ଗତି ସ୍ଥଗିତାଦେଶ ଆଡକୁ ଯିବ ବୋଲି ସରକାର ଜାଣିଥିବାରୁ ଶୀର୍ଷ କୋର୍ଟଙ୍କ ଦ୍ୱାରା ଜାରି ଏଭଳି ସ୍ଥଗିତାଦେଶକୁ ନେଇ ସରକାର ଆଶ୍ଚର୍ଯ୍ୟ ପ୍ରକଟ କରିନାହାନ୍ତି। ଚଳିତ ମାସ ପ୍ରାରମ୍ଭରେ ଶୀର୍ଷକୋର୍ଟ ଯେତେବେଳେ ଏହି ମାମଲାର ପ୍ରଥମେ ଶୁଣାଣି କରିଥିଲେ ସେତେବେଳେ ବି ଅନେକ ସଙ୍କେତ ଦେଇଥିଲେ। ସୁପ୍ରିମକୋର୍ଟଙ୍କର ଏଭଳି ରାୟ କେନ୍ଦ୍ର ସରକାରଙ୍କୁ ସୁହାଇଲା ,ଯାହାଦ୍ୱାରା ସରକାର ବିନା ବାଧାରେ ଗଣତନ୍ତ୍ର ଦିବସ ପାଳନ କରିପାରିବେ। ଦୀର୍ଘ ଦିନ ଧରି ଉଭୟ ପକ୍ଷ ମଧ୍ୟରେ ସମାଧାନ ନ ହୋଇପାରିବା ଓ କୃଷକମାନେ ଏକ ସମୟ ସୀମା ଦେଉଥିବା ପରିସ୍ଥିତିକୁ ଏହା ଦୂର କରିପାରିବ ବୋଲି ମନେ କରାଯାଉଛି। ତିନୋଟି କୃଷି ଆଇନର କାର୍ଯ୍ୟକାରିତା ଉପରେ ଶୀର୍ଷ କୋର୍ଟଙ୍କ ସ୍ଥଗିତାଦେଶକୁ ଆନ୍ଦୋଳନରତ କୃଷକମାନେ ସେମାନଙ୍କର ଏକ ବିଜୟ ବୋଲି ଭାବୁଥିଲାବେଳେ ସରକାର ଏହାଦ୍ୱାରା ତାଙ୍କ ଭାବମୂର୍ତ୍ତି ବଞ୍ଚାଇଦେଇଥିବା ମନେକରୁଛନ୍ତି। ଏହି କୃଷି ଆଇନଗୁଡ଼ିକର କାର୍ଯ୍ୟକାରିତା ବନ୍ଦ କରିବା ପାଇଁ କେନ୍ଦ୍ର ରାଜି ହୋଇ ଭାବମୂର୍ତ୍ତି ନଷ୍ଟ କରିବାକୁ ଚାହୁଁ ନ ଥିଲା। ସମ୍ଭବତଃ କେନ୍ଦ୍ର ତରଫରୁ ସୁପ୍ରିମ୍‌କୋର୍ଟ ଏଭଳି କିଛି କରନ୍ତୁ ବୋଲି ସରକାର ଚାହୁଁଥିଲେ। ସରକାର ଓ କୃଷକମାନଙ୍କ ମଧ୍ୟରେ ସାତ ଆଠ ଥର ଆଲୋଚନା ପରେ ସରକାର ୩ କୃଷି ଆଇନକୁ ହଟାଇ ନେବା ଲାଗି ମନା କରିଦେଇଥିଲେ। ଯଦି ଏହି କଠିନ ସମସ୍ୟା ଆଲୋଚନାରେ ସମାଧାନ ନ ହେବ ତେବେ ସୁପ୍ରିମକୋର୍ଟକୁ ଏହା ଯାଇପାରେ ବୋଲି ସରକାର କହିଥିଲେ। ସୁପ୍ରିମ୍‌କୋର୍ଟଙ୍କ ଦୁଇପାଖିଆ ରାୟକୁ ନେଇ କୃଷକ ସଂଗଠନଗୁଡ଼ିକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେମାନେ ଏହି ଆନ୍ଦୋଳନକୁ ଜାରି ରଖିବାକୁ କହିଛନ୍ତି। ଏହା ଏହି ପ୍ରସଙ୍ଗରେ ସମ୍ପୃକ୍ତ ସବୁ ପକ୍ଷଙ୍କ ପାଇଁ ଶୁଭଙ୍କର ହେବ ନାହିଁ। କୃଷକମାନେ ଗଣତାନ୍ତ୍ରିକ ଆଲୋଚନାର ଧାରାକୁ ସମ୍ମାନ ଦେବା ଉଚିତ। କୁହାଯାଉଛି,କୋର୍ଟଙ୍କର ଏହି ମଧ୍ୟବର୍ତ୍ତିକାଳୀନ ସ୍ଥଗିତାଦେଶ ଭାନୁମତୀ ପେଡି ଖୋଲିଦେଇଛି । ଏହି ତିନି କୃଷି ଆଇନଗୁଡ଼ିକର ସାମ୍ବିଧାନିକ ବୈଧତା ପରଖିବା ବିନା ଏହା ଉପରେ ସ୍ଥଗିତାଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଲୋକ ସଭାରେ ପାସ୍ ହୋଇଥିବା କୌଣସି ଏକ ଆଇନ୍ ଉପରେ ସ୍ଥଗିତାଦେଶ ଦେବା ମଧ୍ୟ କୋର୍ଟଙ୍କର ନ୍ୟାୟିକ ହସ୍ତକ୍ଷେପ ବୋଲି କୁହାଯାଇପାରେ। କେଉଁ ଆଧାରରେ କମିଟିର ସଦସ୍ୟମାନଙ୍କୁ କୋର୍ଟ ଚୟନ କଲେ ତାହା ସ୍ପଷ୍ଟ କରିନାହାନ୍ତି। ଦେଶର ଶୀର୍ଷ କୋର୍ଟ ଯେତେବେଳେ ଚୟନ ସମ୍ପର୍କରେ ଜଣାଇବାକୁ ବିଫଳ ହେଲେ ସେତେବେଳେ ଏକ କମିଟିର ନିଷ୍ପତ୍ତିକୁ ଉଭୟପକ୍ଷକୁ ମାନିବାକୁ କେମିତି ବାଧ୍ୟ କରିବେ। ସରକାର ଏବେ କ'ଣ କରିବେ ତାହା ସ୍ପଷ୍ଟ ନୁହେଁ। ବର୍ତ୍ତମାନ ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ପାଇଁ କମିଟିକୁ ଦାୟିତ୍ୱ ଦିଆଯାଇଛି। ସରକାର ତାଙ୍କ ସୁରକ୍ଷା ପାଇଁ କମିଟି ପଛରେ ରହିବାକୁ ଚେଷ୍ଟା କରିପାରନ୍ତି। ତିନୋଟି ଆଇନ ଉପରେ ମଧ୍ୟବର୍ତ୍ତିକାଳୀନ ସ୍ଥଗିତାଦେଶ କୃଷକସଂଗଠନଗୁଡ଼ିକ ଉପରେ କୋହଳ ମନୋଭାବ ପ୍ରଦର୍ଶନ କରିବା ପାଇଁ ଚାପ ପକାଇପାରେ। ସେମାନେ ବି ଏହି ମନୋଭାବ ପ୍ରଦର୍ଶନ କରିବା ଦରକାର। ଏଥିରେ ବିଫଳ ହେଲେ କୃଷକ ସଂଗଠନଗୁଡ଼ିକ ଜନ ସମର୍ଥନ ହରାଇପାରନ୍ତି। ତେବେ କେନ୍ଦ୍ର ତା'ଦାୟିତ୍ୱରୁ ପଛକୁ ହଟିବା ଉଚିତ ନୁହେଁ। କେନ୍ଦ୍ର ଓ କୃଷକ ସଂଗଠନଗୁଡ଼ିକ ବିବାଦ ମଧ୍ୟରେ ୩ଟି କୃଷି ଆଇନର କାର୍ଯ୍ୟକାରିତା ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ଏକ ସମାୟିକ ବିରତି ବୋଲି କୁହାଯାଇପାରେ। ଏହି ସମୟରେ ଏକ ସକାରାତ୍ମକ ଚିନ୍ତାଧାରା ନେଇ ଏଭଳି କଠିନ ସ୍ଥିତିକୁ ସମାଧାନ କରିବା ଲାଗି ସରକାର ବିଭିନ୍ନ ଉପାୟ ବହାର କରିବା ଆବଶ୍ୟକ।

## ଆଜିର ଅର୍ଥନୀତି

# ଶିକ୍ଷାର ଗୁଣାତ୍ମକ ଅବନତି



ଡ. ଷ୍ଟାଲିନ ମିଶ୍ର

ଖାଦ୍ୟ ବସ୍ତ୍ର ବାସଗୃହ ପରେ ଶିକ୍ଷା ହେଉଛି ମନୁଷ୍ୟର ଚତୁର୍ଥ ମୌଳିକ ଆବଶ୍ୟକତା। ଅଶିକ୍ଷା ସଭ୍ୟତା ବିନାଶର ମୂଳ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଯେକୌଣସି ସଭ୍ୟତାର ସଫଳତା, ବିକାଶଶୀଳତା, ସମୃଦ୍ଧତା, ପରିପକ୍ୱତା, ଦୂରଦର୍ଶିତା, ନୈତିକତା ତଥା ପ୍ରାସଙ୍ଗିକତା କେବଳ ସେହି ସଭ୍ୟତାର ଶିକ୍ଷିତ ସମାଜ ଉପରେ ନିର୍ଭରଶୀଳ। ସେଥିପାଇଁ ଶିକ୍ଷା ଓ ଶିକ୍ଷିତ ସମାଜର ପ୍ରାଧାନ୍ୟ ଯୁଗେଯୁଗେ ସର୍ବାଗ୍ରେ ରହିଆସିଛି। ଶିକ୍ଷାର ଉଦ୍ଦେଶ୍ୟ କେବଳ ଜଣେ ବ୍ୟକ୍ତିବିଶେଷକୁ ରୋଜଗାରକ୍ଷମ କରିବାକୁ ନ ଥିଲା ବରଂ ଏହା ମନୁଷ୍ୟର ମାନସିକତାକୁ ଆବଶ୍ୟକତା ପରିମାଣରେ ବିକଶିତ କରି ଏକ ଆଦର୍ଶ ବ୍ୟକ୍ତିତ୍ୱର ଗଠନ କରିବା, ଯାହା ପରେ ଏକ ଆଦର୍ଶ ସମାଜ ଓ ଦେଶ ଗଠନରେ ସହାୟକ ହୋଇପାରିବ, ବ୍ୟକ୍ତିତ୍ୱ ଓ ନୈତିକତା ବିକାଶର ଆଧାରଶିଳା ହୋଇପାରିବ।

ଆଜି କିନ୍ତୁ ବାସ୍ତବତା, ଏଥିରୁ ବହୁଦୂରରେ ଏବଂ ଭୟାନକ। ଆମ ଦେଶରେ ବର୍ତ୍ତମାନ ଶିକ୍ଷାର ଅବସ୍ଥା ଏତେ ଦୁଃଖଦାୟକ ଯେ ପିଲାମାନଙ୍କୁ ଅର୍ଥପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବାକୁ ବିକଳ୍ପ ଉପାୟ ଖୋଜିବାକୁ ପଡୁଛି। ଶିକ୍ଷାର ଆନୁଷ୍ଠାନିକ ବ୍ୟବସ୍ଥା ପ୍ରାୟ ମୂଲ୍ୟହୀନ ପ୍ରମାଣିତ ହୋଇଛି। ଶିକ୍ଷାର ଗୁଣାତ୍ମକ ମାନ ଲଗାତର ହ୍ରାସ ପାଇଚାଲିଛି। ଏହାର କାରଣଗୁଡିକ ଅନେକ। ଯେପରି କି ଆଧୁନିକ ଭାରତରେ ଶିକ୍ଷାକ୍ଷେତ୍ର ପ୍ରତି ସରକାରଙ୍କ ଉଦାସୀନତା, ଶିକ୍ଷାସଂସ୍ଥାଗୁଡିକର ଘରୋଇକରଣ ତଥା ମାତ୍ରାଧିକ ବ୍ୟବସାୟୀକରଣ, ଅଣକୁଶଳୀ ଅର୍ଦ୍ଧକୁଶଳୀ ଶିକ୍ଷକ ତଥା ଅଭିଭାବକମାନଙ୍କର ଅଜ୍ଞାନତା ଏଥିପାଇଁ ବହୁମାତ୍ରାରେ ଦାୟୀ। ଆସନ୍ତୁ ବିସ୍ତୃତରେ ଏହା ଉପରେ ଆଲୋଚନା କରିବା ଓ ସମସ୍ୟା ନିରାକରଣ ପାଇଁ ପଥ ଅନ୍ୱେଷଣ କରିବା।

ସାଧାରଣତଃ ଆମ ଦେଶରେ ସରକାର ଶିକ୍ଷାକ୍ଷେତ୍ର ପ୍ରତି ଆବଶ୍ୟକ ବ୍ୟୟକୁ ଭବିଷ୍ୟତ ପାଇଁ ବିନିଯୋଗ ନୁହେଁ ବରଂ ବାଧ୍ୟବାଧକତା ରୂପେ ନେଇଥାନ୍ତି। ସେଥିପାଇଁ ଯେକୌଣସି ବିଷମ ପରିସ୍ଥିତି ଉପୁଜିଲେ ପ୍ରଥମେ ଶିକ୍ଷାକ୍ଷେତ୍ରର ବ୍ୟୟଅଟକଳକୁ କାଟଛାଣ୍ଟ କରିବା ଭାରତରେ ଏକ ସାଧାରଣ ଘଟଣା। ଶିକ୍ଷା ଭିତ୍ତିଭୂମିର ବିକାଶ, ଅନୁସନ୍ଧାନ, ବିଶ୍ଲେଷଣ ଓ ପରୀକ୍ଷଣ, ଶିକ୍ଷାପ୍ରଣାଳୀର ଉନ୍ନତୀକରଣ, ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ତଥା ସେମାନଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଆମ ଦେଶରେ ସର୍ବନିମ୍ନ ପ୍ରାଥମିକତା ଭାବେ ନିଆଯିବା ଦୁର୍ଭାଗ୍ୟଜନକ ହେଲେ ବି ଏହା ହିଁ ବାସ୍ତବଚିତ୍ର। କେବଳ ଭୋଟ ବ୍ୟାଙ୍କ ପାଇଁ ମାଳମାଳ ବ୍ୟୟବହୁଳ ଯୋଜନା ହେଉଥିବା ବେଳେ ଶିକ୍ଷାକ୍ଷେତ୍ର ପ୍ରତି ସରକାରୀ ଉଦାସୀନତା ଶିକ୍ଷାର ଗୁଣାତ୍ମକ ମାନ ହ୍ରାସର ପ୍ରମୁଖ କାରଣଗୁଡ଼ିକରୁ ଗୋଟିଏ। ଏବେ ପିଲାମାନଙ୍କୁ ଦିଆଯାଉଥିବା ଶିକ୍ଷା ସେମାନଙ୍କ ବାସ୍ତବ ଜୀବନରେ କେବେ ବି ସହାୟକ ହେଉନାହିଁ। ଏହିପରି, ଶିକ୍ଷାର ଆନୁଷ୍ଠାନିକ ବ୍ୟବସ୍ଥା ଜୀବନ ବିଷୟରେ ସମ୍ପୂର୍ଣ୍ଣରୂପେ କୌଣସି ତାଲିମ ନ ଦେଇ ଆମକୁ ସେହି ଜିନିଷଗୁଡ଼ିକ ବିଷୟରେ ଅନେକ ଜ୍ଞାନ ଦେଇଥାଏ ; ଯାହା ଆମକୁ ଜୀବନରେ କେବେ ବି ସାମ୍ନା କରିବାକୁ ପଡି ନ ଥାଏ। ଆଜିକାଲି ଲୋକଙ୍କ ଜୀବନଚର୍ଯ୍ୟାର ପରିବର୍ତ୍ତନକୁ ଲକ୍ଷ୍ୟକଲେ ପାରମ୍ପରିକ ଶିକ୍ଷାଦାନ ପ୍ରଣାଳୀର ଆବଶ୍ୟକତା କମ୍ ମନେହୁଏ। ଯେତେବେଳେ ପିଲାମାନେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ବିଷୟରେ ଅଜ୍ଞ, ଯେଉଁଥିରେ ସେମାନଙ୍କୁ ବର୍ତ୍ତମାନ ଓ ଭବିଷ୍ୟତରେ ରହିବାକୁ ପଡିବ ସେତେବେଳେ ସେମାନଙ୍କୁ ଇତିହାସ ବିଷୟରେ କଥାବାର୍ତ୍ତା କରିବା ଅପ୍ରାସଙ୍ଗିକ ନୁହେଁ କି ?

ଘରୋଇ ଶିକ୍ଷାସଂସ୍ଥାନଗୁଡ଼ିକ ଶିକ୍ଷାଦାନ ଅପେକ୍ଷା ଶିକ୍ଷାର ବ୍ୟବସାୟୀକରଣରେ ଅଧିକ ଲିପ୍ତ। ସେମାନଙ୍କୁ ମଧ୍ୟ ଦୋଷଦେବା ଠିକ୍ ହେବ ନାହିଁ କାରଣ ଶିକ୍ଷାନୁଷ୍ଠାନ ହେଲେ ମଧ୍ୟ ସେମାନେ ଏକ–ଏକ ବ୍ୟବସାୟ ପ୍ରତିଷ୍ଠାନ। ଭିତ୍ତିଭୂମି ବିକାଶ, ପରିଚାଳନାଗତ ବ୍ୟୟ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ସେମାନେ ଯେଉଁ ବିନିଯୋଗ କରିଛନ୍ତି ସେଥିରୁ ଲାଭ ଉପାର୍ଜନ କରିବା ସେମାନଙ୍କ ପ୍ରଥମ ଉଦ୍ଦେଶ୍ୟ ହେବା ସାଧାରଣ କଥା। ସେଥିପାଇଁ ସେମାନେ ଗୁଣାତ୍ମକ ଶିକ୍ଷାଦାନକୁ ଅଧିକ ଗୁରୁତ୍ୱ ନ ଦେଇ ଅର୍ଥ ଉପାର୍ଜନ ପାଇଁ ସର୍ବଦା ଚେଷ୍ଟା କରିବା ବି ସ୍ୱାଭାବିକ। ମୋ ମତରେ ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରକୁ ସମ୍ପୂର୍ଣ୍ଣ ସରକାରୀ ନିୟନ୍ତ୍ରଣାଧୀନ ତଥା ନିଃଶୁଳ୍କ କରିବା ଉଚିତ। ଶିକ୍ଷାର ଗୁଣାତ୍ମକ ଅବନତିର ଅନ୍ୟ ଏକ ମୁଖ୍ୟ କାରଣ ହେଉଛି ଶିକ୍ଷକମାନଙ୍କର ଅପାରଗତା। କୋମଳ ବୟସରେ ଯେତେବେଳେ ପିଲା ବିଦ୍ୟାଳୟକୁ ଯିବା ଆରମ୍ଭ କରେ, ସେତେବେଳେ ତା'ପାଇଁ ଶିକ୍ଷକ ହେଉଛନ୍ତି ପ୍ରଥମ ବ୍ୟକ୍ତି ; ଯାହାକୁ ସେ ଅନୁକରଣ ଓ ଅନୁଶୀଳନ କରେ। କିନ୍ତୁ ଆଜିକାଲିର ଶିକ୍ଷକମାନେ ଜ୍ଞାନ ପ୍ରଦାନକରିବା ଅପେକ୍ଷା ରୋଜଗାରକୁ ଅଗ୍ରାଧିକାର ଦେଉଥିବାରୁ ଶିକ୍ଷାର ମାନ ହ୍ରାସପାଇବା ନିଶ୍ଚିତ। ସରକାରଙ୍କର ଶିକ୍ଷକମାରଣ ନୀତି ମଧ୍ୟ ଏଥିପାଇଁ ବହୁମାତ୍ରାରେ ଦାୟୀ। ଅନ୍ୟ କୌଣସି ବିଭାଗର କର୍ମଚାରୀଙ୍କ ତୁଳନାରେ ଜଣେ ଶିକ୍ଷକର ବେତନ, ବେତନବୃଦ୍ଧି, ପଦୋନ୍ନତି ତଥା ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ସର୍ବନିମ୍ନ। ଜଣେ ସହକାରୀ ଶିକ୍ଷକ ତା'ର ୩୦ବର୍ଷର ଚାକିରିକାଳ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ବରିଷ୍ଠ ଶିକ୍ଷକ ହୋଇ ନ ପାରି ସେବାନିବୃତ୍ତ ହୋଇଯାଏ କିନ୍ତୁ ଅନ୍ୟ ବିଭାଗରେ ସାଧାରଣ କିରାଣିଟିଏ ମଧ୍ୟ ସମୟାନୁକ୍ରମିକ ପଦୋନ୍ନତି ପାଇ ପାଇ ସେବାନିବୃତ୍ତ ବେଳକୁ ପ୍ରଥମ ଶ୍ରେଣୀ ଅଧିକାରୀ ହୋଇସାରିଥାଏ। ଏପରି ସ୍ଥିତିରେ ଜଣେ ଭଲ ଛାତ୍ର ଶିକ୍ଷକତା ବୃତ୍ତିକୁ ବାଛିବାକୁ କୁଣ୍ଠିତ ହେବା ସ୍ୱାଭାବିକ । ଫଳସ୍ୱରୂପ ଆମ ଦେଶର ଅଧିକାଂଶ ଶ୍ରେଣୀଗୃହ ପ୍ରତିଦିନ ଜଣେ ଶିକ୍ଷକଙ୍କୁ ମଧ୍ୟ ଦେଖନ୍ତି ନାହିଁ । କେତେକ କ୍ଷେତ୍ରରେ ଏହା ଭୁଲ୍ ହୋଇପାରେ, କିନ୍ତୁଆମ ଶିକ୍ଷା ବ୍ୟବସ୍ଥାରେ ଉପଯୁକ୍ତ କୁଶଳୀ ଶିକ୍ଷକଙ୍କ ଅଭାବ ସବୁବେଳେ ପରିଲକ୍ଷିତ ହୋଇଥାଏ

ଅନ୍ୟ ଏକ ପ୍ରମୁଖ କାରଣ ହେଲା ଅଭିଭାବକମାନଙ୍କର ଅନଭିଜ୍ଞତା ଓ ଉଚିତ ଦିଶା ନିରୂପଣ କରିବାର ଅକ୍ଷମତା। ସମସ୍ତ ପିଲା ଯେ ପାଠପଢାରେ ଶ୍ରେଷ୍ଠ ହେବେ ଏହାର କିଛି ମାନେନାହିଁ। ପ୍ରତ୍ୟେକ ପିଲା ଏକ ନିର୍ଦ୍ଦିଷ୍ଟ ପ୍ରତିଭା ସହିତ ଜନ୍ମ ନେଇଥାନ୍ତି ଏବଂ ସେହି ପ୍ରତିଭା ବ୍ୟକ୍ତି ବ୍ୟକ୍ତିଙ୍କଠାରୁ ଭିନ୍ନ ହୋଇଥାଏ । କିନ୍ତୁ ଅଭିଭାବକମାନେ ପିଲାର ଅନ୍ତର୍ନିହିତ ପ୍ରତିଭା ଠିକ୍ ଭାବେ ସନ୍ଧାନ ନ କରି ସମାଜରେ, ପରିବାରରେ, ବନ୍ଧୁବାନ୍ଧବ ତଥା ସହକର୍ମୀମାନଙ୍କ ଆଗରେ ନିଜର ଆତ୍ମବଡ଼ିମା ପାଇଁ ଅନାବଶ୍ୟକ ପ୍ରତିଯୋଗିତାପୂର୍ଣ୍ଣ ମନୋଭାବ ପୋଷଣ କରି ନିଜ ପିଲାଙ୍କୁ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇଥାଆନ୍ତି। ଉକ୍ତ ପାଠ୍ୟକ୍ରମ ପାଇଁ ସେ ପିଲାର ଯୋଗ୍ୟତା, ଦକ୍ଷତା ତଥା ଆଗ୍ରହ ଅଛି କି ନାହିଁ ତାହା ସେମାନେ କେବେ ଅନୁଶୀଳନ କରନ୍ତି ନାହିଁ। ଫଳସ୍ୱରୂପ ଏପରି ଛାତ୍ରୀଛାତ୍ରମାନଙ୍କ ଚାହିଦା ପୂରଣ କରିବା ପାଇଁ ଶିକ୍ଷାର ମାତ୍ରାଧିକ ବ୍ୟବସାୟୀକରଣ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଥାଏ। ଯେଉଁ ଛାତ୍ର ବି.ଏ. କିମ୍ବା ବି.ଏସସି. ପାଠ୍ୟକ୍ରମରେ ନାମ ଲେଖାଇବାକୁ ଅଯୋଗ୍ୟ ସେମାନେ ଇଞ୍ଜିନିୟରିଙ୍ଗ ପାଠ୍ୟକ୍ରମରେ ନାମଲେଖାଇବାକୁ ଯୋଗ୍ୟ ହୋଇପାରୁଛନ୍ତି। ଏଥିରୁ ନିଶ୍ଚିତ ଅନୁମାନ କରି ପାରୁଥିବେ ଆମ ଶିକ୍ଷା ବ୍ୟବସ୍ଥାର ଗତି କୁଆଡେ ଯାଉଛି । ବହୁ ଛାତ୍ରୀଛାତ୍ର ଅର୍ଥ ବଳରେ ନିମ୍ନମାନର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖାଇ ଡାକ୍ତର ଇଞ୍ଜିନିୟର ତ ହୋଇଯାଉଛନ୍ତି କିନ୍ତୁ ଉକ୍ତ ପାଠ୍ୟକ୍ରମର ମହତ୍ତ୍ୱ ବୁଝିବାକୁ ଅସମର୍ଥ ହେଉଛନ୍ତି ; ଯାହାଦ୍ୱାରା ଉଚ୍ଚଶିକ୍ଷିତ ବେକାରି ସମସ୍ୟା ଉପୁଜୁଛି । ବ୍ୟୟବହୁଳ ଶିକ୍ଷା ଶେଷକରି କର୍ମନିଯୁକ୍ତି ନ ପାଇ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି ତଥା ନିରାଶ ହୋଇ ଆତ୍ମହତ୍ୟା କରିବାକୁ ବି ପଛାଉ ନାହାନ୍ତି ।

ବୃତ୍ତି ବୃତ୍ତି ମଧ୍ୟରେ ତାରତମ୍ୟ ଆମଦେଶରେ ସର୍ବାଧିକ। ତେଣୁ ସମସ୍ତେ ଉଚ୍ଚ ଦରମାର ବୃତ୍ତିରେ ରହିବାକୁ ଚାହାନ୍ତି। ଏହି ତାରତମ୍ୟ ସମାଜରେ ବର୍ଗୀକରଣ କରିବାକୁ ପ୍ରେରଣା ଦେଇଥାଏ। ଶିକ୍ଷା ପରି ସମସ୍ତ ବୃତ୍ତିକୁ ସମାନ ଦର୍ଜା ଦେଇ ଏହି ତାରତମ୍ୟକୁ କମାଇବାକୁ ପ୍ରୟାସ କରାଯିବା ଉଚିତ ; ଯାହାଦ୍ୱାରା ଅଯଥା ପ୍ରତିଯୋଗିତା ମନୋଭାବର ଅବସାନ ଘଟିପାରିବ। ସରକାର ସମସ୍ତ ଶିକ୍ଷାନୁଷ୍ଠାନକୁ ନିଜ ନିୟନ୍ତ୍ରଣକୁ ଆଣି ଆମ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସ୍ୱତନ୍ତ୍ର ନୀତିନିର୍ଦ୍ଧାରଣ କରିବା ଆବଶ୍ୟକ।

ସୂଚନାପ୍ରଯୁକ୍ତିବିତ୍
ମୋ:୯୩୪୩୯୩୫୩୪୧
Twitter–@DSMOdisha

# କେତେ ସୁରକ୍ଷିତ ଜୈବିକ ଖାଦ୍ୟ



ଡା. ଉମେଶ ଚନ୍ଦ୍ର ପାତ୍ର

ପନିପରିବାକୁ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ କୃଷି କ୍ଷେତ୍ରରେ କୀଟନାଶକ ଔଷଧର ବ୍ୟବହାର କରାଯାଉଛି। ହେଲେ ଏହି ରାସାୟନିକ ଔଷଧର ଖରାପ ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବାରୁ ଏବେ ଜୈବିକ ପନିପରିବା ଉତ୍ପାଦନ କରାଯାଉଛି। ରାସାୟନିକ ସାର ବଦଳରେ ଜୈବିକ ସାର ଦେଇ ଉତ୍ପାଦନ କରାଯାଉଛି ପନିପରିବା ଓ ଫଳ ଇତ୍ୟାଦି। ନିକଟରେ ଏକ ସ୍ୱାସ୍ଥ୍ୟ ପତ୍ରିକାର ଅଧ୍ୟୟନରୁ ଯାହା ଜଣାଯାଏ ଜୈବିକ ପନିପରିବାରେ ଯେତିକି ମାତ୍ରାରେ କୀଟନାଶକ ବ୍ୟବହାର କରାଯାଉଛି, ତା'ଠାରୁ ଢେର ଗୁଣା କମ୍ କୀଟନାଶକ ଅଣ–ଜୈବିକ ପନିପରିବାରେ ବ୍ୟବହାର କରାଯାଉଛି।

ଦିନସାରା ଅବିରତ କାମ କରିବା ପାଇଁ ଶରୀରକୁ ଦରକାର ଶକ୍ତି। ସୁଷମ ଖାଦ୍ୟ ହିଁ ଶରୀରକୁ ଶକ୍ତି ଯୋଗାଇବା ସହିତ ଆମକୁ ସତେଜ ରଖିଥାଏ। କିନ୍ତୁ ଆଜିକାଲି ବଜାରରେ ଯେଉଁସବୁ ପନିପରିବା, ଫଳ ଆଦି ମିଳୁଛି ତାହା କେତେ ଶୁଦ୍ଧ ତାହା ଆମେ ଜାଣିନାହୁଁ । ଚାଷ ସମୟରେ ଅଧିକ ଅମଳ ପାଇଁ ଚାଷୀମାନେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ପ୍ରୟୋଗ କରିଥାଆନ୍ତି। ପନିପରିବା ଓ ଫଳମୂଳ ଚାଷ ହେବା ସମୟରେ ଯେଉଁ କୀଟନାଶକ ଔଷଧ ବ୍ୟବହାର କରାଯାଏ ତାହା ପରିବା ଉତ୍ପାଦନ ହେବା ପର୍ଯ୍ୟନ୍ତ ସେଥିରେ ରହିଥାଏ। ଆମେ ଏଗୁଡ଼ିକୁ ଖାଇବା ପରେ ଏହା ଆମ ଶରୀର ମଧ୍ୟକୁ ଯାଇ ନାନା ରୋଗ ସୃଷ୍ଟି କରିଥାଏ। କିନ୍ତୁ ଆମେ ତାହା ଜାଣିବା କଷ୍ଟକର ହୋଇଥାଏ। ପନିପରିବା ଫଳମୂଳରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି, ତାହା ଉପରେ ନିକଟରେ ଏକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି। ସାଧାରଣତଃ ଯେଉଁ ଲୋକ ବିଷପାନ କରିଥାଏ ସେ ବିଷକୁ ବାହାର କରିବା ପାଇଁ ପଟାସିୟମ ପରମାଙ୍ଗାନେଟ ପାଣି ଉକ୍ତ ବ୍ୟକ୍ତିଙ୍କୁ ଦେଲେ ତାଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। କିଛି ପରିମାଣର ପଟାସିୟମ ପରମାଙ୍ଗାନେଟ ପକାଇ ସେଥିରେ ସବୁଜ ପନିପରିବାକୁ ପକାନ୍ତୁ। ମାତ୍ର ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ପରିବାରେ ଥିବା ବିଷାକ୍ତ ପଦାର୍ଥ ପୃଥକ୍ ହୋଇଯିବ। ଏହା ସହ ବାଇଗଣୀ ରଙ୍ଗର ପଟାସିୟମ ପାଣି ସଙ୍ଗେ ସଙ୍ଗେ ଧଳା ହୋଇଯିବ। ସାଧାରଣତଃ ଆମେ ଯେଉଁ ପନିପରିବା ଓ ଫଳମୂଳ ଖାଉଛେ, ସେଥିରେ ୯୯ ପ୍ରତିଶତ ବିଷାକ୍ତ ପଦାର୍ଥ ରହିଛି। ଅଧିକ ଅମଳ ପାଇଁ ପନିପରିବା, ଫଳ ଆଦି ଚାଷ ସମୟରେ କୀଟନାଶକ ପ୍ରୟୋଗର ଆବଶ୍ୟକତା ରହିଛି। ପନିପରିବା, ଫଳ ଆଦି ଉତ୍ପାଦନ କରନ୍ତି, ସେଗୁଡ଼ିକରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି ତାହା ନ ଜାଣି ସିଧାସଳଖ ତୋଳି ବଜାରରେ ଚାଷୀ ବିକ୍ରି କରିଥାନ୍ତି। କୀଟନାଶକ ପଦାର୍ଥ ଜୈବିକ ହେଲେ କୌଣସି ସମସ୍ୟା ନାହିଁ। କିନ୍ତୁ ଚାଷୀମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ସେମାନେ ରାସାୟନିକ କୀଟନାଶକ ବ୍ୟବହାର କରୁଛନ୍ତି ; ଯାହା କେବଳ ପ୍ରାଣିଜଗତ ପାଇଁ କ୍ଷତିକାରକ ତାହା ନୁହେଁ ପରିବେଶ ପାଇଁ ମଧ୍ୟ ହାନିକାରକ। ସେହିପରି ଶାଗଜାତୀୟ ଫସଲ ବୃଦ୍ଧି ନିମନ୍ତେ ଚାଷୀମାନେ ୟୁରିଆକୁ ପତ୍ର ଛିଞ୍ଚା କରି ସ୍ୱଳ୍ପ ଦିନ ବ୍ୟବଧାନରେ ବଜାରରେ ବିକ୍ରି କରିଥାନ୍ତି। ଏଥିରେ ଥିବା ୟୁରିଆ ବିଭିନ୍ନ ପେଟ ରୋଗର କାରଣ ହୋଇଥାଏ । ସେହିପରି ବଜାରରୁ କିଣିଥିବା ଲଙ୍କା, ବନ୍ଧାକୋବି, ଧନିଆପତ୍ର, ପୋଦିନାପତ୍ର, ଫୁଲକୋବି ଆଦି ପନିପରିବାରେ ବହୁ ପରିମାଣରେ ବିଷଥିବା ନେଇ ବିଭିନ୍ନ ଜର୍ନାଲରେ ଗବେଷଣାତ୍ମକ ଲେଖା ପ୍ରକାଶ ପାଇଛି। ଏପରି କି କଞ୍ଚା ଖାଉଥିବା ପିଆଜରେ ମଧ୍ୟ ବିଷାକ୍ତ ପଦାର୍ଥ ଥିବା ଜଣାପଡ଼ିଛି। ଏହି ବିଷ ପ୍ରୟୋଗ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡ଼ି କୀଟପତଙ୍ଗ ଓ ପଶୁପକ୍ଷୀ ଏହାକୁ ଖାଇ ବିଲୁପ୍ତ ହେବାରେ ଲାଗିଲେଣି।

ଅଧ୍ୟୟନରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଅଣ–ଜୈବିକ ପନିପରିବା ପରିବର୍ତ୍ତେ ଜୈବିକ ପନିପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ। ପନିପରିବାକୁ ସତେଜ ଏବଂ ରୋଗମୁକ୍ତ କରି ରଖିବା ପାଇଁ ଅନେକ ଜୈବିକ ଫାର୍ମଗୁଡ଼ିକରେ ମାତ୍ରାଧିକ କୀଟନାଶକ ବ୍ୟବହାର କରାଯାଉଛି ଏବଂ ସେହି ମାତ୍ରାଧିକ କୀଟନାଶକ ମିଶା ପନିପରିବାକୁ ରାସାୟନିକ ସାର ମୁକ୍ତ ବା ଜୈବିକ ପନିପରିବାର ଟ୍ୟାଗ ଲଗାଇ ଲାଭ ପାଇଁ ବଜାରରେ ଅଧିକ ଟଙ୍କାରେ ବିକ୍ରି କରାଯାଉଛି । ଅନ୍ୟ ଅର୍ଥରେ କହିଲେ ଲୋକମାନେ ଯେଉଁ ଜୈବିକ ପରିବାକୁ ବହୁତ ସୁରକ୍ଷିତ ଭାବୁଥିଲେ, ତାହା ଏବେ ମିଛ ବୋଲି ପ୍ରମାଣିତ ହୋଇଯାଇଛି। ତେବେ ଏ ସମ୍ପର୍କରେ ଭାରତୀୟ ଶସ୍ୟ ସୁରକ୍ଷା ସଂସ୍ଥାନ ପକ୍ଷରୁ ସୂଚନା ଅଧିକାରକୁ ଯେଉଁ ପ୍ରଶ୍ନ କରାଯାଇଥିଲା ତା'ର ଉତ୍ତରରେ ଜାଣିବାକୁ ମିଳିଛି ଯେ ରାଜଧାନୀ ଦିଲ୍ଲୀର ବଜାରରେ ବିକ୍ରି ହେଉଥିବା ଜୈବିକ ପନିପରିବାର ୩୩ ପ୍ରତିଶତ ହେଉଛି କୀଟନାଶକଯୁକ୍ତ ପନିପରିବା। ତେବେ ଏହି ଜୈବିକ ଖାଦ୍ୟରେ କେତେ ମାତ୍ରାରେ କୀଟନାଶକ ମିଶିଛି ସେ ସମ୍ପର୍କରେ ଜାଣିବା ପାଇଁ ଭାରତୀୟ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ଦିଲ୍ଲୀର ଲୋଧି ରୋଡ଼ସ୍ଥିତ ମେହେର ଚାନ୍ଦ ବଜାରରେ ଦୋକାନଗୁଡ଼ିକରୁ ଜୈବିକ ପନିପରିବାର ନମୁନା ନିଆଯାଇଥିଲା। ଜାନୁୟାରୀ ୨୦୧୨ରୁ ଅକ୍ଟୋବର ୨୦୧୮ ମଧ୍ୟରେ ୧୭୪ଟି ପରିବା ନମୁନା ନିଆଯାଇ ପରୀକ୍ଷା କରାଯାଇଥିଲା। ସମୁଦାୟ ନମୁନାର କୀଟନାଶକର ମାତ୍ରା ମାକ୍ସିମମ୍ ରିସିଡ୍ୟୁ ଲେଭେଲ୍‌ଠାରୁ ୬.୬ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି। ଯେତେବେଳେ କି ଅଣଜୈବିକ ପନିପରିବାରେ କୀଟନାଶକର ମାତ୍ରା ଏମ୍‌ଆରଏଲ୍‌ଠାରୁ ୨.୭ ପ୍ରତିଶତ ଏବଂ ଜୈବିକ ଫଳରେ ଏହାର ମାତ୍ରା ୦.୮ ପ୍ରତିଶତ ଅଧିକ ରହିଛି। ସ୍ୱାସ୍ଥ୍ୟପ୍ରତି ଲାଭଦାୟକ ଥିବା ଜୈବିକ ପନିପରିବା ପ୍ରକୃତରେ ଯେ କେତେ କ୍ଷତିକାରକ ତାହା ଏହି ପରୀକ୍ଷାରୁ ଜଣାପଡ଼ିଛି। ପରୀକ୍ଷା କରାଯାଇଥିବା ଜୈବିକ ପନିପରିବାରେ ଏସିଟାମିପ୍ରିଡ୍, କ୍ଲୋରପିରିଫସ୍, ସିପରମିଥ୍ରିନ୍, ଫ୍ଲୁବେନ୍‌ଡିଆମାଇଡ୍ ଏବଂ ପ୍ରୋଫିନୋଫୋସ୍ ପରି ବିଷାକ୍ତ କୀଟନାଶକ ମିଶିଥିବାର ଜଣାପଡ଼ିଛି। ବିଶେଷ କରି କ୍ଲୋରପିରିଫସ୍, ସିପରମିଥ୍ରିନ୍, ଏହି ଦୁଇଟି କୀଟନାଶକର ମାତ୍ରା ଅଧିକ ରହିଥିବାର ଦେଖାଯାଇଛି। ମନୁଷ୍ୟ ଶରୀରରେ କ୍ଲୋରପିରିଫସ୍‌ର ମାତ୍ରା ଅଧିକ ରହିଲେ ବିକାଶରେ ବାଧା ସୃଷ୍ଟି ହୁଏ, ଏହି ବିଷାକ୍ତ ପଦାର୍ଥ ଲୋକର ରୋଗ ପ୍ରତିରୋଧକ ଶକ୍ତିକୁ କମାଇ ଦିଏ। ସେହିପରି ସିପରମିଥ୍ରିନ୍ କୀଟନାଶକ ଦ୍ୱାରା ମୁଣ୍ଡବ୍ୟଥା, ଦୁର୍ବଳ ମାଂସପେଶୀ, ଶ୍ୱାସକ୍ରିୟାଜନିତ ଅସୁବିଧା ହୋଇଥାଏ। ଜୈବିକ ପନିପରିବା ଖାଇବା ଶରୀର ପ୍ରତି ଲାଭଦାୟକ ସତ, କିନ୍ତୁ ସେଗୁଡ଼ିକ ପ୍ରକୃତରେ ଜୈବିକ ଉପାୟରେ ଉତ୍ପାଦିତ ହେଉଛି ନା ନାହିଁ ତାହାକୁ ତଦାରଖ କରିବା ସରକାରଙ୍କ ଦାୟିତ୍ୱ। ତେବେ ଏ କ୍ଷେତ୍ରରେ ସରକାରଙ୍କ ଉପରେ ଦୋଷ ଲଦିଲେ ଚଳିବନି, କାରଣ ଏହି ଦାୟିତ୍ୱ ସବୁ ଆମ୍ଭମାନଙ୍କର।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ଏଇ ଭାରତରେ

ଏକତା ହିଁ ବଳ, ଏକତା ବି ସମ୍ବଳ– ଏହା ପ୍ରମାଣ କରି ଦେଖାଇ ଦେଇଛନ୍ତି ମହାରାଷ୍ଟ୍ର ରାଜ୍ୟ ଅନ୍ତର୍ଗତ ହିଙ୍ଗାନଗାଁଓର ଗ୍ରାମବାସୀ। ଅହମଦନଗରଠାରୁ ୧୫ କି.ମି. ଦୂରରେ ଅବସ୍ଥିତ ଏହି ଗାଁର ଲୋକସଂଖ୍ୟା ୩,୫୦୦। ସେମାନଙ୍କ ସମ୍ମିଳିତ ଉଦ୍ୟମ ଗାଁର ଦୃଶ୍ୟ ବଦଳାଇ ଦେଇଛି। ଗ୍ରାମବାସୀ ୧ କୋଟି ଟଙ୍କା ଆଦାୟ କରି ଛୋଟ ବଡ଼ ୧୧ଟି ଆଡ଼ିବନ୍ଧ ନିର୍ମାଣ କରିଛନ୍ତି ଓ ଏଥିରେ ସେମାନେ ୧୪୦ କୋଟି ଲିଟର ଜଳ ସଂରକ୍ଷଣ କରିପାରିଛନ୍ତି। ସିନା ନଦୀରେ ମିଶିଥିବା ଦୁଇଟି ଉପନାଳୀ ଉପରେ ଏହିସବୁ ବନ୍ଧ ନିର୍ମାଣ କରାଯାଇଛି। ଏହା ଯୋଗୁ ଦୀର୍ଘ ୪୦ ବର୍ଷ ମଧ୍ୟରେ ସେମାନେ ପ୍ରଥମ ଥର ପାଇଁ ୩୦୦ ଏକର ଜମିରେ ଆଖୁଚାଷ କରିଛନ୍ତି। ବର୍ଷା ଅଭାବରୁ ହିଙ୍ଗାନଗାଁଓକୁ ପ୍ରତିଦିନ ୩ଟି ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଥିଲା। କିନ୍ତୁ ଏବେ ଏହା ଆଉ କରିବାକୁ ପଡୁନାହିଁ। ଉକ୍ତ ଗାଁର ଲୋକମାନେ ୨୦୧୪ରେ ପ୍ରଥମେ ଟଙ୍କା ଆଦାୟ କରି ସ୍କୁଲର ପୁନରୁଦ୍ଧାର କରିବା ପରେ ଏଭଳି ଯୋଜନା ହାତକୁ ନେଇଥିଲେ ବୋଲି କହନ୍ତି ଗ୍ରାମ ମୁଖିଆ ତଥା ସରପଞ୍ଚ ଆବାସାହେବ ସୋନାୱାନେ। ବାହାରେ ଚାକିରି କରିଥିବା ଗାଁର ସମସ୍ତ ବ୍ୟକ୍ତି ତଥା ଗାଁର ସବୁ ପରିବାର ଟଙ୍କା ଆଦାୟ କରି ଏହିସବୁ ବନ୍ଧ ନିର୍ମାଣ କରିଛନ୍ତି। ୨୦୧୪ରୁ ୨୦୧୯ ମଧ୍ୟରେ ଏହି ରାଶି ଆଦାୟ କରାଯାଇ ବ୍ୟୟ କରାଯାଇଛି। ଜିଲା ପ୍ରଶାସନ ମଧ୍ୟ କିଛି ସାହାଯ୍ୟ ଯୋଗାଇ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜାନୁୟାରୀ ୧୯୯୬**

- ଗଚ୍ଛିତ ତୈଳରୁ ହାଇଡ୍ରୋକାର୍ବନ ଉତ୍ପାଦନ ପାଇଁ ଦରକାର ବୈଷୟିକ ସହଯୋଗିତା ଲାଗି ତୈଳ ପ୍ରାକୃତିକ ଗ୍ୟାସ୍ କର୍ପୋରେଶନ ଏବଂ ଭାରତୀୟ ତୈଳ କର୍ପୋରେଶନ ଆଲବଟା ରିସର୍ଚ୍ଚ କାଉନସିଲ ଅଫ୍ କାନାଡା ମଧ୍ୟରେ ବୁଝାମଣା ଚୁକ୍ତି ସ୍ୱାକ୍ଷରିତ।
- ବ୍ଲକ୍‌ଠାରୁ ସଚିବାଳୟ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କର ଦରମା ଏକପ୍ରକାର କରିବା ଲାଗି ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ଅଫିସର୍ସ ସମନ୍ୱୟ ସମିତିର ଦାବିକୁ ରାଜ୍ୟ ସରକାରଙ୍କ ପ୍ରତ୍ୟାଖ୍ୟାନ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | 9 | | | | D | | | | 4 | | | 3 |
| | 1 | | | B | 2 | 3 | 7 | | | | | | | |
| | 3 | 4 | | 6 | | C | | A | | | | | | 8 |
| | | | C | | | 8 | | | | | | | | |
| | | | 0 | E | 8 | | | | | | | 9 | D | 5 |
| 4 | A | | | | | | B | 5 | | | E | | | 6 |
| | D | | | 5 | | | | 3 | 7 | A | | 1 | | 0 |
| | | 8 | 7 | | | | | 9 | | | C | | | |
| | | 0 | | 4 | E | 2 | | | | | 3 | | | C |
| 9 | E | 1 | | | 3 | D | 6 | | | | 5 | 4 | | |
| | | 6 | B | | 0 | | | | | | 1 | 5 | C | |
| | | B | | A | C | | | 7 | | | | | | 4 |
| | C | 3 | | | | A | | | B | | | | 8 | |
| D | 8 | | | | 6 | | | | | 0 | | | 3 | |
| A | | | | 7 | | 1 | C | | | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | 3 | A | 4 | 1 | 8 | 7 | 6 | 0 | 2 | 5 | C | D | 9 |
| 7 | 5 | 4 | B | 3 | 0 | 9 | 1 | C | 6 | D | E | A | 8 | 2 |
| 8 | A | C | 9 | D | 6 | E | 2 | 4 | 3 | B | 1 | 5 | 7 | 0 |
| 0 | 6 | 9 | 7 | 2 | 8 | B | D | 5 | 4 | C | A | E | 1 | 3 |
| D | 1 | 2 | E | 5 | C | A | 3 | 0 | 7 | 9 | 8 | 4 | 6 | B |
| 2 | E | 6 | D | 7 | 5 | 0 | C | B | A | 1 | 3 | 9 | 4 | 8 |
| 5 | 8 | 0 | 4 | 1 | 2 | 3 | A | 7 | D | E | 9 | 6 | B | C |
| A | 3 | 7 | C | 0 | B | 6 | 8 | 9 | 2 | 5 | 4 | 1 | E | D |
| 4 | C | 1 | 8 | 9 | A | 2 | E | D | B | 7 | 6 | 3 | 0 | 5 |
| 9 | D | B | 6 | E | 3 | 4 | 5 | 1 | C | 8 | 0 | 7 | 2 | A |
| 6 | 9 | 8 | 5 | C | 7 | D | 0 | 3 | E | 4 | 2 | B | A | 1 |
| 3 | 4 | 5 | 0 | 8 | D | 1 | B | E | 9 | A | 7 | 2 | C | 6 |
| 1 | 2 | D | 3 | B | E | 5 | 4 | A | 8 | 6 | C | 0 | 9 | 7 |
| C | 0 | E | 2 | A | 9 | 7 | 6 | 8 | 1 | 3 | B | D | 5 | 4 |
| B | 7 | A | 1 | 6 | 4 | C | 9 | 2 | 5 | 0 | D | 8 | 3 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଂଗଠନର ଲକ୍ଷ୍ୟ ସମାଜର ପ୍ରଗତି

ମହାଶୟ,

ନିର୍ଦ୍ଦିଷ୍ଟ ଲକ୍ଷ୍ୟସାଧନ ରଖି ସଂଗଠନ ଗଢାଯାଇଥାଏ। ଏକ ଗୋଷ୍ଠୀର ସାମୂହିକ ଉନ୍ନତି, ପ୍ରଗତି ସଂଗଠନ ମାଧ୍ୟମରେ କରାଯାଏ ; ଯାହା ଜଣେ ବ୍ୟକ୍ତି କରି ନ ପାରେ। ସଂଗଠନ ଯଦି ବ୍ୟକ୍ତିକୈନ୍ଦ୍ରିକ ହୋଇଯାଏ, ନିଜ ସ୍ୱାର୍ଥକୁ ଆଶା ରଖି କାର୍ଯ୍ୟ କରିଚାଲେ, ଅନୁଗାମୀମାନଙ୍କୁ ଅଣଦେଖାକରେ, ତେବେ ସଂଗଠନ ଲକ୍ଷ୍ୟ ବିଚ୍ୟୁତ ହୋଇଯାଏ। ନିଜର ଅସ୍ତିତ୍ୱ ହରାଇବା ସହିତ ସାମାଜିକ ମୂଲ୍ୟବୋଧ ହରାଇଥାଏ। କ୍ରମଶଃ ଅନୁଗାମୀମାନଙ୍କର ଆସ୍ଥା ତୁଟିଯାଏ ଏବଂ ସଂଗଠନ ଦୁର୍ବଳ ହେବା ସହିତ ଭାଗ ଭାଗ ହୋଇଯାଏ। ସଂଗଠନର ମଙ୍ଗୁଆଳ ଏସବୁକୁ ଦୃଷ୍ଟିରେ ରଖି ଗୋଷ୍ଠୀର ଉନ୍ନତି ଚିନ୍ତା କରିବା ଆବଶ୍ୟକ। କେବଳ ସଂଗଠନ ଗଢି ଦେଇ ନେତୃତ୍ୱର ବାନା ଉଡାଇ ଡିଣ୍ଡିମ ପିଟିଲେ ଲାଭ ନାହିଁ। ମହତ୍ ଉଦ୍ଦେଶ୍ୟ ରଖି ନିଃସ୍ୱାର୍ଥପର ଭାବରେ ଗୋଷ୍ଠୀର ସେବା କରିବା,ଉନ୍ନତି କରିବା ଶ୍ରେୟସ୍କର ହେବ।

–ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର,ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସରି
ବିଫଳ ଅବା ସଫଳ ଶତ
ବାସନା ହୃଦେ ଭରି। –(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଏଥର ସପ୍ତାହେ ବଦଳରେ ମାସେ

**ଯାଜପୁର ଅଫିସ,୧୪।୧**

ଭାରତରେ ବାର୍ଷିକ ୧.୫୦ ଲକ୍ଷ ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି । ଏହାକୁ ଦୃଷ୍ଟିରେ ରଖି ଏବଂ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ପ୍ରତିବର୍ଷ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇ ଆସୁଛି। ତଥାପି ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଉନାହିଁ। ସେଥିପାଇଁ ଚଳିତବର୍ଷ ସପ୍ତାହେ ପରିବର୍ତ୍ତେ ଜାତୀୟ ସଡ଼କ ସୁରକ୍ଷା ୧ ମାସ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ରୋଡ ଟ୍ରାନ୍ସପୋର୍ଟ ଆଣ୍ଡ ହାଇୱେ ମନ୍ତ୍ରଣାଳୟ ପକ୍ଷରୁ ୧୮।୧।୨୦୨୧ ରୁ ୧୭।୨।୨୦୨୧ ପର୍ଯ୍ୟନ୍ତ ୧ ମାସ ଧରି 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସ୍ଲୋଗାନ୍‌କୁ ନେଇ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରିବାକୁ ନିର୍ଦ୍ଦେଶ ଆସିଛି। ଅନ୍ୟପକ୍ଷେ କ୍ରାଇମ୍ ବ୍ରାଞ୍ଚ ଓ ସିଆଇଡି ରିପୋର୍ଟ ଅନୁସାରେ ଦୁର୍ଘଟଣାଜନିତ ମୃତ୍ୟୁରେ ଓଡ଼ିଶା ୧୨ ନମ୍ବର ସ୍ଥାନରେ ରହିଛି । ଏହାକୁ ଆଖି ଆଗରେ ରଖି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏହାକୁ ଗୁରୁତର ସହ ନେଇଛି । ସଡ଼କ ସୁରକ୍ଷା ମାସ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହିକ୍ରମରେ ବିଭାଗୀୟ ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ଆସନ୍ତା ୧୫ରେ ଏକ ପ୍ରସ୍ତୁତି ବୈଠକ କରିବାକୁ ଘୋଷଣା କରିଥିବା ସୂଚନା ମିଳିଛି ।

ପ୍ରାପ୍ତ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୧୪ରେ ୩୯୩୧ ଏବଂ ୨୦୧୯ ରେ ୫୩୩୩ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଯାହାକି ଏହି ୫ ବର୍ଷ ମଧ୍ୟରେ ୩୬ ପ୍ରତିଶତ ଅଧିକ। ଏଥିଯୋଗୁ ସାରା ଭାରତରେ ଓଡ଼ିଶା ଦୁର୍ଘଟଣାଜନିତ ମୃତ୍ୟୁରେ ୧୬ରୁ ୧୨ ର୍‌ୟାଙ୍କକୁ ବୃଦ୍ଧି ଘଟିଛି। ଏହା ଏକ ନକାରାତ୍ମକ ଧାରା ଭାବେ ବିବେଚିତ ହୋଇଛି। ଫଳରେ ସଡ଼କ ସୁରକ୍ଷାରେ ସୁପ୍ରିମକୋର୍ଟ କମିଟି ୫୦ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ସିଆଇଡି ଓ କ୍ରାଇମ୍ ବ୍ରାଞ୍ଚର ରିପୋର୍ଟ ଅନୁସାରେ ୨୦୧୯ ସେପ୍ଟେମ୍ବର ଓ ଅକ୍ଟୋବର (ମୃତ୍ୟୁସଂଖ୍ୟା ୬୮୪)ଠାରୁ ୨୦୨୦ ସେପ୍ଟେମ୍ବର ଓ ଅକ୍ଟୋବରରେ (ମୃତ୍ୟୁସଂଖ୍ୟା ୮୭୨) ୨୭.୫ ପ୍ରତିଶତ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଏଥିରେ ଯାଜପୁର ଜିଲାରେ ଯଥାକ୍ରମେ ୨୮ ଓ ୩୫ ଜଣଙ୍କ ମୃତ୍ୟୁ ଘଟିଛି।

ରାଜ୍ୟର ୩୫ ପରିବହନ ଆଞ୍ଚଳିକ କାର୍ଯ୍ୟାଳୟ ଓ ୩୪ ପୋଲିସ ଜିଲାରେ ଯାଞ୍ଚ ବ୍ୟବସ୍ଥାରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି । ସମସ୍ତ ଏସ୍‌ପି, ଡିସିପି ଓ ପରିବହନ ଆଞ୍ଚଳିକ ଅଧିକାରୀ(ଆରଟିଓ)ମାନଙ୍କୁ ରାସ୍ତାରେ ଗାଡି ପାର୍କିଂ ସହ ଦ୍ରୁତ ଚାଳନା, ହେଲ୍‌ମେଟ ଆଇନ, ମୋବାଇଲ ଫୋନ ଧରି ଓ ମଦପିଇ ଗାଡି ଚାଳନା କରୁଥିବା ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଜାତୀୟ ରାଜପଥ ନିର୍ମାଣ ଓ ସଂପ୍ରସାରଣରେ ବିଳମ୍ବ, ଅଣଓସାରିଆ ସଡ଼କ ପଥ, ଜବରଦଖଲ, ବେପରୁଆ ଗାଡିଚାଳନା, ଟ୍ରାଫିକ୍ ଆଇନର ଉଲ୍ଲଂଘନ, ଭାରିଯାନ ଚଳାଚଳରେ କଟକଣାର ଅଭାବ, ବିପର୍ଯ୍ୟସ୍ତ ରାସ୍ତା ଆଦି କାରଣରୁ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏ କ୍ଷେତ୍ରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ପୋଲିସର ଦୁର୍ବଳ ପଦକ୍ଷେପ ଯୋଗୁ ଆଇନ ଉଲ୍ଲଂଘନକାରୀମାନେ ସାବାଡ଼ ହୋଇ ପାରିନାହାନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଉଥିବା ପ୍ରତିଶ୍ରୁତି ମୁତାବକ ନିରାପଦ ରାସ୍ତା ନିର୍ମାଣ କରାଯାଇପାରୁନାହିଁ। ଏହି କାରଣରୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହ ବ୍ୟାପକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି ବୋଲି ବିଭିନ୍ନ ସମୟରେ ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଆରଟିଓ ସଚ୍ଚିଦାନନ୍ଦ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, କେନ୍ଦ୍ର ସରକାର ୧ ମାସ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଜିଲାମାନଙ୍କରେ କ'ଣ କରାଯିବ ତାହା ଏଯାଏ ଠିକ୍ ହୋଇନାହିଁ। ଆସନ୍ତା ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିବାକୁ ଏଯାଏ ନିର୍ଦ୍ଦେଶ ରହିଛି।

- ସଡ଼କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ୁଛି
- ୧୮ରୁ ଆରମ୍ଭ ହେବ ସଡ଼କ ସୁରକ୍ଷା ମାସ
- ଦୁର୍ଘଟଣାଜନିତ ମୃତ୍ୟୁରେ ଓଡ଼ିଶାର ସ୍ଥାନ ୧୨
- କ୍ରାଇମ୍ ବ୍ରାଞ୍ଚ, ସିଆଇଡି ରିପୋର୍ଟ ଉଦ୍‌ବେଗଜନକ

# ୨୩ ଯାଏ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ

**ରାଜନଗର, ୧୪।୧(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନରେ ଓ ବାହାରେ ପ୍ରବାହିତ ନଦୀ ନାଳଗୁଡିକରେ ଥିବା ବଉଳା କୁମ୍ଭୀରମାନଙ୍କର ଗଣନା କରାଯିବ। ଜାନୁୟାରୀ ୧୫ରୁ ୨୩ ତାରିଖ ଯାଏ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ବଉଳା କୁମ୍ଭୀରଙ୍କ ଗଣନା ପାଇଁ ୨୨ଟି ଟିମ୍ ଗଠନ କରାଯାଇଛି। ଖୋଳାରୁ କଣ୍ଟିଆଖାଇ ମାଉଥ, ଜେଠିରୁ ପାଇଶାଳା ଓ ଖୋଳା ମାଉଥ, ଖୋଳା ମାଉଥ ରୁଚେକ ଗେଟ, ପତି ମାଉଥରୁ ଗୋଖଣି, ବାଲିଯୋରରୁ ଧୋଇଆ କ୍ରିକ୍, ମହିଁଷାମଣ୍ଡା ମାଉଥ ରୁକାଠୁଆ, କାଠୁଆ ମାଉଥ ରୁସାପୁଆ ମାଉଥ, ଥାନପତି ମାଉଥ ରୁଚିନ୍ତାମଣି ମହାନ୍ତ କ୍ରିକ୍, ଶୁଆଯୋର କ୍ରିକ୍, ଡାଙ୍ଗମାଳ ସ୍କିମରୁ ବାଙ୍କୁଆଳ ଓ ଭିତରକନିକା ଫରେଷ୍ଟ ବ୍ଲକ୍, ଜୟନଗରରୁ ଦୁର୍ଗା ପ୍ରସାଦ ଡିଆ, ରାଜନଗରରୁ ଖୋଳା, ରାଜନଗରରୁ ବରୁଣେଇ, ଗୁପ୍ତିରୁ ଏକକୁଳା, ଗୁପ୍ତିରୁ ହଂସିଣା ବ୍ରିଜ, ବାଉଶଗଡ ନଦୀରୁ ସୁନେଇ ରୁପେଇ ଓ ସାତଭାୟା କ୍ରିକ, ସାତଭାୟା ଗେଟରୁ ଚିଞ୍ଚିରିବେରି ଓ ଅଙ୍ଗାରି କ୍ରିକ୍, ବଗୁଲି, ପାପୁଲି ମାଉଥ ରୁଶାସନପେଟା ବିଟ, କଣ୍ଡରାପାଟିଆ ମାଉଥରୁ ପାଣିଆଖିଆ, ଗୋବରୀ, କଂସାରଡିଆରୁ ଉଉରଖୋଳା କ୍ରିକ୍ ଆଦିରେ ୨୨ଟି ଟିମ ନଦୀ ଓ କ୍ରିକରେ ଗଣନା କରିବେ। କୁମ୍ଭୀର ବିଶାରଦ ଡ. ସୁଧାକର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କରାଯିବ। ପ୍ରତ୍ୟେକ ଟିମରେ ୪ ରୁ ୫ଜଣ ଲେଖାଏ ଅଛନ୍ତି। ସକାଳେ ଖରା ପୁଇଁବା ସମୟ ଓ ରାତିରେ ସ୍ୱଟ ଲାଇଟ ମାଧ୍ୟମରେ କୁମ୍ଭୀର ଗଣନା କରାଯିବ। ଶୁକ୍ରବାର ଡାଙ୍ଗମାଳଠାରେ କୁମ୍ଭୀର ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ।

**କୁମ୍ଭୀର ଗଣନା ପାଇଁ ୨୨ ଟିମ୍**



## ସଂକ୍ଷେପରେ

### ସାଗୁନ ମକର ସାକରାତ ପାରାବ ପାଳିତ

**କଟକ ଅଫିସ, ୧୪।୧:** କଟକ ଗଡ଼ଗଡ଼ିଆ ପଠା ଆଦିବାସୀ ବସ୍ତିରେ ସାଗୁନ ମକର ସାକରାତ ପାରାବ ଗୁରୁବାର ପାଳିତ ହୋଇଯାଇଛି। ଏହା ଆଦିବାସୀମାନଙ୍କ ଏକ ମହାନ ପର୍ବ। ସେମାନେ ପରମ୍ପରା ଅନୁଯାୟୀ ପୂଜା କରିବା ପରେ ମାଂସ, ଚାଉଳ ଓ ଚୁନାରେ ନିର୍ମିତ ଲେଟ୍ ଖାଇବା ସହ ବନ୍ଧୁବାନ୍ଧବଙ୍କୁ ଦେଇଥିଲେ। ପରେ ସମୂହ ନୃତ୍ୟ 'ଡାବୁଲ ତାମସା' ଆରମ୍ଭ ହୋଇଥିଲା। ଅଖିଳ ଓଡ଼ିଶା ଆଦିବାସୀ ସଂସ୍କୃତି ସୁରକ୍ଷା ପରିଷଦ ସଭାପତି ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଞ୍ଜୟ ନାୟକ, ମଦନ ସୋରେନ, ଶମ୍ଭୁନାଥ ହାଁସଦା, ସଞ୍ଜୟ ମୁର୍ମୁ, ପାଗାନ ମୁର୍ମୁ, ସାଧୁ ହାଁସଦା, ମାଳତୀ ମାରାଣ୍ଡି, ପାନ ମାରାଣ୍ଡି, ପାର୍ବତୀ ମୁର୍ମୁ, ସସ୍ମିତା ବାରିକି ପ୍ରମୁଖ ଯୋଗଦେଇଥିଲେ।

### ହାତୀଦାନ୍ତ ଜବତ, ୨ ଗିରଫ

ଡିଲ୍ ସମୟରେ କାବୁକଲା ଏସ୍‌ଟିଏଫ୍

**ସମ୍ବଲପୁର,୧୪।୧(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବରେଇପାଲି ଛକରୁ ବନ ବିଭାଗର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗୁରୁବାର ଦୁଇଟି ହାତୀଦାନ୍ତ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୋନପୁର ଜିଲା ଉଲୁଣ୍ଡା ଥାନା ଦୀପାପାଲି ଗ୍ରାମର ହୃଷୀକେଶ କୁମ୍ଭାର ଓ ସମ୍ବଲପୁର ଜିଲା ଚାରମାଳ ଥାନା କେଉଁଟିପାଲି ଗ୍ରାମର ଗୋପାଳକୃଷ୍ଣ ବୁଡେକ। ଏ ନେଇ ଏସ୍‌ଟିଏଫ୍‌ରେ ୩/୨୧ରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ବନ୍ୟପ୍ରାଣୀ ନିୟମ ଅନୁସାରେ ବିଭିନ୍ନ ଦଫା ଲଗାଯାଇ ତଦନ୍ତ କରାଯାଉଥିବା ସୂଚନା ଦିଆଯାଇଛି। ଜବତ ହାତୀଦାନ୍ତ ପରୀକ୍ଷା ପାଇଁ ଡେରାଡୁନସ୍ଥିତ ବନ୍ୟପ୍ରାଣୀ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ବରେଇପାଲି ନିକଟରେ ହାତୀଦାନ୍ତ ଡିଲ୍ ହେଉଥିବା ନେଇ ସୂଚନା ପାଇ ଏସ୍‌ଟିଏଫ୍ ଟିମ୍ ପୂର୍ବରୁ ଛପି ରହିଥିଲା। ଡିଲ୍ ସମୟରେ ସେମାନେ ହାତୀଦାନ୍ତ ବେପାରୀଙ୍କୁ କାବୁ କରି ନେଇଥିଲେ।

### ଛାତରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**ରସୁଲପୁର,୧୪।୧(ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ନରସିଂହପୁର ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଏକ ନିର୍ମାଣାଧୀନ କୋଠାରୁ ଖସିପଡ଼ି ଗୁରୁବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ପଞ୍ଚାୟତ ଗୌରଶ୍ୟାମ ପାଟଣା ଗ୍ରାମର ବାବୁଲି ସାହୁ(୫୮)। ବାବୁଲି ଜଣେ ଠିକାଦାରଙ୍କ ଅଧୀନରେ ନିର୍ମାଣାଧୀନ ୪ ମହଲା କୋଠାରେ କାମ କରୁଥିଲେ। ଛାତରୁ ଖସି ପଡ଼ିବା ଯୋଗୁ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଛାତରୁ ଖସିପଡ଼ିବାର କାରଣ ସ୍ପଷ୍ଟ ହୋଇନାହିଁ। ମୃତ ଶ୍ରମିକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଠିକାଦାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସେ କେଉଁ ପରିସ୍ଥିତିରେ ଖସି ପଡ଼ିଲେ ତଦନ୍ତ କରାଗଲେ ଘଟଣାର ବାସ୍ତବଚିତ୍ର ପଦାକୁ ଆସିପାରିବ ବୋଲି କୁହାଯାଉଛି।



ମକର ସଂକ୍ରାନ୍ତି ଅବସରରେ କଟକ ଗଡ଼ଗଡ଼ିଆ ପଠା ଆଦିବାସୀ ବସ୍ତିରେ ଅନୁଷ୍ଠିତ ପାରମ୍ପରିକ ସାମୂହିକ ଆଦିବାସୀ ନୃତ୍ୟ।

# ୧୭ରେ ୯ ଗ୍ରୁପ୍ କରିବେ ଡଲ୍‌ଫିନ୍ ଗଣନା

**ରାଜନଗର, ୧୪।୧(ଡି.ଏନ.ଏ.)**

ବିଶ୍ୱପ୍ରସିଦ୍ଧ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯିବ। ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ସମୁଦ୍ର ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ଆସନ୍ତା ୧୭ ତାରିଖରେ ଗଣନା କରାଯିବ ବୋଲି ରାଜନଗର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତ୍ତିକ୍ରମେ ୫ ବର୍ଷ ହେଲା ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲର୍‌ରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍‌ରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆଁ, ଜମ୍ବୁ ଖରନାସିରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀମୁହାଣରୁ ଜଟାଧାର ମୁହାଣ ଯାଏ ୯ଟି ଗ୍ରୁପରେ ବିଭକ୍ତ ହୋଇ ଡଲ୍‌ଫିନ୍ ଗଣନା କରାଯିବ। ଡଲ୍‌ଫିନ୍ ବିଶାରଦ ଡଃ. ମୁନ୍‌ତାଜ ଖାଁଙ୍କ ନେତୃତ୍ୱରେ ଏହି ଗଣନା କରାଯିବ। ପ୍ରତିଗ୍ରୁପରେ ୩ ରୁ ୫ ଜଣ ଲେଖାଏ ଗଣନାକାରୀ ରହିବେ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲ୍‌ଫିନ୍‌ମାନଙ୍କର ଗଣନା କରିବେ। ୧୬ ତାରିଖରେ ଡଲ୍‌ଫିନ୍ ଗଣନା ସମ୍ପର୍କରେ ତାଲିମ ଦିଆଯିବ। ୧୭ତାରିଖରୁ ଗୋଟିଏ ଦିନ ୯ଟି ଗ୍ରୁପ ଏହି ଗଣନା କରିବେ।

# ଲକ୍ଷ୍ମୀଯୋରରେ ବୁଡ଼ିଗଲେ ଦୁଇ ବାଳିକା

**ଟିଟିଲାଗଡ଼, ୧୪।୧(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଟିଟିଲାଗଡ ସହର ନିକଟରେ ଥିବା ଲକ୍ଷ୍ମୀ ଯୋରରେ ବୁଡ଼ି ଦୁଇ ବାଳିକାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ହାଟପଦା ପଡାର ଆଇନଜୀବୀ ସଞ୍ଜୀବ ପାଢ଼ୀଙ୍କ ଝିଅ ସମୃଦ୍ଧି(୭) ଏବଂ ସରୋଜ ରଥଙ୍କ ସାତବର୍ଷର ଝିଅ ରାକ୍ଷୀ। ଗୁରୁବାର ଅପରାହ୍ଣରେ ଉଭୟେ ଖେଳିବାକୁ ଯୋର ପଟକୁ ଯାଇଥିବା ବେଳେ ପାଣିରେ ଖସି ପଡିଥିଲେ। ଅଗ୍ନିଶମ ବାହିନୀ ଖୋଜାଖୋଜି ପରେ ଦୁଇଜଣଙ୍କ ମୃତଦେହ ଜବତ କରିଥିଲା। ମୃତଦେହକୁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ରଖାଯାଇଛି। ଏଭଳି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ: ଯୁବକ ଗିରଫ



**ଧର୍ମଶାଳା,୧୪।୧(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ଭାଲୁଖାଇ ଛକ ନିକଟରେ ବୁଧବାର ରାତିରେ ବନ୍ଧୁକ ଦେଖାଇ ବିଭିନ୍ନ ଗାଡ଼ିରୁ ଲୁଟ୍ ଉଦ୍ୟମ କରୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଭାଲୁଖାଇ ଗ୍ରାମର ଶ୍ରୀକାନ୍ତ ମିଶ୍ର(ବାଙ୍କା)। ବୁଧବାର ରାତିରେ ବାଙ୍କା ରାସ୍ତାରେ ଯାଉଥିବା ଗାଡିକୁ ଅଟକାଇ ଲୁଟ୍ କରିବାକୁ ଉଦ୍ୟମ ଚଳାଇଥିଲା। ଧର୍ମଶାଳା ପୋଲିସ ପାଟ୍ରୋଲିଂରେ ଯାଉଥିବା ବେଳେ ବାଙ୍କା ପୋଲିସ ହାବୁଡରେ ପଡିଥିଲେ। ସେଠାରେ ପୋଲିସ ତାଙ୍କୁ କାବୁ କରିବା ସହ ବନ୍ଧୁକ ଜବତ କରିଥିଲା। ବାଙ୍କାଙ୍କ ନାମରେ ପୂର୍ବରୁ ଥାନାରେ ବହୁ ଆପରାଧିକ ମାମଲା ରହିଛି। ସେ ବିଭିନ୍ନ ମାମଲାରେ ୨ ଥର ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ। ଏନେଇ ପୋଲିସ (ନଂ.୨୭/୨୧)ରେ ଏକ ମାମଲା ରୁଜୁ କରି ବାଙ୍କାଙ୍କୁ ଗୁରୁବାର କୋର୍ଟଚାଲାଣ କରିଥିବା ଆଇଆଇସି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

# ଭାଜପା ବିରୋଧରେ ରାସ୍ତାକୁ ଓହ୍ଲାଇବେ ଆଇନଜୀବୀ

**ନିଶ୍ଚିନ୍ତକୋଇଲି,୧୪।୧(ସ୍ୱ.ପ୍ର.)**

**ମାହାଙ୍ଗା ଡବଲ ମର୍ଡର ଘଟଣା**

ମାହାଙ୍ଗା ବ୍ଲକ ଡବଲ ମର୍ଡର ଘଟଣାରେ ଭାଜପା ହୀନ ରାଜନୀତି କରୁଛି। ଏହା ବିରୋଧରେ ରାସ୍ତାକୁ ଓହ୍ଲାଇବା ପାଇଁ ମାହାଙ୍ଗା ଓକିଲ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ନିଖିଳ ଓଡ଼ିଶା ଆଇନଜୀବୀ ସାଙ୍ଖ୍ୟ ସମ୍ପାଦକ ସୁଶାନ୍ତ ବରାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ଗୌଡପଡା ଡାକବଙ୍ଗଳାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓକିଲ ସଂଘ ପକ୍ଷରୁ କୁହାଯାଇଛି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାହାଙ୍ଗାକୁ ଆସି ଏହି ହତ୍ୟାକାଣ୍ଡକୁ ରାଜନୈତିକ ରୂପ ଦେବାକୁ ଉଦ୍ୟମ କରୁଛନ୍ତି। ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଏହି ଘଟଣାରେ ଛନ୍ଦି ବଦନାମ୍ କରିବାକୁ ଚେଷ୍ଟା କରାଯାଉଛି। ଭାଜପା ଏଥିରୁ ନିବୃତ୍ତ ନ ରହିଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିବାଦ ସଭାରେ ସାଲେପୁର ବାର୍ ଆସୋସିଏଶନ ସଭାପତି ଦୀପକ ମହାନ୍ତି, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଣ୍ଡା, ତାପସ ବାରିକ, ରଞ୍ଜିତ କୁମାର ମହାପାତ୍ର, ରାମପ୍ରସାଦ ଦାସ ଓ ପଦ୍ମଲୋଚନ ସିଂହ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତରେ ସରପଞ୍ଚ ମହେଶ୍ୱର ବାରିକ୍‌ଙ୍କ ନେତୃତ୍ୱରେ ଭାଜପା ବିରୋଧରେ ନାରାବାଜି କରାଯାଇଥିଲା। ଏଥିରେ ବିଜେଡି ନେତା ପୁନାନନ୍ଦ ବେହେରା, କିଶୋର ଗୋଛାୟତ, ଆଲାଉଦ୍ଦିନ ବେଗ୍, ସୁକାନ୍ତ ମିଶ୍ର, ବିଜୟ ବଳ, ରାଜକିଶୋର ସିଂ ଓ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ପରିବାର ଛାଡ଼ିନି ଫେରିବା ଆଶା

**ଆଠମଲ୍ଲିକ ଯୁବ ଆଇନଜୀବୀଙ୍କ ନିଖୋଜ ଘଟଣା**

- ସୋସିଆଲ ମିଡିଆରେ ସାହାଯ୍ୟ ମାଗିଲେ ସ୍ତ୍ରୀ, ଝିଅପୁଅ
- ପୋଲିସ ସହାୟତା କରୁ ନ ଥିବା ଅଭିଯୋଗ

**ଆଠମଲ୍ଲିକ,୧୪।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ସହରର ଯୁବ ଆଇନଜୀବୀ ସଫିବୁଲ୍ଲା ଖାଁ ନିଖୋଜ ହେବାର ସାଢ଼େ ୩ ବର୍ଷ ବିତିଗଲାଣି। ହେଲେ ପୋଲିସ ନା ସଫିବୁଲ୍ଲାଙ୍କୁ ଖୋଜି ପାଉଛି ନା ତାଙ୍କ ପରିବାରକୁ ନ୍ୟାୟ ଦେଇପାରୁଛି। ଜିଲା ଏସ୍‌ପିଙ୍କ ଠାରୁ ଆରମ୍ଭ କରି ରାଜ୍ୟ ପୋଲିସ ଡିଜିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଯୁବ ଆଇନଜୀବୀଙ୍କ ସ୍ତ୍ରୀ ସୁଗ୍ରା ଖାତୁନ ଅଭିଯୋଗ କରିଛନ୍ତି। ସଫିବୁଲ୍ଲାଙ୍କ ଝିଅ ଟୁଇଁକିଲ୍, ପାଏଲ ଓ ପୁଅ ସଂକେତ ତାଙ୍କ ବାପାଙ୍କୁ ଫେରାଇ ଆଣିବାକୁ ସୋସିଆଲ ମିଡିଆରେ ଓଡ଼ିଶାବାସୀଙ୍କ ସହାୟତା ଲୋଡ଼ିବା ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ୨୦୧୭ ମେ' ୨୮ ତାରିଖରେ ଆଇନଜୀବୀ ସଫିବୁଲ୍ଲା ଅନ୍ୟ ୫ଜଣଙ୍କ ସହ ମହାନଦୀର ଘୋଡ଼ାମରା ଘାଟକୁ ଭୋଜି କରିବାକୁ ଯାଇଥିଲେ। ରୋଷେଇ ପରେ ସଫିବୁଲ୍ଲା ଗାଧୋଇବାକୁ ନଦୀ ଭିତରକୁ ଯାଇ ନିଖୋଜ ହୋଇଯାଇଥିବା ସମ୍ପର୍କରେ ସାଙ୍ଗମାନେ ତାଙ୍କ ପରିବାର ଓ ପୋଲିସକୁ ଜଣାଇଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ୍ଟ ଟିମ୍ ଦୀର୍ଘ ସମୟ ଖୋଜାଖୋଜି କରିଥିଲେ ବି କୌଣସି ସନ୍ଧାନ ପାଇପାରି ନ ଥିଲେ। ତେବେ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସଫିବୁଲ୍ଲାଙ୍କ ସ୍ତ୍ରୀ ସୁଗ୍ରା ଖାତୁନ ଓ ଭାଇ ନବିବୁଲ୍ଲା ଖାଁ ସେତେବେଳେ ଆଠମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ସଫିବୁଲ୍ଲାଙ୍କ ସହ ଭୋଜିକରିବାକୁ ଯାଇଥିବା ୫ଜଣଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ଏହି ଘଟଣା ନେଇ ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ୨୦୧୭ ମେ' ୨୯ରେ ଥାନା ଘେରାଉ ପରେ ପୋଲିସ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଚାର୍ଜସିଟ୍ ଦାଖଲ ପରେ ଅଭିଯୁକ୍ତମାନେ ବେଲ୍‌ରେ ଆସିଥିଲେ। କିନ୍ତୁ ଏହାପରେ ପୋଲିସ ଚୁପ୍ ବସିଯାଇଥିବାରୁ ସଫିବୁଲ୍ଲାଙ୍କ ପରିବାର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ସଫିବୁଲ୍ଲାଙ୍କ ଫେରିବା ବାଟକୁ ଅପେକ୍ଷା କରିବା ସହ ଏ ଦିଗରେ ସହାୟତା କରିବାକୁ ଓଡ଼ିଶାବାସୀଙ୍କୁ ସୋସିଆଲ ମିଡିଆରେ ନିବେଦନ କରିଛନ୍ତି। ଏ ନେଇ ଆଠମଲ୍ଲିକ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି, ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଅନୁଧ୍ୟାନ ଜାରି ରହିଛି।





ନିଖୋଜ ସଫିବୁଲ୍ଲା ଖାଁ। ସୋସିଆଲ ମିଡିଆରେ ନିବେଦନ କରୁଛନ୍ତି ଦୁଇ ଝିଅ ଓ ପୁଅ।

PARADIP PORT TRUST
e-Tender Call Notice
No.TD/TM/GEN-235(Vol-IV)/20/53 dtd.11.01.2021
Name for the work "Allotment of 10 (Ten) nos. of Mechanical Iron Ore / Iron Ore Pellet plots at IOHP". License fee : Rs.2,76,66,870/-, Wharfage Charge : Rs.15,20,430/-, Last Date & time of Bid submission : Dt.01.02.2021, 1700 Hrs., Bid Opening Date and time : 02.02.2021, 1600 Hrs. Refer our Website for details : https://eprocure.gov.in/eprocure/app.
Sr. Asst. Traffic Manager
PPT/PR/368/20-21, DT.14.01.2021

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5025

OFFICE OF THE PANCHAYAT SAMITI, UMERKOTE
AT/P.O.-UMERKOTE, DIST.- NABARANGPUR, PIN: 764073, Ph.:06866-270675
e-mail: ori-umerkote@nic.in
TENDER CALL NOTICE NO.02/2020-21
No.______/2021 Date:13.01.2021
Block Development Officer, Umerkote invites "Tender for supply of Pictorial Tiles printed with PMAY (G) & BPGY, NSPGY Logo" as per specifications from reputed/registered firms/ agencies for affix at the entrance of houses under Rural housing Scheme of Umerkote Block.
Detailed tender documents comprising Background, Scope of work, Technical evaluation criteria, Financial bid evaluation and annexure for submitting the tender can be downloaded from district website www.nabarangpur.nic.in from 14.01.2021 to 21.01.2021.

| Sl. No. | Name of the work | EMD to be deposited (Rs.) | Cost of tender documents (Non-refundable) (Rs.) |
|---|---|---|---|
| 1 | 2 | 3 | 4 |
| 1 | Supply of Pictorial Tiles printed with PMAY (G) & BPGY, NSPGY Logo | 6000.00 | 6,000.00 |

Block Development Officer, Umerkote

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ
ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଝାମ୍ପିନେଲେ ସୁନାହାର

ବାଲିପାଟଣା,(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ବନମାଳିପୁର ଗ୍ରାମରୁ ଗୁରୁବାର ୩ଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଇ ଯାଇଛନ୍ତି। ବନମାଳିପୁର ଗ୍ରାମର ଅମ୍ବିକା ସାହୁ(ରୋଜି) ଚାରିଛକ ଅଞ୍ଚଳରେ ବିବାହ କରିଛନ୍ତି। ସେ ବନମାଳିପୁର ଆସିଥିବା ବେଳେ ଗୁରୁବାର ସକାଳେ ଖଇରିପୁର ବେଲେଶର ମନ୍ଦିରରେ ପୂଜା କରିବା ପାଇଁ ଯାଉଥିଲେ। ବ୍ରାହ୍ମଣସାହି ରାସ୍ତାରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ହଠାତ୍ ଅମ୍ବିକାଙ୍କ ତଣ୍ଟିଚିପି ବେକରୁ ୨୦ଗ୍ରାମର ସୁନାହାର ନେଇ ଫେରାର ହୋଇଯାଇଥିଲେ। ଅମ୍ବିକାଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ମାମଲା (ନଂ.୯/୨୧) ରୁଜୁକରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ପାଣି ପ୍ୟାକେଜିଂ ଫ୍ୟାକ୍ଟ୍ରିରେ ଚଢ଼ାଉ

ଜଟଣୀ,୧୪ା୧(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅଧୀନ ଶ୍ରୀହରି ବିହାରସ୍ଥିତ ଏକ ପାଣି ପ୍ୟାକେଜିଂ ଫ୍ୟାକ୍ଟ୍ରି ଉପରେ ଗୁରୁବାର ଖାଦ୍ୟ ନିରାପତ୍ତା ଅଧୀକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇଛି। ଖୋର୍ଦ୍ଧା ଫୁଡ୍ ସିକ୍ୟୁରିଟି ଅଫିସର ସତ୍ୟଜିତ ପଟେଲ ଜଟଣୀସ୍ଥ ଶାଇ ନିର୍ମାଲ୍ୟ ପାଣି ପ୍ଯାକେଜିଙ୍ଗ ଫ୍ୟାକ୍ଟ୍ରି ଉପରେ ଚଢଉ କରିଥିଲେ। ତେବେ ଉକ୍ତ ଫାକ୍ଟ୍ରିର ସମସ୍ତ କାଗଜପତ୍ର ଠିକ୍ ଥିବା ଜଣାପଡିଥିଲା। ଦାୟିତ୍ୱ ହୀନତା ପାଇଁ ଛାପାରେ ତ୍ରୁଟି ହୋଇଥିବା ତଦନ୍ତକାରୀ ଅଧୀକାରୀ ଜାଣିବାକୁ ପାଇଥିଲେ। ଭବିଷ୍ୟତରେ ଏଭଳି ତ୍ରୁଟି ଯେପରି ନ ହୁଏ ତାଗିଦ୍ କରିବ ସହିତ ସମସ୍ତ ସରକାରୀ କାଗଜର ଅବିକଳ ନକଲ ସୂଚନା ଫଳକରେ ସୂଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଫୁଡ୍ ସିକ୍ୟୁରିଟି ଅଫିସର ସତ୍ୟଜିତ ପଟେଲଙ୍କ ସମେତ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଅଲାରନାଥଙ୍କୁ ଲାଗିହେଲା ମକର ଚାଉଳ

ବ୍ରହ୍ମଗିରି,୧୪ା୧(ଡି.ଏନ୍.ଏ.): ମକର ସଂକ୍ରାନ୍ତି ଅବସରରେ ଗୁରୁବାର ମହାପ୍ରଭୁ ଶ୍ରୀଅଲାରନାଥଙ୍କୁ ମକର ଚାଉଳ ଲାଗି ହୋଇଛି। ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ଚନ୍ଦନ, ତୁଳସୀ ଲାଗି ହୋଇ ବଲ୍ଲଭ ଉଠିବା ପରେ ପହିଲି ଭୋଗ ନୀତି ହୋଇଥିଲା। ପରେ ସର୍ବସାଧାରଣ ଦର୍ଶନ କରିଥିଲେ। ସକାଳଧୂପ ଓ ଦ୍ୱିପ୍ରହର ଧୂପରେ ଖେଚୁଡ଼ି, ଡାଲମା, ଶାଗ, ବେସର, କ୍ଷୀରି ଆଦି ଭୋଗ ଲାଗି ସରିବା ପରେ ଏକ ସ୍ୱତନ୍ତ୍ର ଧୂପ ଅନୁଷ୍ଠିତ ହୋଇଥିଲା। ଏହି ଧୂପରେ ୪ କେଜି ଚାଉଳ, ଛେନା, କ୍ଷୀର ଓ ଅନ୍ୟାନ୍ୟ ସାମଗ୍ରୀ ମିଶ୍ରଣ କରାଯାଇ ମକର ଚାଉଳ ପ୍ରସ୍ତୁତ ହୋଇଥିଲା। ମକର ଚାଉଳ ପ୍ରସାଦ ପାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ବ୍ରହ୍ମଗିରିର ଐଶାନେଶ୍ୱର, ବଟମହାବୀର, ସତ୍ୟମହାବୀର ଓ ବୀରକର୍ଣ୍ଣଙ୍କ ନିକଟରେ ମକର ଚାଉଳ ଲାଗି ହୋଇଛି।

### ଗଣ୍ଡଗୋଳ: ୭ ପର୍ଯ୍ୟଟକ ଆହତ

#### ଛଡ଼ାଇ ନେଲେ ୨ ସୁନାଚେନ

ନିମାପଡ଼ା,୧୪ା୧(ଡି.ଏନ୍.ଏ.): ନିମାପଡ଼ା ଗୋଲେଇ ଛକରେ ବୁଧବାର ରାତିରେ ପିକନିକ ଗାଡ଼ି ଆଗରେ ଏକ ବାଇକ୍ ରଖିବା ନେଇ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଭୁବନେଶ୍ୱରର ଲିଟୁ ମହାପାତ୍ର, ରେବତୀ ବଲ୍ଲବ ମହାପାତ୍ର, ସଞ୍ଜୟ ମହାପାତ୍ର, ସର୍ବେଶ୍ୱର ମହାଭୋଇ, ଜ୍ୟୋତିପ୍ରକାଶ ଜେନା, ହରିବଲ୍ଲବ ମହାପାତ୍ର, ସଞ୍ଜୟ ସ୍ୱାଇଁ ଆହତ ହୋଇଥିଲେ। ଖବରପାଇ ନିମାପଡ଼ା ପିସିଆର ଭ୍ୟାନ ପହଞ୍ଚି ଆହତ ପର୍ଯ୍ୟଟକଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲା। ଏଥିସହ ପର୍ଯ୍ୟଟକଙ୍କଠାରୁ ୨ଟି ସୁନାଚେନ ଲୁଟ୍ ହୋଇଛି। ଭୁବନେଶ୍ୱର ଶହୀଦନଗର ଅଞ୍ଚଳର ସୁଚେତା ସ୍ୱାଇଁଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ମାମଲା (ନଂ.୧୪/୨୧)ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଭୁବନେଶ୍ୱର ଅଞ୍ଚଳର ୩୫ଜଣ ଅନ୍ତରଙ୍ଗ ଜାହାନୀଆପୀର ଠାରେ ପିକନିକ ସାରି ଫେରୁଥିବା ବେଳେ ବୁଧବାର ରାତିରେ ନିମାପଡ଼ା ଗୋଲେଇ ଛକରେ ଗାଡ଼ି ଆଗରେ ବାଇକ୍ ରଖିବା ନେଇ ଗଣ୍ଡଗୋଳ ହୋଇଥିଲା।

# ମହିଳାଙ୍କ ଅଧିକାର, ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪ା୧(ବ୍ୟୁରୋ)



କାର୍ଯ୍ୟକ୍ରମରେ ଅତିଥିମାନେ ମହିଳାଙ୍କ ଅଧିକାର, ସୁରକ୍ଷା, ଅଭିଯୋଗ ଓ ଶୁଣାଣିକୁ ନେଇ ପ୍ରସ୍ତୁତ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରୁଛନ୍ତି।

**ରାଜ୍ୟ ମହିଳା ଆୟୋଗର ୨୮ତମ ପ୍ରତିଷ୍ଠା ଦିବସ**
- ୨୮ ବର୍ଷରେ ୭୪,୧୭୬ଟି ମାମଲା, ସମାଧାନ ହୋଇଛି ୬୩,୦୪୬
- ଜିଲା, ବ୍ଲକ୍‌ସ୍ତରୀୟ ସଚେତନତା କର୍ମଶାଳା ଆୟୋଜନ ହେବ

ସମାଜର ପ୍ରାଣ କେନ୍ଦ୍ର ହେଉଛି ନାରୀ। ସେମାନଙ୍କ ଅଧିକାର ଓ ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାସତ୍ତ୍ୱେ ନାରୀଙ୍କ ପ୍ରତି ଅବହେଳା ଓ ଅତ୍ୟାଚାର ବଢୁଛି। ସମ୍ବିଧାନ ନାରୀ ଓ ପୁରୁଷଙ୍କୁ ସମାନ ଅଧିକାର ଦେଇଥିଲେ ମଧ୍ୟ ନାରୀଙ୍କ ପାଇଁ ମହିଳା କମିଶନ ଭଳି ଏକ ସ୍ୱତନ୍ତ୍ର ଆଇନ ଗଠନ କରିବାକୁ ପଡିଲା ବୋଲି ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ମିନତୀ ବେହେରା କହିଛନ୍ତି। ଗୁରୁବାର ଆୟୋଗର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସେ କହିଲେ, ମହିଳାଙ୍କ ଅଧିକାର ପ୍ରତି ଲଢେଇ କରି ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା ଆୟୋଗର ପ୍ରଥମ କର୍ତ୍ତବ୍ୟ। ମହିଳା ଆୟୋଗ ପ୍ରତିଷ୍ଠା ହେବା ଦିନଠାରୁ ଆଜିଯାଏ ବିଗତ ୨୮ ବର୍ଷ ମଧ୍ୟରେ ମୋଟ ୭୪,୧୭୬ ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୬୩,୦୪୬ ମାମଲାର ସମାଧାନ କରାଯାଇଥିବାବେଳେ ୧୧,୧୩୦ ମାମଲାର ଶୁଣାଣି ବାକି ରହିଛି। ୨୦୨୦ କରୋନା ମହାମାରୀ ସମୟରେ ମହିଳାଙ୍କ ପ୍ରତି ଘରୋଇ ହିଂସା ବୃଦ୍ଧି ପାଇଥିଲା। ଏହି ସମୟରେ ଆୟୋଗରେ ୧୮୭୭ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୭୪୩ଟିର ସମାଧାନ ସରିଛି। ବାକି ୧୧୩୪ ମାମଲାର ଶୁଣାଣି ଚାଲୁ ରହିଛି। ଦୁର୍ଗମ ଅଞ୍ଚଳ ଓ ଗାଁ ଗହଳିରେ ସାଧାରଣ ମହିଳା ନିଜ ଅଧିକାର ଓ ସୁରକ୍ଷା ବିଷୟରେ ସଚେତନ ହୋଇପାରୁନାହାନ୍ତି। ତେଣୁ ଆଗକୁ ଆୟୋଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଜିଲା ଓ ବ୍ଲକ୍ ସ୍ତରୀୟ ସଚେତନତା କର୍ମଶାଳା ଆୟୋଜନ କରାଯିବ। ଏହି ସମୟରେ ପ୍ରତି ଜିଲାରୁ ୧୦ଜଣ ଲେଖାଏ କୋଭିଡ ଯୋଦ୍ଧାଙ୍କୁ ସମ୍ମାନିତ କରାଯିବ ବୋଲି ଅଧ୍ୟକ୍ଷା ବେହେରା କହିଛନ୍ତି।

ଓଡ଼ିଶା ମାନବିକ ଅଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ନାରୀ ଅବଳା ଦୁର୍ବଳା ନୁହେଁ। ସେମାନଙ୍କ ପ୍ରତିଭା, ସାମର୍ଥ୍ୟ ଓ ସୁଯୋଗରେ ପ୍ରତିବନ୍ଧକ ଲଗାଉଛି ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥା। ମିଳିବାକୁ ଥିବା ସୁଯୋଗ ଆମେ ତାଙ୍କୁ ଦେଇପାରୁ ନାହୁଁ। ଅନେକ କ୍ଷେତ୍ରରେ ମହିଳାଙ୍କ ପାଇଁ ବୈଷମ୍ୟ ରହିଆସୁଛି ବୋଲି ଦାଶ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ୍ ମହିଳାଙ୍କ ଅଧିକାର ଓ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ମହିଳାଙ୍କ ଅଧିକାର ଓ ସୁରକ୍ଷା ବିଷୟରେ ସଚେତନ କରିବା ତଥା ସମାନଙ୍କୁ ସାମ୍ବିଧାନିକ ନ୍ୟାୟ ପ୍ରଦାନ କରିବା ପାଇଁ ଏ ସଂକ୍ରାନ୍ତ ୧୨ଟି ଆଇନକୁ ନେଇ ପ୍ରଶ୍ନୋତ୍ତର ଆଧାରିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିସହିତ ଆୟୋଗରେ ଗତ ବର୍ଷେ ମଧ୍ୟରେ ପଞ୍ଜୀକୃତ ଅଭିଯୋଗ ଓ ସେଗୁଡିକର ଶୁଣାଣି ଉପରେ ପ୍ରସ୍ତୁତ ପୁସ୍ତକ 'ହସ ଫୁଟିଲା ପରିବାର ତିଷ୍ଠିଲା' ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୦ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଗର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ସ୍ୱର୍ଣ୍ଣଲତା ସାମଲ, ଆରତି ସିଂ, ଜଲିନା ପ୍ରିୟଦର୍ଶିନୀ, ଆବାହକ ସଚିବ ବୈକୁଣ୍ଠନାଥ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।



ଶୁକ୍ରବାର ଭାରତୀୟ ସ୍ଥଳସେନା ଦିବସ। ଏହି ଉପଲକ୍ଷେ ଶାଶ୍ୱତ ରଞ୍ଜନ ସାହୁ ଦିଆସିଲି କାଠିରେ ତିଆରି କରିଥିବା କଳାକୃତି।

## ଦିଆସିଲି କାଠିରେ ନିଆରା କଳାକୃତି

ପୁରୀ ଅଫିସ,୧୪ା୧

ଭାରତୀୟ ସ୍ଥଳସେନା ଦିବସ ଉପଲକ୍ଷେ ପୁରୀ କୁମ୍ଭାରପଡ଼ା ନିବାସୀ ଶାଶ୍ୱତ ରଞ୍ଜନ ସାହୁ ଏକ ଟ୍ୟାଙ୍କ୍ କଳାକୃତି ନିର୍ମାଣ କରିଛନ୍ତି। ୨୨୫୪ଟି ଦିଆସିଲି କାଠିକୁ ବ୍ୟବହାର କରି ଏହି କଳାକୃତି ପ୍ରସ୍ତୁତ କରାଯାଇଛି। ଏହାର ଦୈର୍ଘ୍ୟ ୯ ଇଞ୍ଚ ଓ ପ୍ରସ୍ଥ ୮ ଇଞ୍ଚ ହୋଇଥିବା ବେଳେ ଏହାକୁ ତିଆରି କରିବା ପାଇଁ ୬ଦିନ ସମୟ ଲାଗିଛି। ଶାଶ୍ୱତ କହିଛନ୍ତି ଯେ, ଏହି କଳାକୃତିକୁ ମୁଁ ଦେଶର ସମସ୍ତ ଯବାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରୁଛି। ଦେଶ ପାଇଁ ନିଃସ୍ୱାର୍ଥପର ସେବା ଯୋଗାଇ ଆମକୁ ସୁରକ୍ଷିତ ରଖିଥିବା ଯବାନ ଭାଇମାନଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ସେବା ପାଇଁ ସମଗ୍ର ଦେଶ ସେମାନଙ୍କ ନିକଟରେ କୃତଜ୍ଞ। ଚଳିତ ବର୍ଷ ଦେଶ ୭୩ତମ ସ୍ଥଳସେନା ଦିବସ ପାଳନ କରିବାକୁ ଯାଉଥିବାବେଳେ ମୋର ଏହି କଳାକୃତି ଯବାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ମାନ। ଉଲ୍ଲେଖଯୋଗ୍ୟ, ଶାଶ୍ୱତ ପୂର୍ବରୁ ମହାପ୍ରଭୁଙ୍କର ବିଭିନ୍ନ ବେଶର କଳାକୃତି ମଧ୍ୟ ଦିଆସିଲି କାଠିରେ ପ୍ରସ୍ତୁତ କରି ପ୍ରଶଂସା ସାଉଣ୍ଟିଥିଲେ।

## ଶ୍ରୀଲିଙ୍ଗରାଜଙ୍କୁ ଲାଗିହେଲା ମକରଚାଉଳ

ପୁରୁଣା ଭୁବନେଶ୍ୱର,୧୪ା୧(ଡି.ଏନ୍.ଏ.)

ମକର ସଂକ୍ରାନ୍ତି ଅବସରରେ ଗୁରୁବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଘୃତ ଓ ମକର ଚାଉଳ ଲାଗି ହୋଇଛି। ସକାଳ ୬ଟା ୪୦ରେ ମଙ୍ଗଳ ଆଳତି, ଅବକାଶ ନୀତି କରାଯାଇ ରୋଷହୋମ କରାଯାଇଥିଲା। ପରେ ଛାମୁ ପରିଷ୍କାର କରାଯାଇ ମାଘସ୍ନାନ ଦିଆଯାଇଥିଲା। ପୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଖଇ ଦହି ବଲ୍ଲଭ, ଠାକୁରାଣୀ ଖଇଦହି ବଲ୍ଲଭ, ସକାଳ ଦୂପ, ଠାକୁରାଣୀ ସକାଳ ଧୂପ, ଭୋଗମଣ୍ଡପ ନୀତି ହୋଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇ ବେହରଣ ମଣ୍ଡପରେ ମକର ଚାଉଳ ବ୍ୟବହୃତ ସାମଗ୍ରୀ ଓ ଦାମୋଦର ମୁଖାକୁ ବେଢ଼ା ପରିକ୍ରମା କରାଯାଇଥିଲା। ତତ୍‌ପରେ ଅଧିବାସ ପୂଜା ସମ୍ପନ୍ନ କରାଯାଇ ଶ୍ରୀଜୀଉଙ୍କ ବେଶ କରାଯାଇ ଘୃତ କମ୍ବଳ ଲାଗି କରାଯାଇଥିଲା। ପରେ ଯାତ୍ରା ପୂଜା ହୋଇଥିଲା। ପରେ ପଞ୍ଚବକ୍ତ୍ର ଆଳତି କରାଯାଇ ପହଡ଼ ପଡ଼ିଥିଲା। ସେହିପରି ସୁନ୍ଦରପଦାସ୍ଥିତ ଗୋଖୀବାବାଙ୍କ ପୀଠରେ ମରକ ମେଳା କରୋନା କୋଭିଡ୍ କଟକଣାରେ ପାଳିତ ହୋଇଯାଇଛି। ଏହି ଅବସରରେ ମାନସିକଧାରୀ ଭକ୍ତମାନେ ୧୦୮ ନଡ଼ିଆ ବାଡେଇ ପୂଜାର୍ଚ୍ଚନା କରିଥିଲେ।

## ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ ଅଫିସ, ୧୪ା୧

କୋଭିଡ୍ ମହାମାରୀ ସମୟରେ ଅସ୍ଥାୟୀ ନିଯୁକ୍ତି ପାଇଥିବା ଏବଂ ରାଜ୍ୟରେ ଥିବା ଅନ୍ୟ ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ଜାରି ଗାଇଡ୍‌ଲାଇନ ଅନୁଯାୟୀ ନିଯୁକ୍ତି ଦେବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଖିଳ ଓଡ଼ିଶା ଅଣନିଯୁକ୍ତ ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ସଭାପତି ବିଷ୍ଣୁପ୍ରିୟା ସିଂହଙ୍କ ପକ୍ଷରୁ ଏନେଇ ଆଗତ ଏକ ଆବେଦନର ଶୁଣାଣି କରି ବିଚାରପତି ବିଶ୍ୱନାଥ ରଥ ଏହି ଆଦେଶ ଦେଇଛନ୍ତି। ଆସନ୍ତା ଦେଢ଼ ମାସ ମଧ୍ୟରେ ରାଜ୍ୟରେ ଥିବା ବିଭିନ୍ନ ସବ୍‌ସେଣ୍ଟର, ପିଏଚ୍‌ସି, ସିଏଚ୍‌ସି, ଜିଲା ସବ୍ ସେଣ୍ଟର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ତାଲିମପ୍ରାପ୍ତ ମହିଳା ସ୍ୱସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ସମ୍ପର୍କରେ ଉଚିତ ପଦକ୍ଷେପ ନେବାକୁ କୋର୍ଟ ସ୍ପଷ୍ଟ କରିଛନ୍ତି। ଆବେନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ ନାୟକ, ଖଗେଶ୍ୱର ବେହେରା ଓ ନୀହାରିକା ଦାସ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୦ କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୨,୨୪୬ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬,୪୭୦ ଏଏନ୍‌ଏମ୍‌ଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇଥିଲେ। ସଂକ୍ରମଣର ଭୟାବହତାକୁ ଖାତିର ନ କରି ନିଜ ଜୀବନକୁ ବାଜି ଲଗେଇ ସ୍ୱାସ୍ଥ୍ୟକର୍ମୀମାନେ ରୋଗୀଙ୍କ ସ୍ୱାବ ସଂଗ୍ରହ, ଟ୍ରାକିଂ ଓ ଅନ୍ୟାନ୍ୟ ସେବା ଯୋଗାଇ ଦେଇଥିଲେ। ହଠାତ ସମସ୍ତଙ୍କୁ ଚାକିରିରୁ ବାହାର କରିଦେବା ଦ୍ୱାରା ପ୍ରାୟ ୯ ହଜାର ସ୍ୱାସ୍ଥ୍ୟ କର୍ମୀ ରୋଜଗାର ହରାଇ ଅତ୍ୟନ୍ତ ମାନସିକ ନିର୍ଯାତନା ଭୋଗୁଛନ୍ତି। ସ୍ଥାୟୀ ନିଯୁକ୍ତି ଦାବି କରି ନିଖିଳ ଓଡ଼ିଶା ଅଣନିଯୁକ୍ତ ତାମିଲପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ବାରମ୍ବାର ରାଜ୍ୟ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପମୁଖ୍ୟ ଶାସନ ସଚିବ ପ୍ରମୁଖଙ୍କୁ ଦାବିପତ୍ର ଦେଇଥିଲେ। ମାତ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସଂଘ ସଭାପତି ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ନିଖୋଜ ୨ ନାବାଳକ ହୋଟେଲରୁ ଉଦ୍ଧାର

ପିପିଲି, (ଡି.ଏନ୍.ଏ/ସ୍ୱ.ପ୍ର.)

ପିପିଲିରୁ ନିଖୋଜ ହେବାର ୬୦ଘଣ୍ଟା ପରେ ଦୁଇଜଣ ନାବାଳକ ଛାତ୍ରଙ୍କୁ ପୋଲିସ ଗୁରୁବାର ଖୋର୍ଦ୍ଧା ଜିଲା ଜାଆଁଳା ଅଞ୍ଚଳର ଏକ ହୋଟେଲରୁ ଉଦ୍ଧାର କରିଛି। ପରେ ଉଭୟଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସେହିପରି ପୋଲିସ ସମ୍ପୃକ୍ତ ହୋଟେଲ ମାଲିକଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା କରିବା ପରେ ଛାଡ଼ିଦେଇଛି। ପୋଲିସ ସୂଚନା ଅନୁଯାୟୀ, ପିପିଲି ଥାନା ଅଧୀନ କମଳାସାଗର ପାଟଣା ଗ୍ରାମର ଦୁଇଜଣ ନାବାଳକ ଛାତ୍ର ଗତ ସୋମବାର ସକାଳେ ସ୍କୁଲକୁ ଯିବେ କହି ଘରୁ ବାହାରି ଆସିଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ଦୁହେଁ ଘରକୁ ନ ଫେରିବାରୁ ସେମାନଙ୍କ ନିଖୋଜ ସମ୍ପର୍କରେ ପରିବାର ପକ୍ଷରୁ ପିପିଲି ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ କେସ୍ (ନଂ. ୧୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଛାତ୍ର ଦ୍ୱୟ ସେଦିନ ସ୍କୁଲ ଯିବା ପରିବର୍ତ୍ତେ ଜଟଣୀ ରାସ୍ତାରେ ଜାଆଁଳା ପର୍ଯ୍ୟନ୍ତ ଚାଲିଯାଇଥିଲେ। ଏକ ହୋଟେଲରେ ପହଞ୍ଚି କାମ କରିବେ ବୋଲି କହିଥିଲେ। ମାଲିକଙ୍କ ଅନୁପସ୍ଥିତିରେ ଉଭୟଙ୍କୁ ପରିଚାଳକ ରଖାଇଥିଲେ। ପରେ ମାଲିକ ଉଭୟଙ୍କ ନିଖୋଜ ସମ୍ପର୍କରେ ସୋସିଆଲ ମିଡିଆରୁ ଜାଣିବାକ ପାଇ କମଳାସାଗରପାଟଣା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଖବର ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଏ ନେଇ ନାବାଳକଙ୍କ ପରିବାରକୁ ଜଣାଇଥିଲେ। ପରିବାରବର୍ଗ ପୋଲିସକୁ ଏହି ସୂଚନା ଦେଇଥିଲେ। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ କହିଛନ୍ତି, ନାବାଳକ ଦ୍ୱୟଙ୍କୁ ଗୁରୁବାର ଉଦ୍ଧାର କରାଯିବା ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କରୋନା ମହାମାରୀ ପରିଚାଳନାରେ ବୈଜ୍ଞାନିକ, ଗବେଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪ା୧(ବ୍ୟୁରୋ)

କୋଭିଡ୍-୧୯ ମହାମାରୀର ସଫଳ ପରିଚାଳନା କ୍ଷେତ୍ରରେ ଭାରତର ବୈଜ୍ଞାନିକ ଓ ଗବେଷକ ସମ୍ପ୍ରଦାୟଙ୍କ ପ୍ରମୁଖ ଅବଦାନ ରହିଛି ବୋଲି କହିଛନ୍ତି କେନ୍ଦ୍ର ବାୟୋଟେକ୍ନୋଲୋଜି ବିଭାଗ ଶାସନ ସଚିବ ଡ. ରେଣୁ ସ୍ୱରୂପ। ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସ ଏବଂ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କୋଭିଡ୍-୧୯ ପରିଚାଳନା' ଶୀର୍ଷକ ୱେବିନାରକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରି ସେ ଏହା ମତବ୍ୟକ୍ତ କରିଥିଲେ। କୋଭିଡ୍-୧୯ ପରୀକ୍ଷା, ଏହାର ଚିହ୍ନଟ, ନିରାକରଣ, ଭୂତାଣୁର ପ୍ରକାର ଭେଦ, ଭାକ୍ସିନ୍‌ର ବିକାଶ ଆଦି କ୍ଷେତ୍ରରେ ସଫଳତା ଲାଗି ଡ. ସ୍ୱରୂପ ଭାରତୀୟ ଗବେଷକ ଓ ବୈଜ୍ଞାନିକଙ୍କ କଠିନ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିଥିଲେ। ସେହିଭଳି ଟେଷ୍ଟ କିଟ୍, ପିପିଇ କିଟ୍ ଓ ରେକର୍ଡ ସମୟରେ ଭାକ୍ସିନ ପ୍ରସ୍ତୁତି ଲାଗି ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପସଂସ୍ଥାକୁ ମଧ୍ୟ ସେ ଶ୍ରେୟ ଦେଇଥିଲେ। ଏ ସମସ୍ତ ପଦକ୍ଷେପ ଆଗାମୀଦିନରେ ଭାରତକୁ କୋଭିଡ୍-୧୯ର ପ୍ରତିରୋଧ ଦିଗରେ ବିଶେଷଭାବେ ସହାୟକ ହେବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ବାୟୋଟେକ୍ନୋଲୋଜି ବିଭାଗ ପୂର୍ବତନ ସଚିବ ଡ. ମଞ୍ଜୁ ଶର୍ମା, ଏନ୍‌ଏଏସ୍‌ଆଇ ସଭାପତି ପ୍ରଫେସର ଜି. ପଦ୍ମନାଭନ୍, ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା, ଆର୍‌ସିବି ଫରିଦାବାଦ ନିର୍ଦ୍ଦେଶକ ଡ. ସୁଧାଂଶୁ ବ୍ରତୀ, ଭୁବନେଶ୍ୱର ଆର୍‌ଏମ୍‌ଆରସି ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ପ୍ରମୁଖ ଏହି ୱେବିନାରରେ ଅଂଶଗ୍ରହଣ କରି କୋଭିଡ୍-୧୯ ମହାମାରୀ ପରିଚାଳନାର ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ।

## ୨୦ରୁ ଶିଶୁ ସମ୍ପର୍କ ଯାତ୍ରା

### ପୁରୀ ଜିଲାରୁ ଆରମ୍ଭ ହେବ

ଭୁବନେଶ୍ୱର,୧୪ା୧(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ପକ୍ଷରୁ ଆକ୍ସନଏଡ୍ ଏବଂ ଚାଇଲ୍ଡ ଫଣ୍ଡ୍ ଇଣ୍ଡିଆର ସହଯୋଗରେ ଆସନ୍ତା ୨୦ ତାରିଖରୁ 'ଶିଶୁ ସମ୍ପର୍କ ଯାତ୍ରା' ଆରମ୍ଭ ହେବ। ଏହି ରାଜ୍ୟସ୍ତରୀୟ କ୍ୟାମ୍ପେନ୍ ପୁରୀ ଜିଲାରୁ ଆରମ୍ଭ ହେବ ବୋଲି ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଗୁରୁବାର ସୂଚନା ଦେଇଛନ୍ତି। କୋଭିଡ୍ ପରବର୍ତ୍ତୀ ସମୟରେ ଶିଶୁଙ୍କ ସହ ଯୋଡ଼ିହେବା କ୍ୟାମ୍ପେନ ଅୟୋଜନର ମୂଳ ଲକ୍ଷ୍ୟ। ଆର୍ଥିକ ଅନଗ୍ରସର ସମ୍ପ୍ରଦାୟର ଶିଶୁଙ୍କ ଉପରେ କୋଭିଡ୍ ମହାମାରୀର ପ୍ରଭାବ ଅଧିକ ମାତ୍ରାରେ ପଡିଥିବା ପରିଲିକ୍ଷିତ ହେଉଛି। ଏହା ସେମାନଙ୍କ ଜୀବନକୁ ଅଧିକ ଦୁର୍ବିସହ ମଧ୍ୟକୁ ଠେଲି ଦେଇଛି। ମହାମାରୀ ଯୋଗୁ ସୃଷ୍ଟି ହୋଇଥିବା ସାମାଜିକ-ଆର୍ଥିକ ସଂକଟ ଏ ପରିସ୍ଥିତି ପାଇଁ ବିଶେଷ ଭାବେ ଦାୟୀ। ଏହାଦ୍ୱାରା ଶିଶୁଶ୍ରମିକ, ବାଲ୍ୟବିବାହ ଓ ଚୋରି ତସ୍କରୀ ବୃଦ୍ଧି ପାଇଛି। ଏହାଛଡ଼ା ସ୍କୁଲ୍ ବନ୍ଦ ରହିବା କାରଣରୁ ପିଲାମାନେ ଅନ୍‌ଲାଇନ୍ କ୍ଲାସ୍ କରିଥିଲା। ଏହି ସମୟରେ ପିଲାମାନେ ସାଇବର ଅପରାଧର ଶିକାର ହୋଇଥିଲେ। ବିଶେଷକରି ଝିଅମାନେ ସାଇବର ଧମକ ଓ ଯୌନ ଶୋଷଣର ସମ୍ମୁଖୀନ ହେଉଥିବା ନଜରକୁ ଆସୁଛି। ଅଭିଭାବକଙ୍କର ପିଲାଙ୍କ ପ୍ରତି ଦାୟିତ୍ୱହୀନତା ଏହାର ମୁଖ୍ୟ କାରଣ ବୋଲି ସନ୍ଧ୍ୟାବତୀ କହିଛନ୍ତି। ଏଭଳି ସମୟରେ ଶିଶୁ ଓ ସେମାନଙ୍କ ପରିବାରକୁ ବୁଝାଇବା ବା ସଚେତନ କରିବାର ଆବଶ୍ୟକତା ରହିଛି। ଏହି କ୍ୟାମ୍ପେନ୍‌ର ପ୍ରଥମ ପର୍ଯ୍ୟାୟରେ ପୁରୀ ଜିଲାର ଡେଲାଙ୍ଗ, କଣାସ ଓ ପିପିଲିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ରାଜ୍ୟର ବିଭିନ୍ନ ଜିଲାରେ କ୍ୟାମ୍ପେନ୍ ଚାଲିବ। ଏଭଳି କ୍ୟାମ୍ପେନ୍ ଆୟୋଜନ କରିବାକୁ ଆୟୋଗ ପକ୍ଷରୁ ରାଜ୍ୟ ଶିଶୁ କଲ୍ୟାଣ ସମିତି ଓ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କଥା ସାହିତ୍ୟର ଜନକ ଥିଲେ ଫକୀରମୋହନ

ଭୁବନେଶ୍ୱର, ୧୪ା୧(ବ୍ୟୁରୋ)



ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବ୍ୟାସକବି ଫକୀର ମୋହନ ସେନାପତି କଥା ସାହିତ୍ୟର ଜନକ ଥିଲେ। ଓଡ଼ିଆ ଭାଷାକୁ ଲୋକପ୍ରିୟ କରିବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଆ ଭାଷା ପ୍ରତି ଆମର ଶ୍ରଦ୍ଧା ହିଁ ବ୍ୟାସକବିଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଭୋଗରାଇ ବିଧାୟକ ଅନନ୍ତ ଦାସ ଯୋଗଦେଇ ବ୍ୟାସକବିଙ୍କ ପାଇଁ ବାଲେଶ୍ୱର ମାଟି ଆଜି ଗର୍ବିତ ବୋଲି କହିଥିଲେ। ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି କହିଲେ, ଓଡ଼ିଆ ଭାଷା ସାହିତ୍ୟରେ ବ୍ୟାସକବିଙ୍କ ଅବଦାନକୁ ଇତିହାସ ସର୍ବଦା ସ୍ମରଣ କରୁଥିବ। ଓଡ଼ିଶା ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଲେ, କେବଳ ଓଡ଼ିଶା ନୁହେଁ, ବିଶ୍ୱସ୍ତରରେ ବ୍ୟାସକବିଙ୍କ ପରିଚୟ ସୃଷ୍ଟି ପାଇଁ ଉଦ୍ୟମ କରାଯିବା ଆବଶ୍ୟକ। ବ୍ୟାସକବିଙ୍କ ଉପରେ ଏକ ୱେବ୍‌ସିରିଜ୍ ହୋଇପାରିଲେ ତାଙ୍କ ସମ୍ପର୍କରେ ସମଗ୍ର ବିଶ୍ୱ ପରିଚିତ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ବିଜୟ କୁମାର ନାୟକ ଯୋଗଦେଇ କହିଲେ, ପ୍ରକୃତରେ ବ୍ୟାସକବି ଫକୀର ମୋହନ ଥିଲେ ଜଣେ ସେନାପତି। କ୍ଷୁଦ୍ର ଗଳ୍ପ, ଉପନ୍ୟାସ, ଆତ୍ମଜୀବନୀ, ରମ୍ୟଚରନା, ଭ୍ରମଣ କାହାଣୀ ଆଦି ସୃଷ୍ଟି କରିବାରେ ସେ ଥିଲେ ରାଜ୍ୟରେ ପ୍ରଥମ। ଭାଷା, ଭୂମି ଓ ମୁକ୍ତି ଆନ୍ଦୋଳନରେ ସେ ପୁରୋଧା ଥିଲେ ବୋଲି ନାୟକ କହିଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଓ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସକାଳେ ବାଣୀବିହାରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ଦାବି

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ନରେନ୍ଦ୍ରପୁର ଛକରେ ଗତ ୨୫ ତାରିଖ ରାତିରେ ଜଣେ ମହିଳା ଚା' ଦୋକାନୀ ଓ ତାଙ୍କ ପରିବାର ଉପରେ ଆକ୍ରମଣ ହୋଇଥିଲା। ଏ ନେଇ ୨୭ ତାରିଖରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ତଥାପି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଚେତାବନୀ ଦିଆଯାଇଛି।

### ସଂକ୍ଷେପରେ

## ପୁଷ୍ପଲତା ଅର୍ଥ କମିଟି ସଦସ୍ୟ ଚୟନ



**ଢେଙ୍କାନାଳ ଅଫିସ, ୧୪।୧:** ଢେଙ୍କାନାଳର ଡ. ପୁଷ୍ପଲତା ରଥଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ଅର୍ଥ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି। ଏଥିପୂର୍ବରୁ ସେ ୩ବର୍ଷ ଲାଗି ଜିଲା ସାହିତ୍ୟ ଏକାଡେମୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ବୁଧବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏକାଡେମୀର ଦ୍ୱିତୀୟ ସାଧାରଣ ବୈଠକରେ ତାଙ୍କୁ ଅର୍ଥ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି। ସୂଚନାଯୋଗ୍ୟ, ପୁଷ୍ପଲତା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧାପିକା ଅଛନ୍ତି। ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ସେ ଜଡ଼ିତ। ଅର୍ଥ କମିଟି ସଦସ୍ୟ ହେବା ପରେ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ମକର ଉତ୍ସବ ପାଳିତ

**ଢେଙ୍କାନାଳ ଅଫିସ, ୧୪।୧:** ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ମକର ଉତ୍ସବ ପାଳିତ ହୋଇଯାଇଛି। ଏମ୍‌ପି ମହେଶ ସାହୁଙ୍କ ଉପସ୍ଥିତିରେ କର୍ମକର୍ତ୍ତାମାନେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଫୋରମ୍‌ର ଉପସଭାପତି ପଙ୍କଜ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାଜଜ୍ ଦୁର୍ଗାଚରଣ ମିଶ୍ର ଯୋଗଦେଇ ସମାଜରୁ ଦୁର୍ନୀତିରୁ ଦୂର କରିବା ସହ ଶିକ୍ଷିତ ମଣିଷ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ହରେକୃଷ୍ଣ କର ମକର ସଂକ୍ରାନ୍ତିର ମହତ୍ତ୍ୱ, ଦେବୀ ପ୍ରସାଦ ମିଶ୍ର ବ୍ୟାସକବିଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି ଉପସ୍ଥିତ ଥିଲେ। ଫୋରମ୍ ସମ୍ପାଦକ ଭରତ କୁମାର ଦାସ ସ୍ୱାଗତ ଭାଷଣ ଏବଂ ମହିଳା ସଙ୍ଗଠନ ସଭାନେତ୍ରୀ ପ୍ରଭାତୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବାଙ୍କମୁଣ୍ଡି ପୀଠରେ ମକର ମେଳା

**ଢେଙ୍କାନାଳ ଅଫିସ, ୧୪।୧:** ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତର ମା' ବାଙ୍କମୁଣ୍ଡିଙ୍କ ପୀଠରେ ମକରମେଳା ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ଅନୁଯାୟୀ ମା'ଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା କରାଯାଇଥିଲା। ମହିଳା ଓ ପୁରୁଷ ସଂକୀର୍ତ୍ତନମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଇନ୍ଦିପୁର, ଖୁଣ୍ଟଝରୀ, କାଣ୍ଡବିନ୍ଧା, ଗୁଣ୍ଡିଚାପଡ଼ା, ଭାଲିଆବୋଲକାଟେଣୀ ଏବଂ ବଳରାମପୁର ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନୀଳ ବେହେରାଙ୍କ ତତ୍ତ୍ୱାବଧାନରେ ୬ବର୍ଷ ହେଲା ମକର ମେଳା ଅନୁଷ୍ଠିତ ହେଉଛି। ପୂଜା କମିଟି ଓ ସ୍ୱେଚ୍ଛାସେବୀଙ୍କ ସହାୟତାରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## 'ଭାରତକୁ ବିଶ୍ୱଗୁରୁ କରିବା ସ୍ୱାମିଜୀଙ୍କ ଲକ୍ଷ୍ୟ ଥିଲା'

**ଭୁବନ, ୧୪।୧(ଡି.ଏନ.ଏ.):** ଭୁବନ ମହିଳା ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତକୁ ବିଶ୍ୱଗୁରୁ କରିବାର ସ୍ୱପ୍ନ ଦେଖିଥିଲେ ବିବେକାନନ୍ଦ। ଏହାକୁ ସାକାର ରୂପ ଦେବା ଲାଗି ଯୁବପିଢ଼ି ଉଦ୍ୟମ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ଅଧାପିକା ଡ. ମମତା ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂଲିଶ ବିଭାଗ ଅଧାପିକା ପ୍ରମିଳା ଦାସ, ମୁଖ୍ୟବକ୍ତା ଅଧାପକ ପ୍ରଶାନ୍ତ କୁମାର ରାଉତରାୟ ଯୋଗଦେଇଥିଲେ। ଅଧାପକ ନିରଞ୍ଜନ ନାୟକଙ୍କ ସମେତ ଅଧାପିକାଅଧାପକ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଭୁବନ, ୧୪।୧(ଡି.ଏନ.ଏ.):** ଭୁବନ ଏନ୍‌ଏସି ୧୫ନଂ. ୱାର୍ଡର ନରୋତ୍ତମ ଗୁରୁ (୭୫)ଙ୍କ ଶୁକ୍ରବାର ଗୋଡ଼ି ପୋଖରୀରେ ବୁଡ଼ିଯାଇ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ସନ୍ଧ୍ୟା ୭ଟାରେ ତାଙ୍କ ପୋଷାକ ପୋଖରୀ ତୁଠରୁ ମିଳିବା ପରେ ସେ ବୁଡ଼ିଯାଇଥିବା ସନ୍ଦେହ ହୋଇଥିଲା। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ଠାବ କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମତ୍ସ୍ୟଜୀବୀଙ୍କ ପାଇଁ କଟକଣା କୋହଳ

**ବନ୍ତଳା, ୧୪।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଗଣ୍ଡରେ ମାଛଧରା ନିୟମ କୋହଳ ହୋଇଛି। ଘଡ଼ିଆଳ କୁମ୍ଭୀରଙ୍କ ସୁରକ୍ଷା କାରଣରୁ ଟିକରପଡ଼ାଠାରୁ ଗଣ୍ଡ ଉପରିପାର୍ଶ୍ୱରେ ଥିବା ବଳଦମରା ପର୍ଯ୍ୟନ୍ତ ଅଞ୍ଚଳରେ ମାଛମରା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ତେବେ ଟିକରପଡ଼ାର ମାରଡ଼ା ଘାଟଠାରୁ ତଳକୁ କଟରଙ୍ଗ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ମାଛ ମାରିପାରିବେ ବୋଲି ଅନୁମତି ଦିଆଯାଇଛି। ପ୍ରାତଃ ୪ଟାରୁ ରାତି ୭ଟା ମଧ୍ୟରେ ମାଛ ଧରା କାର୍ଯ୍ୟ ହୋଇପାରିବ। ଗଇଁଦି ମତ୍ସ୍ୟଜୀବୀଙ୍କ ଯାତାୟାତରେ ବିଳମ୍ବ ହେଲେ ସେମାନେ ଚାହିଁଲେ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବୋଟ୍ ଯୋଗାଇ ଦିଆଯିବ। ଡଙ୍ଗାରେ ମାଛ ଧରିବା ସମୟରେ ବନ ବିଭାଗର ପାଟ୍ରୋଲିଂ ବୋଟ୍ ଏବଂ ପର୍ଯ୍ୟଟକଙ୍କ ବୋଟ୍ ଗତି ଧିମା କରାଯିବ। ଟିକରପଡା ବଙ୍ଗଳା ନିକଟରେ ମତ୍ସ୍ୟଜୀବୀଙ୍କ ଲାଗି ଗେଟ୍ ଖୋଲାରହିବ ବୋଲି ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି।

ସାତକୋଶିଆ ଗଣ୍ଡରେ କୁମ୍ଭୀର ବଂଶବୃଦ୍ଧି ପାଇଁ ନନ୍ଦନକାନନରୁ ନିକଟରେ ୬ ଘଡ଼ିଆଳ ଛଡ଼ାଯାଇଥିଲା। ସୁରକ୍ଷା କାରଣରୁ କୁମ୍ଭୀର ଛଡ଼ାଯାଇଥିବା ଅଞ୍ଚଳକୁ ନୋ ଫିଶିଂ ଜୋନ୍ ଘୋଷଣା କରାଯାଇଥିଲା। ଏଥିରେ ଟିକରପଡ଼ାର ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଏ ସଂକ୍ରାନ୍ତରେ ମତ୍ସ୍ୟଜୀବୀମାନେ ଜିଲାପାଳ, ସାତକୋଶିଆ ଡିଏଫ୍‌ଓ, ଆର୍‌ସିସିଏଫ୍, ପିସିସିଏଫ୍, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୭ଦିନ ମଧ୍ୟରେ ଜୀବିକା କଥା ଚିନ୍ତା କରା ନ ଗଲେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ସମସ୍ୟାର ସମାଧାନ ଲାଗି ଗୁରୁବାର ସକାଳେ ଟିକରପଡ଼ା ଘଡ଼ିଆଳ ସଂରକ୍ଷଣ ଓ ପ୍ରଜନନ କେନ୍ଦ୍ରରେ ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି., ଏସିଏଫ୍ ଶୁଭେନ୍ଦୁ ବେହେରା, ରେଞ୍ଜର ଜୟନ୍ତ ପଟ୍ଟନାୟକ, ମତ୍ସ୍ୟଜୀବୀ ସଂଘ ସଭାପତି ଚିତ୍ତରଞ୍ଜନ ନାଏକ, ଉପସଭାପତି ରବୀନ୍ଦ୍ର ବାରିକ, ସମ୍ପାଦକ ଜ୍ଞାନରଞ୍ଜନ ସାହୁ, କୋଷାଧକ୍ଷ ଅରୁଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୨ଘଣ୍ଟାର ବିଚାରବିମର୍ଷ ପରେ ମାଛମରାକୁ ନେଇ ରହିଥିବା କଟକଣାରେ ପରିବର୍ତ୍ତନ କରାଯାଇଛି।



ବୈଠକରେ ପ୍ରଶାସନିକ ଅଧିକାରୀମାନେ।

- ସାତକୋଶିଆ ଗଣ୍ଡ ତଳପାର୍ଶ୍ୱରେ ମାରିହେବ ମାଛ
- ଟିକରପଡ଼ା ମାରଡ଼ାରୁ କଟରଙ୍ଗ ଘାଟ ଯାଏ ଫିଶିଂ ଜୋନ୍
- ପ୍ରାତଃ ୪ଟାରୁ ରାତି ୭ ଯାଏ ନିର୍ଦ୍ଧାରିତ ହେଲା ସମୟ

### ୮୦୦ରୁ ୫ ଘଡ଼ିଆଳ ଜୀବିତ

ସାତକୋଶିଆ ଗଣ୍ଡର ୨୧ କିମି ପରିଧି ମଧ୍ୟରେ ୧୯୭୫ରୁ ଅଦ୍ୟାବଧି ୮୦୦ ଘଡ଼ିଆଳ ଛଡ଼ାଗଲାଣି। ତେବେ ସେଥିରୁ ମାତ୍ର ୫ ଜୀବିତ ଅଛନ୍ତି। ଗତ ୫ ତାରିଖରେ ନନ୍ଦନକାନନରୁ ଆସିଥିବା ୬ ଘଡ଼ିଆଳଙ୍କ ମଧ୍ୟରେ ଗୋଟିଏର ମୃତ୍ୟୁ ଘଟିଛି। ମଗର-ଘଡ଼ିଆଳ ମଧ୍ୟରେ ଲଢ଼େଇ ଯୋଗୁ ଏହାର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। କୁମ୍ଭୀର ମୃତ୍ୟୁ ପାଇଁ ବନ ବିଭାଗ ବଦନାମ ମୁଣ୍ଡାଇଛି। ଟିକରପଡ଼ାର ମତ୍ସ୍ୟଜୀବୀଙ୍କ ଜୀବିକା ହେଉଛି ମାଛ ଧରିବା। ସେମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇନାହିଁ। ଘଡ଼ିଆଳ ଛଡ଼ାଯାଇଥିବା ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଅନ୍ୟ ଅଞ୍ଚଳରେ ମାଛ ମାରିବାକୁ ଅନୁମତି ଦିଆଯାଇଛି। କୌଣସି ପରିସ୍ଥିତିରେ ନିଷିଦ୍ଧାଞ୍ଚଳରେ ମାଛ ମାରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି. ସୂଚନା ଦେଇଛନ୍ତି।

## ଓଲଟିଲା ନାଇଟ୍ କୋଚ୍



ଦୁର୍ଘଟଣାଗ୍ରସ୍ତ ବସ୍।

**କାମାକ୍ଷାନଗର, ୧୪।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଆଳତୁମା ରାମଆଳ ବ୍ରିଜ୍ ନିକଟରେ ଗୁରୁବାର ଭୋର୍ ସମୟରେ ଏକ ନାଇଟ୍ କୋଚ୍ (ନଂ. ଓଡ଼ି-୦୧-ଏସ୍-୯୬୯୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ କେତେଜଣ ସାମାନ୍ୟ ଆହତ ହୋଇଛନ୍ତି।

'ଶ୍ରୀ ରାମଜୀ' ନାମକ ଉକ୍ତ ଘରୋଇ ବସ୍ ରାଉରକେଲାରୁ ବାଲେଶ୍ୱର ଯାଉଥିଲା। ବସ୍ ଡ୍ରାଇଭର ପୋଲ ନିକଟରେ ଏକ ଟ୍ରକକୁ ଓଭରଟେକ୍ କରୁଥିଲେ। ଏହି ସମୟରେ ଟ୍ରକ୍‌ଟି ଡାହାଣକୁ ମାଡ଼ି ଆସିବାରୁ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଖାଲରେ ଓଲଟି ପଡ଼ିଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଯାତ୍ରୀଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁଇଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ଦୁର୍ଗମ ଅଞ୍ଚଳବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ



ଗ୍ରାମବାସୀଙ୍କ ସହ କ୍ଲବର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୪।୧**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାଣ୍ଟୋଲ ପଞ୍ଚାୟତର ଦୁର୍ଗମ ପୁଟିପାଳ ଗ୍ରାମରେ ଜାତୀୟ ଯୁବ ଦିବସ ଅବସରରେ ବଜରଙ୍ଗ କ୍ଲବ ପକ୍ଷରୁ ଶୀତବସ୍ତ୍ର ଏବଂ କମ୍ବଳ ବଣ୍ଟନ କରାଯାଇଛି। ବିଭିନ୍ନ ବ୍ୟକ୍ତି ଏବଂ ଅନୁଷ୍ଠାନ ପକ୍ଷରୁ ସଂଗୃହୀତ ସ୍ୱେଟର, ମଫଲର, କମ୍ବଳ, ଜ୍ୟାକେଟ, ପୋଷାକ, ଖେଳନା, ଶୁଖିଲା ଖାଦ୍ୟ ଏବଂ ମିଠା ପ୍ୟାକେଟ ବଣ୍ଟନ କରାଯାଇଥିଲା। ଏଠାରେ ରହୁଥିବା ୩୩ ପରିବାରର ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଲାଗି ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି କ୍ଲବ ସଭାପତି ଅମରେନ୍ଦ୍ର ସାମଲ, ସଦସ୍ୟ ମଳୟ ବିନ୍ଧାଣୀ, ବିଶ୍ୱଜିତ ବେହେରା, ରବୀନ୍ଦ୍ର ସୋନି, ସନ୍ଦୀପ ଷଡଙ୍ଗୀ ପ୍ରମୁଖ ସୂଚନା ଦେଇଛନ୍ତି।

# ହାତୀ ପାଇଁ ରାସ୍ତାରେ ଗ୍ରାମବାସୀ



ଜାତୀୟ ରାଜପଥ ଅବରୋଧ କରାଯାଇଛି।

**ଢେଙ୍କାନାଳ ଅଫିସ, ୧୪।୧**

ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ ମୋଟଙ୍ଗା ଥାନା ବାଙ୍ଗୁରସିଂହ ଗ୍ରାମରେ କିଛିଦିନ ହେଲା ହାତୀପଲ ବ୍ୟାପକ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗୁଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଅଞ୍ଚଳବାସୀ ୪ଘଣ୍ଟା ଧରି ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ମୋଟଙ୍ଗା ଏବଂ ହିନ୍ଦୋଳରୋଡ୍ ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ସଦର ଡେପୁଟି ରେଞ୍ଜର ହରମୋହନ ନାୟକ, ମୋଟଙ୍ଗା ଥାନାଧିକାରୀ ସରୋଜିନୀ ସାମନ୍ତ, ହିନ୍ଦୋଳରୋଡ ଫାଣ୍ଡି ଅଧିକାରୀ ଅକ୍ଷୟ ଦାସ ପ୍ରମୁଖ ପହଞ୍ଚି ବୁଝାଶୁଝା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ।

ହାତୀପଲ ପରିବା ଚାଷ ଉଜାଡ଼ି ଦେଇଛନ୍ତି। କାଶୀନାଥ ସାହୁ, ନାରଣ ସାହୁଙ୍କ ଘର ଭାଙ୍ଗି ଦେଇଛନ୍ତି। ଏଥିରୁ ସୁରକ୍ଷା ଲାଗି ତୁରନ୍ତ ସୋଲାର ବାଡ଼ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଜିଲା ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନାପରେ ଶୁକ୍ରବାରଠାରୁ ଅଞ୍ଚଳରେ ସୋଲାର ବାଡ଼ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଅନ୍ୟ ସମସ୍ୟା ସମ୍ପର୍କରେ ଏକ ପ୍ରତିନିଧି ଦଳ ଜିଲା ବନଖଣ୍ଡ ଅଧିକାରୀଙ୍କ ନିକଟକୁ ଯାଇ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଥିବା ପିଡି ଡିଆର୍‌ଡିଏ ସୂଚନା ଦେଇଛନ୍ତି।

## ପାହାଡ଼ ଚଢ଼ିଲେ ମାନସିକଧାରୀ

**ଭୁବନ, ୧୪।୧(ଡି.ଏନ.ଏ.)**

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଭୁବନ ଅଞ୍ଚଳର ଦେବଦେବୀପୀଠରେ ପ୍ରବଳ ଜନସମାଗମ ହୋଇଥିଲା। ବୁଦ୍ଧେଶ୍ୱର ମହାଦେବ, ମା' ହିଙ୍ଗୁଳା, ବାଟତାରିଣୀ, ବଣଚଣ୍ଡୀ, ବାଲିବୋ ଚଣ୍ଡୀପୀଠରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ମାନସିକଧାରୀମାନେ ଭୁବନ ଅଞ୍ଚଳର ଆରାଧ୍ୟ ଦେବୀ ମା' ରାମଚଣ୍ଡୀଙ୍କୁ ଦର୍ଶନ କରିବା ଲାଗି ଭାରତୀ ପାହାଡ଼ ଚଢ଼ିଥିଲେ। ଭଜନକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୀଠ ପରିଚାଳନା କମିଟି ପକ୍ଷରୁ ମକର ଚାଉଳ ଏବଂ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଭିଡ଼ ପରିଚାଳନା ଲାଗି ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିଲା। ସେହିପରି ଅନଳ, ମଖିପାଳ, ମଠକରଗୋଳା, ମୃଦଙ୍ଗା ଅଞ୍ଚଳରେ ମଧ୍ୟ ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ପାଳନ ହୋଇଛି।

## ଶ୍ରୀବିଷ୍ଣୁ ମହାଯଜ୍ଞ ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ, ୧୪।୧**

ଓଡ଼ାପଡ଼ା ବ୍ଲକ ନାଧରା ରାମଚଣ୍ଡୀ ପୀଠରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଆୟୋଜିତ ଶ୍ରୀବିଷ୍ଣୁ ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କୋଭିଡ୍ କଟକଣା ଭିତରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ମା' ରାମଚଣ୍ଡୀଙ୍କ ଦର୍ଶନ କରିଥିଲେ।

## ଫକୀରମୋହନଙ୍କ ଜୟନ୍ତୀ

**ଢେଙ୍କାନାଳ ଅଫିସ, ୧୪।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲେଖକ ପରିଷଦ ପକ୍ଷରୁ ଥିଙ୍କର୍ସ ଫୋରମ ଆନୁକୂଲ୍ୟରେ ଗୁରୁବାର ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଦଣ୍ଡଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଅଧାପକ ସୁବାସ ଚନ୍ଦ୍ର ମହାରଣା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ଗାୟକ ପ୍ରାଣବନ୍ଧୁ ଦାସ, ସଭାପତି ବୁଦ୍ଧଦେବ ପ୍ରଧାନ, ପଣ୍ଡିତ ରମେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ବିପିନ ବିହାରୀ ସିଂ, ମୁରଲୀଧର ରାଉତ ପ୍ରମୁଖ ଉପସ୍ଥିତ ରହି ସଂକ୍ରାନ୍ତି ପୁରୁଷଙ୍କ ଜୀବନୀ, ସାହିତ୍ୟକୃତି ମନେପକାଇଥିଲେ। ଫୋରମ୍ ସଭାପତି ସୁବ୍ରତ ସାହୁ, ପ୍ରକାଶ ବାରିକ, ଅନ୍ତର୍ଯ୍ୟାମୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଘବ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ।

# ବଡ଼ମ୍ବାକୁ ହରାଇ ଫାଇନାଲରେ ଢେଙ୍କାନାଳ

**ଭୁବନ, ୧୪।୧(ଡି.ଏନ.ଏ.)**

ଭୁବନ ବ୍ଲକ ମାର୍ଥାପୁର ଖେଳପଡ଼ିଆରେ ଚାଲିଥିବା ଯୋଗମାୟା ଚ୍ୟାଲେଞ୍ଜ ଟ୍ରଫିର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବଡ଼ମ୍ବାକୁ ହରାଇ ଢେଙ୍କାନାଳ ସୁରପ୍ରତାପ କ୍ରିକେଟ ଦଳ ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୨୨ ରନ୍ ସଂଗ୍ରହ କରିଥିଲା। ବଡ଼ମ୍ବା ପାଳି ୮ ଉଇକେଟ ବିନିମୟରେ ୧୯୨ ରନ୍‌ରେ ସୀମିତ ରହିଯାଇଥିଲା। ୭୧ ରନ୍ କରିଥିବା ବିଜୟୀ ଦଳର ମୁସ୍ତାକ୍ ବେଗ୍ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ସବ୍ୟସାଚୀ ସାହା, ସୁଦୀପ ମିଶ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ଲଳିତ ମୋହନ ପୁହାଣ, ସୌମ୍ୟରଞ୍ଜନ ରାଉତ ଧାରାବିବରଣୀ ଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆୟୋଜକ ମାର୍ଥାପୁର ଏବଂ କଳିଙ୍ଗ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।

## 'ସଂସ୍କାର ଆଣିଥିଲେ ବ୍ୟାସକବି'



ଜୟନ୍ତୀ ସମାରୋହରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୪।୧**

ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅବଦାନ ଅନନ୍ୟ। ତାଙ୍କ ସାହିତ୍ୟକୃତି ଗ୍ରାମ୍ୟ ଜୀବନରେ ସଂସ୍କାର ଆଣିଥିଲା। ବିପଦରେ ପଡ଼ିଥିବା ଓଡ଼ିଆ ଭାଷାକୁ ସେ ନୂଆ ଦିଶା ଦେଖାଇଥିଲେ, ଯାହା ଅବିସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସ୍ଥାନୀୟ ବ୍ୟାସକବି ସ୍ମୃତି ସଦନରେ ଗୁରୁବାର ଆୟୋଜିତ ଫକୀରମୋହନଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଏହା କହିଥିଲେ। ଜିଲା ଲେଖକ ସଂସଦ ସଭାପତି ଭିକାରୀ ଚରଣ ରାଉତ କହିଲେ, ଓଡ଼ିଆ ଭାଷା ସାହିତ୍ୟରେ ଫକୀରମୋହନ କର୍ଣ୍ଣଧାର ଥିଲେ। ତାଙ୍କ ସାହିତ୍ୟକୃତି ସବୁବେଳେ ମନେରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ ମିଶ୍ର, ଜିଲା ଲେଖକ ସଂସଦ ସମ୍ପାଦକ ବସନ୍ତ ପଟ୍ଟନାୟକ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବ୍ୟାସକବିଙ୍କ ସ୍ମୃତିଚାରଣ କରିଥିଲେ।

# କୋମାରେ କୃଷି ବିଭାଗ

**ରାସୋଳ, ୧୪।୧(ଡି.ଏନ.ଏ.)**

- ୪ ପଞ୍ଚାୟତକୁ ଦିଆଯାଇନି ବିହନ, ସାର
- ଅଭିଯୋଗ ଆଣିଲେ ଚାଷୀ, ସରପଞ୍ଚ
- କର୍ମଚାରୀଙ୍କ କଥାରେ ନାହିଁ ତାଳମେଳ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ୪ ପଞ୍ଚାୟତରେ ସାର, ବିହନ ଏବଂ କୀଟନାଶକ ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ରବି ଋତୁରେ ଚାଷ ପ୍ରଭାବିତ ହୋଇଛି। କୃଷି ବିଭାଗ କୋମାରେ ଥିବାବେଳେ ଚାଷୀ ନିଜ ଉଦ୍ୟମରେ ଫସଲ ଉତ୍ପାଦନ କରୁଥିବା ଅଭିଯୋଗ ଆଣିଛନ୍ତି କୃଷକ ସାଥୀ ଏବଂ ସରପଞ୍ଚ।

ଅଭିଯୋଗ ଅନୁଯାୟୀ, ରାସୋଳ, କୁନୁଆ, ଦଣ୍ଡିରି, ବୁହାଳିପାଳ ପଞ୍ଚାୟତରେ ଧାନ ପରେ ୧୦୦ ଏକର ଜମିରେ ମୁଗ ଚାଷ ହୋଇଥାଏ। ପାଖାପାଖି ୧୦୦ରୁ ୧୨୫ କୁଇଣ୍ଟାଲ ଯାଏ ଉତ୍ପାଦନ କରାଯାଇଥାଏ। ଅମଳ ବୃଦ୍ଧି ପାଇଁ ଚାଷୀଙ୍କୁ ଆନୁଷଙ୍ଗିକ ବୈଷୟିକ ଜ୍ଞାନକୌଶଳ ସାଙ୍ଗକୁ ମାଗଣା ବିହନ, ସାର, କୀଟନାଶକ ଯୋଗାଇ ଦେବାକୁ ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ଅନେକ ସାମଗ୍ରୀ ଯୋଗାଣ ମଧ୍ୟ ହେଉଛି। ହେଲେ ଚାଷୀଙ୍କ ପାଖରେ ନ ପହଞ୍ଚି ଏସବୁ ବାଟମାରଣା ହୋଇଯାଉଛି। ଲହଡ଼ାରେ ଦେଢ଼ମାସ ତଳେ ୪ଜଣ ଚାଷୀଙ୍କୁ ୪ କେଜି ଲେଖାଏ ବିହନ ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକଙ୍କଠାରୁ ୧୫୦ ଟଙ୍କା ଆଦାୟ କରାଯାଇଛି। ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଥିବାବେଳେ ଏଭଳି ପାତରଅନ୍ତରକୁ ନିନ୍ଦା କରିଛନ୍ତି ପଞ୍ଚାୟତ ପ୍ରତିନିଧି। ସେହିପରି ଚାଷୀ ଏବଂ କୃଷି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଲାଗି କୃଷକ ସାଥୀ ଅଛନ୍ତି। ସେମାନଙ୍କ ମାଧ୍ୟମରେ ସରକାରୀ ସାମଗ୍ରୀ ବଣ୍ଟନ କରାଯାଇଥାଏ। ତେବେ କୃଷି ବିଭାଗର ଅଣଦେଖା କାରଣରୁ କୃଷକ ସାଥୀ ଗୁରୁତ୍ୱ ହରାଉଥିବା ଗଣେଶ୍ୱର ଖୁଣ୍ଟିଆ, ବିଚିତ୍ର ବେହେରା, କାଳିନ୍ଦୀ ସାହୁ, କେଶବ ନାୟକ ପ୍ରମୁଖ କହିଛନ୍ତି। ସେହିପରି କୁନୁଆର ଚାଷୀ ଲେମ୍ବୁଆ ସାମଲ, ଦୁଃଖିଆ ସାମଲ, ପଞ୍ଚୁଆ ସାମଲ, ଅବନା ରାଉତ, ବୁହାଳିପାଳର ନରେଶ ପାଳ, ଅନେଇ ସାହୁ, ପଙ୍କଜ ସାହୁ, ସହଦେବ ସାହୁ, ଦଣ୍ଡିରିର କୁଶ ବିଶ୍ୱାଳ, ଦୈତାରୀ ଦେହୁରୀ, କୃଷ୍ଣ ବିଶ୍ୱାଳ, ସୁଧାକର ସାହୁ ପ୍ରମୁଖ କହିଛନ୍ତି, ସହାୟତା କରିବା ତ ଦୂରର କଥା ଦିନେ ହେଲେ କୃଷି ବିଭାଗର ଅଧିକାରୀଙ୍କ ଅଞ୍ଚଳରେ ପାଦ ପଡୁନାହିଁ। ଚାଷୀମାନେ କ୍ଷତି ସହୁଛନ୍ତି। ସରକାରୀ ସହାୟତା ମିଳିଲେ ଅଞ୍ଚଳରେ କୃଷି ଉତ୍ପାଦନ ବଢ଼ିବ। ସରପଞ୍ଚ, ନିରଞ୍ଜନ ସାମଲ, ସନ୍ତୋଷ ସାମଲ କହିଛନ୍ତି, ଚାଷୀଙ୍କ ଦାବି ଓ ସମସ୍ୟା ସମ୍ପର୍କରେ ବ୍ଲକ କୃଷି ଅଧିକାରୀଙ୍କୁ ଅବଗତ କରାଯାଇଛି। ହେଲେ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି।

ଚାଷୀଙ୍କ ଅଭିଯୋଗ ଆଧାରରେ ବ୍ଲକ କୃଷି ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ମତାମତ ଲୋଡ଼ାଯାଇଥିଲା। ସେ କହିଲେ, ଅଞ୍ଚଳର ଚାଷୀଙ୍କୁ ମୁଗ ବିହନ ଯୋଗାଇ ଦିଆଯାଇଛି। ଭିଏଲ୍‌ଡବ୍ଲ୍ୟୁ ସସ୍ମିତା ବେହେରା କୁହନ୍ତି, କେବଳ ଲହଡ଼ାର ୪ ଚାଷୀ ମୁଗ ବିହନ ପାଇଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ ଦିଆଯିବ। କୃଷି ବିଭାଗର ଦୁଇ କର୍ମଚାରୀଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଏଥିରେ ଦୁର୍ନୀତି ହୋଇଥିବା ଆଶଙ୍କା କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସରପଞ୍ଚ, ଚାଷୀ ଏବଂ କୃଷକ ସାଥୀ ଦାବି କରିଛନ୍ତି। ଅପରପକ୍ଷେ ଦିନ ଗଡ଼ିଯାଉ ଥିବାରୁ ବିହନ ନ ମିଳିଲେ ଚାଷ କାମ ଆଗେଇବନାହିଁ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାର ସମାଧାନ କରିବା ଲାଗି ଜିଲା କୃଷି ବିଭାଗ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଟିଟିପିଏସ୍‌କୁ କୋଇଲା ଯୋଗାଣ ବନ୍ଦ

**ତାଳଚେର,୧୪।୧(ନି.ପ୍ର.):** ତାଳଚେର ବ୍ଲକ ଚାଳଗଡ ଗ୍ରାମ ନିକଟସ୍ଥ ତାଳଚେର-ଅନୁଗୋଳ ରାସ୍ତାରେ ଯାଇଥିବା ଟିଟିପିଏସ୍ କନଭେୟର ବେଲ୍ଟ ଲାଇନକୁ ଗୁରୁବାର ଏକ ଟ୍ରେଲର ଧକ୍କା ଦେଇଛି। ଫଳରେ ଟିଟିପିଏସ୍‌କୁ କୋଇଲା ଯୋଗାଣ ବନ୍ଦ ରହିଛି। କୋଇଲା ଖଣିରୁ କନଭେୟର ବେଲ୍ଟ ଯୋଗେ କୋଇଲା ପରିବହନ ହୋଇଥାଏ। ଏକ ଟ୍ରେଲର କ୍ରେନ୍ ନେଇ ସନ୍ଧ୍ୟାରେ ରାସ୍ତା ଅତିକ୍ରମ କରୁଥିବାବେଳେ କନଭେୟର ବେଲ୍ଟକୁ ଧକ୍କା ଦେଇଥିଲା। ଫଳରେ ତାହା ବଙ୍କା ହୋଇଯାଇଥିଲା। ଦୁର୍ଘଟଣା ପରଠାରୁ କୋଇଲା ପରିବହନ ବନ୍ଦ ରହିଛି। ଖବରପାଇ କଲିୟାରୀ ପୋଲିସ, ଟିଟିପିଏସ କର୍ତ୍ତୃପକ୍ଷ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଆକ୍ରମଣ ଅଭିଯୁକ୍ତ ଗିରଫ

**ଅନୁଗୋଳଅଫିସ, ୧୪।୧:** ମକର ସଂକ୍ରାନ୍ତି ଅବସରରେ ଗୁରୁବାର ଅନୁଗୋଳ ବସ୍‌ଷ୍ଟାଣ୍ଡ ତ୍ରିନାଥ ମଣ୍ଡପରେ ଅନ୍ନ ବ୍ୟବସ୍ଥା କରାଯାଇଥିଲା। ଏହା ଲୋକଙ୍କୁ ପ୍ରଦାନ କରାଯିବା ସମୟରେ ଦୁଇ ଜଣ ଯୁବକ ହଠାତ୍ ଆସି ପ୍ରସାଦ ବଣ୍ଟନ କରୁଥିବା ଅମଲାପଡ଼ାର ଶିବରାଜ ପ୍ରଧାନଙ୍କୁ ମାଡ଼ ମାରିଥିଲେ। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ହୁଲୁରିସିଂହା ଘାସିସାହିର ସୁବ୍ରତ ମୁଖୀ ଓ ଆକାଶ ମୁଖୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଗ୍ରାମାଞ୍ଚଳ କପ୍ : ବଇଣ୍ଡା ଚାମ୍ପିୟନ



**ବଇଣ୍ଡା,୧୪।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ଇଛାପୁରର ପଦ୍ମପୁର ଗ୍ରାମ ଖେଳ ପଡିଆରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ କପ୍‌ରେ ସୋଲଣ୍ଡା କ୍ଲବକୁ ହରାଇ ବଇଣ୍ଡା ଚାମ୍ପିୟନ ହୋଇଛି। ସୋଲଣ୍ଡା ୫୨ ରନ କରିଥିବା ବେଳେ ବଇଣ୍ଡା ୫୩ ରନ କରି ଚାମ୍ପିୟନ ହୋଇଥିଲା। ବାଳକୃଷ୍ଣ ସାଇଁ, ଲମ୍ବୋଦର ପାତ୍ର ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଅମାନ୍ତ କୁମାର ସାହୁ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜୟଦେବ ସାହୁ ଯୋଗ ଦେଇଥିଲେ। ବିଶ୍ୱଗତ ସାହୁ, ଲୁଲୁ ସ୍ୱାଇଁ, ଦେବାଶିଷ ସ୍ୱାଇଁ ସହଯୋଗ କରିଥିଲେ।

### ଏଫ୍‌ସି ଟାକୁଆ ଟିମ୍ ଚାମ୍ପିୟନ

**ତାଳଚେର,୧୪।୧(ନି.ପ୍ର.):** ପବିତ୍ରମୋହନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ପିଏମ୍ଆଇଟି) ପକ୍ଷରୁ ଆୟୋଜିତ ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟରେ ଏଫ. ସି. ଟାକୁଆ ଟିମ୍ ୨-୧ ଗୋଲରେ ଟି.ଏଲ.ଭି.ସି ବନସିଙ୍ଗକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ମ୍ୟାନେଜିଂ ଟ୍ରଷ୍ଟି ଅଧକ୍ଷା ମୃଦୁଳା ଟି. ପ୍ରଧାନ ଯୋଗଦେଇ ଚାମ୍ପିୟନ ଟିମ୍ ସହ ଅନ୍ୟ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପଦାର୍ଥ ବିଜ୍ଞାନ ଅଧାପିକା ତଥା ଟୁର୍ନାମେଣ୍ଟ ସଂଯୋଜିକା ସ୍ୱପ୍ନିତା ପଣ୍ଡା ଅତିଥି ପରିଚୟ ଏବଂ ସୂର୍ଯ୍ୟପ୍ରକାଶ ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ମୁଖ୍ୟଅତିଥି କୋଚମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ୮ ବର୍ଷ ହେଲା ଆସୁନି ବିଦ୍ୟୁତ୍



- ଅବହେଳାର ଗାଁ ଅନୁଗୋଳ ବ୍ଲକର ମହ୍ଲାରସାହି
- ୨୦୧୨ରେ ଅଚଳ ହୋଇଥିଲା ଟ୍ରାନ୍ସଫର୍ମର
- ଘର, ପାଇଖାନା ନିର୍ମାଣରେ ଅନିୟମିତତା ଅଭିଯୋଗ

**ଦୀନେଶ ଦେହୁରୀ**
**ବନ୍ତଲା,୧୪।୧**

ଜଙ୍ଗଲ ମଧରେ ଗାଁ। ଯୋଗାଯୋଗ ପାଇଁ ରାସ୍ତାଟିଏ ନାହିଁ। ତେଣୁ ମୌଳିକ ସୁବିଧା ପାଇବା ଏହି ଆଦିବାସୀ ମହ୍ଲାର ସମ୍ପ୍ରଦାୟଙ୍କ ପାଇଁ ସାତସପନ ହୋଇଛି। ତଥାପି ୨୦୦୯ରେ ରାଜୀବ ଗାନ୍ଧୀ ବିଦ୍ୟୁତୀକରଣ ଯୋଜନାରେ ୨୫ ପରିବାର ରହୁଥିବା ଅନୁଗୋଳ ବ୍ଲକ ପୁରୁଣାକୋଟ ଥାନା ଶରଧାପୁର ପଞ୍ଚାୟତ ଗଦେଇମୁଣ୍ଡା ମହ୍ଲାରସାହିକୁ ବିଦ୍ୟୁତ୍ ସଂଯୋଗ ମିଳିଥିଲା। ହେଲେ ୨୦୧୨ରେ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିବାରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଗଲା। ସେବେଠୁ ୮ ବର୍ଷ ବିତିଯାଇଥିଲେ ମଧ ସାହିକୁ ଏଯାଏ ବିଜୁଳି ଆସିନାହିଁ। କେବଳ ବିଦ୍ୟୁତ୍ ନୁହେଁ, ସରକାରଙ୍କ ଆବାସ, ପାଇଖାନା ଯୋଜନାରେ ମଧ ବହୁ ଅନିୟମିତତା ହୋଇଥିବା ମହ୍ଲାରସାହିବାସୀ ଅଭିଯୋଗ କରିଛନ୍ତି।

ଅନୁଗୋଳ ବ୍ଲକଠାରୁ ୨୫ କିଲୋମିଟର ଦୂର ମହ୍ଲାରସାହିରେ ସରକାରୀ ଅବହେଳା ଜଳ ଜଳ ଦିଶୁଛି। ୨୫ ପରିବାରଙ୍କୁ ଏକ ଗୁଣ୍ଠ ଲେଖାଏ ଘରଡିହ ଜାଗା ଛାଡ଼ିଦେଲେ ବାକି ସରକାରୀ ଯୋଜନାର ସୁଫଳ ମିଳୁନାହିଁ। ମୂଲମଜୁରି ଓ ବନ ବିଭାଗ କାମ ଦେଲେ ସାହିବାସୀ କିଛି ରୋଜଗାର କରନ୍ତି। ନ ହେଲେ ଜଙ୍ଗଲରୁ ସଂଗ୍ରହ କରିଥିବା କସା ସାରୁ ଓ ମହୁ ବିକି ଯାହା ଯେମିତି ଚଳିଯାଆନ୍ତି। ୨୦୦୯ରେ ଗାଁରେ ବିଦ୍ୟୁତ୍ ପହଞ୍ଚିବା ପରେ ସାହିବାସୀଙ୍କ ଆଶା ବଢ଼ିଯାଇଥିଲା। ସରକାର ସେମାନଙ୍କ ଦୁଃଖ ଦୂର କରିବେ ବୋଲି ବିଶ୍ୱାସ ଜନ୍ମିଥିଲା। କିନ୍ତୁ ୮ ବର୍ଷ ହେଲା ବିଦ୍ୟୁତ୍ ବିଭାଗ ଟ୍ରାନ୍ସଫର୍ମରଟିଏ ବସାଇପାରୁ ନ ଥିବାରୁ ସାହିବାସୀ ରାତିରେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗାଁକୁ ସର୍ବଦା ହାତୀ, ବାଘ୍ହା, ଭାଲୁ ପଶି ଆସୁଥିବାରୁ ସେମାନେ ରାତିରେ ସୁରକ୍ଷିତ ମଣୁନାହାନ୍ତି। ଜନପ୍ରତିନିଧିଙ୍କୁ ଅସୁବିଧା ଜଣାଇଥିଲେ ମଧ କିଛି ସୁଫଳ ମିଳିନି। ସେହିପରି ପିଲାଙ୍କ ଶିକ୍ଷା ପାଇଁ ଅଙ୍ଗନୱାଡି କି ସ୍କୁଲ ବ୍ୟବସ୍ଥା ହୋଇନି। ସ୍ୱାସ୍ଥ୍ୟସେବା ପାଇଁ ଗାଁକୁ କେବେ ସ୍ୱାସ୍ଥ୍ୟକର୍ମୀ ଆସିନାହାନ୍ତି। ଦୀର୍ଘଦିନ ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତାଟିଏ ନିର୍ମାଣ ହେଉଥିଲେ ମଧ ତାହା ଅଧାରେ ଅଟକିଯାଇଛି। ସ୍ୱଚ୍ଛ ପରିମଳ ଯୋଜନାରେ ସାହିରେ ପାଇଖାନା ନିର୍ମାଣ କରାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ସେସବୁ ଭାଙ୍ଗି ନଷ୍ଟ ହୋଇଯାଇଛି। ଦୁଇବର୍ଷ ତଳେ ପୂର୍ଣ୍ଣଚନ୍ଦ୍ର ପଧାନ, କାନ୍ଦୁରୁ ପଧାନ, କୁମାରୀ ପଧାନ, ଅପର୍ଣ୍ଣା ପଧାନଙ୍କୁ ଆବାସ ଯୋଜନାରେ ପକ୍କାଘର ମିଳିଥିଲା। ମାତ୍ର ନିର୍ମାଣ ନେଇ ସେମାନେ ଅସମର୍ଥ ପ୍ରକାଶ କରିବାରୁ ଠିକାଦାର ବାଉଁଶ ବାଡ଼ିରେ ଆଜବେଷ୍ଟସ ପକାଇ ଟଙ୍କା ଉଠାଇ ନେଇଯାଇଛି। କବାଟ ଲାଗି ନ ଥିବା କୋଠାଘର ଫାଟି ଆଁ କରିଥିବାରୁ ଏବେ ସେମାନଙ୍କ ଜୀବନ ବିପଦରେ ଥିବା କେତେଜଣ ସାହିବାସୀ ଅଭିଯୋଗ କରିଛନ୍ତି। ସାହିର ପଙ୍କଜ ପଧାନ, ପ୍ରଶ୍ନ ପଧାନ, ଶୁକ୍ରୁ ପଧାନ, ଶନ୍ତୁ ପଧାନ, ମିଲୁ ପଧାନ, ରଞ୍ଜୁ ପଧାନ, ଲୋଚନ ପଧାନ, କୁମାରୀ ପଧାନ ପ୍ରମୁଖ ୯ ପରିବାରକୁ ରାଶନ କାର୍ଡ ମିଳି ନ ଥିବାରୁ ସରକାରୀ ଚାଉଳ ପାଇବାରୁ ସେମାନେ ବଞ୍ଚିତ ରହିଛନ୍ତି। କେତେଜଣ ବିଧବା ଓ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ମିଳିନାହିଁ। କରୋନା ଲକ୍‌ଡାଉନ ସମୟରେ ଦିଆଯାଉଥିବା ଚାଉଳ ସହ ୧୦୦୦ ଟଙ୍କା ଲେଖାଏ ମହ୍ଲାରସାହିବାସୀଙ୍କୁ ମିଳିନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାହିବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଅନୁଗୋଳ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଶିବପ୍ରସାଦ ବଳିଆରସିଂ କହିଛନ୍ତି, ବଜ୍ରପାତ ଯୋଗୁ ଟ୍ରାନ୍ସଫର୍ମରରେ ସମସ୍ୟା ଦେଖା ଦେଇଥିଲା। ଆଗରୁ ଉକ୍ତ ସାହିରେ କେହି ରହୁ ନ ଥିଲେ। ଏବେ ଲୋକେ ରହୁଥିବାରୁ ସେଠାକୁ କର୍ମଚାରୀଙ୍କୁ ପଠାଇ ଟ୍ରାନ୍ସଫର୍ମର ଅବସ୍ଥା ଦେଖିବା ପରେ ନୂଆ ବ୍ୟବସ୍ଥା କରାଯିବ। ଅନୁଗୋଳ ବିଡିଓ ଅଶ୍ୱିନୀ ଶତପଥୀଙ୍କୁ ବାରମ୍ବାର ନଂ.୯୪୩୭୩୨୪୩୫୩ରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିବାରୁ ମତାମତ ମିଳିପାରି ନାହିଁ। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଗଦେଇମୁଣ୍ଡା ମହ୍ଲାରସାହି ବାସିନ୍ଦାଙ୍କ ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ। ଆବାସ ଯୋଜନା, ଭତ୍ତା, ରାଶନ ବିଷୟରେ ଘଟଣାସ୍ଥଳକୁ ବିଡିଓଙ୍କୁ ପଠାଇ ତଦନ୍ତ କରାଯିବ। ଯଦି ସରକାରୀ କର୍ମଚାରୀ ବା ଡିଲରଙ୍କ ଅବହେଳା ନଜରକୁ ଆସେ ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି।

#### କେହି ଦୁଃଖ ବୁଝୁନାହାନ୍ତି



ଅଶିକ୍ଷିତ ହୋଇଥିବାରୁ ସରକାରୀ ଯୋଜନା ସମ୍ପର୍କରେ ଜାଣିପାରୁନୁ। ଜଙ୍ଗଲରୁ ଝୁଣା, ମହୁ, ଆଳୁ, ସାରୁ ସଂଗ୍ରହ କରି ଚଳୁଛୁ। ତିନିବର୍ଷ ବିଦ୍ୟୁତ୍ ସେବା ପାଇଛୁ। ୮ ବର୍ଷ ହେଲା ବିଜୁଳି ସଂଯୋଗ ବିଚ୍ଛିନ୍ନ ରହିଛି। କେହି ଆମ ଦୁଃଖ ବୁଝୁନାହାନ୍ତି।

-କୃଷ୍ଣ ପଧାନ, ସାହିବାସୀ

#### ପାଠପଢ଼ାର ସୁବିଧା ନାହିଁ



କାମଧନ୍ଦା କିଛି ମିଳୁନି। ଗାଁକୁ ରାସ୍ତା ନାହିଁ। ପିଲାମାନେ ପାଠ ପଢିବାର ସୁବିଧା ନାହିଁ। ଅଙ୍ଗନୱାଡ଼ିରୁ ଗର୍ଭବତୀ ଓ ଶିଶୁଙ୍କ ପାଇଁ କିଛି ମିଳୁନି। ଖୋଲା କୂଅରେ ପ୍ରଶାସନ ନଳକୂପ ବସେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ପାଦ କେବେ ଗାଁରେ ପଡ଼ିନି।

-ଅତର ପଧାନ, ସାହିବାସୀ

#### ନିର୍ବାଚନ ଆସିଲେ ପ୍ରତିଶ୍ରୁତି ମିଳୁଛି



ଲକ୍‌ଡାଉନ୍‌ବେଳର ଚାଉଳ, ଟଙ୍କା କିଛି ମିଳିନାହିଁ। ୯ ପରିବାର ଡିଲର ଚାଉଳ ପାଉନାହାନ୍ତି। ମୂଲ ମିଳିଲେ ଖାଉଛୁ ନ ହେଲେ ଭୋକରେ ରହିବାକୁ ପଡୁଛି। ସରକାର ଏତେ ଯୋଜନା କରୁଥିଲେ ମଧ ସାହିକୁ ସୁଫଳ ମିଳୁନି। ଖାଲି ନିର୍ବାଚନ ଆସିଲେ ପ୍ରତିଶ୍ରୁତି ମିଳୁଛି।

-ମୁନା ପଧାନ, ସାହିବାସୀ

#### ପଦକ୍ଷେପ ନିଆଯାଉନି



ସରକାର କ'ଣ ଦେଉଛନ୍ତି ଜାଣିନୁ। ଲକ୍‌ଡାଉନ୍ ବେଳେ ଗରିବ ପରିବାରକୁ ଦିଆଯାଇଥିବା ୧୦୦୦ ଟଙ୍କା ଆମକୁ ଦେଲେନାହିଁ। ମୂଲମଜୁରି କରି ଚଳୁଛୁ। ଥିଲେ ଖାଉଛୁ ନ ହେଲେ ନାହିଁ। ବିଦ୍ୟୁତ୍ ବିଷୟରେ ସରପଞ୍ଚଙ୍କୁ କୁହାଯାଇଥିଲା। କିଛି ହେଲା ନାହିଁ।

-ଯଶୋଦା ପଧାନ, ସାହିବାସୀ

#### ଯୋଜନା ସମ୍ପର୍କରେ ଜାଣିପାରୁନୁ



ସାହିର କେତେଜଣଙ୍କୁ ଭତ୍ତା ମିଳିନି। ପାଇଖାନା ସବୁ ଭାଙ୍ଗି ଗଲାଣି। ୨୫ ପରିବାରରୁ ୬ ପରିବାର ଆବାସ ପାଇଛନ୍ତି। କିନ୍ତୁ ସେ ଘର ସବୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସରକାରୀ ସୁବିଧା କଥା ଜାଣିପାରୁନୁ। ପାଖ ଗାଁର ମୁରବି, ରାଜନେତାମାନେ ଯାହା କହୁଛନ୍ତି ତାହା କରୁଛୁ।

-ଲୋକନାଥ ପଧାନ, ସାହିବାସୀ

#### ସାହିବାସୀ ବହୁ କଷ୍ଟରେ ଅଛନ୍ତି



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି। ନିର୍ମାଣ କାର୍ଯ୍ୟ ଏଯାଏ ଆରମ୍ଭ ହୋଇନି। ରାସ୍ତା, ପାଣି, ସ୍ୱାସ୍ଥ୍ୟ ବ୍ୟବସ୍ଥା, ସ୍କୁଲ, ବିଦ୍ୟୁତ୍ ସେବା ନାହିଁ। ଜଙ୍ଗଲ ମଧରେ ରହୁଥିବାରୁ ଆମ ସମସ୍ୟା ସରକାରଙ୍କ ଯାଏ ପହଞ୍ଚିପାରୁନାହିଁ। ସାହିବାସୀ ବହୁ କଷ୍ଟରେ ଅଛନ୍ତି।

-ନେଙ୍କୁରି ପଧାନ, ସାହିବାସୀ

## କ୍ରିକେଟ୍‌ର ଉନ୍ନତି ଉପରେ ଆଲୋଚନା

**ଅନୁଗୋଳ ଅଫିସ, ୧୪।୧**

ଅନୁଗୋଳ କଦମ ପଡିଆସ୍ଥିତ କାର୍ଯ୍ୟାଳୟଠାରେ ଜିଲା କ୍ରିକେଟ ସଂଘର ପ୍ରଥମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସମସ୍ତ ନବନିର୍ବାଚିତ କର୍ମକର୍ତ୍ତା ଯୋଗଦେଇ ଭିତ୍ତିଭୂମି କିଭଳି ବିକାଶ ହେବ ସେ ନେଇ ଆଲୋଚନା କରିଥିଲେ। ପ୍ରଥମେ କାର୍ଯ୍ୟନିର୍ବାହୀ କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ଅନୁଗୋଳ, ତାଳଚେର, ପାଲଲହଡା ଓ ଆଠମଲ୍ଲିକ ଉପଖଣ୍ଡରେ ଖେଳାଳିଙ୍କ ସଂଖ୍ୟାରେ ବୃଦ୍ଧି ସହ ଟର୍ଫ ଉଇକେଟ ଓ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ କାର୍ଯ୍ୟନିର୍ବାହୀ କମିଟି ଗଠନ ପରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର କରାଯାଇଥିଲା। ଜିଲା କ୍ରିକେଟ ସଂଘ ଉପସଭାପତି ପ୍ରଭାତ କୁମାର ସିହ୍ନା ଓ ଅରୁଣ କୁମାର ପୁଷ୍ପାଳକ, ସମ୍ପାଦକ ସାଗରନାଥ ମିଶ୍ର, ଯୁଗ୍ମସମ୍ପାଦକ ଗଙ୍ଗାଧର ପଟ୍ଟନାୟକ ଓ ସତ୍ୟେନ୍ଦ୍ର ପ୍ରଧାନ ଏବଂ କୋଷାଧକ୍ଷ ରଞ୍ଜନ କୁମାର ଧୀରସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ୨୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୪।୧**

ଅନୁଗୋଳ ଜିଲାରୁ ଗୁରୁବାର ୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୧୩୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧରେ ଛେଣ୍ଡିପଦା ବ୍ଲକରୁ ୧୦ ଜଣ, ବଣ୍ଡରପାଳ ବ୍ଲକରୁ ୫, ତାଳଚେର ବ୍ଲକରୁ ୪, ଅନୁଗୋଳ ବ୍ଲକରୁ ୪, ପାଲଲହଡ଼ା ବ୍ଲକରୁ ଜଣେ, କଣିହାଁ ବ୍ଲକରୁ ଜଣେ ଓ ତାଳଚେର ପୌରାଞ୍ଚଳରୁ ଜଣେ ପଜିଟିଭ୍ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୨୯ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଟିକାଦାନ ପ୍ରସ୍ତୁତି ଅନୁଧ୍ୟାନ

**ଅନୁଗୋଳ ଅଫିସ, ୧୪।୧**

ଅନୁଗୋଳ ଜିଲାରେ ଆସନ୍ତା ୧୬ ତାରିଖରୁ କୋଭିଡ୍ ଟିକାକରଣ ଆରମ୍ଭ ହେବ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ରାତିରେ ଭାକ୍ସିନ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସାରିଛି। ଗୁରୁବାର ପୂର୍ବାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମେଡିକାଲରେ ପହଞ୍ଚି ଭାକ୍ସିନ୍ ସୁରକ୍ଷିତ ଭାବେ ରହିଛି କି ନାହିଁ ତାହାର ଅନୁଧ୍ୟାନ କରିଥିଲେ। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ କୋଭିଡ୍ ଟିକା କିଭଳି ଭାବେ ପ୍ରଦାନ କରାଯିବ ସେ ନେଇ ପ୍ରୋଜେକ୍ଟର ମାଧମରେ ସମୀକ୍ଷା କରିଥିଲେ। ଏହି ପ୍ରସ୍ତୁତି ପ୍ରକ୍ରିୟାକୁ ନେଇ ଜିଲାପାଳ ସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

ଆସନ୍ତା ୧୬ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ବନ୍ତଲା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯିବ। ଏହି କାର୍ଯ୍ୟ ପାଇଁ କିଭଳି ବ୍ୟବସ୍ଥା କରାଯାଇଛି ସେସବୁର ସ୍ଥିତି ଜିଲାପାଳ ଅନୁଧ୍ୟାନ ସହ ସୁରୁଖୁରରେ ସାରିବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। କଡ଼ା ସୁରକ୍ଷା ବଳୟ ମଧରେ ଜିଲାର ୩୦ଟି କୋଲ୍ଡ ଚେନ୍ ପଏଣ୍ଟକୁ ଟିକା ପଠାଯିବା ବ୍ୟବସ୍ଥା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଜିଲାକୁ ପ୍ରଥମ ପର୍ଯ୍ୟାୟରେ ଭାକ୍ସିନର ୫,୧୦୦ ଡୋଜ୍ ଆସିଥିବାବେଳେ ୪,୫୯୦ ଜଣଙ୍କୁ ପ୍ରଥମେ ପ୍ରଦାନ କରାଯିବ। ଏ ନେଇ ୨୧୩ ଜଣ ଟିକା ପ୍ରଦାନକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜିଲାପାଳ ସ୍ୱାଇଁ କହିଛନ୍ତି, ଟିକା ପ୍ରଦାନ ପ୍ରସ୍ତୁତି ଶେଷ ହୋଇଛି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏସ୍‌ଓପିକୁ କଡ଼ାକଡ଼ି ଭାବେ ପାଳନ କରାଯିବ।



ବନ୍ତଲା ମେଡିକାଲରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜିଲାପାଳ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଛେଣ୍ଡିପଦା,୧୪।୧(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ କନକପଡା କୁମ୍ଭାର ସାହିର ମକା ଦାସଙ୍କ ମଝିଆଁ ପୁଅ ଚିତ୍ତରଥ ଦାସ(୨୪) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଚିତ୍ତ ଗୁଡିଆକାଟେଣିଠାରେ ଏକ ଇଲେକ୍ଟ୍ରି ଦୋକାନ କରିଛନ୍ତି। ଗୁରୁବାର ମକର ପର୍ବ ଥିବାରୁ ସେ ଗୁଡିଆକାଟେଣିରୁ ବାଇକ୍ ଯୋଗେ ଗାଁକୁ ଆସୁଥିଲେ। ମଧାହ୍ନ ୧୨ଟା ବେଳେ ସେ ତାଙ୍କ ବଡଭାଇ ଜିତେନ୍ଦ୍ରକୁ ଫୋନ କରି କୁର୍ଡମୁଣ୍ଡାଠାରେ ଅଛି ଆସ ବୋଲି କହିଥିଲେ। ଜିତେନ୍ଦ୍ର ସେଠାରେ ପହଞ୍ଚିବା ବେଳକୁ ଚିତ୍ତ ଏକ ଆମ୍ବ ଗଛରେ ରଶି ଲଗାଇ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ମକର ପାଇଁ ଭିଡ଼



ଅନୁଗୋଳ ବୁଢ଼ୀ ଠାକୁରାଣୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଛେଣ୍ଡିପଦା/ ବନ୍ତଲା/ ଆଠମଲ୍ଲିକ/ କଣିହାଁ/ ବଣ୍ଡରପାଳ, ୧୪।୧(ଡି.ଏନ.ଏ)**

ଛେଣ୍ଡିପଦା ବ୍ଲକ କୋଶଳା ଶିମିଳିସାହି ମୌଜାର ପଥରନାଳଠାରେ ଥିବା ଗିରି ଗୋବର୍ଦ୍ଧନ ଠାକୁର ଓ ମା' ରାମଚଣ୍ଡୀଙ୍କ ପୀଠରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ଅତିଥି ଭାବେ ଲିପୁନା ଭୁକ୍ତା, ସ୍ୱାଗତିକା ବିଶ୍ୱାଳ, ପବିତ୍ର ମୋହନ ସାହୁ, ଭୁବନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଦେହୁରୀସାହି ଓ କୋଶଳା ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ପୋକତୁଙ୍ଗା ରଣେଶ୍ୱର ମନ୍ଦିରରେ କରୋନା ପାଇଁ ଯାତ୍ରା ଓ ଉତ୍ସବକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଶ୍ରଦ୍ଧାଳୁମାନେ କେବଳ ମନ୍ଦିରରେ ଦର୍ଶନ କରିଥିଲେ। ପରିଚାଳନା କମିଟି, ନୀତିଭୋଗ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ। ଆଠମଲ୍ଲିକ ବ୍ଲକର ଦେଉଳଝରିରେ ବାବା ସିଦ୍ଧେଶ୍ୱର ମହାଦେବଙ୍କୁ ଭକ୍ତ ଦର୍ଶନ କରିଥିଲେ। କଣିହାଁ ବ୍ଲକ ବିଭିନ୍ନ ଗ୍ରାମରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ବଣ୍ଡରପାଳ ବ୍ଲକ କୁରୁଡୁଲୁ ଗ୍ରାମ ହନୁମାନ ବାଟିକାରେ ପୂଜାର୍ଚ୍ଚନା ହୋଇଥିଲା।

# ଶ୍ରୀଚନ୍ଦ୍ରଶେଖରଙ୍କ ନାଗାଭରଣ ବେଶ



କପିଳାସରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଢେଙ୍କାନାଳ ଅଫିସ, ୧୪।୧:** ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ କପିଳାସ କ୍ଷେତ୍ରାଧିପତି ଶ୍ରୀ ଚନ୍ଦ୍ରଶେଖରଜୀଉ ଦୁର୍ଲଭ ନାଗାଭରଣ ଏବଂ ମା' ପାର୍ବତୀ ସୁନାବେଶରେ ଦର୍ଶନ ଦେଇଛନ୍ତି। ଏହି ଉପଲକ୍ଷେ ଦିନତମାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ପ୍ରଶାସନିକ ନିର୍ଦ୍ଦେଶ ଅନୁଯାୟୀ କେବଳ ଜିଲାବାସୀ ଏହି ବେଶ ଦର୍ଶନର ସୁଯୋଗ ପାଇଥିଲେ। ଶୁକ୍ରବାରଠାରୁ କପିଳାସ ପୀଠଦ୍ୱାର ସମସ୍ତଙ୍କ ଲାଗି ଉନ୍ମୁକ୍ତ ରହିବ। ବାହାର ଜିଲାର ଶ୍ରଦ୍ଧାଳୁମାନେ ମଧ ଏଣିକି ମହାଦେବଙ୍କ ଦର୍ଶନ କରିପାରିବେ।

କପିଳାସ ପୀଠର ପ୍ରମୁଖ ପର୍ବ ମଧରେ ମକର ସଂକ୍ରାନ୍ତି ଅନ୍ୟତମ। ଏହି ଦିନ ଠାକୁରଙ୍କ ସ୍ୱତନ୍ତ୍ର ବେଶ ଏବଂ ନୀତି ହୋଇଥାଏ। ଏହାକୁ ନଜରରେ ରଖି ଦେବୋତ୍ତର ବିଭାଗ ଏବଂ ପୋଲିସ ପକ୍ଷରୁ କଡ଼ା ବ୍ୟବସ୍ଥା କରାଯାଇଥିଲା। ପରିଚୟପତ୍ର, କୋଭିଡ୍ ନେଗେଟିଭ୍ ରିପୋର୍ଟକୁ କଡ଼ାକଡ଼ି ଯାଞ୍ଚ କରି ପର୍ଯ୍ୟାୟକ୍ରମେ ପୀଠ ଉପରକୁ ଛଡ଼ାଯାଇଥିଲା। ଦେଓଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ରିପୋର୍ଟ ଲାଗି ଆଣ୍ଟିଜେନ୍ ଟେଷ୍ଟ ବ୍ୟବସ୍ଥା ହୋଇଥିଲା। ଶ୍ରୀଚନ୍ଦ୍ରଶେଖର ଏବଂ ମା' ପାର୍ବତୀଙ୍କ ନିକଟରେ ମକର ଚାଉଳ ଭୋଗ ଲାଗି ହୋଇଥିଲା। ସେହିପରି ମନ୍ଦିର ପରିସରରେ ମଧ କୋଭିଡ୍ ନିୟମ ପାଳନ କରାଯାଇଥିଲା। ପରିଷ୍କାର, ପରିଚ୍ଛନ୍ନତା ଲାଗି ବ୍ୟବସ୍ଥା କରାଯାଇଥିଲା। ସାମାଜିକ ଦୂରତ୍ୱ ନିୟମ ପାଳନ ପୂର୍ବକ ଶ୍ରଦ୍ଧାଳୁମାନେ ଧାଡ଼ିବାନ୍ଧି ଦିଅଁ ଦର୍ଶନ କରିଥିଲେ।

#### ବର୍ଷକୁ ୩ ଥର ଦୁର୍ଲଭ ବେଶ



ମକର ସଂକ୍ରାନ୍ତି ଉପଲକ୍ଷେ ଠାକୁରଙ୍କ ନାଗାଭରଣ ବେଶ ଦର୍ଶନ ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୀଠରେ ମକରସଂକ୍ରାନ୍ତି, ମହାଶିବରାତ୍ରି ଏବଂ ପୁଷ୍ୟାଭିଷେକ ଅବସରରେ ମହାପ୍ରଭୁ ଦୁର୍ଲଭ ନାଗାଭରଣ ବେଶରେ ଦର୍ଶନ ଦେଇଥାନ୍ତି।

-ନିରଞ୍ଜନ ମହାପାତ୍ର, ମୁଖ୍ୟ ସେବକ

#### କଟକଣା କଡ଼ାକଡ଼ି ପାଳନ କରାଯାଉଛି



-କପିଳାସ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ କୋଭିଡ୍ କଟକଣା ନିୟମକୁ କଡାକଡି ପାଳନ କରାଯାଉଛି। ବାରବାଙ୍କ ପୂର୍ବରୁ ଯାନବାହନକୁ ଅଟକାଯାଇ ଯାଞ୍ଚ କରାଯିବା ସହ ଶ୍ରଦ୍ଧାଳୁଙ୍କ ପରିଚୟପତ୍ର ଏବଂ କୋଭିଡ୍ ନେଗେଟିଭ୍ ରିପୋର୍ଟ ଯାଞ୍ଚ କରାଯାଉଛି।

-ପ୍ରଦ୍ୟୁମ୍ନ ତ୍ରିପାଠୀ, ଦେବୋତ୍ତର ନିରୀକ୍ଷକ

# ପୋଲିସ ନଜରରେ ବିଜୁ ମଇଦାନ

- ଘନ ଘନ ବୁଲିଲା ପିସିଆର୍ ଭ୍ୟାନ୍
- ମେଳି ବାନ୍ଧିଥିବା ଯୁବକଙ୍କୁ ଘଉଡ଼ାଇଲା ପୋଲିସ
- ପଦକ୍ଷେପକୁ ସହରବାସୀଙ୍କ ପ୍ରଶଂସା

**ଅନୁଗୋଳ ଅଫିସ, ୧୪।୧**

ଅନୁଗୋଳ ସହରରେ ଥିବା ବିଜୁ ମଇଦାନ ଅସାମାଜିକଙ୍କ ଦଖଲକୁ ଚାଲିଯାଇଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ସକାଳ ଓ ସନ୍ଧ୍ୟା ଭ୍ରମଣ, ବ୍ୟାୟାମ ପାଇଁ ସେଠାକୁ ଯାଉଥିବା ବୟସ୍କମାନେ ଅସୁରକ୍ଷିତ ମଣୁଥିଲେ। ଏପରି କି ପ୍ରେମୀଯୁଗଳମାନେ ସେଠାରେ ଅସଂଯତ ଅବସ୍ଥାରେ ବସୁଥିବାରୁ ବିଜୁ ମଇଦାନର ସୁସ୍ଥ ପରିବେଶ ନଷ୍ଟ ହେଉଥିଲା। ଏ ନେଇ ଗୁରୁବାର 'ଧରିତ୍ରୀ'ରେ ରିପୋର୍ଟ ପ୍ରକାଶ ପରେ ଅନୁଗୋଳ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଦୁଇ ଦିନ ତଳେ ନିଜେ ଏସ୍‌ପି ପରିସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଗୁରୁବାର ପୋଲିସ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିଛି। ଜଣେ ଅଫିସରଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସାଧାରଣ ଲୋକଙ୍କ ସକାଳ ଓ ସନ୍ଧ୍ୟା ଭ୍ରମଣରେ ଯେପରି କୌଣସି ସମସ୍ୟା ନ ଉପୁଜିବ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅସାମାଜିକ ବ୍ୟକ୍ତି ବା କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେଣୁ ଅପରାହ୍ନରେ ବିଜୁ ମଇଦାନ ଚତୁଃପାର୍ଶ୍ୱରେ ପିସିଆର ଭ୍ୟାନ୍ ପଇଁତରା ମାରିଥିଲା। ମେଳି ବାନ୍ଧିଥିବା କେତେଜଣଙ୍କୁ ପୋଲିସ ସ୍ଥାନ ଛାଡ଼ିବାକୁ କହିଥିଲା। ସନ୍ଧ୍ୟା ପୂର୍ବରୁ ପୁଣି ପୋଲିସ ମଇଦାନରେ ପହଞ୍ଚି ଆଡ୍ଡା ଜମାଇଥିବା ଯୁବକମାନଙ୍କୁ ତଡ଼ି ଦେଇଥିଲା। ପୋଲିସର ଏପରି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। କେବଳ ମନଫୁର୍ତ୍ତି କରିବାକୁ ଆସୁଥିବା ଯୁବଗୋଷ୍ଠୀମାନଙ୍କୁ ସହରରେ ଥିବା ପାର୍କକୁ ଯିବାକୁ କୁହାଯାଇଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ବିଜୁ ମଇଦାନରେ ଅସାମାଜିକମାନେ ଆଡ୍ଡା ଜମାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ବୟସ୍କ ମହିଳା ଓ ପୁରୁଷମାନେ ନିଜକୁ ସୁରକ୍ଷିତ ମଣୁ ନ ଥିଲେ। ତେଣୁ ସେମାନଙ୍କ ସୁରକ୍ଷା ଓ ଅସାମାଜିକ କାର୍ଯ୍ୟକଳାପ ବନ୍ଦ ପାଇଁ ପୋଲିସ ମୁତୟନ କରାଯାଇଛି।



ବିଜୁ ମଇଦାନରେ ପୋଲିସ ପଇଁତରା ମାରୁଛି।

**ସଂକ୍ଷେପରେ**

## ଡିସେମ୍ବର ପାଇକାରୀ ମୁଦ୍ରାସ୍ଫୀତି ୧.୨୨%

**ନୂଆଦିଲ୍ଲୀ,୧୪।୧:** ଡିସେମ୍ବରରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୧.୨୨% ସ୍ତରରେ ରହିଛି। ନଭେମ୍ବରରେ ଏହା ୧.୫୫% ସ୍ତରରେ ରହିଥିଲା। ୨୦୧୯ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୨.୭୬% ସ୍ତରରେ ଥିଲା। ଗୁରୁବାର ସରକାର ଜାରି କରିଥିବା ଡାଟା ମୁତାବକ, ଖାଦ୍ୟ ସାମଗ୍ରୀ ବର୍ଗରେ ପାଇକାରୀ ମୁଦ୍ରାସ୍ଫୀତି ନଭେମ୍ବରରେ ୪.୨୭% ସ୍ତରରେ ରହିଥିଲା। ଏହା ୨୦୨୦ ଡିସେମ୍ବରରେ ୦.୯୨% ସ୍ତରକୁ ଖସିଛି। ସେହିଭଳି ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୫୯% ସ୍ତରକୁ ଖସିଛି। ଖାଦ୍ୟ ସାମଗ୍ରୀ ଦର କମିବା ଯୋଗୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି।

## ଭାରତୀ ଆକ୍ସା ଜୀବନବୀମା କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧନା

**କଟକ,୧୪।୧:** ଘରୋଇ ଉଦ୍ୟୋଗରେ ପରିଚାଳିତ ଭାରତୀ ଆକ୍ସା ଜୀବନବୀମା କମ୍ପାନୀ ପକ୍ଷରୁ ଏକ ଏମ୍‌ଡିଆର୍‌ଟି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୀମା କ୍ଷେତ୍ରରେ ସଫଳତା ପାଇଁ ଏମ୍‌ଡିଆର୍‌ଟି କେଦାରନାଥ ଜାଲି ଓ ମାଳତି ଜାଲିଙ୍କୁ ଏମ୍‌ଡିଆରଟି ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି କମ୍ପାନୀର ପ୍ରଥମ ଏମ୍‌ଡିଆର୍‌ଟି ରିତେଶ କୁମାର ମହାପାତ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କମ୍ପାନୀର ଆଞ୍ଚଳିକ ମୁଖ୍ୟ ଅଶୋକ କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟଙ୍କ ସମେତ ଆଞ୍ଚଳିକ ପରିଚାଳକ ହିମାଂଶୁ ଶେଖର ସ୍ୱାଇଁ, ଶାଖା ପରିଚାଳକ ପ୍ରବୋଧ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ସେଠୀ, ରଶ୍ମିତା ମାଝି, ଝୁନୁବାଳା ସ୍ୱାଇଁ, ଆଶିଷ ସାହୁ, ତ୍ରିଦୀପ ରାୟ ଓ ସମସ୍ତ ଆଡଭାଇଜରି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପ୍ରମୁଖ ଯୋଗ ଦେଇଥିଲେ।

# ସେଲ୍‌ରୁ ୧୦% ଅଂଶଧନ ଖସାଇବେ ସରକାର

ନୂଆଦିଲ୍ଲୀ,୧୪।୧




ରାଷ୍ଟ୍ରାୟତ୍ତ ଇସ୍ପାତ ପ୍ରସ୍ତୁତକାରୀ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ସେଲ୍)ରୁ ସରକାର ୧୦% ଅଂଶଧନ ଖସାଇବେ। ଏ ନେଇ ପ୍ରସ୍ତାବ ଦିଆଯାଇଥିବା ସରକାର ବୁଧବାର ସୂଚନା ଦେଇଛନ୍ତି। ଏଥିଲାଗି ଅଫର ଫର୍ ସେଲ୍ (ଓଏଫ୍‌ଏସ୍) ଗୁରୁବାରଠାରୁ ଆରମ୍ଭ ହୋଇଛି। ଅଣ ରିଟେଲ ନିବେଶକଙ୍କ ଲାଗି ଓଏଫ୍‌ଏସ୍ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ରିଟେଲ ନିବେଶକ ମାନେ ଏଥିରେ ଭାଗ ନେଇପାରିବେ। କେନ୍ଦ୍ର ସରକାର ୫% ଇକ୍ୱିଟି ଅଂଶଧନ ପୁଞ୍ଜି ପ୍ରତ୍ୟାହାର କରିବାକୁ ଥିବା ବେଳେ ୫% ଗ୍ରୀନ୍‌ସୋ ବିକଳ୍ପ ବାଛିବେ ବୋଲି ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ) ସଚିବ ତୁହିନକାନ୍ତ ପାଣ୍ଡେ ସୂଚନା ଦେଇଛନ୍ତି।

ସେଲ୍‌ରେ ସରକାରଙ୍କର ୭୫% ଅଂଶଧନ ରହିଛି। ଏହା ପୂର୍ବରୁ ୫% ଅଂଶଧନକୁ ସରକାର ଖସାଇଥିଲେ। ବର୍ତ୍ତମାନ ଜାରି ହୋଇଥିବା ଓଏଫ୍‌ଏସ୍ ଫ୍ଲୋର ପ୍ରାଇସ ଇକ୍ୱିଟି ଶେୟାର ପିଛା ୬୪ ଟଙ୍କା ରହିଥିବା ସଂସ୍ଥା ପକ୍ଷରୁ ରେଗୁଲେଟୋରି ଫାଇଲିଂରେ ସୂଚନା ଦିଆଯାଇଛି। ମୋଟ ୪୧.୩ କୋଟି ଶେୟାର ଲାଗି ଓଏଫ୍‌ଏସ୍ ଜାରି କରାଯାଇଛି। ଏହାଦ୍ୱାରା ସରକାର ମୋଟ ୨,୬୬୪ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛନ୍ତି। ଚଳିତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ଅଂଶଧନ ବିକ୍ରିରୁ ୨.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖାଯାଇଛି। ସେଲ୍‌ର ଏହି ଓଏଫ୍‌ଏସ୍ ଏଥିରେ ଯୋଗଦାନ ରଖିପାରିବ। ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ମଧ୍ୟରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଂଶଧନ ବିକ୍ରିରୁ ୧.୨୦ ଲକ୍ଷ କୋଟି ଟଙ୍କା ସଂଗ୍ରହ ଯୋଜନା ମଧ୍ୟ ସାମିଲ ରହିଛି। ସେହିଭଳି ବଳକା ୯୦ ହଜାର କୋଟି ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ପୁଞ୍ଜି ପ୍ରତ୍ୟାହାର ନେଇ ଲକ୍ଷ୍ୟ ରଖାଯାଇଛି।

ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଲାଗି ଇଣ୍ଡିଆନ ରେଲୱେ ଫାଇନାନ୍ସ କର୍ପୋରେଶନ (ଆଇଆର୍‌ଏଫ୍‌ସି) ଆଇପିଓ ଦ୍ୱାରା ୪,୬୦୦ କୋଟି ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଦୀପମ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ସରକାର ବର୍ତ୍ତମାନ ସୁଦ୍ଧା ୨୮,୨୯୮ କୋଟି ଟଙ୍କା ସଂଗ୍ରହ କରିସାରିଛନ୍ତି। ସରକାର ତାଙ୍କ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ପୂରଣ କରିବେ ନାହିଁ ବୋଲି କୁହାଯାଉଛି। ସେହିଭଳି ବିତ୍ତୀୟ ନିଅଣ୍ଟ ମଧ ଚିନ୍ତାର କାରଣ ପାଲଟିଛି। କୋଭିଡ୍ ଯୋଗୁ ଭାରତ ପେଟ୍ରୋଲିୟମର ଘରୋଇକରଣକୁ ଆସନ୍ତା ଆର୍ଥିକ ବର୍ଷକୁ ଘୁଞ୍ଚାଯାଇଛି। ସେହିଭଳି ମହାମାରୀ ଯୋଗୁ ରାଜସ୍ୱ ସଂଗ୍ରହ ମଧ ଗଭୀର ଭାବେ ପ୍ରଭାବିତ ହୋଇ ରହିଛି।

## ୨୯ରୁ ବଜେଟ ଅଧିବେଶନ




**ନୂଆଦିଲ୍ଲୀ,୧୪।୧:** ଚଳିତ ମାସ ୨୯ତାରିଖରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେଉଛି। ଏହିଦିନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ସେହିଭଳି ସାଧାରଣ ବଜେଟ ଫେବୃୟାରୀ ପହିଲାରେ ଆସିବ। ବଜେଟ ଅଧିବେଶନ ଏପ୍ରିଲ ୮ ଯାଏ ଚାଲିବ ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ ଗୁରୁବାର ସୂଚନା ମିଳିଛି। ବିଭିନ୍ନ ମନ୍ତ୍ରଣାଳୟର ଖର୍ଚ୍ଚଦାବିକୁ ବିଚାର କରିବା ଏବଂ ଏହାର ରିପୋର୍ଟ ପ୍ରସ୍ତୁତ କରିବା ଲାଗି କିଛି ସମୟ ଦିଆଯିବ। ଫେବୃୟାରୀ ୧୫ରେ ଗୃହକୁ ମୁଲତବୀ ଘୋଷଣା କରାଯିବ। ଏହା ପୁଣି ଥରେ ମାର୍ଚ୍ଚ ୮ରେ ଶୁଭାରମ୍ଭ ହେବ। କରୋନା ମହାମାରୀକୁ ଧ୍ୟାନରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବ ଅଧିବେଶନ ଭଳି ପର୍ଯ୍ୟାୟ ଭିତ୍ତିରେ ଏହା ଅନୁଷ୍ଠିତ ହେବ। ଲୋକ ସଭା ସନ୍ଧ୍ୟା ଶିଫ୍ଟ ଏବଂ ରାଜ୍ୟ ସଭା ସକାଳେ ବସିବ। ବଜେଟ ଅଧିବେଶନରେ ପ୍ରଶ୍ନକାଳ ରହିବା ନେଇ କୁହାଯାଉଛି। ପୂର୍ବ ଅଧିବେଶନରେ ସଦନ ୪ ଘଣ୍ଟା ଲେଖାଏ ବସୁଥିବାରୁ ପ୍ରଶ୍ନକାଳକୁ ବାଦ୍ ଦିଆଯାଇଥିଲା। ପ୍ରଶ୍ନକାଳ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଶୀଘ୍ର ହେବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି।

## ବନ୍ଦ ହେବ ସ୍କୁଟର ଇଣ୍ଡିଆ, ଭାରତ ପମ୍ପସ୍

**ନୂଆଦିଲ୍ଲୀ,୧୪।୧:** ରାଷ୍ଟ୍ରାୟତ୍ତ କମ୍ପାନୀ ସ୍କୁଟର ଇଣ୍ଡିଆ ଏବଂ ଭାରତ ପମ୍ପସ୍ ଆଣ୍ଡ କମ୍ପ୍ରେସର ବନ୍ଦ ହୋଇଯିବ। ଏହି କମ୍ପାନୀଗୁଡ଼ିକୁ ପରିଚାଳନା ଲାଗି ଯୋଗ୍ୟ ସଂସ୍ଥା ନ ପାଇବାରୁ ସରକାର ବାଧ ହୋଇ ଏଥିରେ ତାଲା ପକାଇବେ। ଏହି ୨ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଉତ୍ତର ପ୍ରଦେଶରେ ରହିଛି। ଉକ୍ତ କମ୍ପାନୀଗୁଡ଼ିକୁ ବିକିବା ନେଇ ପୂର୍ବରୁ ବହୁ ପ୍ରୟାସ କରାଯାଇଥିଲା। ମାତ୍ର ଏହା ଫଳପ୍ରଦ ହୋଇପାରିନାହିଁ। ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ସ୍କୁଟର ଇଣ୍ଡିଆ ବନ୍ଦ ହେବା ପ୍ରସଙ୍ଗ ସ୍ଥାନିତ ହୋଇଥିଲା। କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକୁ କ୍ରୟ କରିବା ଲାଗି ଯଦି କୌଣସି ଯୋଗ୍ୟ ବିଡର ନ ମିଳନ୍ତି ତେବେ କମ୍ପାନୀଗୁଡ଼ିକୁ ବନ୍ଦ କରିବା ଉପରେ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ) ପକ୍ଷରୁ ମତାମତ ଲୋଡ଼ାଯାଇଥିଲା।

କମ୍ପାନୀଗୁଡ଼ିକୁ ବନ୍ଦ କରିବା ନେଇ ପରାମର୍ଶ ଦିଆଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କ୍ରେତା ନ ମିଳିବାକୁ କମ୍ପାନୀଗୁଡ଼ିକ ବିକ୍ରି ହୋଇପାରୁନାହିଁ। ସୂଚନାଯୋଗ୍ୟ, ସ୍କୁଟର ଇଣ୍ଡିଆ ୧୯୭୨ରେ ସ୍ଥାପନ ହୋଇଥିଲା। ୩ଚକିଆ ଯାନ ଲାଗି ବୋର୍ଡ ସ୍ୱେକ୍ଟ୍ରମ ଡିଜାଇନ, ଉନ୍ନତୀକରଣ, ମାନୁଫାକଚରିଂ ଏବଂ ମାର୍କେଟିଂ କ୍ଷେତ୍ରରେ ଏହା କାମ କରୁଥିଲା। ୧୯୭୫ରେ ଭିଜାଇ ସୁପର ନାମରେ ଏକ ସ୍କୁଟର ମାନୁଫାକଚରିଂ ଆରମ୍ଭ କରିଥିଲା। ଏହାବାଦ ବିଦେଶୀ ବଜାରକୁ ଲାମ୍ବ୍ରେଟା ନାମରେ ଏହା ଯାନ ରପ୍ତାନି କରିଥିଲା। ପରେ ବିକ୍ରମ ଏବଂ ଲାମ୍ବ୍ରୋ ନାମରେ ୩ ଚକିଆ ଯାନ ଏହା ବଜାରକୁ ଛାଡ଼ିଥିଲା।



## ୯୧.୮୪ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ,୧୪।୧:** ଗୁରୁବାର ଭାରତୀୟ ଶେୟାର ବଜାରରେ କାରବାର ବେଶ୍ ଉନ୍ନତ ସ୍ତରରେ ରହିଛି। ଆଇଟି କମ୍ପାନୀଗୁଡିକର ଶେୟାର କାରବାର ଏବଂ ପ୍ରଫିଟ ବୁକିଂ କମ୍ ରହିବା ଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ କାରବାର ରେକର୍ଡ ସ୍ତରରେ ରହିଛି। ବୁଧବାର ସେନ୍‌ସେକ୍ସ କିଛି ପଏଣ୍ଟ ନିମ୍ନରେ ରହିଥିଲା। ହେଲେ ଗୁରୁବାର ୩୦ ଶେୟାର ବିଶିଷ୍ଟ ଏହି ସୂଚକାଙ୍କ ସର୍ବକାଳୀନ ରେକର୍ଡ ୪୯,୫୮୯.୧୬ ପଏଣ୍ଟ ସ୍ତରରେ ରହିଛି। ସେନ୍‌ସେକ୍ସ ୯୧.୮୪ ପଏଣ୍ଟ ବା ୦.୧୯% ଉର୍ଦ୍ଧ୍ୱରେ ରହିଥିବା ଜଣାପଡିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ନିଫ୍ଟି କାରବାର ୩୦.୭୫ ପଏଣ୍ଟ(୦.୨୧%) ଉର୍ଦ୍ଧ୍ୱରେ ରହିବା ଫଳରେ ୧୪,୫୯୫.୬୦ ପଏଣ୍ଟରେ ବନ୍ଦ ହୋଇଛି।

## ଟିପିସିଓଡିଏଲ୍‌ର ମହିଳା ଗ୍ରାହକ ସେବା କେନ୍ଦ୍ର

ପୁରୀ, ୧୪।୧

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁରୁବାର ପୁରୀ କ୍ଷେତ୍ରରେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ଦ୍ୱିତୀୟ ଗ୍ରାହକ ସେବା କେନ୍ଦ୍ର (କଷ୍ଟମର କେୟାର୍ ସେଣ୍ଟର)ର ଉଦ୍‌ଘାଟନ କରାଯାଇଛି। ଏହି କେନ୍ଦ୍ରକୁ ପୁରୀର ଉପଜିଲାପାଳ ଇତିଶ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟିପିସିଓଡିଏଲ୍‌ର ବରିଷ୍ଠ ପରିଚାଳନା ଅଧିକାରୀ ଓ ମହିଳା କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ମହିଳାମାନେ କିପରି ଅର୍ଥନୈତିକ ସ୍ୱାଧୀନତା ପାଇବେ ସେ ଦିଗରେ ଟିପିସିଓଡିଏଲ୍ କାର୍ଯ୍ୟ କରୁଛି। ସେଥିପାଇଁ କମ୍ପାନୀର ଅଭିବୃଦ୍ଧି ଓ ବିକାଶର ନୂତନ ଉପାୟ ଅବଲମ୍ବନ କରାଯାଇଛି। ଏହି ପ୍ରତିଶ୍ରୁତି ପାଳନ ପାଇଁ କମ୍ପାନୀ ପକ୍ଷରୁ ପୁରୀରେ ବିବିଧ ସୁବିଧା ରହିଥିବା ଏବଂ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଥିବା ଦ୍ୱିତୀୟ ଗ୍ରାହକ ସେବା କେନ୍ଦ୍ର ଖାଉଟିଙ୍କ ପାଇଁ ଆରମ୍ଭ କରାଯାଇଛି। ଏହି କେନ୍ଦ୍ରକୁ କେବଳ ମହିଳା କର୍ମଚାରୀମାନେ ପରିଚାଳନା କରିବେ। ଏହା ଜରିଆରେ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ, ବିଲ୍ ପେମେଣ୍ଟ, ଉପଭୋକ୍ତାଙ୍କ ଅଭିଯୋଗ ସମାଧାନ ନିମନ୍ତେ ଏହି କର୍ମଚାରୀମାନେ ସହାୟତା ପ୍ରଦାନ କରିବେ। ସେହିଭଳି ଉତ୍କୃଷ୍ଟ ଶ୍ରେଣୀର ଗ୍ରାହକ ସେବାରେ ମହିଳାମାନେ ଶକ୍ତିଶାଳୀ ଭୂମିକା ଗ୍ରହଣ କରିବେ ବୋଲି ସୂଚନା ମିଳିଛି।



ଏହି ଅବସରରେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏମ୍. ସେନବାଗମ୍ କହିଛନ୍ତି, ମହିଳା ସଶକ୍ତୀକରଣ ଦିଗରେ ଆମେ ଆଉ ଏକ ପଦକ୍ଷେପ ଗ୍ରହଣ କରିଛୁ।

## ସୋଲାର ପ୍ୟାନେଲ ଚୋର ଗ୍ୟାଙ୍ଗ୍ ଗିରଫ

ରାୟଗଡ଼ା ଅଫିସ,୧୪।୧

**୧୨ ସୋଲାର ପ୍ୟାନେଲ, ଗାଡ଼ି ଜବତ**

ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ଓଷାପଡ଼ା ଅଞ୍ଚଳରେ ଲାଗିଥିବା ସୋଲାର ପ୍ୟାନେଲଗୁଡ଼ିକୁ ନିୟମିତ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ଟିକିରି ଥାନା ପୋଲିସ ଗିରଫ କରିଛି। ଏହି ଘଟଣାରେ ପୋଲିସ ୪ ଚୋର ଏବଂ ସୋଲାର୍ ପ୍ୟାନେଲ କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ପ୍ୟାନେଲ ଏବଂ ଏକ ବୋଲେରୋ ଗାଡ଼ି ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଚୋର ଗ୍ୟାଙ୍ଗ୍ ଇଏମ୍‌ଏମ୍‌ଭିଇଇ ନାମକ ଏକ ଘରୋଇ କମ୍ପାନୀର ୧୨ଟି ସୋଲାର୍ ପ୍ୟାନେଲ୍ ଓଷାପଡ଼ାସ୍ଥିତ ଆଦିତ୍ୟ ବିର୍ଲା ସୋଲାର୍ ପ୍ଲାଣ୍ଟରୁ ଚୋରି କରି ନେଇଥିଲେ। ଡିସେମ୍ବର ୧୨, ୧୮ ଏବଂ ଜାନୁୟାରୀ ୧ ମଧ୍ୟରାତ୍ରିରେ ଏହି ପ୍ୟାନେଲ୍‌ଗୁଡ଼ିକୁ ଚୋରି କରାଯାଇଥିବା ପ୍ଲାଣ୍ଟ ପକ୍ଷରୁ ଟିକିରି ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ଜାରି ରଖିଥିଲା। ଗୁରୁବାର ଅଭିଯୁକ୍ତଙ୍କ ବିଷୟରେ ସୂଚନା ପାଇ ଟିକିରି ଥାନାଧିକାରୀ ବି. ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ତପନ ନାରାୟଣ ରଥ ସୂଚନା ଦେଇଛନ୍ତି। ଜବତ ସୋଲାର୍ ପ୍ୟାନେଲର ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।


ଜବତ ସୋଲାର ପ୍ୟାନେଲ ଏବଂ ଗାଡ଼ି।

**ରାଜ୍ୟ ଖବର**

## ଦିନତମାମ ଦର୍ଶନ ଦେଲେ ଶ୍ରୀରଘୁନାଥ

ଓଡ଼ଗାଁ,୧୪।୧(ସ୍ୱ.ପ୍ର.)

ମକର ସଂକ୍ରାନ୍ତି ଅବସରରେ ଓଡ଼ଗାଁର ଶ୍ରୀରଘୁନାଥଜୀଉ ଗୁରୁବାର ଦିନତମାମ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ଏହି ପରିପ୍ରେକ୍ଷୀରେ ମନ୍ଦିର ପରମ୍ପରା ଅନୁସାରେ ବର୍ଷର ଗୋଟିଏ ଦିନ ଶ୍ରୀଜୀଉଙ୍କ ଦିବା ପହୁଡ଼ ପଡି ନ ଥାଏ । ମକର ପର୍ବ ନୀତି ଅନୁସାରେ ଭୋର ସାଢ଼େ ୪ଟାରେ ଦ୍ୱାରଫିଟା ନୀତି ଆରମ୍ଭ ହୋଇ ୫ଟାରେ ମଙ୍ଗଳ ଆଳତି, ପଞ୍ଚାମୃତ ସ୍ନାନ, ମହାସ୍ନାନ, ତଡପଲାଗି, ମଇଲମ, ଖଟଣି ନୀତି କରାଯାଇ ଶ୍ରୀଜୀଉମାନଙ୍କୁ ମଣ୍ଡାମାଳ ଲାଗି କରାଯାଇ ମକରବେଶରେ ସଜ୍ଜିତ କରାଯାଇଥିଲା। ସକାଳ ୬ଟାରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀ ଭାଗବତଜୀଉ ପୂଜାପରେ ବଲ୍ଲଭ ନୀତି ଲାଗି ହୋଇଥିଲା। ପରେ ଖେଚୁଡି ଧୂପ, କର୍ପୂର ଆଳତି, ମହାଆଳତି, ଚାମର ସେବା ନୀତି ସମାପନ ହୋଇଥିଲା। ସନ୍ଧ୍ୟାରେ ପ୍ରଭୁଙ୍କ ମକର ବେଢା ନୀତି ହୋଇଥିଲା । ପାଳିଆ ପଣ୍ଡା ତଥା ପୂଜକ ପରିଷଦ ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ନୀତି କାର୍ଯ୍ୟ ସମ୍ପାଦନ କରିଥିଲେ ।

# ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠି ହଡ଼ପ

ଯାଜପୁର ଅଫିସ,୧୪।୧

- ଜାଲ୍ ବିବାହ ପ୍ରମାଣପତ୍ର, ରସିଦ ଦାଖଲ
- ଆରଟିଆଇ ତଥ୍ୟରେ ଫିଟିଲା ଗୁମର
- ଜିଲାପାଳ, ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ

ନକଲି ବାର୍ଷିକ ଦେୟ ରସିଦ ଓ ବିବାହ ପ୍ରମାଣପତ୍ର ପ୍ରସ୍ତୁତ କରି ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ୫୪ ଲକ୍ଷ ୩୫ ହଜାର ଟଙ୍କା ହଡପ କରାଯାଇଥିବା ଯାଜପୁର ଜିଲାପାଳ, ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ତଥ୍ୟ ହାସଲ କରି କଳ୍ପତରୁ ଧଳ ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ଏଥିରେ ଯାଜପୁର ଶ୍ରମ କାର୍ଯ୍ୟାଳୟରୁ ଏକାଧିକ ଅଧିକାରୀ ସଂପୃକ୍ତ ଥିବା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁସାରେ ଯେଉଁ ବିବାହ ପ୍ରମାଣ ପତ୍ର ପଇଠ କରାଯାଇ ହିତାଧିକାରୀଙ୍କ ନାମରେ ଟଙ୍କା ଉଠାଣ ହୋଇଛି, ସେସବୁ ପ୍ରମାଣ ପତ୍ର ଜାଲ୍ ବୋଲି ବ୍ଲକ ସୂତ୍ରରୁ ସୂଚନା ମିଳିଛି। ୨୦୧୮-୧୯ରେ ରସୁଲପୁର ଓ ସୁକିନ୍ଦା ବ୍ଲକର ୧୭୯ ଜଣ ନିର୍ମାଣ ଶ୍ରମିକଙ୍କୁ ବିବାହ ସହାୟତା ରାଶି ପ୍ରଦାନ କରାଯାଇଛି। ୨୫ହଜାର ଟଙ୍କା କରି ୧୭୯ ହିତାଧିକାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ୪୪ଲକ୍ଷ ୭୫ ହଜାର ଟଙ୍କା ଦିଆଯାଇଛି। କିନ୍ତୁ ତଥ୍ୟ ହାସଲ କରିବା ପରେ ସୂଚନା କର୍ମୀ ଧଳ ସୁକିନ୍ଦା ଏବଂ ରସୁଲପୁର ବ୍ଲକରୁ ପଞ୍ଜିକୃତ ଶ୍ରମିକଙ୍କ ବିବାହ ପ୍ରମାଣ ପତ୍ରର ରେଜିଷ୍ଟର ଆରଟିଆଇରେ ମାଗିବା ପରେ ବହୁ ଗୁମର ଫିଟିଛି। ତଥ୍ୟ ଅନୁଯାୟୀ ରସୁଲପୁର ଏବଂ ସୁକିନ୍ଦା ବ୍ଲକରୁ ମିଳିଥିବା ବିବାହ ପଞ୍ଜିକୃତ ରେଜିଷ୍ଟରରେ କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ହିତାଧିକାରୀଙ୍କ ନାଁ ଗନ୍ଧ ନ ଥିଲା । କିନ୍ତୁ ହିତାଧିକାରୀମାନେ ବିବାହ ପ୍ରମାଣ ପତ୍ର ପଇଠ କରି ସହାୟତା ରାଶି ନେଇଥିବା ଶ୍ରମ କାର୍ଯ୍ୟାଳୟ ତଥ୍ୟରେ ଦର୍ଶାଯାଇଥିଲା । କେବଳ ବିବାହ ପ୍ରମାଣ ପତ୍ର ବଳରେ ନୁହେଁ ଜାଲ ରସିଦ୍ ବଳରେ ୯ଲକ୍ଷ ୬୦ ହଜାର ଟଙ୍କା ହଡପ କରାଯାଇଛି ବୋଲି ଅଭିଯୋଗ ହୋଇଛି।

ତଥ୍ୟ ଅନୁଯାୟୀ କୌଣସି ପଞ୍ଜିକୃତ ଶ୍ରମିକ ପ୍ରତିବର୍ଷ ତାଙ୍କ ନାମକୁ ପୁନଃପଞ୍ଜିକରଣ କରି ପାରିବେ । ଏବାବଦରେ ସେହି ଶ୍ରମିକଙ୍କୁ ବାର୍ଷିକ ୫୦ଟଙ୍କା ପଇଠ କରିବାକୁ କୁହାଯାଇଛି । ପଇଠ କରିବା ପରେ ଶ୍ରମିକଙ୍କ ସଦସ୍ୟତା ବୈଧ ରହିବ। ପରେ ସେମାନେ ସରକାରୀ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବେ । କିନ୍ତୁ ଶ୍ରମ କାର୍ଯ୍ୟାଳୟରେ ପୁନଃ ପଞ୍ଜିକରଣ କରି ନ ଥିବା ଶ୍ରମିକଙ୍କ ନାଁରେ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଇଛି । ଏଭଳି ଭାବେ ଅଣପଞ୍ଜିକୃତ ୩୦ଜଣ ନିର୍ମାଣ ଶ୍ରମିକଙ୍କୁ ବିବାହ ସହାୟତା ଏବଂ ୨ଜଣଙ୍କୁ ମୃତ୍ୟୁ କାଳୀନ ସହାୟତା ଯୋଗାଇ ଦିଆଯାଇଛି । ଯାହାକି ସମ୍ପୂର୍ଣ୍ଣ ବେଆଇନ । ହେଲେ ନାମ ପଞ୍ଜିକରଣରୁ ବାଦ ପଡ଼ିଥିବା ଶ୍ରମିକଙ୍କୁ ବିବାହ ସହାୟତା ଏବଂ ମୃତ୍ୟୁ କାଳୀନ ସହାୟତା ଯୋଗାଇ ଦେବା ବାବଦରେ ୯ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଶ୍ରମ କାର୍ଯ୍ୟାଳୟ ତଥ୍ୟ ପ୍ରଦାନ କରିଥିବା ନେଇ ସୂଚନା କର୍ମୀ ଧଳ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଯାଜପୁରରୋଡ ଯୁଗ୍ମ ଶ୍ରମ ଆୟୁକ୍ତ ସୁନିଲ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ତାହା ସମ୍ଭବ ହୋଇ ପାରିନାହିଁ।



ଯାଜପୁର ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ।

## ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

**'ମୋ ସ୍କୁଲ' ଅଭିଯାନ ପାଇଁ ପ୍ରୋତ୍ସାହନ**

'ମୋ ସ୍କୁଲ' ଅଭିଯାନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏ ନେଇ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ସ୍କିମ୍ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ରାଜ୍ୟର ୧୦୦ ସ୍କୁଲକୁ ଅନ୍ତର୍ଭୁକ୍ତ କରାଯିବ। ପ୍ରତ୍ୟେକ ଜିଲାରୁ ୨ରୁ ୩ ସ୍କୁଲକୁ ଏହି ସ୍କିମ୍‌ରେ ସାମିଲ କରାଯିବ। ସ୍କୁଲଗୁଡିକର ଭିତ୍ତିଭୂମି ନିର୍ମାଣ ସହିତ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ମୋ ସ୍କୁଲ ପାଣ୍ଠିରୁ ସ୍କୁଲରେ ସ୍ମାର୍ଟ କ୍ଲାସରୁମ୍ କରାଯିବ। ଛାତ୍ରୀଛାତ୍ରମାନଙ୍କ ସମସ୍ତ ତଥ୍ୟ ରଖାଯିବ। ସେମାନେ ଚାହିଁଲେ ପୁରାତନ ଛାତ୍ରୀଛାତ୍ରମାନଙ୍କ ସହାୟତା ନେଇପାରିବେ। ମନ୍ତ୍ରୀ, ବିଧାୟକ, ଏମ୍‌ପି ଏବଂ ସରକାରୀ କର୍ମଚାରୀମାନେ ସ୍କୁଲ ପରିଦର୍ଶନ କରି ପ୍ରକଳ୍ପର ସମୀକ୍ଷା କରିବେ। ଯେଉଁ ଛାତ୍ରୀଛାତ୍ରମାନଙ୍କ ଚିତ୍ରାଙ୍କନ, ସଙ୍ଗୀତ ଏବଂ କ୍ରୀଡ଼ା ପ୍ରତି ସ୍ୱତନ୍ତ୍ର ରୁଚି ଥିବ ସେମାନଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ବିଶେଷଜ୍ଞ ଅତି କମ୍‌ରେ ୨ ଜଣଙ୍କୁ ତାଲିମ ଦେବେ। ଯେଉଁ ଶିକ୍ଷକମାନଙ୍କ ଏହି ସ୍କିମ୍ ପ୍ରତି ଅବଦାନ ରହିବ ସେମାନଙ୍କୁ ପ୍ରତ୍ୟେକ ବର୍ଷ ସମ୍ମାନିତ କରାଯିବ। ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧୪ରେ ଅଭିନନ୍ଦନ ଜଣାଇବେ।

# 'କେନ୍ଦ୍ର ଯୋଜନାକୁ ନିଜ ନାଁରେ ବ୍ରାଣ୍ଡିଂ କରୁଛନ୍ତି ରାଜ୍ୟ ସରକାର'

ଭୁବନେଶ୍ୱର,୧୪।୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସମସ୍ତ କଲ୍ୟାଣମୂଳକ ଯୋଜନାକୁ ନିଜ ନାଁରେ ବ୍ରାଣ୍ଡିଂ କରି ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି। କେନ୍ଦ୍ର ସରକାରଙ୍କ ଏଆଇବିପି ଅନ୍ତର୍ଗତ ୯୦% ଆର୍ଥିକ ସହାୟତାରେ ଇନ୍ଦ୍ରାବତୀ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସଲ ଧନ୍ୟବାଦର ପାତ୍ର । ମାତ୍ର ବ୍ରାଣ୍ଡିଂ ରାଜନୀତି କରୁଥିବା ରାଜ୍ୟ ସରକାର ସୌଜନ୍ୟମୂଳକ ଭାବେ ଏହି ସମାବେଶରେ ଥରୁଟିଏ ହେଲେ ପ୍ରଧାନମନ୍ତ୍ରୀଙ୍କ ନାମ ଉଚ୍ଚାରଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବରିଷ୍ଠ ଭାଜପା ବିଧାୟକ ଜୟନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି।

ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଦୀର୍ଘ ୨ଦଶନ୍ଧି ଧରି ଶାସନ କ୍ଷମତାରେ ରହିବା ସତ୍ତ୍ୱେ କଳାହାଣ୍ଡି ଏବଂ ଏହାର ଆଖପାଖର ଚିତ୍ର ବାସ୍ତବରେ ନ ବଦଳିବା ଅତ୍ୟନ୍ତ ଲଜ୍ଜାଜନକ। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବରଗଡ଼ ଜିଲାରେ ରାଜ୍ୟର ସର୍ବବୃହତ ଗଙ୍ଗାଧର ଜଳସେଚନ ପ୍ରକଳ୍ପର ଘୋଷଣା କରିଥିଲେ, ଯାହାକି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସେହିପରି କଳାହାଣ୍ଡି ମାଟିରେ ଛିଡ଼ା ହୋଇ ମୁଖ୍ୟମନ୍ତ୍ରୀ ଇନ୍ଦ୍ରାବତୀ ନଦୀ ଉପରେ ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ ଘୋଷଣା କରିବା କେବଳ ଧୂଆଁବାଣ ହୋଇ ରହି ନ ଯାଉ ବୋଲି ମିଶ୍ର କହିଛନ୍ତି । କଳାହାଣ୍ଡି ଜିଲା ସବୁଠାରୁ ଅଧିକ ଚାଉଳ ଯୋଗାଉଛି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ କହିଛନ୍ତି। ମାତ୍ର ବହୁ ଆଡମ୍ବର ଏହି ସମାବେଶରେ ମୁଖ୍ୟମନ୍ତ୍ରୀ କୃଷକ କିମ୍ବା କୃଷକକଲ୍ୟାଣ ପାଇଁ ପଦୁଟିଏ ନ କହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ସରକାର ଧାନ କିଣିବା ପାଇଁ ରାଜ୍ୟ ସରକାରଙ୍କୁ ୧୮,୦୦୦ କୋଟି ଟଙ୍କା ଦେଇଛନ୍ତି । ଗତବର୍ଷ ୧୩,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପୂର୍ବବର୍ଷ ଅପେକ୍ଷା ଧାନ ଅମଳ ମଧ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି । ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି । ଅବ୍ୟବସ୍ଥିତ ଭାବେ ଟୋକନ୍ ଦିଆଯାଉଥିବାରୁ ଚାଷୀମାନେ ନାହିଁ ନ ଥିବା ହଇରାଣର ଶିକାର ହେଉଛନ୍ତି । ଅମଳ ବେଳକୁ ଟୋକନ୍ ସମୟସୀମା ସମାପ୍ତ ହୋଇଯାଇଥିବା କାରଣରୁ ଚାଷୀ ଧାନ ବିକ୍ରି କରି ନ ପାରି ମଣ୍ଡିରେ ଗଦା କରି ରଖୁଛି। ମେଡିକାଲ କଲେଜ ନିର୍ମାଣ ପାଇଁ କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇ ଦେବାର ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ କାରଣରୁ ଏହା ସମ୍ଭବ ହୋଇପାରୁ ନାହିଁ ବୋଲି ମିଶ୍ର କହିଛନ୍ତି।

ରାଜ୍ୟ ସରକାର ଅସାଧୁ ମିଲରଙ୍କ ସହ ହାତ ମିଳାଇ ଚାଷୀକୁଳକୁ ପ୍ରତାରଣା କରି ଚାଲିଛନ୍ତି। କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଗୋଟିଏ ବି ବାର୍ତ୍ତା ଦେଲେ ନାହିଁ। ରାଜ୍ୟର ଓଡ଼ିଆ ପୁଅ ଆଜି ଦାଦନ କାହିଁକି ଖଟୁଛି ନବୀନବାବୁ ଏହାର ଉତ୍ତର ରଖନ୍ତୁ ବୋଲି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ପ୍ରଶ୍ନ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ବିଧାୟକ ନାଉରୀ ନାୟକ, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ସୋନାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କେବେ ଧରାଦିଏ ତ କେବେ ବୋହୂଚୋରି ଖେଳେ କବିତା

## ସୃଜନ-ସ୍ମୃତି


ନୀହାରିକା ରାୟ ବରାଳ

**ନୀହାରିକା ରାୟ ବରାଳଙ୍କ ଜନ୍ମ ୨୮ ଅକ୍ଟୋବର, ୧୯୬୨ରେ, କେନ୍ଦ୍ରାପଡ଼ା ଜିଲା ରାଜକନିକାରେ। ପ୍ରକାଶିତ କବିତାଗ୍ରନ୍ଥ: 'ଅବ୍ୟକ୍ତ ଅନୁଭବ' (୨୦୦୫), 'ଏବଂ ନିଃସଙ୍ଗ' (୨୦୦୭), 'ପାରୁଛ ତ ଆସ' (୨୦୧୦) ଓ 'ଏବେ ମୋର ଫେରିବାର ବେଳ' (୨୦୧୪)। ଏକମାତ୍ର ଗଳ୍ପ ପୁସ୍ତକ 'ନିଃଶବ୍ଦ କୋଳାହଳ' ୨୦୧୦ରେ ପ୍ରକାଶିତ। ନୀହାରିକାଙ୍କ ଲେଖାରେ ଜୀବନ ସମକାଳର ସମସ୍ତ ଅନୁଷଙ୍ଗ ନେଇ ରୂପ ଘେନେ ଭାଷାର ଏକ ଘରୋଇ ଚମକରେ।**

କେବେ ପ୍ରାପ୍ତିରେ ଛଳଛଳ ହେଇ ତ କେବେ ନିଃସ୍ୱତାର ନହବତ ହେଇ ଆସେ କବିତା। କେବେ ଧରାଦିଏ ତ କେବେ ବୋହୂଚୋରି ଖେଳୁଥାଏ କାଗଜ ଦେହରେ। ମୋ' ପିଲାଦିନ ଥିଲା କେଉଁ ପରୀରାଇଜର କାହାଣୀ ପରି। ପ୍ରଜାପତିର ଡେଣା ପରି ରଙ୍ଗିନ ତ ଫୁଲ ପରି କୋମଳ। ଲାଜକୁଳୀ ଲତା ପରି ଛୁଇଁଦେଲେ ଝାଉଁଳି ଯାଏ ତ ମଂଦିରର ଶଂଖଧ୍ୱନି ପରି ଲମ୍ବା ଆଉ ପ୍ରତିଧ୍ୱନିତ। ମଲ୍ଲୀଫୁଲର ବାସ୍ନା ପରି ଭୁରୁଭୁରୁ ମହକୁଥାଏ ଗୋଟାଯାକ ଅତୀତ, ଆଜି ବି।

ଯେଉଁ ଗାଁରେ ମୁଁ ଜନ୍ମ ନେଇଥିଲି, ତାହା ଥିଲା କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଛୋଟ ଗାଁ। ଖରସ୍ରୋତା ନଈ, କିଆବଣ, ଗୋହିରି, ମାଇଲ୍ ମାଇଲ୍ ବ୍ୟାପୀ ଧାନବିଲ। କୃଷ୍ଣଚୂଡ଼ାର ପେଣ୍ଠାପେଣ୍ଠା ଫୁଲ, କଇଁଭର୍ତ୍ତି ପୋଖରୀ, କନିଅର ସହ ଯୋର ବାଡ଼ିରେ ବଣିଆ ଫୁଲର କିମିଆ, ଜହ୍ନ ଆଲୁଅରେ ହସୁଥିଲା କାଶତଣ୍ଡୀ। ଗାଁ ମୁଣ୍ଡରେ 'ବାବା ଗୋଠେଶ୍ୱର' ଆଉ କନକ ଦୁର୍ଗା। ପୁଣି ଅଳ୍ପ କିଛି ଦୂରରେ 'ବାବା ଆଖଣ୍ଡଳମଣି'। ପିଲାଟିଦିନରୁ ଶିବ ଭକ୍ତିରେ ବଢ଼ିଛି।

ମୋ' ଗାଁର ପରିବେଶ ଖାସ୍‌କରି ମୋ' ଘରର ପାରିପାର୍ଶ୍ୱିକ ପରିବେଶ ମୋ' ପିଲା ମନରେ ରେଖାପାତ କରିଥିଲା। ପ୍ରକୃତି ଯେମିତି ସବୁକିଛି ଦେଇଛି ଏଠି। ଖରସ୍ରୋତା ନଈର ଛୋଟ ଶାଖାଟିଏ ବହି ଆସିଥିଲା ଆମ ବିଲ, ଘର, ବଗିଚା ଆଉ ଖଳାବାଡ଼ି ଦେଇ। ସତେ ଯେମିତି କିଏ ଗୋଟିଏ ସୁରକ୍ଷା ପ୍ରାଚୀର ତିଆରି କରିଦେଇଛି ଆମ ଚାରିପଟେ। ତିନି, ଚାରି ବର୍ଷର ହେଲା ପରେ ବାପାଙ୍କ ସହିତ ଯେଉଁଠି ଯାଇ ପହଞ୍ଚିଲି ସିଏ ବି ଥିଲା ସୁନ୍ଦର। ଶାନ୍ତ ଅଥଚ ଆଧୁନିକ ସହର। ସାଳନ୍ଦୀ ନଈ, ଆମ୍ବଗଛ, ଲୋକନାଥ, ବଙ୍କ ବାସୁଳୀ, ଭଦ୍ରକାଳୀ, ମୋ' ଗାର୍ଲସ୍କୁଲ୍। କଲେଜ କ୍ୟାମ୍ପସ୍‌ରେ କଟିଗଲା ମୋ' ପିଲାଦିନ ଏବଂ କୈଶୋର। ପିଲାଦିନୁ ମୋ' ଭିତରେ ଗୋଟେ ଭାବପ୍ରବଣ ମନ ରହିଥିଲା। କବିତାମନସ୍କ ଆତ୍ମାର ବୀଜଟିଏ କେବେଠାରୁ ମୋ' ଭିତରେ ଅଙ୍କୁରି ଉଠିଥିଲା ଜାଣିପାରି ନ ଥିଲି। ଯେଉଁ ସହରରେ ମୋ' ବାଲ୍ୟ ଏବଂ କୈଶୋର କଟିଥିଲା, ସେ ସହର ଥିଲା ମୋ' ସ୍ୱପ୍ନର ସହର। ଏବେ ବି ସେମିତି ଚପଳ କିଶୋରୀଟିଏ ପରି ମୋ' ମନ ଅଗଣାର କେଉଁ ଗଭୀର ପ୍ରଦେଶରେ ଚକାପାରି ବସିଛି।

ପିଲାଦିନୁ କିଛି ବି ଦେଖିଲେ ମନ ଭିତରକୁ ଛୁଇଁଯାଉଥିଲା। ଯେମିତି ସାଳନ୍ଦୀରେ ବନ୍ୟା ଆସିଲେ ମୁଁ ଚୁପ୍‌ଚାପ୍ ତା' କୂଳରେ ଯାଇ ବସୁଥିଲି। ଫଗୁଣରେ ଆମ୍ବ ବଉଳର ବାସ୍ନା ମତେ ବିଭୋର କରୁଥିଲା। ଆମ୍ବ ଖାଇବା ମୋ' ପାଇଁ ଥିଲା ଗୌଣ। କିନ୍ତୁ ଆମ୍ବ ତୋଳିବା ଆଉ ଗଛ ତଳେ ଝଡ଼ିପଡ଼ିଥିବା ଆମ୍ବକୁ ଦେଖି ବହୁତ ଖୁସିଲାଗୁଥିଲା।

ଯେବେ ଏକଦମ୍ ଛୋଟ ଥିଲି ଦେଖୁଥିଲି ବାପା ଧଳା ଲମ୍ବା ଖାତାରେ କଲମରେ କ'ଣ ସବୁ ଲେଖୁଥିଲେ। ପୃଷ୍ଠା ପରେ ପୃଷ୍ଠା ଭରିଯାଉଥିଲା। ତାଙ୍କ ପାଖରେ ବସି ମୁଁ ଦେଖୁଥାଏ ଏକନିଷ୍ଠ ଚିତ୍ତରେ। ମୋ' ପିଲାମନକୁ ଆସିଲା, ମୁଁ ଏମିତି ବାପାଙ୍କ ପରି ଧଳା କାଗଜରେ କିଛି ଲେଖିବି ଆଉ ଭରିଯାଉଥିବ ପୃଷ୍ଠା ପରେ ପୃଷ୍ଠା। ବାପା ଗଣିତ ହିଁ କରୁଥିଲେ। ମୁଁ କିନ୍ତୁ ସେ ସବୁ କିଛି ବୁଝୁନଥିଲି। ଯେବେ ସପ୍ତମ ଅଷ୍ଟମ ଶ୍ରେଣୀରେ ପଢ଼ିଲି, ସେତେବେଳେ କାଗଜ କଲମରେ କିଛି ଲେଖିବାକୁ ଆରମ୍ଭ କଲି। ଦେଖିଲି ସେ ସବୁ କିଛି ଶବ୍ଦ। ଶବ୍ଦ ସବୁକୁ ମିଶେଇ ଯେବେ ପଢ଼ିବା ଆରମ୍ଭ କଲି ତା' ନାଁ ବୋଧେ ରଖିଲି 'କବିତା'। ନିଜେ ବି ଆଶ୍ଚର୍ଯ୍ୟ ହେଲି କବିତାକୁ ଦେଖି। ଇଏ କେମିତି ଆସିଲା? କୋଉଠୁ ଆସିଲା?

ମନେ ଅଛି ଆମ ସ୍କୁଲ୍ ମାଗାଜିନ୍ ପାଇଁ ସାର୍ ସବୁ ଶ୍ରେଣୀରେ ନୋଟିସ୍ ଦେଇଥିଲେ। ମୁଁ ପୂରା ଦୁଇଦିନ ବସି ଅନେକ କିଛି ଲେଖିଲି। ବୋଧେ ଅଧଦିସ୍ତା କାଗଜ ସାରିଥିଲି। ଅକ୍ଷର ପସନ୍ଦ ଆସୁ ନ ଥିଲା ତ ଶବ୍ଦ। ଏମିତି ଭିତରେ ଶେଷରେ ଉତ୍ତୁରିଥିବା କବିତାଟିକୁ ନେଇ କ୍ଲାସ୍ ଟିଚରଙ୍କୁ ଦେଇଥିଲି। ଦୁଇ ତିନି ମାସ ପରେ ଆମ ଗାର୍ଲସ୍କୁଲ୍ ମାଗାଜିନ୍ ବାହାରିଥିଲା। ସବୁ କ୍ଲାସ୍‌ର ପିଲାମାନଙ୍କୁ ବଣ୍ଟା ଯାଇଥିଲା। ମୁଁ ଖୋଲି ଦେଖେ ତ ସେଥିରେ ପ୍ରଥମ ପୃଷ୍ଠାରେ ଥିଲା ମୋ' କବିତା, 'ସ୍ରଷ୍ଟା ହେ ଥରେ ଚାହଁ'। ସେହି କବିତାରେ ମୁଁ ଈଶ୍ୱରଙ୍କୁ ବିନୟ ହୋଇଥିଲି, ରୁଷିଥିଲି ଆଉ ପ୍ରଶ୍ନ କରିଥିଲି। ବନ୍ୟା, ବାତ୍ୟା, ମରୁଡ଼ି, ଦୁଃଖର ଛବି ଥିଲା ମୋ' ମନରେ। ଉପକୂଳବର୍ତ୍ତୀ ଜିଲ୍ଲାରେ ଏସବୁ ଦେହସୁହା କଥା। 'ପ୍ରଭୁ ଏତେ ଦୁଃଖ ମଣିଷକୁ କାହିଁକି ଦେଉଛ। ସମସ୍ତଙ୍କୁ ଆମ ପରି ସୁଖୀ କରୁନ କାହିଁକି?'

ଘରେ ପହଞ୍ଚି ବାପାଙ୍କୁ ଦେଇଥିଲି ମାଗାଜିନ୍, ବାପା ସେ ଯାଏ ଜାଣି ନ ଥିଲେ ମୋ' ଭିତରେ କବି ସତ୍ତାଟିଏ କେବେଠୁ ଅଙ୍କୁରିବା ଆରମ୍ଭ କରିଛି ବୋଲି। କାରଣ ବାପା ଗଣିତର ଅଧ୍ୟାପକ ଥିଲେ ତ ମୁଁ ସାହିତ୍ୟ କେଉଁଠୁ ପାଇଲି? ସିଏ ବୋଧେ ତାଙ୍କ ଗାଣିତିକ ଫର୍ମୁଲାରେ ଏଇ କଥା ଭାବି ଆଶ୍ଚର୍ଯ୍ୟ ହେଉଥିଲେ।

ମୋ: ୮୮୪୭୮୭୪୩୮୫

## ପୁସ୍ତକ ପରିଚୟ

### ସାରାଂଶ

**କବି:** ଶିଶିର ନାୟକ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୩୦୦/-




୧୫୧ଟି କବିତା ଆଲୋଚ୍ୟ ସଙ୍କଳନରେ ସ୍ଥାନିତ। ଜୀବନ ଓ ସମାଜର ଅଙ୍ଗେନିଭା ଅନୁଭୂତିର ଶବ୍ଦରୂପ ପ୍ରତ୍ୟେକଟି କବିତା। କଥିତ ଭାଷାର ପ୍ରୟୋଗ ପ୍ରତି କବିଙ୍କର ଝୁଙ୍କ୍ ବାରି ହୋଇପଡ଼େ ବହିଟି ସାରା। ସାଦାସାଦା ଧାଡ଼ିରେ ଫୁଟିଉଠିଛି ଗଭୀରତର ବ୍ୟଞ୍ଜନା। ଶ୍ଳେଷ ଅନୁପଲବ୍ଧ ନୁହେଁ। ଯଥା: "ବକଟେ ବକେଟ ଛୁଆଙ୍କୁ/ କ'ଣ କିଏ ଶିଖଉଚି/ ଫୁଲ ଭଳିଆ ଦିଶିବା କଥା /ବମ୍ ପରିକା ଦିଶୁଚନ୍ତି।" ('ଛୁଆ ବେଳଠୁଁ' ପୃ:୨୨୬) ଏବଂ "ସକାଳୁ ସକାଳୁ ଘର ମାଲିକଟି/ କି ସୁନ୍ଦର ବାଲ୍‌କୋନି ଛାଡ଼ି/ X X/ ଖଇ କଉଡ଼ି ପକେଇ ପକେଇ/ ଘରଟା ଖାଲି କରି ଚାଲିଯାଉଛି।/ ସତ କହିଲେ ଆମ କାଆରି ବି/ ଘର ଖଣ୍ଡିଏ ନାହିଁ।" ('ଘର'- ପୃ:୨୭୫)। ପ୍ରଚ୍ଛଦଲେଖରେ ପ୍ରକାଶକ ଲେଖିଛନ୍ତି: "ଚଳିତ ସମୟର ମଣିଷମାନଙ୍କ ଜୀବନାଲେଖ୍ୟ ହିଁ ଶିଶିରଙ୍କ କବିତା।" ଠାଏଠାଏ ଶବ୍ଦରେ ଅନୁଭବର ଫୁଟିଉଠିବା ଯଦିଓ ବାକି ରହିଚି, ତଥାପି ସାମଗ୍ରିକ ଆବେଦନ ଦୃଷ୍ଟିରୁ ବହିଟିର ଅନନ୍ୟତାକୁ ସ୍ୱୀକାର କରିବାକୁ ହେବ।

### ପ୍ରଜାପତିର ଡେଣା

**ଲେଖକ:** ଡ. ରଜନୀ ରଂଜନ
**ପ୍ରକାଶକ:** ଶ୍ରଦ୍ଧା ପବ୍ଲିକେଶନ, ବାଲେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୦୦/-




ବହିର ପ୍ରଚ୍ଛଦଲେଖରେ କୁହାଯାଇଛି: 'ପ୍ରଜାପତିର ଡେଣା' ଚଳଚ୍ଚିତ୍ର ଚିତ୍ରନାଟ୍ୟ ଲିପିର ଏକ ପୁସ୍ତକ, ଯାହାକୁ ନାଟ୍ୟ ରଚନା ଭାବେ ମଧ୍ୟ ଗ୍ରହଣ କରାଯାଇପାରିବ। 'ସାମାନ୍ୟ କଥନ'ରେ ଲେଖକ ଚିତ୍ରନାଟ୍ୟର ଗୁରୁତ୍ୱ ବିଷୟରେ କହିବାକୁ ଯାଇ କହିଛନ୍ତି: "କେବଳ ଦୃଶ୍ୟସଜ୍ଜା ବା ସଂଳାପ ସଂଯୋଜନା କରିଦେଲେ ତାହା ସମ୍ପୂର୍ଣ୍ଣ ଚିତ୍ରନାଟ୍ୟ ହୁଏନାହିଁ। ଏହା ଏକ ବୈଷୟିକ ପ୍ରକ୍ରିୟା। ସ୍ଥାନ, କାଳ, ପାତ୍ର ସହିତ କ୍ୟାମେରାର ଗତିବିଧି ସମ୍ପର୍କରେ ସମ୍ପୂର୍ଣ୍ଣ ବୈଷୟିକ ଜ୍ଞାନ ଜଣେ ଚିତ୍ରନାଟ୍ୟ ଲେଖକର ରହିବା ଆବଶ୍ୟକ। ନାଟକଟି ପଢ଼ିଲେ ମନେହୁଏ ଯେ ଏହା ଚିତ୍ରନାଟ୍ୟ ଲିପି ହୋଇଥିବା ସତ୍ତ୍ୱେ ଏକ ସ୍ୱାଧୀନ ନାଟକର ସମସ୍ତ ଗୁଣାବଳୀ ବହନ କରେ। ନାଟକ ପରି ଏଥିରେ ଅବଶ୍ୟ ଅଙ୍କ ବିଭାଜନ ନାହିଁ, ରହିଛି କେବଳ ଦୃଶ୍ୟ ବିଭାଜନ, ଯାହା ଚଳଚ୍ଚିତ୍ର ପାଇଁ ପ୍ରୟୋଜନୀୟ। ମୋଟ ୬୫ଟି ଦୃଶ୍ୟ ରହିଛି ନାଟକରେ। ବନ୍ଧନୀ ମଧ୍ୟରେ ମଞ୍ଚ କୌଶଳର ବିଭିନ୍ନ କଥା (ଯଥା: ଲାଇଟ୍ ଓ ସାଉଣ୍ଡ୍ ପରିଚାଳନା)ର ଉଲ୍ଲେଖ ରହିଛି। କ୍ୟାମେରା ଟେକ୍‌ନିକ୍ ବି ନିର୍ଦ୍ଦେଶିତ। ପାଠକେ ନାଟକ ଓ ଚଳଚ୍ଚିତ୍ର- ଉଭୟକୁ ପାଇବେ ଏ ବହିଟିରୁ।

## ଗଳ୍ପ

# ଜଗୁଆଳି

ମାନସୀ ଦାସ

ଆମ ସାହି ସେମିତି ଗୋଟେ ନାଆଁକରା ସାହି ନ ଥିଲା। ସହରତଳି ସବୁ ସାହି ଭଳି ସାଧାରଣ ସାହିଟେ। ଗୋଟେ ଜାତିର ସାହି ନ ଥିଲା। ବିଭିନ୍ନ ଅଞ୍ଚଳରୁ କାମଧନ୍ଦା ଖୋଜି ଲୋକମାନେ ଆସି ଡେରା ପକାଇଥିଲେ। କ୍ରମେ ପାଞ୍ଚଘରିଆ ସାହିରୁ ବଢ଼ି ଗୁଡ଼ିଏ ପରିବାରର ନିବାସ। ଖୋଲା ଜାଗା, କେନାଲକୂଳିଆ। ରହିବାକୁ ସୁବିଧା। ସାହିରେ ଜାତିପତିର ବିଚାର ନ ଥିଲା। ସେଇଠାରେ ଜନ୍ମ ଆମେ। ଭାଇଭଉଣୀ ଭଳି ଚଳୁଥିଲୁ ବଡ଼ମାନଙ୍କ ଆକଟ ଭିତରେ। ସହର କଡ଼ରେ ବଞ୍ଚୁଥିବା ଆମମାନଙ୍କର ଥିଲା ଗୋଟେ ବିଶେଷତ୍ୱହୀନ ମାମୁଲି ଜୀବନ। ମାମୁଲି ସାହି ଗୋଟେ ଓ ନିହାତି ମାମୁଲି ମଣିଷମାନେ। ତେବେ ବିଶେଷତ୍ୱ ଏୟା ଥିଲା ଯେ, ଆମ ସାହିରେ ଗୁଡ଼ିଏ କୁକୁର ଥିଲେ।

ପୁରୁଣା ଦିନର କଥା। ଗୋଟେ ମେଢ଼େଙ୍ଗୀ କୁଜି ସଦା ଭାଇ ଘରର ପଛ ପିଣ୍ଡାରେ ଛୁଆ ଦେଇ ମରିଗଲା, ଚାରୋଟି କଅଁଳା ଛୁଆଙ୍କୁ ଛାଡ଼ି। କ୍ଷୀର ପିଆଇ ଆମେ ସଭିଏଁ ମିଶି ତାଙ୍କୁ ବଞ୍ଚେଇ ପାରିଲୁ। କ୍ରମେ ସେମାନଙ୍କ ପରିବାର ବଢ଼ିଲା। ବାହାରୁ କେତୋଟି କୁକୁର ମଧ୍ୟ ଆସି ଆମ ସାହିରେ ମୁଣ୍ଡ ଗୁଞ୍ଜିଲେ। ହୁଏତ ଆମ ପାଖରୁ ମିଳୁଥିବା ସ୍ନେହ ତାଙ୍କୁ ଟାଣି ଆଣିଲା। ସାହିର କୁକୁରମାନେ ପହିଲୁ ପହିଲୁ ମୁରବିପଣିଆ ଦେଖେଇଲେ ମଧ୍ୟ ରହିବାର ଅନୁମତି ଦେଲେ। ସାହିର ସବୁ ଘରୁ କୁକୁରମାନଙ୍କୁ ଖାଇବା ମିଳୁଥିଲା। ଆମେ ସେମାନଙ୍କର ନାଆଁ ଦେଇଥିଲୁ- ବାଘ, ଭାଲୁଆ, କାଳୀ, କଖାରୀ, ସୁନ୍ଦରୀ, ପେଟୁ...। କାହାର ଦେହ ଖରାପ ହେଲେ ଔଷଧ ଆଣି ଖୁଆଉଥିଲୁ। ମଟର ଗାଡ଼ି ଚାପା ତଳେ ସୁକୁଟା ମରିଯିବା ଦିନ ଆମ ସାହିରେ କାହାର ଚୁଲି ଜଳି ନ ଥିଲା। ପେଟକୁ ଦାନା ଗଲା ନାହିଁ। କୁକୁରଗୁଡ଼ା ମଧ୍ୟ ଆଗ ଦି'ଗୋଡ଼ ଉପରେ ଥୋମଣି ରଖି ଆଖିରୁ ଅନବରତ ଲୁହ ଗଡ଼େଇଲେ। ରୁଟି ଖଣ୍ଡକୁ ପିମ୍ପୁଡ଼ି ଖାଇଲେ ସିନା, ସେମାନେ ଛୁଇଁଲେ ନାହିଁ।

ସାହିଟା ଆମର ଯେମିତି ରାମରାଜ୍ୟ। ଦାଣ୍ଡ କବାଟରେ ଆମେ କିଳିଣି ଦେଉନାହିଁ। ଖରାଦିନେ କବାଟ ଥାଏ ଠିଆମୁକୁଳା, ପବନ ପାଇଁ। ଦାଣ୍ଡ ଜଗି ଶୋଇଥାନ୍ତି ପଂଝାଏ ଜଗୁଆଳି। ରାତିରେ ଚୋର କ'ଣ, ଭଲ ମଣିଷଟେ ବି ସେ ରାସ୍ତା ଦେଇ ଗଲେ ଭୁକି ଦାଣ୍ଡ କମ୍ପେଇବେ। ନିଜ ସାହି ମଣିଷ ହୋଇଥିଲେ ଶୁଂଘି ଦେଇ ତା' ଚାରିପଟେ ଥରେ ଘୂରିଆସିବେ- ହଉ ବାବା ଯାଅ। ଏତେ ରାତିରେ କାଇଁକି ଘରକୁ ଫେରୁଛ? ଭାତ ସେଣେ ଶୁଖି ଚାଉଳ ହେବଣି।

ସାହିଠାରୁ ଟିକେ ଛଡ଼ାରେ ଏତେ ବଡ଼ ଜାଗାଟେ ଅଛି ବୋଲି ଆମେ କେଭେ ଧ୍ୟାନ ଦେଇ ନ ଥିଲୁ। ଡାଲୁଆ ଜାଗାଟେ। ଅମରି ଲଟା ଭର୍ତ୍ତି। ତଳେ ପଙ୍କ। ସନ୍ତସନ୍ତିଆ ଭୂଖଣ୍ଡଟେ। ସେଠାରେ ଦିନେ କାମ ଆରମ୍ଭ ହେଲା। ଲୋକଙ୍କର ଚଳଚଞ୍ଚଳ ଗତି। ଟ୍ରକ୍, ବାଲି, ମୂଲିଆଙ୍କ ଭିଡ଼। ସଫାସୁତୁରା ହୋଇ ଅପୂର୍ବ ଦିଶିଲା ଅଞ୍ଚଳଟା। ଦୋ' ମହଲା କୋଠାଟେ ଠିଆ ହୋଇଗଲା ସେଠାରେ। ରାଜଉଆସ ଭଳି। ଉଚ୍ଚ ପାଚେରି। ତା' ଉପରେ ମୁନିଆ ତୀର। ଚକଚକିଆ କୋଠାକୁ ଚାହିଁ କାର୍। ଗେଟ୍ ଖୋଲିବା ପାଇଁ ଲୋକଟେ ଧାଇଁ ଆସେ ହର୍ଣ୍ଣ ଶୁଣି, କାର୍‌ର। ଆମ ସାହି ରାସ୍ତା ଦେଇ କାର୍ ଯାଏ ଆସେ। କିନ୍ତୁ ଆମ ସହିତ କୋଠା ମଣିଷଙ୍କର କୌଣସି ସମ୍ପର୍କ ଯୋଡ଼ି ହେଲା ନାହିଁ। ଚାକରମାନଙ୍କର ସେହି ରାସ୍ତା ଦେଇ ଯିବାଆସିବା। ମୁହଁ ବୁଲେଇ ଆମ ଆଡ଼େ ଚାହାନ୍ତି ନାହିଁ। କଥା ପଦେ କହିବା ତ ଦୂରର କଥା। ସତେ କି କଥାପଦେ କହିଲେ ତାଙ୍କୁ ପଇସା ପଡ଼ିବ। ତଥାପି ସତୁରା ଅଜା ଭାରି ଖୁସିଟାଏ ହେଲା। କହିଲା, ଏମିତି ଧନୀବାବୁ ଜଣେ ଆସି ରହିଲେଣି। ଦେଖିବ, ଏ ଅଞ୍ଚଳର କେତେ ଉନ୍ନତି ହେବ। ମାଟିକାଦୁଅର ରାସ୍ତାଟା ୟା' ଭିତରେ ପିଚୁରୋଡ୍ ହୋଇଯିବ। ଦେଖିବ ରହିଥା'।

ସେଇ ସୁନ୍ଦର କୋଠାଘରେ ସବୁ ସୁନ୍ଦରପଣିଆ ସହିତ ତାଳ ଦେଲା ଭଳି ଦୁଇଟି କୁକୁର ମଧ୍ୟ ଥିଲେ। ବାଳବାଳୁଆ। ବାଛୁରୀ ଉଞ୍ଚର। ବିଲାତି କୁକୁର। ଭୁକିଲେ ସାହି କମ୍ପେ, ଆମ କୁକୁରମାନେ ତାଙ୍କ ଭୁକା ଶୁଣି ଭୂଇଁରୁ ଉଠି ଠିଆ ହୋଇଯାଆନ୍ତି। ଦିହକୁ ଝାଡ଼ି ଦିଅନ୍ତି। କିନ୍ତୁ କିଛି କହନ୍ତି ନାହିଁ। ପଦେ ପ୍ରତିବାଦ ବି କେଭେ ମାଲିକ ପାଖରେ ଯାଇ ଅଭିଯୋଗ କରୁନାହିଁ ଯେ, ଆମ ସାହି କୁକୁର ଏମିତି କରନ୍ତି ନାହିଁ। ସେମାନେ ମଧ୍ୟ ଆମ ଭଳି ପଢ଼ିଆକୁ ଯାଆନ୍ତି। ଆମେ ସବୁ କାମକୁ ବାହାରିଯାଉ ବଡ଼ିସକାଳୁ। ଦିନ ମଜୁରିଆ... ମିସ୍ତ୍ରି... କାଠ ଦୋକାନ... ଲୁହା ଦୋକାନ, ମାଇପେମାନେ ମଧ୍ୟ ଯାଆନ୍ତି। ମୁଣ୍ଡ ଉପରେ ପାଚିଲା କଦଳୀର ବୋଝ ଲଦି, ମନ୍ଦିର ସାମ୍‌ନାର ଫୁଲ ଦୋକାନ... ବାବୁଘରମାନଙ୍କରେ ବାସି କାମ କରିବା ଇତ୍ୟାଦି ଧନ୍ଦାରେ। ପୁରୁଖା ଲୋକ କେତେଜଣ ମାତ୍ର ଥାଆନ୍ତି। ସେମାନେ ଘରଦ୍ୱାର ସମ୍ଭାଳନ୍ତି। ଛୋଟ ଛୁଆଙ୍କୁ ବି।

ସେଦିନ ସନ୍ଧ୍ୟାରେ ସାହି ଦାଣ୍ଡରେ ପାଦ ଦେଇ ମନେହେଲା ଗୋଟେ ଭିନ୍ନ ଇଲାକାଟେ। ଦାଣ୍ଡପିଣ୍ଡାରେ ଗୋଡ଼ ଧୋଇବା କ୍ଷଣି ବୋଉ ହାତକୁ ଗାମୁଛା ବଢ଼େଇଦିଏ। ପଣତକାନିରେ ମୁହଁରୁ ଝାଳ ପୋଛିଦିଏ। ତେବେ ତା' ଆଗରୁ ସ୍ୱାଗତ ଥାଏ କସରା, କାଳୀ, ଭୁଷା...ଙ୍କର। କିଏ ଦିହକୁ ଚାଟି ପକାଏ। କିଏ ଘଷିହୁଏ। ଗୋଡ଼ରେ ଛନ୍ଦିହୁଏ ଭାଲୁଆ। ମୁଣିରୁ ମାଉଁସ ବାସନା ପାଇଲେ ଖୁସିରେ ଲାଙ୍ଗୁଡ଼ ଜୋର୍‌ରେ ହଲାନ୍ତି- ଆହାଃ, ଆଜି ରାତିରେ ଭୋଜିଟିଏ ମିଳିବ।

> **ମାଟିରେ ଆମର କୌଣସି ଅଧିକାର ନାହିଁ। ଅଛି କେବଳ ଧନୀ ପଇସାବାଲାଙ୍କର। ସରକାର ତାଙ୍କର। ଗରିବଗୁଡ଼ା ଚୁଲିକୁ ଯାଆନ୍ତୁ..!**

ସବୁଆଡ଼ ଥିଲା ଶୂନ୍‌ଶାନ୍। ବୋଉ ଆଖି ପୋଛିପୋଛି ଘର ଭିତରୁ ବାହାରି ଆସିଲା। ଅଗଣି ଜେଜେ ଓଜନିଆ ନିଃଶ୍ୱାସଟେ ପକାଇଲେ। ଓଜନିଆ ଓ ହତାଶିଆ ଏବଂ ବାକିମାନେ...। ମ୍ୟୁନିସିପାଲିଟିରେ ଗାଡ଼ି ଆସିଥିଲା। ଦିନ ଦଶ କି ଏଗାରଟାରେ। କେହି କିଛି ଜାଣିବା ଆଗରୁ ଆକ୍ରମଣ ହେଲା କୁକୁରମାନଙ୍କ ଉପରେ। ବେକରେ ଫାଶ ପକେଇ ଘୋଷାରି ନେଇଥିଲେ ଗାଡ଼ି ଭିତରକୁ। କାବୁ କରି ନେଉଥିଲେ ଅଖା ପକେଇ। ଠେଙ୍ଗା ପାହାର ବି ବାଦ୍ ଯାଉ ନ ଥିଲା। କେଡ଼େ ଛଟପଟରେ ବାପ! କି ବିକଳ କାନ୍ଦ! ଛାତି ଫାଟିଯାଉଥିଲା ଜନ୍ତୁଗୁଡ଼ିକର ଚିତ୍କାର ଶୁଣି। ନେହୁରା ହେଲା- ନିରୀହଗୁଡ଼ାଙ୍କୁ ଛାଡ଼ିଦିଅ। ପଚାରିଲୁ, କାହିଁକି ଏମିତି ନେଇଯାଉଛ? କାହାର କି କ୍ଷତି କଲେ ସେମାନେ? କହିଲେ, ଅଫିସରୁ ଅର୍ଡର ମିଳିଛି। ... ହାତ ଯୋଡ଼ିଲୁରେ ବାପ। ସେମାନେ କି ଶୁଣିବା ଲୋକ!

ମ୍ୟୁନିସିପାଲିଟି ଅଫିସ୍‌କୁ ଯିବା? ମୁକୁଳେଇ ଆଣିବା ସେମାନଙ୍କୁ? ଅଫିସ୍ କ'ଣ ଆଉ ଖୋଲାଥିବ? ଆଉ ସବୁଠାରୁ ବଡ଼ ପ୍ରଶ୍ନଟେ- ସେମାନେ କ'ଣ ଆଉ ଜୀବନରେ ଥିବେ? ତେବେ କାହିଁକି ଏମିତି ଅର୍ଡର ଦିଆଗଲା? କେବେ ତ ଏମିତି ହୋଇ ନ ଥିଲା।

ଆମ ପ୍ରଶ୍ନର ଉତ୍ତର ତା' ପରଦିନ ହିଁ ମିଳିଗଲା। କୋଠାର ଚାକର କୁକୁରଙ୍କୁ ରାସ୍ତାରେ ନେବା ସମୟରେ ସଦର୍ପରେ ଘୋଷଣା କଲା- ବାବୁ ଅଫିସ୍‌କୁ କହିଥିଲେ। ...ଆ??? ଆଉ! ବୁଲା କୁକୁରଗୁଡ଼ା! ରାତି କମ୍ପଉଛନ୍ତି ଭୁକାରେ। ବାବୁ ରାଗିବେନି? ଆମ କୁକୁରଙ୍କୁ ରୋଗ ବାଣ୍ଟିବେ...।

କେବେ ଯାଇ ନ ଥିଲୁ ସେ କୋଠାଘର ଆଡ଼େ। ଥରେ ମାତ୍ର ଯାଇଥିଲୁ ସାହି ଗଣେଶପୂଜା ବେଳକୁ। ସାହିର ସମସ୍ତେ ମିଶି ପୂଜା କରୁ। ପିଲାଙ୍କଠୁଁ ବୁଢ଼ାଯାଏ। ଭାବିଥିଲୁ କୋଠା ମାଲିକଙ୍କୁ ନିମନ୍ତ୍ରଣ କରିବୁ। ଆମ ପୂଜାର ବିଶିଷ୍ଟ ପୁରୋଧା ହେବେ। ମୋଟା ଅଙ୍କର ଚାନ୍ଦା... ଅବଶ୍ୟ। ପରିବାର ଧରି ଆସିପାରନ୍ତି। ଠାକୁର ତ ସମସ୍ତଙ୍କର। ଗେଟ୍ ପାଖରେ ଠିଆହେଲୁ। ଖଡ଼ଖଡ଼ କଲୁ ଗେଟ୍‌କୁ। ବେଲ୍ ଚିପିଲୁ ସନ୍ତର୍ପଣରେ। କେହି ନାହିଁ। ଧାଇଁ ଆସିଲେ କୁକୁର ଦୁଇଟା କେବଳ। ତାଙ୍କର ବାଘୁଆ ଭୁକା ଜାରିରହିଲା ଆମେ ଖଣ୍ଡେ ଦୂରକୁ ତଡ଼ା ହୋଇ ଆସିବାଯାଏ।

ସେଦିନ କିନ୍ତୁ ଯାଇଥିଲୁ ଫେରି ନ ଆସିବାର ଦୃଢ଼ତା ନେଇ। ଜୋର୍‌ଜୋର୍ ପାହୁଣ୍ଡ ପକେଇ। ଧମ୍‌ଧମ୍ ହାତୁଡ଼ି ପିଟୁଥିଲା ଛାତି ଭିତରେ। କୁକୁର ଭୁକାକୁ ଖାତିର୍ କଲୁ ନାହିଁ। ଠିଆ ହୋଇ ରହିଲୁ ଦମ୍ଭରେ। ଗେଟ୍ ବାହାରେ। ଅବଶେଷରେ ମାଲିକ ଘର ଭିତରୁ ଆସିଲେ। ଚାକର ଆସି କୁକୁରଙ୍କୁ ଅଡ଼େଇ ନେଲା। କ'ଣ ଦରକାର?

କି ଦୋଷ କରିଥିଲେ ଆମ କୁକୁରମାନେ...

ସରକାରୀ ଜାଗାରେ ଘର କରି ରହିଛ। ମାଡ଼ିବସିଛ ସରକାରଙ୍କର ଏତେ ବଡ଼ ଅଞ୍ଚଳଟା। ଏକଥା ଭୁଲିଯାଉଛ? ମତେ କୈଫିୟତ୍ ମାଗିବାର ସାହସ! ମାଟିରେ ଆମର କୌଣସି ଅଧିକାର ନାହିଁ। ଅଛି କେବଳ ଧନୀ ପଇସାବାଲାଙ୍କର। ସରକାର ତାଙ୍କର। ଗରିବଗୁଡ଼ା ଚୁଲିକୁ ଯାଆନ୍ତୁ...! ସବୁ ଶୁଣି ସତୁରା ଅଜା କରୁଣ ହତାଶିଆ ହସଟେ ହସିଲା- କାଇଁକି ଯାଉଥିଲ? ନିଲଠାଗୁଡ଼ା! ମନା କରୁଥିଲି ନା?

ୟା'ର ଅଳ୍ପଦିନ ପରେ... ନା। ଚାରିମାସ ଖଣ୍ଡେ ହେବ। ଦିନେ କୋଠା ସାମ୍‌ନାରେ ଠିଆହେଲା ସରକାରୀ ଗାଡ଼ି କେତେଟା। ସକାଳୁ ସକାଳୁ। କେତେଜଣ ଲୋକ ପଶିଥିଲେ ଘର ଭିତରେ। ଦିନସାରା ଚାଲିଥିଲା ତାଙ୍କର ଖୋଳତାଡ଼ କାର୍‌ନାମା। କାଗଜପତ୍ର, ଲକର, ଆଲମିରା...। ସନ୍ଧ୍ୟାବେଳକୁ କୋଠା ମାଲିକ ଗେଟ୍ ବାହାରକୁ ଆସିଲେ। ଚାରିଟା ପୁଲିସ୍ ଜଗୁଆଳି। ବସିଲେ ପୁଲିସ୍ ଗାଡ଼ିରେ। ... କୁଆଡ଼େ ଥିଲେ ତାଙ୍କର ବିଲାତି କୁକୁର ଦୁଇଟା କେଜାଣି! କୌଣସି ସୋର୍ ଶବ୍ଦ ନ ଥିଲା ତାଙ୍କର ଦିନ ସାରା।



ନୁହେଁ- କାଇଁକି ଏଡ଼େ ପାଟିକରି ଆକାଶ ଫଟଉଛ? ତୁଚ୍ଛାଟାରେ? ଆଁ?... ଆମ ଭଳି ତାଙ୍କ ଜାତିଭାଇଙ୍କୁ ବି ସେମାନେ ସମୀହ କରିବା ଠିକ୍ ହେବ ବୋଲି ଭାବନ୍ତି। ଏମିତି ଖାନ୍ଦାନି ପ୍ରାଣୀଙ୍କୁ ଖାତିର କରିବା ଅବଶ୍ୟ ଉଚିତ।

କୁକୁର ଦୁଇଟିଙ୍କୁ ରାସ୍ତାରେ ବୁଲାଇ ନିଆଯାଏ। ସକାଳେ, ସନ୍ଧ୍ୟାରେ। ଲୋକ ଜଣେ ତାଙ୍କ ଚେନ୍‌କୁ ଧରିଥାଏ। ତା' ହାତରେ ମୋଟା ବାଡ଼ିଟେ ଥାଏ। ମେଢ଼େଙ୍ଗା ଲୋକଟା। ଚାହିଁଲେ ତାକୁ ଚୋବାଇ ଦିଅନ୍ତେ। କିନ୍ତୁ ଲୋକଟାର କଥା ମାନି କୁକୁର ଦୁଇଟା ବାଟ ଚାଲନ୍ତି। ଆମ କୁକୁରମାନେ ଭୂଇଁରୁ ଉଠିପଡ଼ି ଆଡ଼େଇ ହୋଇଯାଆନ୍ତି। ଲାଙ୍ଗୁଳ ହଲେଇ ଉଚିତ ଅଭ୍ୟର୍ଥନା କରନ୍ତି, ରାଜପରିବାରକୁ ସମ୍ମାନ ଦେବା ଭଳି। କୁକୁର ଦୁଇଟି ଆମ ଦାଣ୍ଡରେ ଏକ, ଦୁଇ କରନ୍ତି। ଆମ ପାଣିକଳ ତଳେ। ବାଟ ମଝିରେ। ତଥାପି ଆମେ

ମୋ: ୯୪୩୮୩୮୪୫୩୨

## କବିତା

### କ୍ଷମତା

ହୃଦାନଂଦ ପାଣିଗ୍ରାହୀ

ଏ ହାତ ଗଢ଼େ ମହଲ,
ରାସ୍ତାଘାଟ,
ଏ ଝାଳ ମାଟିରେ ପଡ଼ି
ହସିଉଠେ କ୍ଷେତ
ରକତକୁ ପାଣି କରି
ଆମେ ଶକ୍ତ କରୁ
ଶାସନର ମଙ୍ଗ।

ଖରା ବର୍ଷା ସହି
ଯୁଝୁଥାଉ ମାଟି ଓ ପଥର ସାଥେ
ଖଟିଖଟି ଅକାଳରେ
ପାଲଟୁ କଂକାଳ।
ଆମ ଶୋଷ, ଶୁଖିଲା ନଈର ଆଶା
ଆମ ଲୁହ, ଫଟା ମାଟି ହାହାକାର
ଆମ ଝାଳ ଆଉ ନିଃଶ୍ୱାସରେ
ପ୍ରଗତିର ଶିଳାନ୍ୟାସ
ଆମ ଟିକସରେ ପୁଣି
ଆଉ କାହାର ଅୟସ,
ଆମକୁ ନେଇ କେତେ ଯୋଜନା
କେତେକେତେ ଆବେଗ ଉଚ୍ଛ୍ୱାସ

ଆମ ହାରିବା, ମରିବାରେ
ଚହଲୁଥାଏ ତମାମ ଦେଶ।

ଯାହା ଆମର ଦାବି
ତାହା ଆଉ କାହାର ମର୍ଜି
ପବନରେ ବାଏଁବାଏଁ ମିଳେଇଯାଏ
ଆମ ଅଭିଯୋଗ
ମାଟିରେ ମିଶିଯାଏ
ସବୁ ପ୍ରତିବାଦ।

ଯେଉଁଠି କାମ ଟଙ୍କାକର
ସେଠି ବିଲ୍ ଦି'ଟଙ୍କାର
କେଉଁଠି କେମିତି ବାଟବଣା
ହେଇଯାଉଥାଏ
ଆମ ଭରସା
ଭକୁଆ ହେଇ ଦେଖୁ
ସବୁ ପ୍ରହସନ
କାନକୁ ବେଶ୍ ଭଲ ଶୁଭୁଥାଏ କିନ୍ତୁ
ବିକାଶ ଓ ଦକ୍ଷତାର ପ୍ରଚାର ପ୍ରସାର।

ମୋ: ୯୪୩୭୯୮୭୪୨୯

### ବର୍ଷାକୁ ନେଇ ବହିଟିଏ

ମୂଳ ଇଂଲିଶ୍: ଅଶ୍ୱିନୀ କୁମାର
ଅନୁବାଦ: ଇପ୍‌ସିତା ଷଡ଼ଙ୍ଗୀ

ଏବେ, ଏଇ ଦିନମାନଙ୍କରେ
ଇଚ୍ଛା କରୁଛି ବର୍ଷା ଉପରେ ଲେଖିବାକୁ ବହିଟିଏ।
ବର୍ଷା: ପାଚେରିରେ ଅଙ୍କା ହେଇଥିବା ପୁରୁଣା ଘା'
ଯେଉଁଠୁ ଖୁସି ଝରେ
ସେଇ ଗୋଟିଏ ମୁହଁରୁ, କିନ୍ତୁ ବିଭିନ୍ନ ଭାଷାରେ: ଋତୁମାନଙ୍କର।।

ନିର୍ମଳ ଆକାଶରେ ବଣହଂସୀମାନଙ୍କ କଳରବ ଭିତରେ
ଗୁଣୁଗୁଣୁ ସକାଳର ବର୍ଷା: ଜୀବନର ମଞ୍ଜି ଯେମିତି
ଢାଳି ହୋଇଯାଏ ସେ ନାରୀମାନଙ୍କ ଉପରେ
ଦଗ୍‌ଧ ମାଟିରେ ସଂଘର୍ଷରତ ଯିଏ ସାଉଁଟି ନେବାକୁ
ବିସ୍ମୃତ ପ୍ରେମ ସଂଗୀତ ନାନା କଳସୀ ଓ ମାଠିଆ ଭିତରେ।।

ଅପରାହ୍ଣର ବର୍ଷା: ସାଦା କାଗଜ ଉପରେ ପୁରୁଣା କବିତା କିଛି।
ମାଟି ଘରର କଣା ଛପର ଉପରେ
ଅସମୟରେ ଶୋଇଯିବା ପାଇଁ
ଘୋଷାରି ହୋଇ ଫେରିଯିବା ଆଗରୁ
ଆଜ୍ଞାବହ ପାଲଟି ଯାଉଥାଏ,
ପାଟି ଖନି ମାରିଯାଉଥାଏ
ହତ୍ୟାକାରୀର ଛୁରିଧାର ଦେଖି।।

ସନ୍ଧ୍ୟାବେଳର ବର୍ଷା: ଆସେ ନୃତ୍ୟାଙ୍ଗନାର ଦେହରେ
ଇନ୍ଦ୍ରନୀଳ ମୁକ୍ତାର ପାଉଁଜି ପିନ୍ଧି
ଉଲଗ୍ନ ମୟୂରମାନେ ଭୟରେ ଥରି ଉଠନ୍ତି
କୋକିଶିଆଳୀଟିର ବିସ୍ଫାରିତ ଆଖି କୋଣରେ-
ଅନ୍ୟ ଏକ ଆକାଶର ଗୁପ୍ତ ଭ୍ରମ
ବିସ୍ଫାରିତ ହେଉଥାଏ ଦୂର କେଉଁ ଏକ ନୀଳ ପର୍ବତରେ।।

ରାତିର ବର୍ଷା: ବର୍ତ୍ତୁଳସ୍ତନା ବେଶ୍ୟାର ଚିତ୍ରିତ ଭ୍ରୂଲତା ପରି
ନିରନ୍ତର ଉତ୍ତେଜିତ କରିରଖିଥାଏ
ଜାହାଜର ରଂଗିନ୍ ଯାତ୍ରୀମାନଙ୍କୁ
ଜହ୍ନ ଆଲୋକଠାରୁ ଭୋର୍‌ର ସ୍ତିମିତ ଆଲୋକଯାଏଁ
ସଂଗୋପିତ ସୁଖ ସହ ବୁଝାମଣାର
ଭୟକୁ ନଷ୍ଟ କରି।।

ମୋ' ସକାଳ ପ୍ରାର୍ଥନାର ଚଟେଇ ଉପରେ
ଶାରୀଟିଏ ଗାଉଛି: ମୁଁ ବର୍ଷୁଛି, ମୁଁ ଲେଖୁଛି- ।।

***ଅଶ୍ୱିନୀ କୁମାର:*** *ଇଂଲିଶ୍‌ରେ କବିତା ଲେଖୁଥିବା ଭାରତୀୟ କବି। ସେ 'ଟିସ୍' 'TISS' (Tata Institute of Social Science)ରେ ପ୍ରଫେସର୍ ଭାବେ କାର୍ଯ୍ୟରତ। ମୁମ୍ବାଇରେ ରହୁଥିବା ଏହି କବିଙ୍କର 'ମାଇଁ ଗ୍ରାଣ୍ଡ୍‌ଫାଦର୍‌ସ ଇମାଜିନାରି ଟାଇପ୍ ରାଇଟର', 'ବନାରସ୍ ଆଣ୍ଡ୍ ଅଦର' କବିତା ସଂକଳନ ପ୍ରକାଶିତ ଓ ଆଦୃତ। 'କରୋନା'ଜନିତ ଲକ୍‌ଡାଉନ୍ ସମୟରେ କବିଙ୍କ ରଚିତ କବିତା ମଧ୍ୟରୁ ଏହି କବିତା 'ଏ ବୁକ୍ ଅଫ୍ ରେନ୍‌ସ', ଜୋଆଓ ରକ୍ ଲିଟେରାରି ଜର୍ନାଲ୍‌ର 'ଅଗଷ୍ଟ ୨୦୨୦ ସଂଖ୍ୟା'ରେ ପ୍ରକାଶିତ। 'ଇଣ୍ଡିଆନ୍ ନଭେଲ୍‌ସ କଲେକ୍‌ଟିଭ୍'ର ସେ ସହ-ପ୍ରତିଷ୍ଠାତା, ଯାହା ମାଧ୍ୟମରେ ସେ ଭାରତୀୟ କ୍ଲାସିକ୍ ଉପନ୍ୟାସକୁ ଇଂଲିଶ୍ ପାଠକମାନଙ୍କ ପାଖରେ ପହଞ୍ଚାଇବାରେ ପ୍ରୟାସ କରିଆ'ନ୍ତି।*

ମୋ: ୯୯୩୮୩୭୦୨୮୯

## କାଳକାଳକୁ



**"ଆଜିର ମଣିଷ ଅଧିକ ସକ୍ରିୟ, କିନ୍ତୁ ଅଧିକ ସୁଖୀ ନୁହେଁ। ଅଧିକ ଜ୍ଞାନୀ ବି ନୁହଁ, ଯାହା ସେ ଥିଲା ଛ' ହଜାର ବର୍ଷ ତଳେ।"**
**- ଏଡ୍‌ଗାର୍ ଆଲାନ୍ ପୋ'**

**ଏଡ୍‌ଗାର୍ ଆଲାନ୍ ପୋ'** (Edgar Allan Poe)ଙ୍କ ଜନ୍ମ ଆମେରିକାର ବୋଷ୍ଟନ୍‌ରେ, ୧୯ ଜାନୁୟାରୀ ୧୮୦୯ରେ ଓ ପରଲୋକ ୭ ଅକ୍ଟୋବର ୧୮୪୯ରେ ସେଇ ଆମେରିକାର ବାଲ୍‌ଟିମୋର୍‌ରେ। ସେ ଏକାଧାରରେ ଲେଖକ, କବି, ସମ୍ପାଦକ ଓ ସାହିତ୍ୟ-ସମାଲୋଚକ ହୋଇଥିଲେ ବି କବିତା ଓ ଗଳ୍ପ ପାଇଁ ସୁବିଦିତ। ପ୍ରକାଶିତ କବିତାଗ୍ରନ୍ଥ – 'The Raven', 'Alone', 'The Bells', 'A Dream within a Dream'. ଗଳ୍ପଗ୍ରନ୍ଥ: 'The Black Cat', 'The Tell-Tale Heart', 'The Fall of the House of Usher'.

# ଭାରତ ଲାଗି ନୂଆ ଚ୍ୟାଲେଞ୍ଜ

**ବ୍ରିସ୍‌ବେନ୍‌ରେ ଆଜିଠାରୁ ନିର୍ଣ୍ଣାୟକ ଟେଷ୍ଟ**

**ବ୍ରିସ୍‌ବେନ୍, ୧୪।୧ (ପି.ଟି.)**

ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ଶୁକ୍ରବାରଠାରୁ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ପରସ୍ପରକୁ ଭେଟିବେ। ହାଇପ୍ରୋଫାଇଲ ଟେଷ୍ଟ ସିରିଜର ଏହି ନିର୍ଣ୍ଣାୟକ ମ୍ୟାଚ ଉପରେ ଏବେ ସାରା ବିଶ୍ୱର ନଜର ରହିଛି। ସିଡ୍‌ନୀରେ ନାଟକୀୟ ଢଙ୍ଗରେ ତୃତୀୟ ଟେଷ୍ଟ ମ୍ୟାଚ ଅମୀମାଂସିତ ରହିବା ନେଇ ବହୁ ଚର୍ଚ୍ଚା ହୋଇଛି। ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟ ଜିତିବା ପରେ ଭାରତ ମେଲବୋର୍ନରେ ଦ୍ୱିତୀୟ ମ୍ୟାଚରେ ବାଜି ମାରିଥିଲା। ସିରିଜ ୧-୧ ସମାନ ସ୍ତରରେ ଥିବେ ବେଳେ ବ୍ରିସ୍‌ବେନ୍‌ର ଗାବା ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମୁକାବିଲାର ଗୁରୁତ୍ୱ ବଢ଼ିଯାଇଛି। ଘରୋଇ ପରିବେଶରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ସିରିଜରେ ଭାରତ ଏପର୍ଯ୍ୟନ୍ତ କଡ଼ା ଟକ୍କର ଦେଇଛି ଓ ତା'ର ଅହଂକାରକୁ ଭାଙ୍ଗିଛି। ପୁଣି ଥରେ ବର୍ଡର-ଗାଭାସ୍କର ଟ୍ରଫି ହାସଲ କରିବାକୁ ହେଲେ ଅଷ୍ଟ୍ରେଲିଆକୁ ଏହି ମ୍ୟାଚ ସହ ସିରିଜ ଜିତିବାକୁ ହେବ। ଯଦି ଭାରତ ଅତିକମ୍‌ରେ ଡ୍ର ରଖେ ତା'ହେଲେ ଆଉ ଦୁଇବର୍ଷ ଏହି ଟ୍ରଫି ବଜାୟ ରଖିବ।

ଭାରତ ପାଇଁ ଆଘାତ ସମସ୍ୟା ନିଶ୍ଚିତ ଭାବେ ଚିନ୍ତା ସୃଷ୍ଟି କରିଛି। ଦଳର ସବୁ ଆଗଧାଡିର ଖେଳାଳିମାନେ ଇଞ୍ଜୁରିର ସମ୍ମୁଖୀନ ହୋଇଛନ୍ତି। ଆଘାତ ପାଇବା ସତ୍ତ୍ୱେ ରବିଚନ୍ଦ୍ରନ ଅଶ୍ୱିନ, ରିଷଭ ପନ୍ତ ଓ ହନୁମା ବିହାରୀ ସିଡ୍‌ନୀରେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ତାହାକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ଏମାନେ ପ୍ରଶଂସାର ହକ୍‌ଦାର। ପୁଣି ତଳିପେଟରେ ଯନ୍ତ୍ରଣା ସତ୍ତ୍ୱେ ଯଶପ୍ରୀତ ବୁମ୍‌ରା ଖେଳିବା ଜାରି ରଖିଥିଲେ। ବାମ ବୁଢ଼ା ଆଙ୍ଗୁଠି ଭାଙ୍ଗିଯାଇଥିଲେ ମଧ୍ୟ ରବିନ୍ଦ୍ର ଜାଡେଜା ବ୍ୟାଟିଂ କରିବାକୁ ପ୍ରସ୍ତୁତ ଥିଲେ। ପାଖାପାଖି ୩ ଦଶନ୍ଧି ତଳେ ୱେଷ୍ଟଇଣ୍ଡିଜ ବୋଲିଂ କିମ୍ବଦନ୍ତୀ ମାଲକମ ମାର୍ଶାଲ ଏଭଳି ଉଦାହରଣ ସୃଷ୍ଟି କରିଥିଲେ। କଟଟି ହାଡ଼ ଭାଙ୍ଗିଯାଇଥିଲେ ମଧ୍ୟ ସେତେବେଳେ ସେ ଖେଳିବାକୁ ପ୍ରସ୍ତୁତ ଥିଲେ। ସିଡ୍‌ନୀରେ ଭାରତୀୟ ଖେଳାଳିମାନେ କେବଳ ଇଞ୍ଜୁରି ନୁହେଁ ଷ୍ଟମ୍ପ ପଛରେ ସ୍ଲେଜିଂ ଓ ଗ୍ୟାଲେରିରେ ବର୍ଣ୍ଣବୈଷମ୍ୟ ଆକ୍ଷେପର ଶିକାର ହୋଇଥିଲେ। ତେବେ ଭାରତ ଏସବୁକୁ ପଛରେ ପକାଇ ଶେଷରେ ଐତିହାସିକ ଢଙ୍ଗରେ ମ୍ୟାଚ୍ ଡ୍ର ରଖିଥିଲା।

ଏବେ ଏକ ନୂଆ ଭାରତୀୟ ଦଳ ଅଷ୍ଟ୍ରେଲିଆକୁ ଭେଟିବାକୁ ପ୍ରସ୍ତୁତ ଅଛି। ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆ ୧୯୯୮ ପରଠାରୁ ପରାସ୍ତ ହୋଇନାହିଁ। ଏହି ଭେନ୍ୟୁରେ ଭାରତର ରେକର୍ଡ ମଧ୍ୟ ବହୁତ ଖରାପ ରହିଛି। ଭାରତ ଏଠାରେ ୬ଟି ଟେଷ୍ଟ ଖେଳି ୫ଟିରେ ପରାସ୍ତ ହୋଇଥିବା ବେଳେ ୨୦୦୩ରେ ଗୋଟିଏ ମ୍ୟାଚ୍ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆର ରେକର୍ଡ ଜବରଦସ୍ତ ରହିଛି। ୧୯୯୮ରେ ଅଷ୍ଟ୍ରେଲିଆ ସେତେବେଳର ଶକ୍ତିଶାଳୀ ଦଳ ୱେଷ୍ଟଇଣ୍ଡିଜଠାରୁ ଗୋଟିଏ ଟେଷ୍ଟରେ ପରାସ୍ତ ହୋଇଥିଲା। ଏହା ପରଠାରୁ ଗାବାରେ ଅଷ୍ଟ୍ରେଲିଆ ୩୧ଟି ଟେଷ୍ଟ ଖେଳି ଅପରାଜେୟ ରହିଛି। ୨୪ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିବା ବେଳେ ୭ଟି ଡ୍ର ରଖିଛି। ମୋଟ ଉପରେ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଗାବାରେ ୫୫ଟି ଟେଷ୍ଟ ଖେଳି ୩୩ଟିରେ ବିଜୟୀ ହୋଇଛି ଓ ୧୩ଟି ମ୍ୟାଚ ଡ୍ର ରଖିବା ସହ ମାତ୍ର ୮ଟି ପରାଜୟ ବରଣ କରିଛି। ଗୋଟିଏ ମ୍ୟାଚ ଟାଇ ରହିଛି।


ନବଦୀପ ସଇନି


କୋଚ୍ ଭରତ ଅରୁଣଙ୍କ ସହ ଶାର୍ଦ୍ଦୁଳ ଠାକୁର।

ଆହତ ବୁମ୍‌ରା, ଜାଡେଜା, ଅଗ୍ରୱାଲଙ୍କ ସହିତ ମେଡିକାଲ ଟିମ୍ ଲଗାତର ଭାବେ କାର୍ଯ୍ୟ କରୁଛି। ଶୁକ୍ରବାର ଏହି ଖେଳାଳିମାନଙ୍କ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଯଦି ବୁମ୍‌ରା ଫିଟ୍ ହୁଅନ୍ତି ତା'ହେଲେ ସେ ଖେଳିବେ ବୋଲି ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ମ୍ୟାଚ ପୂର୍ବରୁ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗାବାର ପିଚ୍‌ରେ ବଲ ବାଉନ୍ସ କରିବ। ତେଣୁ ଏହି ମ୍ୟାଚ ଅନ୍ୟ କୌଣସି ଭେନ୍ୟୁରେ ଆୟୋଜନ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍ କହିଛନ୍ତି। ଯୁବ ଓପନର ୱିଲ୍ ପୁକୋଭସ୍କି କାନ୍ଧରେ ଆଘାତ ପାଇ ଦଳରୁ ବାଦ୍ ପଡିଛନ୍ତି। ଏଠାରେ ଖେଳିବାକୁ ଆମେ ଭଲ ପାଇଥାଉ। ଇଞ୍ଜୁରି କାରଣରୁ ଭାରତ ଏକ ଦ୍ୱିତୀୟସ୍ତରର ଦଳ ଭଳି ମନେହେଉଛି। ପେନ୍ ପରୋକ୍ଷରେ ଭାରତକୁ ସତର୍କ କରାଇ ଦେଇଛନ୍ତି।

ତେବେ ଭାରତୀୟ ଅଧିନାୟକ ଅଜିଙ୍କ୍ୟ ରହାନେ ସେତେଟା ଚିନ୍ତିତ ନ ଥିବା ମନେହେଉଛି। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ତାରକା ଓପନର ରୋହିତ ଶର୍ମା ଆଶାନୁରୂପ ପ୍ରଦର୍ଶନ କରିପାରିଲେ ଭାରତ ଫାଇଦାରେ ରହିବ। ପୁଣି ଥରେ ରିଷଭ ପନ୍ତ କମାଲ କରିବା ଆଶା କରାଯାଉଛି। ବ୍ୟାଟିଂ ବିଭାଗକୁ ଆହୁରି ଦୃଢ଼ କରିବା ପାଇଁ ଭାରତ ୫ ବଦଳରେ ୪ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବ ବୋଲି ଆଶା କରାଯାଉଛି। ମୟଙ୍କ ଉପଲବ୍ଧ ହେଲେ ୩ ନମ୍ବରରେ ବ୍ୟାଟିଂ କରିବେ। ରୋହିତ ଓ ଶୁବମନ ଇନିଂସ ଓପନ କରିବେ। ସେହିପରି ପୂଜାରା ଓ ରାହାନେ ଏହା ପରେ ବ୍ୟାଟିଂ କରିବାକୁ ଆସିବେ। ଅଲରାଉଣ୍ଡର ଜାଡେଜାଙ୍କ ସ୍ଥାନରେ ପୃଥ୍ୱୀ ଶ କିମ୍ବା ରିଦ୍ଧିମାନ ଶାହାଙ୍କୁ ଖେଳାଯାଇପାରେ। କିନ୍ତୁ ଅଫ୍‌ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ଜାଡେଜାଙ୍କ ସ୍ଥାନରେ ଖେଳାଇବା ନେଇ ବିଚାର କରାଯାଉଛି।

ବୋଲିଂ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ନବଦୀପ ସଇନି, ମହମ୍ମଦ ସିରାଜଙ୍କ ସମେତ ଶାର୍ଦ୍ଦୁଳ ଠାକୁର ଦ୍ରୁତ ବୋଲିଂ ଦାୟିତ୍ୱରେ ରହିବେ। ତେବେ ଏମାନେ ଅଧିକ ଟେଷ୍ଟ ଖେଳି ନ ଥିବାରୁ ଅଭିଜ୍ଞତା କମ୍ ରହିଛି। ବୁମ୍‌ରାଙ୍କ ଖେଳିବା ନେଇ ସ୍ପଷ୍ଟ କରାଯାଇ ନାହିଁ ଓ ଏ ନେଇ ମ୍ୟାଚ ପୂର୍ବରୁ ନିଷ୍ପତ୍ତି ନିଆଯିବ। ଏହା ଦ୍ୱାରା ଭାରତ ଅଷ୍ଟ୍ରେଲିଆକୁ ମନସ୍ତାତ୍ତ୍ୱିକ ଫାଇଦା ଦେବାକୁ ଚାହୁଁ ନାହିଁ ବୋଲି ସ୍ପଷ୍ଟ ହୋଇଛି। କିନ୍ତୁ ବୁମ୍‌ରା ନ ଖେଳିବା ସମ୍ଭାବନା ଅଧିକ ରହିଛି। ଡେଭିଡ୍ ୱାର୍ନର ମଧ୍ୟ ଫର୍ମକୁ ଫେରିବା ସମ୍ଭାବନା ଅଧିକ ରହିଛି। ଅଷ୍ଟ୍ରେଲିଆ ସ୍ପିନର ନାଥନ ଲିୟନ ୧୦୦ତମ ଟେଷ୍ଟ ଖେଳିବେ ଓ ଆଉ ୪ ଉଇକେଟ ହାସଲ କଲେ ୪୦୦ର ମାଇଲଖୁଣ୍ଟ ଛୁଇଁବେ। ସୀମିତ ସମ୍ବଳରେ ଭାରତୀୟ ଦଳ ପାଇଁ ଏକାଧିକ ଚ୍ୟାଲେଞ୍ଜ ରହିଛି। ଆଡିଲେଡ୍‌ରେ ୩୬ରେ ଅଲଆଉଟ ହେବା ଘଟଣାକୁ ଭାରତୀୟ ଖେଳାଳି ଏବେବି ଭୁଲି ନ ଥିଲେ। ଏହି ମୁକାବିଲା ମଜାଦାର ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ**

ଅଜିଙ୍କ୍ୟ ରାହାନେ (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ରିଦ୍ଧିମାନ ଶାହା (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ନବଦୀପ ସଇନି, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍‌ରା, ଟି. ନଟରାଜନ ଓ ୱାଶିଂଟନ ସୁନ୍ଦର।

**ଅଷ୍ଟ୍ରେଲିଆ ଏକାଦଶ**

ଟିମ୍ ପେନ୍ (ଅଧିନାୟକ), ଡେଭିଡ୍ ୱାର୍ନର, ମାର୍କସ ହାରିସ, ମାର୍ନସ ଲାବୁସେନ, ଷ୍ଟିଭ୍ ସ୍ମିଥ୍, ମାଥୁ ୱେଡ୍, କାମେରନ ଗ୍ରୀନ୍, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ନାଥନ ଲିୟନ ଓ ଜୋଶ ହାଜେଲଉଡ୍।

**ମ୍ୟାଚ ଆରମ୍ଭ: ଭୋର ୫ଟା**
**ଭେନ୍ୟୁ: ଗାବା ଗ୍ରାଉଣ୍ଡ, ବ୍ରିସ୍‌ବେନ୍**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଶ୍ରୀଲଙ୍କା ୧୩୫ରେ ଅଲ୍‌ଆଉଟ୍

**ଗାଲେ, ୧୪।୧**

ସ୍ଥାନୀୟ ଗାଲେ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪୬.୧ ଓଭରରେ ମାତ୍ର ୧୩୫ ରନକରି ଅଲ୍‌ଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୪୧ ଓଭରରେ ୨ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରି ସ୍ଥିତି ଦୃଢ କରିଛି। ୮ ଉଇକେଟ ହାତରେ ରଖି ଇଂଲଣ୍ଡ ମାତ୍ର ୮ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଜନୀ ବେୟାରଷ୍ଟୋ ୪୬ ଓ ଅଧିନାୟକ ଜୋ ରୁଟ୍ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଏହା ପୂର୍ବରୁ ଦୁଇ ଓପନର ଜ୍ୟାକ କ୍ରଲି ୯ ଓ ଡୋମ୍ ସିବ୍‌ଲେ ୪ ରନକରି ଲାସିଥ ଏମ୍ବୁଲଡେନିଆଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତରଫରୁ ୪ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଓପନର ଲାହିରୁ ଥିରିମାନେ ୪ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଅଧିନାୟକ ଦିନେଶ ଚାଣ୍ଡିମାଲ ସର୍ବାଧିକ ୨୮, ଆଞ୍ଜେଲୋ ମାଥ୍ୟୁସ ୨୭, ଦାସୁନ ଶାନକା ୨୩, କୁଶଳ ପେରେରା ୨୦, ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା ୧୨, ପିଡବ୍ଲ୍ୟୁଏଚ୍ ଡିସିଲ୍‌ଭା ୧୯ ରନ କରି ଆଉଟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂରେ ଡାହାଣହାତୀ ଅଫ୍‌ସ୍ପିନର ଡମ୍ ବେସ୍ ସର୍ବାଧିକ ୫, ଅଭିଜ୍ଞ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍ ୩ ଓ ଜ୍ୟାକ ଲିଚ୍ ଗୋଟିଏ ଉଇକେଟ ନେଇଥିଲେ। ଇଂଲଣ୍ଡ ତରଫରୁ ବ୍ୟାଟ୍ସମ୍ୟାନ ଡାନ୍ ଲରେନ୍ସ ପଦାର୍ପଣ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪୬.୧ ଓଭରରେ ୧୩୫ରେ ଅଲ୍‌ଆଉଟ (ଚାଣ୍ଡିମାଲ-୨୮, ମାଥ୍ୟୁସ- ୨୭, ଶନକା- ୨୩, ପେରେରା- ୨୦, ବେସ୍- ୫/୩୦, ବ୍ରଡ୍- ୩/୨୦)। ଇଂଲଣ୍ଡ ପ୍ରଥମ ଇନିଂସରେ ୪୧ ଓଭରରେ ୧୨୭/୨ (ବେୟାରଷ୍ଟୋ- ୪୬*, ରୁଟ୍- ୬୬*, ଏମ୍ବୁଲଡେନିୟା- ୨/୫୫)।

## ଖେଲୋ ଇଣ୍ଡିଆ ଜୁଡୋ ପ୍ରତିଭା ବାଛିବେ କନ୍ଦନ



**ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି):** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଜୁଡୋ ପ୍ରତିଭା ଅନ୍ୱେଷଣ ଦାୟିତ୍ୱ ପାଇଛନ୍ତି ଓଡ଼ିଶାର କନ୍ଦନ ମୁର୍ମୁ। ସେ ଖେଲୋ ଇଣ୍ଡିଆର ପୂର୍ବାଞ୍ଚଳ (ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଆଣ୍ଡାମାନ ଓ ନିକୋବର) ଚୟନ କମିଟିରେ ସ୍ଥାନ ପାଇଛନ୍ତି। ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ବୈଷୟିକ ସମ୍ପାଦକ କନ୍ଦନ ସମ୍ପ୍ରତି କିସ୍ ଓ କିଟ୍‌ରେ ଜଣେ ଜୁଡୋ କୋଚ୍‌ଭାବେ କାର୍ଯ୍ୟରତ। ସେ ଜଣେ ଜାତୀୟ ରେଫରି, ଜଜ୍ ଏବଂ ତୃତୀୟ ଡାନ୍ ବ୍ଲାକ୍‌ବେଲ୍ଟଧାରୀ।

## ରାଜ ଅଠୱାଲ ଓଡ଼ିଶା ଏଫ୍‌ସିର ନୂଆ ସଭାପତି

**ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)**

ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ସଂଘର୍ଷ ଜାରି ରଖିଥିବା ଓଡ଼ିଶା ଏଫ୍‌ସି କ୍ଲବର ନୂଆ ସଭାପତି ହୋଇଛନ୍ତି ରାଜ ଅଥୱାଲ। ପୂର୍ବରୁ ସେ ଗ୍ଲାସ୍‌ଗୋ ରେଞ୍ଜର୍ସ, କୋଭେଣ୍ଟ୍ରି ସିଟି ଏବଂ ୱାଟଫୋର୍ଡ କ୍ଲବ ସହିତ କାମ କରିବାର ୨୫ ବର୍ଷର ଅଭିଜ୍ଞତା ରଖିଛନ୍ତି। ଶୀର୍ଷସ୍ଥାନୀୟ ବ୍ରିଟିଶ୍ ଫୁଟବଲ କ୍ଲବ ସହିତ କାର୍ଯ୍ୟକାଳ ଅବସରରେ ସେ ବ୍ରେଣ୍ଡନ ରୋଜର୍ସ, ଗର୍ଡନ ଷ୍ଟ୍ରାଚାନ, ସିଅନ ଡିକେ, ଆଲି ମ୍ୟାକ୍‌କୋଇଷ୍ଟ, ଗ୍ୟାରୀ ମ୍ୟାକଆଲିଷ୍ଟର, ପିଟର ରିଡ୍, ରବ୍ ପେଜ୍, ନିଗେଲ କ୍ଲଫ୍‌ଙ୍କ ପରି ପ୍ରତିଷ୍ଠିତ କୋଚ୍‌ଙ୍କ ସହିତ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଏଫ୍‌ସିକୁ ଆର୍ଥିକ ଦୃଷ୍ଟିକୋଣରୁ ଦୃଢ଼ ଏବଂ ଲାଭବାନ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଅଥୱାଲ ନୂଆ ସଭାପତି ହୋଇଥିବାରୁ ଖୁସି ଜାହିର କରିଛନ୍ତି କ୍ଲବ ସିଇଓ ରୋହନ ଶର୍ମା। ୟୁକେରେ ଅନେକ ପ୍ରତିଷ୍ଠିତ କ୍ଲବ ସହିତ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଥିବାରୁ ତାଙ୍କ ଉପସ୍ଥିତି ଓଡ଼ିଶା ଏଫ୍‌ସି କ୍ଲବକୁ ଫାଇଦାରେ ରଖିବ ବୋଲି ରୋହନ ଆଶା ପ୍ରକାଶ କରିଛନ୍ତି।


ରାଜ ଅଠୱାଲ

## ପୂର୍ବତନ ଅଲିମ୍ପିକ ଚାମ୍ପିୟନ ସସ୍‌ପେଣ୍ଡ

**ମୋନାକୋ, ୧୪।୧ (ଏପି):** ଡୋପିଂ ନିୟମ ଉଲ୍ଲଂଘନ କରିଥିବାରୁ ପୂର୍ବତନ ଅଲିମ୍ପିକ ହର୍ଡଲ୍ସ ଚାମ୍ପିୟନ ବ୍ରାଏନା ରୋଲିନ୍ସ ମ୍ୟାକ୍‌ନିଲଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ)ଗୁରୁବାର ଏକଥା ପ୍ରକାଶ କରିଛି। ରୋଲିନ୍ସ ମ୍ୟାକ୍‌ନିଲ ୨୦୧୬ ରିଓ ଡି ଜେନିରୋ ଅଲିମ୍ପିକ୍ସ ୧୦୦ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ଆମେରିକାର ଏହି ୨୯ ବର୍ଷୀୟା ଆଥଲେଟ୍ ୨୦୧୩ରେ ବିଶ୍ୱ ଚାମ୍ପିୟନ ହୋଇଥିଲେ। ରୋଲିନ୍ସ ମ୍ୟାକ୍‌ନିଲ ତାଙ୍କ ଇଭେଣ୍ଟରେ ବିଶ୍ୱର ଚତୁର୍ଥ ଦ୍ରୁତତମ ବିବେଚିତ ହେଉଛନ୍ତି।

## ଶୁକ୍ଲାଙ୍କୁ ନୋଟିସ୍

**ମୁମ୍ବାଇ, ୧୪।୧ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନବନିର୍ବାଚିତ ଉପସଭାପତି ରାଜୀବ ଶୁକ୍ଲାଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ହୋଇଛି। ବିସିସିଆଇ ଏଥିକ୍ସ ଅଫିସର ଗୁରୁବାର ତାଙ୍କ ବିରୋଧରେ ଏକ ନୋଟିସ ଜାରି କରିଛନ୍ତି। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନର ପୂର୍ବତନ ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତାଙ୍କ ଯୁକ୍ତି ହେଲା ଶୁକ୍ଲା ଉତ୍ତରପ୍ରଦେଶ କ୍ରିକେଟ ଆସୋସିଏଶନର ଜଣେ ନିର୍ଦ୍ଦେଶକ ରହିଥିବାବେଳେ ଦେଶର କ୍ରିକେଟ ପରିଚାଳନା ସଂସ୍ଥା ବିସିସିଆଇରେ ଏକ ଉଚ୍ଚ ପଦବୀରେ ରହିଛନ୍ତି।

## ଜାମସେଦପୁରକୁ ହରାଇ ତୃତୀୟରେ ଗୋଆ

**ଫତୋର୍ଦା, ୧୪।୧**

ଜର୍ଜ ଓର୍ଟିଜ୍‌ଙ୍କ ଡବଲ ଗୋଲ ବଳରେ ଗୋଆ ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ୩-୦ରେ ପରାସ୍ତ କରିଛି। ଓର୍ଟିଜ ମ୍ୟାଚର ୧୯ ଓ ୫୨ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଇଭାନ ଗୋଞ୍ଜାଲେଜ ୮୯ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହି ବିଜୟ ଫଳରେ ଗୋଆ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ୪ର୍ଥ ସ୍ଥାନରେ ଥିବା ଗୋଆ ଏପର୍ଯ୍ୟନ୍ତ ୧୧ ମ୍ୟାଚ ଖେଳି ସାରିଥିବାବେଳେ ୫ ବିଜୟ ଏବଂ ୩ଟି ଲେଖାଏ ଡ୍ର ଓ ପରାଜୟ ସହିତ ୧୮ ପଏଣ୍ଟରେ ପହଞ୍ଚିଛି। ମୁମ୍ବାଇ ସିଟି ଏଫ୍‌ସି ୨୫ ଓ ଏଟିକେ ମୋହନବାଗାନ ୨୦ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଜାମସେଦପୁର ୧୧ ମ୍ୟାଚରୁ ୩ ବିଜୟ, ୪ ଡ୍ର ଓ ୪ ପରାଜୟ ସହ ୧୩ ପଏଣ୍ଟରେ ସ୍ଥିର ରହି ୭ମ ସ୍ଥାନକୁ ଖସିଛି। ଗୋଆ ୧୬ ଗୋଲ ଦେଇଥିବାବେଳେ ୧୧ ବରଣ କରିଛି। ଗୋଲବ୍ୟବଧାନ +୫ ରହିଛି। ଜାମସେଦପୁର ୧୨ ଗୋଲ ଦେଇଥିବାବେଳେ ୧୫ଟି ବରଣ କରିଥିବାରୁ ଗୋଲ ବ୍ୟବଧାନ -୩ ରହିଛି।


ଗୋଆ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ପୁରୀ ଚେସ୍ ମାଷ୍ଟର୍ସ ମିଟ୍ ଉଦ୍‌ଘାଟିତ

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ପୁରୀ ଅଫିସ, ୧୪।୧**

ପୁରୀ ମାର୍କଣ୍ଡେଶ୍ୱର ସାହିସ୍ଥିତ ମା' ବୁଢ଼ୀମା ତୋଟା କଲ୍ୟାଣ ମଣ୍ଡପରେ ୬ଷ୍ଠ ପୁରୀ ଚେସ୍ ମାଷ୍ଟର୍ସ ମିଟ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ୧୧ ରାଉଣ୍ଡ ବିଶିଷ୍ଟ ହେବ। ଏଥିରେ ମୋଟ ୧୨ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ଉତ୍କଳ ରଞ୍ଜନ ସାହୁ (୨୩୩୨ ରେଟିଂ), ବୈଭବ ମିଶ୍ର (୨୨୧୯), ମନୋଜ କୁମାର ପାଣିଗ୍ରାହୀ (୨୦୧୪), ବୀରକିଶୋର ବେହେରା (୧୯୬୫), ଜ୍ୟୋତି ପ୍ରକାଶ ସାହୁ (୧୭୬୨), ଜଗଦୀଶ ବାରିକ (୧୭୩୪), ଅନିଶା ମିଶ୍ର (୧୭୨୨), ଗୌରହରି ମହାପାତ୍ର (୧୬୬୪), ଲୋଚନ କୁମାର ଦାସ (୧୬୪୮), ଗୁରୁପ୍ରସାଦ ଭଞ୍ଜ (୧୪୮୦), ଆୟୁଷ୍ମାନ ମହାନ୍ତି (୧୪୩୦) ଓ ପ୍ରିୟଙ୍କା ପଟ୍ଟନାୟକ (୧୧୦୪)। ପ୍ରତିଯୋଗିତାର ପ୍ରଥମ ୩ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦୦୦, ୨୦୦୦, ୧୦୦୦ଟଙ୍କା ପୁରସ୍କାର ଆକାରରେ ଦିଆଯିବ। ବିକାଶ ବିହାରୀ ପୃଷ୍ଟି ମୁଖ୍ୟ ଅତିଥି ଏବଂ ଦିଗମ୍ବର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ରାଉଣ୍ଡରେ ବୀର କିଶୋରଙ୍କୁ ଜ୍ୟୋତିପ୍ରକାଶ, ଆୟୁଷ୍ମାନଙ୍କୁ ଗୁରୁପ୍ରସାଦ, ଅନିଶାଙ୍କୁ ଲୋଚନ, ପ୍ରିୟଙ୍କାଙ୍କୁ ଜଗଦୀଶ, ଗୌରହରିଙ୍କୁ ବୈଭବ ଏବଂ ମନୋଜଙ୍କୁ ଉତ୍କଳ ପରାସ୍ତ କରିଛନ୍ତି।


ପ୍ରଥମ ରାଉଣ୍ଡ ଅବସରରେ ଖେଳାଳିମାନେ।

## ଓଡ଼ିଶାର କ୍ରମାଗତ ତୃତୀୟ ପରାଜୟ

**ସୟଦ ମୁସ୍ତାକ ଅଲୀ ଟି୨୦**

**ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)**

ଚଳିତ ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ପ୍ରତିଯୋଗିତାରେ ଓଡ଼ିଶା କ୍ରମାଗତ ତୃତୀୟ ପରାଜୟ ବରଣ କରିଛି। କୋଲକାତାର ଇଡେନ ଗାର୍ଡେନରେ ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୮ ଉଇକେଟରେ ତାମିଲନାଡୁଠାରୁ ପରାଜିତ ହୋଇଛି। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୧୩୩ ରନ ବିଜୟ ଲକ୍ଷ୍ୟର ପିଛା କରି ତାମିଲନାଡୁ ୧୫.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରି ନେଇଥିଲା। ପୂର୍ବରୁ ଓଡ଼ିଶା ଏହାର ପ୍ରଥମ ୨ ମ୍ୟାଚରେ ବେଙ୍ଗଲଠାରୁ ୯ ଉଇକେଟରେ ଏବଂ ହାଇଦ୍ରାବାଦ ନିକଟରୁ ୬ ରନରେ ପରାସ୍ତ ହୋଇଥିଲା। ଏଲିଟ୍ ଗ୍ରୁପ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ୩ ମ୍ୟାଚରୁ ୩ ପରାଜୟ ଲଭିଥିବାରୁ ପଏଣ୍ଟ ଖାତା ଖୋଲି ପାରିନାହିଁ। ଅନ୍ୟପକ୍ଷରେ ତାମିଲନାଡୁ ୩ ମ୍ୟାଚରୁ ୩ ବିଜୟ ସହ ୧୨ ପଏଣ୍ଟ ପାଇ ଏହି ଗ୍ରୁପରେ ଶୀର୍ଷସ୍ଥାନ ଅଧିକାର କରିଛି। ଓଡ଼ିଶା ଆସନ୍ତା ୧୬ ତାରିଖରେ ଝାଡ଼ଖଣ୍ଡକୁ ଭେଟିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା କୌଣସି ବ୍ୟାଟ୍ସମ୍ୟାନ ପ୍ରତିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରି ନ ପାରିବାରୁ ବଡ଼ ସ୍କୋର ଆଶା ମଉଳି ଯାଇଥିଲା। ଦଳ ଓପନିଂ ଯୋଡ଼ିରେ ୨୦ ବଲ୍‌ରୁ ୩୪ ରନ କରି ଭଲ ଆରମ୍ଭ କରିଥିଲେ ହେଁ ପରେ ଦିଗହରା ପ୍ରଦର୍ଶନ କରିଥିଲା। ଦୁଇ ଓପନର ଗୌରବ ଚୌଧୁରୀ ୧୯ ଓ ରାଜେଶ ଧୂପର ୨୨ ରନ କରିଥିବାବେଳେ ମିଡିଲ ଅର୍ଡରରେ ଶୁଭ୍ରାଂଶୁ ସେନାପତି ୨୦ ଏବଂ ଲୋୟର ଅର୍ଡରରେ ସୂର୍ଯ୍ୟକାନ୍ତ ପ୍ରଧାନ ସର୍ବାଧିକ ୨୩ (୧୦ ବଲ୍, ୧ ଚୌକା, ୨ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ଟୁର୍ନାମେଣ୍ଟରେ ଶୁଭ୍ରାଂଶୁଙ୍କ ସ୍ଥାନରେ ପ୍ରଥମଥରପାଇଁ ଅଧିନାୟକ ଦାୟିତ୍ୱ ତୁଲାଇଥିବା ବିପ୍ଳବ ସାମନ୍ତରାୟ ମାତ୍ର ୭ ରନ କରି ପାରିଥିଲେ। ବିପକ୍ଷ ଦଳର ମୁରୁଗାନ ଅଶ୍ୱିନ ୩ଟି, ଅଶ୍ୱିନ କ୍ରିଷ୍ଟ ଓ ଏମ୍. ମହମ୍ମଦ ୨ଟି ଲେଖାଏ ଏବଂ ସନ୍ଦୀପ ୱାରିୟର ଓ ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ତାମିଲନାଡୁ ଓପନିଂ ଯୋଡ଼ିରେ ୩୯ ବଲ୍‌ରୁ ୫୬ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରି ଦେଇଥିଲା। ହରି ନିଶାନ୍ତ ୨୨ ବଲ୍‌ରୁ ୨୯ ଓ ଅର୍ଦ୍ଧଶତକ ହାସଲକାରୀ ନାରାୟଣ ଜଗଦୀଶ ୩୮ ବଲ୍‌ରୁ ୬୧ (୪ ଚୌକା, ୪ ଛକା) ରନକରି ଆଉଟ ହୋଇଥିଲେ। ପରେ ଅରୁଣ କାର୍ତ୍ତିକ ୨୮ ଓ ଶାହରୁଖ ଖାଁ ୧୮ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ପପୁ ରାୟ ଓ ଅଙ୍କିତ ଯାଦବ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।


ଏନ୍. ଜଗଦୀଶନ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୩୨/୯ (ସୂର୍ଯ୍ୟକାନ୍ତ- ୨୩, ଧୂପର-୨୨, ଅଶ୍ୱିନ-୩/୧୬, ମହମ୍ମଦ- ୨/୩୦, କ୍ରିଷ୍ଟ-୨/୩୪, ୱାରିୟର-୧/୩୪, ସାଇ-୧/୧୨)। ତାମିଲନାଡୁ ୧୫.୧ ଓଭରରେ ୧୩୬/୨ (ଜଗଦୀଶନ-୬୧, ନିଶାନ୍ତ-୨୯, କାର୍ତ୍ତିକ-୨୮*, ପପୁ-୧/୩୨, ଅଙ୍କିତ-୧/୧୭)।

**ଅମିତାଭଙ୍କ ଝିଅଙ୍କୁ ଆମିରଙ୍କ ଚିଠି**

ବିଗ୍ ବି ଅମିତାଭ ବଚ୍ଚନ ଏବଂ ଜୟା ବଚ୍ଚନଙ୍କ ଝିଅ ଶ୍ୱେତା ବଲିଉଡ୍ ଅଭିନେତା ଆମିର ଖାନଙ୍କ ବହୁତ ବଡ଼ ପ୍ରଶଂସକ। ଏକଥା ଆମିର ଯେବେ ଜାଣିବାକୁ ପାଇଥିଲେ ବହୁତ ଖୁସି ହୋଇଯାଇଥିଲେ। ଏଥିପାଇଁ ଆମିର ପ୍ରତିବର୍ଷ ଶ୍ୱେତାଙ୍କୁ ତାଙ୍କ ଜନ୍ମଦିନରେ ଚିଠି ଲେଖିଥାନ୍ତି।

# କବର ପାଇଁ କୋଟିଏ

**ପୃଥିବୀର ଅନ୍ୟତମ ବହୁଳ ଜନସଂଖ୍ୟା ବିଶିଷ୍ଟ ସହର ହଂକଂରେ ମୃତଦେହ କବର ଦେବାକୁ ଜାଗା ମିଳୁନାହିଁ। ଏଥିଲାଗି ୧୯୭୦ରେ ଅଦ୍ଭୁତ ନିୟମ ଲାଗୁ କରାଯାଇଥିଲା। ତଦନୁଯାୟୀ, ପ୍ରତି ୬ବର୍ଷରେ ଥରେ କବର ଖୋଳି ମୃତଦେହ ଜାଳି ଦିଆଯିବ। ହେଲେ ଗତ ୫୦ ବର୍ଷ ଭିତରେ ସ୍ଥିତି ଆହୁରି ସଙ୍ଗିନ ହୋଇଯାଇଛି। ଏବେ ମୃତଦେହ କବର ଦେବାକୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି।**



**ହଂକଂ:** ପୃଥିବୀର ସର୍ବାଧିକ ଜନବହୁଳ ଦେଶ ମଧ୍ୟରେ ହଂକଂ ଅନ୍ୟତମ। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବେ ଏଠାକାର ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ବଢ଼ାଇଛି। କଂକ୍ରିଟ ଜଙ୍ଗଲ ଏତେ ବଢ଼ିଗଲାଣି ଯେ, ମୃତଦେହ କବର ଦେବା ବି ମୁସ୍କିଲ ହୋଇପଡ଼ିଲାଣି। ଏଥିରୁ ମୁକୁଳିବାକୁ ଲୋକମାନେ ନୂଆ ଉପାୟ ବାହାର କରିଛନ୍ତି। ମୃତଦେହ କବର ଦେବା ବଦଳରେ ଦାହ କରାଯାଉଛି। ଅବଶେଷ ପାଉଁଶକୁ କବର ଦିଆଯାଉଛି। ତଥାପି ସମସ୍ୟା ସୁଧୁରୁନାହିଁ।

ବିଂଶଶତାବ୍ଦୀର ଶେଷ ଆଡ଼କୁ ଅର୍ଥାତ୍ ୧୯୭୦ବେଳକୁ ହଂକଂରେ ଜମି ମୂଲ୍ୟ ଆକାଶଛୁଆଁ ହୋଇଗଲା। ଜମି ଖଣ୍ଡେ କିଣିବା କାଠିକର ପାଠ ହୋଇପଡ଼ିଲା। ସମସ୍ୟାକୁ ନଜରରେ ରଖି ଏଠାକାର ସରକାର କବରଖାନା ଉପରେ କଟକଣା ଜାରି କଲେ। ଏଥିସହିତ ନୂଆ ମୃତଦେହ କବର ଦେବାକୁ ୬ବର୍ଷିଆ କବରଖୋଳା ନିୟମ ଲାଗୁ କରାଗଲା। ହେଲେ ସମୟକ୍ରମେ ଏହି ସମସ୍ୟା ଆହୁରି ଜଟିଳ ରୂପ ନେଇଛି। ଏବେ ମୃତକଙ୍କୁ କବର ଲାଗି ଜାଗା ଖଣ୍ଡିଏ ମିଳିଗଲେ ତାଙ୍କୁ ଭାଗ୍ୟବାନ ବୋଲି କୁହାଯାଉଛି। ତେବେ ଏଥିଲାଗି ମୃତକଙ୍କ ପରିଜନଙ୍କୁ ୨ କୋଟି ୮୩ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଜୀବନରେ ଘର ଖଣ୍ଡିଏ ପାଇଁ ସ୍ୱପ୍ନ ଦେଖୁଥିବା ହଂକଂବାସୀଙ୍କୁ ମୃତ୍ୟୁପରେ ବି ଶାନ୍ତି ନାହିଁ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି।

କବରଖାନାରେ ସ୍ଥାନ ସମସ୍ୟା ସୁଧାରିବା ଲାଗି ଏବେ ସରକାର ନୂତନ ପନ୍ଥା ଆପଣାଉଛନ୍ତି। ପରଜନଙ୍କ ମୃତଦେହ କବରଦେବା ପରିବର୍ତ୍ତେ ଜଳାଇ ଦିଆଯାଉଛି। ଅବଶେଷ ଅସ୍ଥି ସୁରକ୍ଷିତ ଭାବେ ବ୍ୟାଙ୍କ ଲକରରେ ରଖାଯାଉଛି। ମୃତକଙ୍କ ପରିଜନ ଜମି କିଣିଲେ କିମ୍ବା କବର ଦେବା ପାଇଁ ନମ୍ବର ଆସିଲେ ସମସ୍ୟା ତୁଟୁଛି। ସବୁଠାରୁ ବଡ଼ କଥା ଏଠାରେ କବର ଦେବାକୁ ଲଟେରି ଆରମ୍ଭ କରାଯାଇଛି। ଅପେକ୍ଷା କରିବାକୁ ଅମଙ୍ଗ ବ୍ୟକ୍ତିଙ୍କୁ ମାତ୍ର ୯୪ ଟଙ୍କାରେ ଏ-୪ ସାଇଜ୍‌ର ଏକ ସ୍ଥାନ ଉପଲବ୍ଧ କରାଯାଉଛି। ଉକ୍ତ ସୀମିତ ସ୍ଥାନ ଭିତରେ ହିଁ ଅସ୍ଥି କବର ଦେବାକୁ ହୋଇଥାଏ।

ସୂଚନାଯୋଗ୍ୟ, ହଂକଂରେ ଲକ୍‌ଜୁରି ଘର ପ୍ରତି ବର୍ଗ ମିଟର ପିଛା ୧ କୋଟି ୮୦ ଲକ୍ଷରୁ ଅଧିକ। ଏଠାରେ ସ୍ଥାୟୀ ଭାବେ ବସବାସ କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କୁ କେତେ ସମସ୍ୟା ଭୋଗିବାକୁ ପଡ଼େ ତାହା ସହଜରେ ଅନୁମେୟ। ଲୋକମାନେ ରହିବା ଲାଗି କଫିନ୍ କ୍ୟୁବିକଲ ବ୍ୟବହାର କରନ୍ତି, ଯାହା ଏକ କାଠବାକ୍ସ ଏବଂ ଏହା ୧୫ ବର୍ଗ ଫୁଟ ବିଶିଷ୍ଟ। ସ୍ଥାନାଭାବାରୁ ଏକ ବୃହତ୍ ଜନଗୋଷ୍ଠୀ କଫିନ୍ କ୍ୟୁବିକଲ୍‌ରେ ରହିବାକୁ ବାଧ୍ୟ ହେଉଛନ୍ତି। ଉକ୍ତ ଛୋଟିଆ ପ୍ରକୋଷ୍ଠରେ ରୋଷେଇ ଘର, ପାଇଖାନା, ଶୟନ କକ୍ଷ ଲଗାଲଗି ହୋଇ ରହିଥାଏ। ତଥାପି ବିକଳ୍ପ ନ ଥିବାରୁ ଲୋକେ ଅତି କଷ୍ଟରେ ସେଥିରେ ଜୀବନ କାଟୁଛନ୍ତି।



# କଇଁଛ ସହ ରେସ୍ ଲଗାଇଲେ ଅଦା

ବଲିଉଡ୍ ତଥା ଟଲିଉଡ୍‌ରେ ଅଭିନେତ୍ରୀ ଅଦା ଶର୍ମା ହେଉଛନ୍ତି ଜଣେ ଚର୍ଚ୍ଚିତ ଅଭିନେତ୍ରୀ। ଦେଖିବାକୁ ସୁନ୍ଦରୀ ଯେମିତି ଅଭିନୟ ମଧ୍ୟ ଦମ୍‌ଦାର ସେମିତି। ସେ ସବୁବେଳେ ସୋସିଆଲ ମିଡିଆରେ ସକ୍ରିୟ ରହିଥାନ୍ତି। ନିୟମିତ ବ୍ୟବଧାନରେ ସେ ପ୍ରଶଂସକଙ୍କ ସହ ନିଜର ଫଟୋ ଏବଂ ଭିଡିଓ ଶେୟାର କରିଥାନ୍ତି। ଏବେ ତାଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଅଦାଙ୍କୁ ଏକ ପାର୍କରେ କଇଁଛ ସହ ଦୌଡୁଥିବାର ଦେଖିବାକୁ ମିଳୁଛି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରଶଂସକମାନେ ଏହି ଭିଡିଓରେ ନିଜର ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି। ଅଦାଙ୍କ ଏହି ଭିଡିଓ ତାଙ୍କର ଫ୍ୟାନ କ୍ଲବ ଦ୍ୱାରା ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ୱାର୍କ ଫ୍ରଣ୍ଟ କଥା କହିଲେ ଅଦା ଏବେ ଫିଲ୍ମ ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେଥିମଧ୍ୟରୁ ଗୋଟିଏ ଶର୍ଟ ଫିଲ୍ମ ହୋଇଥିବାବେଳେ ଆଉ ଏକ ତେଲୁଗୁ ଫିଲ୍ମ ଅଟେ। ବଲିଉଡ୍‌ରେ ଅଦା ଶେଷଥର 'କମାଣ୍ଡୋ-୩' ଫିଲ୍ମରେ ନଜର୍ ଆସିଥିଲେ। ଅଦା ତାଙ୍କ ପାଠପଢ଼ା ସାରିବାପରେ ୨୦୦୮ ମସିହାରେ ଏକ ହରର୍ ଫିଲ୍ମ '୧୯୨୦'ରୁ ଡେବ୍ୟୁ କରିଥିଲେ। ଏହି ଫିଲ୍ମଟି ବକ୍ସଅଫିସ୍‌ରେ ହିଟ୍ ହୋଇଥିଲା। ଏହାପରେ ସେ ଅନେକ ଗୁଡ଼ିଏ ଫିଲ୍ମରେ କାମ କରିବା ସହିତ ମ୍ୟୁଜିକ୍ ଆଲବମ୍ ମଧ୍ୟ କରିଛନ୍ତି। ଦର୍ଶକମାନେ ତାଙ୍କ କାମକୁ ବେଶ୍ ପସନ୍ଦ କରିଛନ୍ତି।



# ଜୀବନ ବଞ୍ଚାଇଲା ଆମାଜନ ଆଲେକ୍ସା

**ଲଣ୍ଡନ:** ଇଂଲଣ୍ଡର କେମ୍ବ୍ରିଜଶାୟରରେ ରହୁଥିବା ଜଣେ ୪୦ ବର୍ଷୀୟ ବ୍ରିଟିଶ ବଡିବିଲ୍ଡର ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଆମାଜନ ଆଲେକ୍ସା(ଭଏସ୍ ଆସିଷ୍ଟାଣ୍ଟ) ଉକ୍ତ ବଡିବିଲ୍ଡରଙ୍କ ଜୀବନ ବଞ୍ଚାଇଛି। ଫଳରେ ସେ ନୂଆ ଜୀବନ ପାଇଛନ୍ତି। ଏହି ବଡିବିଲ୍ଡର ଜଣକ ହେଲେ ଦାନ୍ତେ ମେକ୍ସଲି। ଦାନ୍ତେ ଜଣେ ଟେଲିକମ ଇଞ୍ଜିନିୟର। ନିଜ ପୋଷା କୁକୁରକୁ ବୁଲାଇବା ପାଇଁ ବାହାରକୁ ଯାଉଥିବାବେଳେ ଦାନ୍ତେ ସିଡିରୁ ତଳକୁ ଖସି ପଡିଥିଲେ। ଫଳରେ ତାଙ୍କ ଶରୀରରେ ଶକ୍ତ ଆଘାତ ଲାଗି ରକ୍ତ ପ୍ରବାହ ବନ୍ଦ ହୋଇଯାଇଥିଲା। ଏହାପରେ ସେ ଅଚେତ ହୋଇପଡିଥିଲେ। ଦୀର୍ଘ ୫ ଘଣ୍ଟା ପରେ ଯେତେବେଳେ ତାଙ୍କ ହୋସ ଆସିଲା ସେ ନିଜ ଗୋଡକୁ ଠିକ ଭାବେ ଅନୁଭବ କରିପାରୁ ନ ଥିଲେ। ତାଙ୍କୁ ପକ୍ଷାଘାତ ହୋଇଥିବା ସେ ଭାବିଥିଲେ। ସେହି ସମୟରେ ତାଙ୍କ ପାଖରେ ଯୋଗାଯୋଗ କରିବା ପାଇଁ ମୋବାଇଲ ଫୋନ ମଧ୍ୟ ନ ଥିଲା। ତାଙ୍କ ରେଞ୍ଜରେ ଥିବା ଆଲେକ୍ସାର ସହାୟତା ନେଇ ଦାନ୍ତେ ତାଙ୍କ ସାଙ୍ଗକୁ ଫୋନ ଲଗାଇଥିଲେ। ଏହାପରେ ତାଙ୍କ ସାଙ୍ଗ ତୁରନ୍ତ ହସ୍ପିଟାଲ ସହ ଯୋଗାଯୋଗ କରିଥିଲେ। ପରେ ଆମ୍ବୁଲାନ୍ସ ସହାୟତାରେ ଦାନ୍ତେଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ଏକ ମାସ ଚିକିତ୍ସିତ ହେବା ପରେ ତାଙ୍କୁ ଡିସଚାର୍ଜ କରାଯାଇଥିବା ସୂଚନା ମିଳିଛି।

# ପ୍ରେମିକାଙ୍କୁ ଭେଟିବାକୁ ଆସି ଜେଲ ଗଲେ



**ନୂଆଦିଲ୍ଲୀ:** ଅନ୍‌ଲାଇନରେ ଜଣେ ଯୁବତୀଙ୍କୁ ପ୍ରେମ ନିବେଦନ କରିବା ସହ ଜନ୍ମଦିନରେ ତାଙ୍କୁ ଭେଟିବାକୁ ଆସିବା ପ୍ରେମିକଙ୍କୁ ମହଙ୍ଗା ପଡ଼ିଛି। ଯୁବକଙ୍କୁ ଯୁବତୀ ଜଣକ ଚିହ୍ନି ନ ଥିବା କହିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ପ୍ରାୟ ୨ ହଜାର କିମି ଦୂରରୁ ଆସିଥିବା ଯୁବକ ଜଣକ ଜେଲ ହାଜତ ଯିବାକୁ ପଡ଼ିଛି। ପୋଲିସ ଷ୍ଟେଶନରେ ଗୋଟିଏ ରାତି ରହିବା ପରେ ସେ ମୁକୁଳିଥିବା ଜଣାପଡିଛି। ଘଟଣା ମୁତାବକ, ଉତ୍ତରପ୍ରଦେଶ ଦେବରିଆ ଜିଲାର ସଲମାନ ବାଙ୍ଗାଲୋରରେ ମେକାନିକ ଭାବେ କାର୍ଯ୍ୟ କରନ୍ତି। ଅନ୍‌ଲାଇନରେ ସେ ଦିଲ୍ଲୀର ଜଣେ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ। କଥାବାର୍ତ୍ତା ହେବା ସମୟରେ ଯୁବତୀଙ୍କ ଜନ୍ମଦିନ ବିଷୟରେ ସେ ଜାଣିବାକୁ ପାଇଥିଲେ। ଶେଷରେ ତାଙ୍କୁ ସରପ୍ରାଇଜ ଉପହାର ଦେବାକୁ ସଲମାନ ବାଙ୍ଗାଲୋରରୁ ଲକ୍ଷ୍ନୌକୁ ବିମାନଯାତ୍ରା କରି ଆସିଥିଲେ। ଯୁବତୀଙ୍କ ପାଇଁ ଚକୋଲେଟ, ଟେଡିବିୟର ଏବଂ କିଛି ଅନ୍ୟ ଉପହାର ସାମଗ୍ରୀ ମଧ୍ୟ ସାଙ୍ଗରେ ଆଣିଥିଲେ। ହେଲେ ତାଙ୍କ ଉପରେ ପରିବାରଲୋକଙ୍କ ସନ୍ଦେହ ହୋଇଥିଲେ। ସେମାନେ ପୋଲିସକୁ ଫୋନ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଗୋଟିଏ ରାତି ସେ ଥାନାରେ ରହିଥିଲେ। ପରେ ସୋମବାର ତାଙ୍କୁ ପୋଲିସ ଛାଡ଼ିଥିଲା।

# ଗର୍ଭରେ ସହୋଦରଙ୍କୁ ଖାଇଯାଉଥିଲେ ସାର୍କ

**ନୂଆଦିଲ୍ଲୀ:** ସାର୍କ ମଧ୍ୟରେ ସବୁଠାରୁ ବିଶାଳ ହେଲା ମେଗାଲୋଡୋନ୍। ଏହି ମାଛ ଅଧିକ ରହସ୍ୟମୟ ହୋଇଥାନ୍ତି। ଏମାନଙ୍କୁ ୧.୫ କୋଟିରୁ ୩୬ଲକ୍ଷ ବର୍ଷ ପୂର୍ବ ପର୍ଯ୍ୟନ୍ତ ପୃଥିବୀରେ ଦେଖିବାକୁ ମିଳୁଥିଲା। ଏହି ରହସ୍ୟମୟ ମାଛମାନଙ୍କ ଜୀବାଶ୍ମରୁ ଏମାନଙ୍କ ବିଷୟରେ ବୈଜ୍ଞାନିକମାନଙ୍କୁ ଅନେକ ତଥ୍ୟ ମିଳିଛି। ନିକଟରେ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ବିରାଟକାୟ ମାଛର ଗର୍ଭରେ ବଢୁଥିବା ଛୁଆମାନେ ନିଜ ସହୋଦର(ସିବ୍‌ଲିଙ୍ଗ୍‌ସ)ଙ୍କୁ ଗର୍ଭରେ ହିଁ ଖାଇଯାଉଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ମେଗାଲୋଡୋନ୍‌ର ଜୀବାଶ୍ମ ଅଧିକ ସୂକ୍ଷ୍ମ ହୋଇଥିବାରୁ ଏଗୁଡ଼ିକର ଅଧିକାଂଶ ଅଂଶ ବେଶିଦିନ ରହିପାରି ନ ଥାଏ। ତେଣୁ ଗବେଷକମାନେ ଏମାନଙ୍କ ବିଷୟରେ ଏତେ ଗଭୀର ତଥ୍ୟ ହାସଲ କଲେ ଯେ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଶିକାରୀ ସାର୍କମାନଙ୍କ ଲମ୍ବ ପ୍ରାୟ ୧୪ ମିଟର ହୋଇଥାଏ। ଏମାନଙ୍କ ୧୭ ସେ.ମି. ଦାନ୍ତରୁ ତାଙ୍କ ଜୀବନ ବିଷୟରେ ଅଧିକ ତଥ୍ୟ ଜାଣିହୁଏ। ମେଗାଲୋଡୋନ୍‌ର କଙ୍କାଳ ଅତି ସୂକ୍ଷ୍ମ ହୋଇଥାଏ।



କେବଳ ଏମାନଙ୍କ ଦାନ୍ତ, ମେରୁଦଣ୍ଡ, ମସ୍ତିଷ୍କ ଅଧିକ ଦିନ ରହିଥାଏ। ଗବେଷଣାରୁ ମିଳିଥିବା ତଥ୍ୟ ଅନୁଯାୟୀ, ମେଗାଲୋଡୋନ ପ୍ରାୟ ୨ ମିଟର ଛୁଆଙ୍କୁ ଜନ୍ମ ଦେଉଥିଲା ଏବଂ ଗର୍ଭରେ ହିଁ ଏହି ଛୁଆମାନେ ମନୁଷ୍ୟ ଶିଶୁଙ୍କଠାରୁ ଅଧିକ ଲମ୍ବା ପର୍ଯ୍ୟନ୍ତ ବଢ଼ିପାରୁଥିଲେ। ସାର୍କ ମନୁଷ୍ୟ ଭଳି ମେରୁଦଣ୍ଡୀ ହୋଇଥିବାବେଳେ ଏମାନେ ବଢ଼ିବା ସହ ଏମାନଙ୍କ ମେରୁଦଣ୍ଡର ଅନେକ ଅଂଶ ମଧ୍ୟ ବଢ଼ିଥାଏ ବୋଲି ତଥ୍ୟରୁ ଜଣାପଡ଼ିଛି।

# କାର୍‌ରେ ୧୩ ରାଜ୍ୟ ଭ୍ରମଣ

**ଥିରୁଭାନନ୍ତପୁରମ:** ଦେଶର ବିଭିନ୍ନ ରାଜ୍ୟ ବୁଲି ଭିନ୍ନ ଭିନ୍ନ ସଂସ୍କୃତି ଦେଖିବା ପାଇଁ ସମସ୍ତଙ୍କର ସ୍ୱତନ୍ତ୍ର ଇଚ୍ଛା ରହିଥାଏ। କିନ୍ତୁ ସମସ୍ତେ ଏହି ଇଚ୍ଛାକୁ ପୂରା କରିବାର ସୁଯୋଗ ପାଆନ୍ତି ନାହିଁ। ହେଲେ ଦେଶ ଭ୍ରମଣର ଏହି ଇଚ୍ଛାକୁ ନିଜ କାର୍‌ରେ ବୁଲି ପୂରା କରିଛନ୍ତି କେରଳର ଏକ ଦମ୍ପତି।

କେରଳର ତ୍ରିଶୂରରେ ରହୁଥିବା ଦମ୍ପତି ୨୩ ବର୍ଷୀୟା ଲକ୍ଷ୍ମୀ କୃଷ୍ଣା ଏବଂ ୩୧ ବର୍ଷର ହରି କୃଷ୍ଣା ନିଜ କାର୍‌ରେ ୧୩ଟି ରାଜ୍ୟ ଭ୍ରମଣ କରି ଚର୍ଚ୍ଚିତ ହୋଇଛନ୍ତି। ବିଭିନ୍ନ ରାଜ୍ୟ ବୁଲିବା ପାଇଁ ପ୍ରଥମେ ନିଜ କାରରେ ଯିବା ପାଇଁ ସ୍ଥିର କରିବା ପରେ କାରକୁ ପ୍ରଥମେ ଭିନ୍ନ ରୂପ ଦେଇଥିଲେ। କାରରେ ରହିବା ଏବଂ ଶୋଇବା ଭଳି ସ୍ଥାନ କରିବା ପାଇଁ ସେ ପ୍ରଥମେ ସବୁ ବ୍ୟବସ୍ଥା କରିଥିଲେ। ଏହାପରେ ସବୁ ପ୍ରସ୍ତୁତି କରି ସେମାନେ ଦେଶ ଭ୍ରମଣରେ ବାହାରିଥିଲେ। କାରରେ ସେମାନେ ନିଜ ସହିତ ଖାଇବା, ଶୋଇବାର ସବୁ ସାମଗ୍ରୀ ରଖିଥିଲେ। ଏମିତିକି କାର ଭିତରେ ଏକ ଷ୍ଟୋଭ ବି ରଖିଥିଲେ, ଯାହାଫଳରେ ନିହାତି ଆବଶ୍ୟକ ହେଲେ ସେମାନେ କୌଣସି ସ୍ଥାନରେ ରହି ସେଥିରେ ରୋଷେଇ ବି କରୁଥିଲେ। କରୋନା ପାଇଁ ବିଭିନ୍ନ ରାଜ୍ୟ ବୁଲିବା ଯଦିଓ ତାଙ୍କ ପାଇଁ ଟିକିଏ ଅସୁବିଧା ହୋଇଥିଲା ତଥାପି ସେମାନେ ଭ୍ରମଣର ଆନନ୍ଦ ନେଇପାରିଛନ୍ତି ବୋଲି କହିଛନ୍ତି। ରାଜସ୍ଥାନର ଉଦୟପୁର ପ୍ୟାଲେସଠାରୁ ମୁମ୍ବାଇର ଧୋବୀଘାଟ ପର୍ଯ୍ୟନ୍ତ ସେମାନେ ବିଭିନ୍ନ ସ୍ଥାନ ବୁଲି ଭିନ୍ନ ଅନୁଭୂତି ନେଇଛନ୍ତି। ଭ୍ରମଣ ସମୟରେ ସେମାନେ ବିଭିନ୍ନ ପ୍ରକାରର ଲୋକଙ୍କୁ ଭେଟିଛନ୍ତି। କିଛି ଲୋକ ସେମାନଙ୍କୁ ନିଜ ଘରେ ରହିବାର ବନ୍ଦୋବସ୍ତ କରିଛନ୍ତି ତ କିଛି ଲୋକ ସେମାନଙ୍କୁ ଗାଡ଼ି ରଖିବା ଏବଂ ସ୍ଥାନୀୟ ଅଞ୍ଚଳ ବୁଲାଇବାରେ ବି ସାହାଯ୍ୟ କରିଛନ୍ତି। ଗତ ଦୁଇ ମାସ ମଧ୍ୟରେ ସେମାନେ କର୍ନାଟକ, ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ, ପଞ୍ଜାବ, ଜମ୍ମୁ କଶ୍ମୀର, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁ ଆଦି ଏମିତି ୧୩ଟି ରାଜ୍ୟ ବୁଲି ସାରିଲେଣି। ଆଗକୁ ଆହୁରି ବିଭିନ୍ନ ଅଞ୍ଚଳ ବୁଲିବା ପାଇଁ ବି ସେ ଇଚ୍ଛା ରଖିଛନ୍ତି।






# ସ୍କୁଲ କାନ୍ଥ ତିଆରି କଲେ ଶିକ୍ଷୟିତ୍ରୀ

**ଚେନ୍ନାଇ:** ସବୁ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାଙ୍କୁ ପାଠ ପଢ଼ାଇ ଦରମା ପାଆନ୍ତି। କିନ୍ତୁ କିଛି ଶିକ୍ଷକ ଏପରି ଥାଆନ୍ତି ଯେଉଁମାନେ ପିଲାଙ୍କୁ କେବଳ ପାଠ ପଢ଼ାଇ କର୍ତ୍ତବ୍ୟ ସାରି ଦିଅନ୍ତିନି ବରଂ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ବି ଚିନ୍ତା କରିଥାନ୍ତି। ଆଉ ଏଥିପାଇଁ ଆବଶ୍ୟକ ହେଲେ ନିଜେ ବ୍ୟକ୍ତିଗତ ଅର୍ଥ ବି ଦାନ କରିବାକୁ ପଛାନ୍ତି ନାହିଁ। ଠିକ୍ ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ତାମିଲନାଡୁର ଶିକ୍ଷୟିତ୍ରୀ ଏନ୍. ପୁନକୋଡି।

ତାମିଲନାଡୁରେ ଥିବା ଦେନକାନିକୋଟ୍ଟାଇ ତାଲୁକର କୁରୁକାକୋଲ୍ଲଇ ଗାଁରେ ରହିଛି ପଞ୍ଚାୟତ ୟୁନିୟନ ପ୍ରାଇମେରୀ ସ୍କୁଲ। ଏହି ସ୍କୁଲରେ ପ୍ରିନ୍‌ସିପାଲ ଦାୟିତ୍ୱରେ ଅଛନ୍ତି ଏନ୍. ପୁନକୋଡ଼ି। ସ୍କୁଲର ଭଙ୍ଗା କାନ୍ଥକୁ ପୁଣି ଥରେ ତିଆରି କରି ପିଲାଙ୍କ ପାଇଁ ଏବେ ସେ ସେଠାରେ ସୁନ୍ଦର ଚିତ୍ର କରି ଅକ୍ଷର ଶିକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି। ତେବେ ଏସବୁ କାମ ସେ ନିଜ ବ୍ୟକ୍ତିଗତ ଦରମା ଖର୍ଚ୍ଚକରି କରିଛନ୍ତି। ପିଲାଙ୍କୁ ପଢ଼ାଇବା ପାଇଁ ପୁନକୋଡ଼ି ୫୫ କିଲୋମିଟର ଦୂରରୁ ଏହି ସ୍କୁଲକୁ ଆସନ୍ତି। ସ୍କୁଲରେ ସେ ଏକମାତ୍ର ଶିକ୍ଷୟିତ୍ରୀ ହୋଇଥିବାରୁ ପ୍ରିନ୍‌ସିପାଲ ଦାୟିତ୍ୱରେ ବି ଅଛନ୍ତି। ତେବେ ସ୍କୁଲର ଏକ କାନ୍ଥ ଭାଙ୍ଗି ଯାଇଥିବାରୁ ପିଲାମାନେ ସ୍କୁଲ ଆସିବା ପାଇଁ ଇଚ୍ଛା କରୁ ନ ଥିଲେ। ଏକଥା ଅନୁଭବ କରିବା ପରେ ପୁନକୋଡ଼ି ମିସ୍ତ୍ରିଙ୍କୁ ଡାକି ନୂଆ କାନ୍ଥ କରିବା ସହ ସେଥିରେ ଇଂଲିଶ ଏବଂ ତାମିଲର ଆଲଫାବେଟ୍ ସବୁ ଚିତ୍ରିତ କରିଥିଲେ। ଏହାପରେ ପିଲାମାନେ ସ୍କୁଲ ଆସିବା ପାଇଁ ଅଧିକ ଆଗ୍ରହ ଦେଖାଇଥିଲେ ବୋଲି ସେ ଲକ୍ଷ୍ୟ କରିଥିଲେ। ୧୫ ବର୍ଷ ତଳେ ତିଆରି ହୋଇଥିବା ସ୍କୁଲକୁ ନୂଆ ରୂପ ଦେବା ପାଇଁ ସରକାରଙ୍କୁ କହିଲେ ବହୁତ ଦିନ ଲାଗିଥାନ୍ତା ବୋଲି ସେ ନିଜ ଖର୍ଚ୍ଚରେ ଏହି କାମ କରିଛନ୍ତି ବୋଲି କହିଛନ୍ତି।




# ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ବିଧବା ହୁଅନ୍ତି

**ଲକ୍ଷ୍ନୌ:** ବିବିଧତା ପୂର୍ଣ୍ଣ ଭାରତରେ ବିଭିନ୍ନ ପରମ୍ପରା, ରୀତିନୀତି ଦେଖିବାକୁ ମିଳିଥାଏ। ସେଥିରୁ କିଛି ପରମ୍ପରା ବେଶ ଅଜବ। ପୁରାତନ କାଳରୁ ଚାଲି ଆସୁଥିବା କିଛି ଅଦ୍ଭୁତ ନୀତିର ମାନ୍ୟତା ଆଜି ବି ରହିଛି। ସେଥିରୁ ଗୋଟିଏ ହେଲା ଗଛବାହା ସମୁଦାୟଙ୍କ ପରମ୍ପରା। ଏହି ସମୁଦାୟର ମହିଳାମାନେ ସ୍ୱାମୀ ଜୀବିତ ଥିବା ସତ୍ତ୍ୱେ କିଛି ମାସ ପାଇଁ ବିଧବା ମହିଳାଙ୍କ ଭଳି ଜୀବନଯାପନ କରିଥାନ୍ତି। ଦୀର୍ଘଦିନରୁ ଏହା ଚାଲି ଆସୁଛି। ତେବେ ସ୍ୱାମୀଙ୍କ ଦୀର୍ଘ ଜୀବନ ଓ ସୁରକ୍ଷା ପାଇଁ ମହିଳାମାନେ ଏଭଳି କରୁଥିବା କୁହାଯାଏ। ଉତ୍ତରପ୍ରଦେଶର ଦେବରିଆ, ଗୋରଖପୁର ଏବଂ କୁଶୀନଗର ଜିଲାରେ ଏହି ସମୁଦାୟର ଲୋକ ବାସ କରନ୍ତି। ଖଜୁରୀ ଗଛରୁ ତାଡି ପ୍ରସ୍ତୁତ କରିବା କାମ ଏମାନେ କରିଥାନ୍ତି। ବର୍ଷର ୪ ରୁ ୫ ମାସ ପର୍ଯ୍ୟନ୍ତ ଏହା ଚାଲିଥାଏ। ଏହି ସମୟରେ ବିବାହିତ ମହିଳାମାନେ ମଥାରେ ସିନ୍ଦୁର ଲଗାନ୍ତି ନାହିଁ। ସେମାନେ ବୈବାହିକ ଜୀବନର ସମସ୍ତ ଶୃଙ୍ଗାରସାମଗ୍ରୀ ଦେବରିଆଠାରୁ ୩୦ କିମି ଦୂରରେ ଥିବା ତରକୁଲହା ଦେବୀ ମନ୍ଦିରରେ ରଖିଥାନ୍ତି। ତରକୁଲହା ଦେବୀ ଏହି ସମ୍ପ୍ରଦାୟର କୁଳଦେବୀ। ଉକ୍ତ ୫ରୁ ୬ ମାସ ମଧ୍ୟରେ ବିବାହିତ ମହିଳାମାନେ ବିଧବାଙ୍କ ଭଳି ଜୀବନ ଅତିବାହିତ କରିବା ପରେ ଶ୍ରାବଣ ମାସ ନାଗପଞ୍ଚମୀ ଦିନ ମନ୍ଦିରରେ ଏକତ୍ର ହୋଇଥାନ୍ତି। ସେହି ଦିନ ପୂଜା ସମୟରେ ସେମାନେ ପୁଣି ସିନ୍ଦୁର ଲଗାଇଥାନ୍ତି। ୫୦ ଫୁଟ ଉଚ୍ଚରେ ଥିବା ଖଜୁରୀ ଗଛରୁ ତାଡ଼ି ବାହାର କରିବା କାମ ବହୁତ କଷ୍ଟକର। ସେଠାକାର ଯୁବକମାନେ ଅପରାହ୍ନ ସମୟରେ ଗଛରେ ଚଢ଼ି ଏହାକୁ କାଢ଼ିଥାନ୍ତି।



**ମନେ ପଡ଼ନ୍ତି**



01.08.1960 - 05.01.2021

With Profound and sorrow,
I inform the sad demise of my wife,
Smt. Satyabhama Das (Seema),
who left for her heavenly abode
on 05/01/2021

Praying for the departed
soul to rest in peace.

Grief Stricken,
Asit Das & Family

ଧ-୬୯୪୭୧

# ଆଶାରେ ଆଂଶିକା

**ରାଜ୍ୟର ଅନ୍ୟତମ ପ୍ରତିଭାସମ୍ପନ୍ନ ଆଥଲେଟ୍ ହେଉଛନ୍ତି ଆଂଶିକା ରାଉତରାୟ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ପରମାନନ୍ଦ ରାଉତରାୟଙ୍କ ଏହି କନ୍ୟାଙ୍କୁ ଏବେ ରାଜ୍ୟ ଏବଂ ଦେଶର ଭବିଷ୍ୟତଭାବେ ପରିଗଣିତ କରାଯାଉଛି। ଅନୁରାଧା ଭାରତର ହର୍ଡଲ୍ସ କୁଇନ ଆଖ୍ୟା ପାଇଥିବାବେଳେ ଆଂଶିକା ଡିସ୍କସ୍ ଓ ଶଟ୍‌ପୁଟ୍ ପରି ଥ୍ରୋ ଇଭେଣ୍ଟକୁ କ୍ୟାରିୟର କରିଛନ୍ତି। ଏହାକୁ ନେଇ ସେ ବହୁ ଆଗକୁ ଯିବାର ସ୍ୱପ୍ନ ଦେଖୁଛନ୍ତି। ସେଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରୁଛନ୍ତି...**



**କଳିଙ୍ଗରେ ଟ୍ରେନିଂ:** କରୋନା ମହାମାରୀ ପାଇଁ ପାଖାପାଖି ଏକ ବର୍ଷ କୌଣସି ପ୍ରତିଯୋଗିତା ହୋଇ ନ ଥିଲେ ହେଁ ମା' ଅନୁରାଧାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘର ନିକଟରେ ଥିବା ନାଲ୍‌କୋ ପଡ଼ିଆରେ ଟ୍ରେନିଂ ଜାରି ରଖି ନିଜକୁ ଫିଟ୍ ରଖିଥିଲେ ଏହି ଆଥଲେଟ୍ ପ୍ରତିଭା। ଅନୁମତି ଦେଇଥିବାରୁ ସେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଓ ମାଡାମ ସସ୍ମିତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କରୋନା କଟକଣା ସମୟର ସେ ଭରପୂର ସଦୁପଯୋଗ କରିଛନ୍ତି ବୋଲି କହିଛନ୍ତି। ଲକ୍‌ଡାଉନ୍ କଟକଣା କୋହଳ ହେବାପରେ ମେ ଦ୍ୱିତୀୟ ସପ୍ତାହରୁ ସେ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ଆରମ୍ଭ କରିଛି। ସେଠାରେ ପ୍ରତିଷ୍ଠିତ କୋଚ୍ ସଞ୍ଜୟ ଗଡ଼ନାୟକଙ୍କଠାରୁ କୋଚିଂ ନେଉଥିବା ପ୍ରକାଶ କରିଛନ୍ତି। ଦିନକୁ ୪ ଘଣ୍ଟା ଅର୍ଥାତ୍ ସକାଳେ ଓ ଅପରାହ୍ନରେ ୨ ଘଣ୍ଟା ଲେଖାଏ ଅଭ୍ୟାସ କରିଛନ୍ତି। ପୂର୍ବରୁ ନାଲ୍‌କୋ ପଡ଼ିଆରେ ଟ୍ରେନିଂ ଜାରି ରଖିଥିବାରୁ ଫିଜିକାଲ ଫିଟ୍‌ନେସରେ ସେପରି ସମସ୍ୟା ଆସି ନ ଥିଲା। ତେଣୁ କଳିଙ୍ଗ ଷ୍ଟାଡିୟମ ଯିବାପରେ ସିଧାସଳଖ ଥ୍ରୋ ଇଭେଣ୍ଟଗୁଡ଼ିକ ଉପରେ ଫୋକସ କରି ପାରିଥିଲେ। ଷ୍ଟାଡିୟମରେ ଶଟ୍‌ପୁଟ, ଡିସ୍କସ୍ ପାଇଁ କୋର୍ଟ, ଜିମ୍‌ରେ ୱେଟ୍ ଟ୍ରେନିଂ ସହିତ ଅନ୍ୟ ବିଭିନ୍ନ ପ୍ରକାର ଟ୍ରେନିଂ ସୁବିଧା ମିଳିଲା। ତେଣୁ ବିଭିନ୍ନ ଦିନ ଅନୁସାରେ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ଟ୍ରେନିଂ କରାଯାଉଛି। ଫିଟ୍‌ନେସ ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି ବୋଲି କହିଛନ୍ତି ଆଂଶିକା।

**ଭାରତୀୟ ଦଳର ଟ୍ରେନିଂରୁ ଫାଇଦା:** ଏବେ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଆଥଲେଟ୍ ଦଳର ଟ୍ରେନିଂ ଆରମ୍ଭ ହୋଇଛି। ପରୋକ୍ଷରେ ଏହା ମୋତେ ସହାୟକ ହୋଇଛି। କାରଣ ନୀରଜ ଚୋପ୍ରା ଏବଂ ଅନୁ ରାଣୀଙ୍କ ପରି ତାରକାଙ୍କ ସହ ଭାବ ବିନିମୟ ହୋଇପାରୁଛି। ଏମାନଙ୍କୁ ନିକଟରେ ପାଇ ସେ ବହୁତ ଉତ୍ସାହିତ ଅଛନ୍ତି। ଟେକ୍ନିକ୍‌ରେ ଥିବା ତ୍ରୁଟି ସୁଧାରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ପରାମର୍ଶ ବେଶ୍ ଉପାଦେୟ ହେଉଛି। କରୋନା ମହାମାରୀ ସମୟରେ ଦୃଢ଼ ପଦକ୍ଷେପ ନେଇ କଳିଙ୍ଗରେ ଭାରତୀୟ ଦଳର କ୍ୟାମ୍ପ ପାଇଁ ଅନୁମତି ଦେଇଥିବାରୁ ଆଂଶିକା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶଟ୍‌ପୁଟ ଓ ଡିସ୍କସ୍‌କୁ କ୍ୟାରିୟର କରିଥିଲେ ହେଁ ଡିସ୍କସ୍ ତାଙ୍କ ପ୍ରିୟ ଇଭେଣ୍ଟ ବୋଲି ସେ କହିଛନ୍ତି। ଏଥିରେ ବିଶେଷ ସୁନାମ ଅର୍ଜନ କରିଥିବା କ୍ରିଷ୍ଣା ପୁନିଆ, ସାଣ୍ଡ୍ରା ପେର୍କୋଭିଚ୍‌ଙ୍କ ପରି ଆଥଲେଟ୍ ତାଙ୍କର ଆଦର୍ଶ ବୋଲି କହିଛନ୍ତି।

**ଜୁନିୟର ନ୍ୟାଶନାଲ ଉପରେ ନଜର:** ଆସନ୍ତା ଫେବୃୟାରୀରେ ଆସାମ ଗୁଆହାଟୀରେ ଜୁନିୟର ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍ ଅଛି। କରୋନା ବ୍ରେକ୍ ପରେ ଏହା ହେବ ପ୍ରଥମ ଟୁର୍ନାମେଣ୍ଟ। ଏଥିରେ ୨ଟି ପଦକ ପାଇ ବର୍ଷ ଆରମ୍ଭ କରିବା ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ଏହା ବ୍ୟତୀତ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ଉପରେ ମଧ୍ୟ ସେ ଫୋକସ କରୁଥିବା କହିଛନ୍ତି। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ଏବଂ ଆଥଲେଟ୍‌ଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗକୁ ନେଇ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାବାସୀଙ୍କ ଆଶୀର୍ବାଦକୁ ପାଥେୟ କରି ସେ ଆଗକୁ ବଢ଼ିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି। ଖେଳ ସହିତ ପାଠକୁ ମଧ୍ୟ ଆଂଶିକା ଗୁରୁତ୍ୱ ଦେଉଛନ୍ତି। ସମ୍ପ୍ରତି ସେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକାଦଶ ଶ୍ରେଣୀର ଛାତ୍ରୀ। ଖେଳ ଉପରେ ଏକାଗ୍ର ହେଉଥିଲେ ହେଁ ତାଙ୍କୁ ସ୍କୁଲରୁ ପୂରା ସହଯୋଗ ମିଳୁଛି। ତେଣୁ ସ୍କୁଲର ସମସ୍ତ କର୍ମକର୍ତ୍ତା ଏବଂ ସାଥୀମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ବ୍ରାଣ୍ଡ ଆମ୍ବାସାଡର ଏବଂ ପିକକ୍(ପିପୁଲ କଲ୍‌ଚରାଲ ଅର୍ଗାନାଇଜେଶନ)ର ଗୁଡ୍‌ୱିଲ ସ୍ପୋର୍ଟ୍ସ ଆମ୍ବାସାଡର ଥିବା ଆଂଶିକା ଆଗକୁ କଠିନ ପରିଶ୍ରମ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଉଚ୍ଚତା ଥିବାରୁ ଡିସ୍କସ୍‌ରେ ଭବିଷ୍ୟତରେ ଆଂଶିକା ଭଲ କରିବ ବୋଲି ମା' ଅନୁରାଧା ଆଶା ରଖିଛନ୍ତି। ତେଣୁ ଶଟ୍‌ପୁଟ୍ ସହ ଡିସ୍କସ୍ ଉପରେ ଅଧିକ ଫୋକସ୍ କରାଯାଉଛି। ଶିଖିବାର ମନୋବୃତ୍ତି ଏବଂ ଖେଳ ପାଇଁ ଉତ୍ସର୍ଗୀକୃତ ମନୋଭାବ ଆଂଶିକାଙ୍କୁ ବହୁ ଆଗକୁ ନେଇପାରିବ ବୋଲି ଅନୁଭବୀ ଅନୁରାଧା ଅନୁମାନ କରୁଛନ୍ତି।

**ୟୁରୋପିଆନ ଚାମ୍ପିୟନଶିପ୍ ଶ୍ରେଷ୍ଠ:** ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ରେକର୍ଡ ସହ ଅନେକ ସଫଳତା ପାଇଥିବା ଆଂଶିକା ୨୦୧୯ରେ ଫିନ୍‌ଲାଣ୍ଡର ହାନୋଲାଠାରେ ଅନୁଷ୍ଠିତ ୟୁରୋପିଆନ ଜୁନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ର ୧୪ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ପାଇଥିଲେ। ଏହା ତାଙ୍କୁ ବେଶ୍ ଉତ୍ସାହିତ କରିଛି। ଆଗାମୀ ଦିନରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଧିକରୁ ଅଧିକ ସଫଳତା ପାଇବାନେଇ ବେଶ୍ ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି ଏହି ଜୁନିୟର ଆଥଲେଟ୍।



ମା' ଅନୁରାଧାଙ୍କଠାରୁ ଟ୍ରେନିଂ ନେଉଛନ୍ତି ଆଂଶିକା।

ପ୍ରସ୍ତୁତି: ତପନ ସ୍ୱାଇଁ
ଫଟୋ: ବିକାଶ ନାୟକ

# ଆଇପିଏଲ୍ ଦାୟୀ




ଚଳିତ ଭାରତ- ଅଷ୍ଟ୍ରେଲିଆ ହାଇପ୍ରୋଫାଇଲ ଟେଷ୍ଟ ସିରିଜରେ ଦେଖା ଦେଇଥିବା ଇଞ୍ଜୁରି ସମସ୍ୟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭାରତର ୧୩ଜଣରୁ ଊର୍ଦ୍ଧ୍ୱ ଖେଳାଳି ଇଞ୍ଜୁରିର ଶିକାର ହୋଇଥିବା ବେଳେ ଘରୋଇ ଅଷ୍ଟ୍ରେଲିଆର ମଧ୍ୟ କେତେକ ଖେଳାଳି ଆହତ ହୋଇଛନ୍ତି। ଏଥିପାଇଁ ଆଇପିଏଲ୍‌କୁ ଦାୟୀ କରାଯାଉଛି।

କ୍ରିକେଟରେ ଗୋଟିଏ ଦଳରେ ୧୧ଜଣ ଖେଳାଳି ଅଂଶଗ୍ରହଣ କରିଥାନ୍ତି। କିନ୍ତୁ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଭାରତର ୧୩ରୁ ଊର୍ଦ୍ଧ୍ୱ ଖେଳାଳି ଇଞ୍ଜୁରିର ଶିକାର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଖେଳାଳି ସିରିଜରୁ ବାଦ୍ ପଡିଛନ୍ତି। ଆହତ ହୋଇଥିବା ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଈଶାନ୍ତ ଶର୍ମା, ଭୁବନେଶ୍ୱର କୁମାର, ବରୁଣ ଚକ୍ରବର୍ତ୍ତୀ, ରୋହିତ ଶର୍ମା, ମହମ୍ମଦ ସାମି, ଉମେଶ ଯାଦବ, ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ହନୁମା ବିହାରୀ, ରବିଚନ୍ଦ୍ରନ ଅଶ୍ୱିନ, ମୟଙ୍କ ଅଗ୍ରୱାଲ ଓ ଯଶପ୍ରୀତ୍ ବୁମ୍‌ରା। ତେବେ ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ଉଚ୍ଚକୋଟୀର ରହିଛି। ଫଳରେ ସମସ୍ୟାରେ ଥିଲେ ମଧ୍ୟ ଭାରତ ବ୍ରିସ୍‌ବେନ୍‌ରେ ଆୟୋଜିତ ହେବାକୁ ଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ଟକ୍କର ଦେବ ବୋଲି ଆଶା କରାଯାଉଛି। ସିରିଜରେ ଦେଖା ଦେଇଥିବା ଏହି ସମସ୍ୟା ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ସମ୍ପୂର୍ଣ୍ଣ ଭବେ ଦାୟୀ କରିଛନ୍ତି ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ୍ ଲାଙ୍ଗର। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଦିନିକିଆ, ଟି୨୦ ଓ ଟେଷ୍ଟ ଫର୍ମାଟକୁ ନେଇ ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ଏପରିସ୍ଥଳେ ଏହି ବଡ଼ ସିରିଜ ପୂର୍ବରୁ ଭାରତ ଆଇପିଏଲ୍ ଆୟୋଜନ କରିବା ଠିକ୍ ନ ଥିଲା ବୋଲି ସେ କହିଛନ୍ତି। ଯଦିଓ ଭାରତ ସମେତ ବିଶ୍ୱର ସବୁ କ୍ରିକେଟର କରୋନା ସଂକ୍ରମଣଜନିତ ଲକ୍‌ଡାଉନ୍‌ରେ ବିଶ୍ରାମ କରୁଥିଲେ। ୨୦୨୦ ମାର୍ଚ୍ଚରେ ଆଇପିଏଲ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍- ୧୯ କାରଣରୁ ଏହା ୟୁଏଇରେ ଆଇପିଏଲ୍ ୧୯ ସେପ୍ଟେମ୍ବରରୁ ୧୦ ନଭେମ୍ବର ମଧ୍ୟରେ ଆୟୋଜନ ହୋଇଥିଲା। ଏହାପରେ ହିଁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଆସିଥିଲା ଓ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିବା ପରେ ୩ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଛି। ୨୦୨୦ ଆଇପିଏଲ୍ ଠିକ୍ ସମୟରେ ଆୟୋଜନ ହୋଇନାହିଁ ବୋଲି ଲାଙ୍ଗର କହିଛନ୍ତି। ଆଇପିଏଲ୍‌କୁ ପସନ୍ଦ କରେ। ଏହା ଯୁବ କ୍ରିକେଟରଙ୍କ ପାଇଁ ଉଦ୍ଦିଷ୍ଟ। ନିଜର ପ୍ରତିଭା ପ୍ରମାଣିତ କରିବା ପାଇଁ ଆଇପିଏଲ୍ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ବିବେଚିତ ହେଉଛି। ହ୍ୱାଇଟ୍ ବଲ୍ କ୍ରିକେଟ ପାଇଁ ଏହି ଲିଗ୍ ନିଶ୍ଚିତ ଭାବେ ଭଲ। କିନ୍ତୁ ଆୟୋଜନର ସମୟ ନିଶ୍ଚିତ ଭାବେ ଠିକ୍ ନ ଥିଲା। ଏହା ଦ୍ୱାରା ଦୁଇ ଦେଶର ଖେଳାଳି କ୍ରମାଗତ ଭାବେ ଆହତ ହେଉଛନ୍ତି ବୋଲି ସେ ମତ ଦେଇଛନ୍ତି।

# ପଚାଶ ବର୍ଷରେ ଏକଦିବସୀୟ କ୍ରିକେଟ



ରୁଦ୍ର ପ୍ରସନ୍ନ ରଥ

**ଏକଦିବସୀୟ କ୍ରିକେଟ୍ ୫୦ ବର୍ଷରେ ପଦାର୍ପଣ କରିଛି। ଇତିମଧ୍ୟରେ ଏହି ଫର୍ମାଟ୍‌ରେ ଢାଞ୍ଚାଗତ ପରିବର୍ତ୍ତନ ହୋଇଛି ଓ ଏହା ସଫଳତାର ଶୀର୍ଷକୁ ଛୁଇଁଛି। କ୍ରିକେଟ ଏବେ ଭଦ୍ରଲୋକଙ୍କ ଖେଳ ନ ହୋଇ ପଇସାର ଖେଳରେ ପରିବର୍ତ୍ତନ ହୋଇଛି। ସମୟକ୍ରମେ ବିଭିନ୍ନ ନିୟମର ପରିବର୍ତ୍ତନ ହେବା ସହ ଏହି ଫର୍ମାଟ ବୋଲି ଆକର୍ଷଣୀୟ ହୋଇଛି। ଅବଶ୍ୟ କେତେକ ଅବାଞ୍ଛିତ କାରଣ ଯୋଗୁ ଏହି ଫର୍ମାଟ୍ ବଦନାମ ମଧ୍ୟ ହୋଇଥିଲେ ମଧ୍ୟ ଏହା କ୍ରିକେଟକୁ ନୂଆ ରୂପ ଓ ରଙ୍ଗ ପ୍ରଦାନ କରିଛି...**

ଏଇ କାଲି ପରି ଲାଗୁଥିଲେ ବି ଏକଦିବସୀୟ କ୍ରିକେଟ୍ ଏହା ମଧ୍ୟରେ ୫୦ ବର୍ଷରେ ପଦାର୍ପଣ କରିଛି। ଏକଦିବସୀୟ କ୍ରିକେଟ୍‌ର ଆରମ୍ଭ ଆକସ୍ମିକ ଥିଲା ସତ, ହେଲେ ଆରମ୍ଭର ମାତ୍ର ୫୦ ବର୍ଷ ମଧ୍ୟରେ ଏହା ଉନ୍ନତିର ଯେଉଁ ଶିଖରରେ ପହଞ୍ଚିଛି ତାହା ଆରମ୍ଭ ଦିନ ଟସ୍ ପଡିଲାବେଳେ କେହି କଳ୍ପନା ବି କରି ନ ଥିବେ। ଏକଦିବସୀୟ କ୍ରିକେଟ୍ ୫୦ ବର୍ଷରେ ପହଞ୍ଚିଥିଲାବେଳେ ଏଥିରୁ ମିଳିଥିବା ଲାଭକ୍ଷତିର ଏକ ହିସାବ ନିକାଶ କରିବା ଜରୁରୀ ହୋଇପଡିଛି।

୫ ଜାନୁୟାରୀ ୧୯୭୧ ମସିହାରେ ଏକଦିବସୀୟ କ୍ରିକେଟର ଆରମ୍ଭ ହୋଇଥିଲା ବେଶ୍ ନାଟକୀୟଭାବେ। ଏହି ବର୍ଷ ଏକ ସାତ ମ୍ୟାଚ୍ ବିଶିଷ୍ଟ ଆସେସ୍ ସିରିଜ୍ ଖେଳିବା ପାଇଁ ଇଂଲଣ୍ଡ ଦଳ ଅଷ୍ଟ୍ରେଲିଆରେ ଥାଏ। ଏହି ସିରିଜର ତୃତୀୟ ଟେଷ୍ଟ ମ୍ୟାଚ୍ ମେଲବର୍ଣ୍ଣରେ ହେବାର ଥାଏ। ଏହି ମ୍ୟାଚ୍ ଡିସେମ୍ବର ୩୧ରୁ ୧୯୭୦ରୁ ଆରମ୍ଭ ହୋଇ ୪ ଜାନୁୟାରୀ ୧୯୭୧ ଯାଏ ହେବାର ଥାଏ। ବର୍ଷା ଯୋଗୁ ଏହି ମ୍ୟାଚ୍ ହୋଇପାରିଲା ନାହିଁ। ତେଣୁ ଅପେକ୍ଷାରତ କ୍ରିକେଟ୍ ଫ୍ୟାନ୍‌ମାନଙ୍କୁ କିଛି ମ୍ୟାଚ୍ ଦେଖିବାର ସୁଯୋଗ ଦେବାପାଇଁ ୫ ଜାନୁୟାରୀ ଦିନ ଉଭୟ ଦଳଙ୍କୁ ନେଇ ଏକ ଚାଳିଶ ଓଭର ବିଶିଷ୍ଟ ମ୍ୟାଚ୍ କରିବାକୁ ଆୟୋଜକମାନେ ଚେଷ୍ଟା କଲେ। ଆଉ ୫ ତାରିଖ ଦିନ ହୋଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପାଞ୍ଚ ଉଇକେଟ୍‌ରେ ଇଂଲଣ୍ଡକୁ ହରାଇଥିଲା। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୯୦ ରନ କରିଥିଲାବେଳେ ଅଷ୍ଟ୍ରେଲିଆ। ଏହାକୁ ସହଜରେ ଅତିକ୍ରମ କରିଯାଇଥିଲା। ତଥ୍ୟ ଅନୁଯାୟୀ ଏହି ମ୍ୟାଚ୍‌କୁ ଦେଖିବା ପାଇଁ ୪୪୦୦୦ ଦର୍ଶକ ପଡିଆରେ ଉପସ୍ଥିତ ଥିଲେ। ଆଉ ଏଇଠୁ ହିଁ ବିଶ୍ୱ କ୍ରିକେଟ୍‌ର ମୋଡ ବଦଳିଯାଇଥିଲା। ଧିମା ଟେଷ୍ଟ ମ୍ୟାଚ୍‌କୁ ଧୀରେ ଧୀରେ ପଛକୁ ଠେଲି ଏକ ଦିବସୀୟ କ୍ରିକେଟ୍ ସମୟର କଷଟି ପଥରରେ ନିଜକୁ ପ୍ରତିଷ୍ଠିତ କରାଇପାରିଲା। ଟେଷ୍ଟ ମ୍ୟାଚ୍ ଛୋଟ ହୋଇ ଏକଦିବସୀୟ ଆରମ୍ଭ ହେବାର ଯେଉଁ ପ୍ରଥା ୫୦ ବର୍ଷ ତଳେ ଆରମ୍ଭ ହୋଇଥିଲା ତାହା ଏବେ ଆହୁରି ଛୋଟ ହେବା ସହ ରୋମାଞ୍ଚକ ଏବଂ ଅର୍ଥ ପ୍ରଦାନକାରୀ ହୋଇ ସାରିଛି। ଏହି ଖେଳ ଆରମ୍ଭ ହେବାର ମାତ୍ର ୪ ବର୍ଷ ମଧ୍ୟରେ ଏହାର ବିଶ୍ୱକପ ଆୟୋଜନ ଆରମ୍ଭ ହୋଇ ପାରିଥିଲା।

କ୍ରିକେଟର ଏହି ଗତିଶୀଳ ପରୀ କାହାଣୀରେ ଅନେକ ପରିବର୍ତ୍ତନ ଆସିଛି। ବିନା ପଇସାରେ କେବଳ ସୌକ ପାଇଁ ଖେଳୁଥିବା ଲୋକ କେବେଠାରୁ ଇତିହାସ ପାଲଟିଗଲେଣି। ଏବେ କ୍ରିକେଟରେ ଷ୍ଟାର ଆଉ ଷ୍ଟାରଡମର ଝଲକ। ପୁଳା ପୁଳା ଟଙ୍କା ଉଡୁଛି। ଗୋଟିଏ ଦି'ଟା ଶତକ ମାରି ଖେଳାଳିମାନେ ରାତି ରାତି କୋଟିପତି ହୋଇଯାଉଛନ୍ତି। ସାଟେଲାଇଟ୍ ରାଇଟ୍ସ ବିକି ବୋର୍ଡମାନେ ଏବେ ବିପୁଳ ଅର୍ଥ ରାଶିର ମାଲିକ। ଆଉ ଏ ସବୁ ସମ୍ଭବ ହୋଇଛି କେବଳ ଏକଦିବସୀୟ କ୍ରିକେଟ ଯୋଗୁ।

ଦୀର୍ଘ ପଚାଶ ବର୍ଷ ମଧ୍ୟରେ କ୍ରିକେଟ୍‌ରେ ଅନେକ ଢାଞ୍ଚାଗତ ପରିବର୍ତ୍ତନ ବି ଆସିଛି। ୬୦ ଓଭର ବିଶିଷ୍ଟ ମ୍ୟାଚ୍ ଖସି ଆସିଛି ପଚାଶ ଓଭରକୁ। ଉଭୟ ପଟରୁ ନୂଆ ବଲରେ ବୋଲିଂ, ବୋଲରଙ୍କ ପାଇଁ କଠୋର ନିୟମ, ବାଉନସର ବଲ ବୋଲିଂରେ କଟକଣା, ନୋ ବଲ ପାଇଁ ଫ୍ରି ହିଟ୍, ପାୱାର ପ୍ଲେ ଆଦି ନିୟମ ଯୋଗୁ କ୍ରିକେଟ୍‌ରେ ଅନେକ ସମୀକରଣ ମଧ୍ୟ ବଦଳି ଯାଇଛି। ପଡିଆ ଭିତରେ ଛୋଟ ବାଉଣ୍ଡରୀ ବି ବ୍ୟାଟିଂକୁ ବେଶ୍ ସହଜ କରି ଦେଇଛି। କ୍ରିକେଟରେ ଆକ୍ରମଣ କରିବାପାଇଁ ଜନ୍ମ ନେଇଥିବା ବୋଲର ଏବେ ଡିଫେଣ୍ଡ କରିବାକୁ ବାଟ ଖୋଜୁଛି ତ ରକ୍ଷଣାତ୍ମକ ଖେଳିବା ପାଇଁ ଆସିଥିବା ବ୍ୟାଟ୍ସମ୍ୟାନ୍ ଏବେ ଆକ୍ରମଣାତ୍ମକ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛି। ଦୁର୍ଦ୍ଦାନ୍ତ ଏବଂ ଅଦମନୀୟ ଲାଗୁଥିବା ଫାଷ୍ଟ ବୋଲରଙ୍କର ଦାନ୍ତ ଭାଙ୍ଗି ଦିଆଯାଇଛି। ବ୍ୟାଟ୍ସମାନମାନଙ୍କର ବ୍ୟାଟକୁ ଅଧିକ ଶକ୍ତିଶାଳୀ କରିଦିଆଯାଇଛି। ଏହାର ଫଳ ସ୍ୱରୂପ ଯେଉଁଠି ଦିନେ ୬୦ ଓଭରରେ ୨୦୦ ରନ ବଡ ଲାଗୁଥିଲା ସେଠି ଏବେ ୫୦ ଓଭରରେ ୪୦୦ ରନ ବି ବେଳେ ବେଳେ ଛୋଟ ଲାଗୁଛି। କ୍ରିକେଟର ପଞ୍ଚ ପରିବର୍ତ୍ତନ ହୋଇଛି। ବଲ ଧଳା ହୋଇଛି ଆଉ ପୋଷାକ ରଙ୍ଗିନ। ପଡିଆ ଭିତରେ ଦର୍ଶକଙ୍କ ସଂଖ୍ୟା ଯେତିକି ବଢ଼ିଛି ତା' ସହ ତାଳ ଦେଇ କମେଣ୍ଟ୍ରି ବକ୍ସରେ ଭାଷ୍ୟକାରଙ୍କ ସଂଖ୍ୟା। ପଡିଆ ଭିତରେ ନାଚ ଗୀତ ସହ ଆତସବାଜିର ଝଲକ ପ୍ରମାଣ କରୁଛି ଯେ, କ୍ରିକେଟ୍ କେବଳ ଏକ ଖେଳ ହୋଇ ରହିନାହିଁ ବରଂ ଏକ ଧର୍ମ ଆଉ ଜୀବନାଦର୍ଶ ପାଲଟି ଯାଇଛି। ଆଉ ଏହି ଧର୍ମରେ ଦୀକ୍ଷିତ ହେଲେ କିମ୍ବା ଆଦର୍ଶରେ ଅଭିମନ୍ତ୍ରିତ ହେବା ପାଇଁ ଛୋଟ ସହରରୁ ଧାଇଁ ଆସୁଛନ୍ତି ଦୈନିକ ଶହ ଶହ ଖେଳାଳି ଜାତୀୟଦଳରେ ସ୍ଥାନ ପାଇବାର ଲକ୍ଷ୍ୟ ନେଇ। ରିକ୍ସା ଟଣାଳୀର ପୁଅ ରୋହିତ ଶର୍ମା ଏବଂ ଗୁପଚୁପ୍ ବିକୁଥିବା ଲୋକର ପୁଅ ଗୌତମ ଗମ୍ଭୀର ସହ ଖେଳିପାରିବାର ସୌଭାଗ୍ୟ ବି ମିଳିଛି ଏହି ଏକଦିବସୀୟ ଖେଳର ସୌଜନ୍ୟରୁ।

ଏହି ୫୦ ବର୍ଷ ଭିତରେ କ୍ରିକେଟକୁ ଯେମିତି ପଇସା ଆସିଛି ସେମିତି ଟେକ୍ନୋଲୋଜି ବି ଧସେଇ ପଶିଆସିଛି। ଡ୍ରୋନ ଠୁ ଆରମ୍ଭ କରି ହଟସ୍ପଟ, ସ୍ନିକୋମିଟର, ପିଚ୍ ମ୍ୟାପ୍ ଆଦି ଅଜାଡିହୋଇ ପଡିଛି କ୍ରିକେଟର ପଡିଆ ଉପରେ। ଦ୍ୱନ୍ଦ୍ୱ ଆଉ ସଂଘାତ ମଝିରେ ବଲ ଗଡୁଛି ରନ୍ ବାହାରୁଛି। ଜେଣ୍ଟଲମ୍ୟାନ୍ସ ଗେମ୍‌ର ଟ୍ୟାଗ୍‌ରୁ କ୍ରିକେଟ୍ କେବେଠୁ ବାହାରି ଗଲାଣି। ଏବେ କେବଳ ପଇସା ପାଇଁ ଖେଳ, ପଇସାର ଖେଳ। ପ୍ରତିଷ୍ଠା ପାଇଁ ଲଢେଇ। ଭାଇଚାରାର ପରମ୍ପରା ଉଇକେଟ ପଛପଟେ ରଖାଯାଉଥିବା ହେଲମେଟ୍ ମଧ୍ୟରେ ପଶିଗଲାଣି କେବେଠାରୁ।

ନାଲି ବଲରୁ ଧଳାବଲଯାଏ, ଧଳା ପୋଷାକରୁ ରଙ୍ଗିନ ପୋଷାକଯାଏ, ଦିନ କ୍ରିକେଟ୍ ରୁ ଦିବାରାତ୍ର କ୍ରିକେଟ୍ ଯାଏ କ୍ରିକେଟ୍ ଏହି ଶୋଭାଯାତ୍ରା କେବଳ ହର୍ଷ ଉଲ୍ଲାସ କିମ୍ବା ଆନନ୍ଦର ନୁହଁ ଏଥିରେ କଳଙ୍କ ଅଛି, କାଳିମା ବି ଅଛି। ଗଳି କ୍ରିକେଟ୍‌ରୁ ଆଖିରେ ସ୍ୱପ୍ନମାଖି ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ଆସିଥିବା ଅନେକ ରାଜ କୁମାର ମହାରାଜ ହେବା ଆଗରୁ ଝାଉଁଳି ପଡିଛନ୍ତି। ଡ୍ରଗ୍ସର ନିଶାରେ ଛନ୍ଦି ହୋଇ ମାୟା ଜାଲରେ ମୋଡି ହୋଇଯାଇ କ୍ୟାରିୟରକୁ ଦ ଏଣ୍ଡ କହିଛନ୍ତି ତ ଆଉ କେଉଁଠି ସକାଳର ତାରା ପରି ଚୁପଚାପ୍ ହଜିଯାଇଛନ୍ତି। ବଡ ହେବାର ପ୍ରତିଭା ନେଇ ଆସିଥିଲେ ସତ, ହେଲେ ବଡ ହେବାର ପ୍ରତିଶ୍ରୁତି ରକ୍ଷା କରିପାରିନାହାନ୍ତି। ଲୋକେ ସେମାନଙ୍କୁ ଭୁଲି ଯାଇଛନ୍ତି। ଦେଶବାସୀଙ୍କୁ ଛି ଛାକରରେ ସେମାନଙ୍କର ଜୀବନ ଅଭିଶପ୍ତ ହୋଇପଡିଛି।

ରାତାରାତି ଅଧିକ କମାଇବା ଆହୁରି ଅନେକ କମାଇବା ଏବଂ ଧରା ନ ପଡିବାଯାଏ କମାଇ ଚାଲିବାକୁ ମୂଳମନ୍ତ୍ର କରି କ୍ରିକେଟ୍ ସହ ବେଇମାନୀ କରିଛନ୍ତି। ମ୍ୟାଚ୍ ଫିକ୍ସରର ଉପାଧି ପାଇଁ ଦେଶ ଆଉ ଖେଳର ପଣତରେ ଦାଗ ଲଗାଇଛନ୍ତି । ଫଳ ଏଇଆ ହୋଇଛି ଯେ ଲୋକ ସବୁବେଳେ ସବୁ ସମୟରେ ହାରଜିତ୍‌କୁ ନେଇ ମ୍ୟାଚ୍ ଫିକ୍ସିଂର କଥା ଉଠାଇଛନ୍ତି। କୌଣସି କ୍ରିକେଟର ଏବେ ଲୋକ ଚକ୍ଷୁରେ ସଂସ୍କାରୀ ହେଲେ ବି ସନ୍ଦେହ ମୁକ୍ତ ନୁହେଁ।

ଏଇ ପଚାଶ ବର୍ଷ ଭିତରେ ଏକଦିବସୀୟ କ୍ରିକେଟ୍ ଅନେକ ନଭଶ୍ଚୁମ୍ବୀ ରେକର୍ଡ ମଧ୍ୟ ଦେଖିଛି। ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆ ବିପକ୍ଷରେ ପଛରେ ବ୍ୟାଟିଂ କରି ଚାରିଶହ ରନ ସଂଗ୍ରହ କରିବା, ଏକାଧିକ ସଚିନ ଓ ରୋହିତଙ୍କ ପରି ଏକାଧିକ ବ୍ୟାଟ୍ସମ୍ୟାନ ଏକଦିବସୀୟ କ୍ରିକେଟ୍‌ର ଗୋଟିଏ ପାଳିରେ ଦ୍ୱିଶତକ ହାସଲ କରିବା, ବାଂଲାଦେଶ ବିପକ୍ଷରେ ଶ୍ରୀଲଙ୍କାର ଛାମିନ୍ଦା ଭାସ୍ ପାଳିର ପ୍ରଥମ ତିନୋଟି ବଲରେ ହ୍ୟାଟ୍ରିକ୍ ନେବା, ୧୯୯୨ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ୱେଷ୍ଟ ଇଣ୍ଡିଜର ଫିଲ ସାଇମନ୍ସ ୧୦ ଓଭର ବୋଲିଂ କରି ୩ ରନ ଦେଇ ଚାରି ଉଇକେଟ୍ ନେବା ଆଦି ଅନେକ ରେକର୍ଡ ବଳରେ ଏକଦିବସୀୟ କ୍ରିକେଟ ବଳୀୟାନ ହୋଇଛି। ଏହି ରେକର୍ଡ ସବୁ କ୍ରିକେଟ୍ ବହିର ଗୋଟିଏ ଗୋଟିଏ ଅଲିଭା ପୃଷ୍ଠା।

ତେବେ ପଚାଶ ବର୍ଷ ଭିତରେ ଟେଷ୍ଟ କ୍ରିକେଟ୍‌କୁ କୋମାରେ ପହଞ୍ଚାଇ ଦେଇ ଯେମିତି ଏକଦିବସୀୟ କ୍ରିକେଟ୍ ନିଜର ରାଜୁତି ଆରମ୍ଭ କରିଥିଲା। ଏବେ ଏକଦିବସୀୟ କ୍ରିକେଟ ଉପରେ ଟି୨୦ କ୍ରିକେଟ ସେହିପରି ଶ୍ୱାନ ଦୃଷ୍ଟି ପକାଇଛି। ଏବେ କ୍ରମଶଃ ଏକଦିବସୀୟ କ୍ରିକେଟ୍ ରଙ୍ଗହୀନ ହେବାକୁ ଆରମ୍ଭ କରିଛି। ଫଳରେ ଏହି ଫର୍ମାଟ୍‌ରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡିଛି। ସଚିନ୍ ତେନ୍ଦୁଲକରଙ୍କ ପରି ପୁରାତନ ଖେଳାଳି ଏବେ ଏକ ଦିବସୀୟ କ୍ରିକେଟ୍‌କୁ ଅଧିକ ଆକର୍ଷଣୀୟ କରିବାପାଇଁ ପ୍ରତି ଦଳ ୨୫ ଓଭର ଲେଖାଏ ଦୁଇ ଥର ବ୍ୟାଟିଂ କରିବା ପାଇଁ ଆବଶ୍ୟକ ବୋଲି ମତ ଦେଲେଣି।

ତେବେ ସେ ଯାହା ବି ହେଉନା କାହିଁକି ବର୍ତ୍ତମାନ କ୍ରିକେଟ୍‌ର ରୂପ ଏବଂ ସ୍ୱରୂପ ପରିବର୍ତ୍ତନ କରିବା ଦିଗରେ ଯେ ଏକଦିବସୀୟ କ୍ରିକେଟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ତାହା ସ୍ୱୀକାର କରିବାକୁ ପଡିବ। ଏକଦିବସୀୟ କ୍ରିକେଟ୍ ନ ଥିଲେ ସତରେ କ୍ରିକେଟ୍ କ'ଣ ଆଜି ପରି ରଙ୍ଗିନ ଆଉ ଚମକପ୍ରଦ ହୋଇଥାଆନ୍ତା। କେଜାଣି କିଏ ଜାଣେ ?



# ଆନ୍ତଃଜିଲା କ୍ରିକେଟ: ୟୁ ଆଣ୍ଡ ମି ଚାମ୍ପିୟନ

**ଖଇରା,୧୪।୧**

ବାଲେଶ୍ୱର ଜିଲା ଖଇରା ବ୍ଲକର ଗଣ୍ଡିବେଢ଼ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ବାଲେଶ୍ୱରର ୟୁ ଆଣ୍ଡ୍ ମି ବାରିପଦାର ଡିଆରକେ ଟିମ୍‌କୁ ୨ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ୨୫ ଓଭରରେ ବାରିପଦା ୮ଉଇକେଟ ହରାଇ ୨୪୬ରନ ସଂଗ୍ରହ କରିଥିଲା । ଜବାବରେ ବାଲେଶ୍ୱର ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ କରିଥିଲେ ମଧ୍ୟ ୭ମ ଉଇକେଟରେ ବିଶାଳ ଦାସ ୩୪ ବଲରେ ୧୦୧ରନ କରିବା ପରେ ଦଳ ୨୪.୪ ଓଭରରେ ୨ଉଇକେଟରେ



ଚାମ୍ପିୟନ ୟୁ ଆଣ୍ଡ୍ ମି ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ବିଜୟଲାଭ କରିଥିଲା। ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ସରପଞ୍ଚ ସୁଶାନ୍ତ ମହାକୁଡ଼, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଜୟ କେତନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୟୀ ବାଲେଶ୍ୱର ଦଳକୁ ଟ୍ରଫିସହ ୨୦ହଜାର ଓ ରନର୍ସ ଅପ୍ ଦଳକୁ ୧୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ବିଶାଳ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ନଜୁରାଲ ଖାନଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ଘୋଷଣା କରାଯାଇଥିଲା । ସୁଶାନ୍ତ ମହାପାତ୍ର ଭାଷ୍ୟକାର, କମଳାକାନ୍ତ ବେହେରା, କିରଣ ଶତପଥୀ ଓ ଜନ୍ମେଜୟ ମହାକୁଡ଼ ସ୍କୋରର ଦାୟିତ୍ୱ ତୁଲାଇଥିଲେ ।

# ସ୍ୱୀକାରୋକ୍ତି

**ଆଡାମ ଗିଲକ୍ରିଷ୍ଟ**

ପ୍ରଥମ ଦୁଇ ଟେଷ୍ଟ ମ୍ୟାଚ ବେଳେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବ୍ୟବହାର ଆଚରଣ ଓ ସମ୍ପର୍କ ଖୁବ୍ ଭଲ ଥିଲା। କିନ୍ତୁ ଅଷ୍ଟ୍ରେଲିଆ ଆଉ ଭଲ ଖେଳିପାରୁନି ବୋଲି ଲୋକେ କହିବା ଆରମ୍ଭ କଲେ। ତୃତୀୟ ଟେଷ୍ଟର ଅନ୍ତିମ ଦିବସ ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଯେ, ଟିମ୍ ପେନ୍ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ମଧ୍ୟରେ ବାକ୍ୟବିନିମୟ ଘଟିଲା। ଏହି ଘଟଣାରୁ ଦୁଇଟି କଥା ନଜରକୁ ଆସିଛି। ତୁମେ କେବେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ। ଜଣକ ପ୍ରକୃତି ଯାହା ତାହା ସ୍ୱତଃପ୍ରବୃତ୍ତ କାର୍ଯ୍ୟରେ ପ୍ରତିଫଳିତ ହୋଇଥାଏ। ଜନସାଧାରଣଙ୍କ ତାହା ଉପରେ ନଜର ରହିଥାଏ। ଦ୍ୱିତୀୟତଃ ମ୍ୟାଚ ପରେ ଟିମ୍ ପେନ୍‌ଙ୍କ ସ୍ୱୀକାରୋକ୍ତି। ସେ ଯାହା କହିଛନ୍ତି ଏଥିପାଇଁ ସେ ପ୍ରଶଂସାଯୋଗ୍ୟ। ଗତ ୩ ବର୍ଷ ହେଲା ସେ ନିଜ ଓ ତାଙ୍କ ଦଳ ପାଇଁ କଠିନ ପରିଶ୍ରମ କରିଛନ୍ତି। ମାତ୍ର ଅଶ୍ୱିନ ଓ ହନୁମା ବିହାରୀଙ୍କ ଲଢୁଆ ବ୍ୟାଟିଂ ତାହା ପଣ୍ଡ କରିଦେଇଥିଲା। ତାଙ୍କ ଖେଳାଳିମାନେ ପ୍ରଭାବହୀନ ହୋଇପଡ଼ିବାରୁ ସେ ହତାଶ ହୋଇପଡ଼ିଥିଲେ ଏବଂ ନିଜ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଏଥିପାଇଁ ସେ ଅନୁତାପ କରିବା ସହ ସତେଜ ମନୋଭାବ ନେଇ ପରବର୍ତ୍ତୀ ମ୍ୟାଚ ଉପରେ ମନୋନିବେଶ କରିବେ ବୋଲି କହିଛନ୍ତି। ପେନ୍ ନିଜ ଭୁଲ୍ ବିଝିପାରିଥିବା ଏକ ବଡ଼ କଥା। ମୁଁ ଯେତେବେଳେ ଉଇକେଟକିପର ଥିଲି ସେତେବେଳେ ବ୍ୟାଟ୍ସମ୍ୟାନଙ୍କ ସହ କ୍ୱଚିତ୍ କଥା ହେଉଥିଲି। ଜଣେ ଶାନ୍ତ ସ୍ଥିର ସ୍ୱଭାବର ଉଇକେଟକିପର ଭାବେ ପରିଚିତ ଥିଲି। କେବଳ ଝଗଡ଼ା ନୁହେଁ ଗତ ସିଜନରେ ଉଇକେଟକିପର ଓ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ କିଛି ମଧୁରବାର୍ତ୍ତାଳାପ ମଧ୍ୟ ଦେଖିବାକୁ ମିଳିଥିଲା। ସେତେବେଳେ ପେନ୍ ରିଷଭ ପନ୍ତଙ୍କୁ ଜଣେ 'ବେବି' ବୋଲି ସମ୍ବୋଧନ କରିଥିଲେ। ଖେଳ ଶେଷ ପରେ ଏହି ଯୁବ ଭାରତୀୟ ଖେଳାଳି ପେନ୍‌ଙ୍କ ପରିବାର ସହ ଏକ ଫଟୋ ଉଠାଇଥିଲେ। ଷ୍ଟିଭ୍‌ପନ୍ତଙ୍କ ଗାର୍ଡରେ ଟ୍ୟାମ୍ପରିଂ କରିବା ଅଭିଯୋଗ ଅନ୍ୟ ଏକ ବିବାଦୀୟ ଘଟଣା। ମୋ ମତରେ ଏହା ଏକ ସାଧାରଣ କଥା। ଯିଏ କ୍ରିକେଟ ଖେଳିଛି ତାହାକୁ ସେ ଗୁରୁତ୍ୱ ଦେବ ନାହିଁ। ସିରିଜରେ ଆହୁରି ଅନେକ କିଛି ଦେଖିବାକୁ ଅଛି। ବ୍ରିସ୍‌ବେନ୍ ଟେଷ୍ଟ ପାଇଁ ଉଭୟ ଦଳ ବର୍ତ୍ତମାନ ପ୍ରସ୍ତୁତ। ଏହି ଭେନ୍ୟୁରେ ଆୟୋଜକ ଦେଶ ୩୦ ବର୍ଷ ମଧ୍ୟରେ ଥରେ ହେଲେ ପରାସ୍ତ ହୋଇ ନାହିଁ। କିନ୍ତୁ ଏଥର ପରିସ୍ଥିତି ଭିନ୍ନ। ଏହା ସିରିଜର ପ୍ରଥମ ମ୍ୟାଚ ନୁହେଁ। ମ୍ୟାଚଟି ଗ୍ରୀଷ୍ମଋତୁ ଶେଷ ଭାଗରେ ଖେଳାଯାଉଛି। ଗାବାର ପେସ୍ ଓ ବାଉନ୍ସ ଉଇକେଟ ଭ୍ରମଣକାରୀ ଦଳ ପାଇଁ ସମସ୍ୟା ସୃଷ୍ଟି କରିଥାଏ। କିନ୍ତୁ ଭାରତୀୟ ଦଳ ପାଇଁ ଏଥର ସେହି ସମସ୍ୟା ରହିବ ନାହିଁ। ଭ୍ରମଣକାରୀ ଦଳ ପାଇଁ ମୁଖ୍ୟ ସମସ୍ୟା ହେଉଛି ଆଘାତଜନିତ ସମସ୍ୟା। ଏଥିରୁ ସେମାନେ କିପରି ମୁକୁଳି ପାରୁଛନ୍ତି ତାହା ଲକ୍ଷ୍ୟ କରିବା କଥା। ଅଷ୍ଟ୍ରେଲିଆ କଥା ଦେଖିବାକୁ ଗଲେ କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ୱିଲ ପୁକୋଭସ୍କି ଚତୁର୍ଥ ଟେଷ୍ଟ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ମାର୍କସ ହାରିସ୍‌କୁ ଦଳରେ ସାମିଲ କରାଯାଇଛି। ଦୁଇ ଦଳ ମଧ୍ୟରେ ନିର୍ଣ୍ଣାୟକ ମ୍ୟାଚ ଖେଳଯିବାକୁ ଥିବାରୁ ଉଭୟ ଦଳ ଏଥିପାଇଁ ସେମାନଙ୍କ ରଣକୌଶଳ ପ୍ରସ୍ତୁତ କରିସାରିଥିବେ।

-(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER







ମୋ ନାମ ପରବେଶ, ଜିଲ୍ଲା ଭରତପୁର, ରାଜସ୍ଥାନର ବାସିନ୍ଦା । ମୋ ସମୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଅନିୟମିତ ରହୁଥିଲା। ବହୁତ ନାମୀଦାମୀ ଡାକ୍ତରଙ୍କୁ ଦେଖାଇଲି, କିନ୍ତୁ ଆଦୌ କିଛି ଫରକ ପଡ଼ିଲା ନାହିଁ। ଦିନେ ମୋ ଭଉଣୀ ମୋ ସମସ୍ୟାକୁ ବୁଝି 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ବ୍ୟବହାର କରିବାର ପରାମର୍ଶ ଦେଲା। କାରଣ ମୋ ଭଉଣୀ ମଧ୍ୟ 'ସଚ୍ଚୀ ସହେଲୀ'ର ରେଜଲ୍ଟ ସହ ପରିଚିତ ଥିଲା। ତା' କହିବା ଅନୁସାରେ 'ସଚ୍ଚୀ ସହେଲୀ' ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨୧ ଦିନ ଭିତରେ ମୋତେ ବହୁତ ଲାଭ ମିଳିଲା ।



ମୋ ନାମ ଅଞ୍ଜନା, ବୟସ ୩୨ ବର୍ଷ, ଗ୍ରାମ ମେନଥାପଲ, ନାହନର ବାସିନ୍ଦା। ପ୍ରାଇଭେଟ୍ ଚାକିରି କରେ। ଅଫିସ୍‌ରେ କାମ କରିବା ପରେ ଘରକାମ କରିବାର ସାହସ ରହୁ ନ ଥିଲା, କାରଣ ତଳିପେଟ ବ୍ୟଥା, ରକ୍ତହୀନତା ସମସ୍ୟା ମୋତେ ଆରମ୍ଭରୁ ରହୁଥିଲା। ଚିକିତ୍ସା ତ ବହୁତ କରାଇଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୋ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଟନିକ୍ ୨-୨ ଚାମଚ ସେବନ କରିବା ଆରମ୍ଭ କଲି। ମାତ୍ର ଏକ ମାସ ଭିତରେ ହିଁ ମୋ ସ୍ୱାସ୍ଥ୍ୟ ସ୍ଥିତି ବହୁତ ଭଲ ହୋଇଯାଇଛି। ଏଥିପାଇଁ ମୁଁ ଆୟୁର୍ବେଦିକ 'ସଚ୍ଚୀ ସହେଲୀ'କୁ କୃତଜ୍ଞତା ଜଣାଉଛି ।



ମୋ ନାମ ସୁଲୋଚନା ଦେବୀ, ବୟସ ୨୮ ବର୍ଷ, ସିରମୋରର ବାସିନ୍ଦା ତଥା ଗୃହିଣୀ । ଯେବେଠାରୁ ସେ ଦିନଗୁଡ଼ିକ ଆରମ୍ଭ ହେଲା ସେବେଠାରୁ ପେଟ ବ୍ୟଥା, କ୍ଲାନ୍ତି, ଚିଡ଼ିଚିଡ଼ାପଣ ଏ ସବୁ ସମସ୍ୟା ଆରମ୍ଭ ହୋଇଯାଇଥିଲା। ମୋ ଅବସ୍ଥା ଦେଖି ମୋ ନଣନ୍ଦ ମୋତେ ସଚ୍ଚୀ ସହେଲୀ କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣି ଦେଲେ । ନିର୍ଦ୍ଦେଶ ଅନୁଯାୟୀ 'ସଚ୍ଚୀ ସହେଲୀ' ଟନିକ୍ ୨-୨ ଚାମଚ ନଖଉଷୁମ ପାଣି ସହିତ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨ ମାସ ମଧ୍ୟରେ ମୋ ସମସ୍ୟାରୁ ଅପେକ୍ଷାକୃତ ଉପଶମ ମିଳିଲା। ଏବେ ମୋର ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଉପରେ ପୂର୍ଣ୍ଣ ଭରସା ଅଛି।



ମୁଁ ଜୁଲି, ଜିଲ୍ଲା ମେନ ପୁରୀ (ୟୁପି)ର ବାସିନ୍ଦା, ଜବ୍ କରେ । ମୋ ଅଣ୍ଟା ବ୍ୟଥାର ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଏହି କାରଣରୁ କୁଣ୍ଡିଆ ଓ ଜ୍ୱଳନ ସମସ୍ୟା ମଧ୍ୟ ରହୁଥିଲା। ସମୟ ମଧ୍ୟ ନିୟମିତ ରହୁ ନ ଥିଲା। ଦିନେ ମୋ ମମି ମୋତେ ଆୟୁର୍ବେଦିକ 'ସଚ୍ଚୀ ସହେଲୀ'ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣିଦେଲେ। ଡବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ମୁଁ 'ସଚ୍ଚୀ ସହେଲୀ' ଟନିକ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ ଆରମ୍ଭ କଲି। ମାତ୍ର ୫ ସପ୍ତାହରେ ମୋର ସବୁ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା । ଥ୍ୟାଙ୍କ ୟୁ 'ସଚ୍ଚୀ ସହେଲୀ'।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ



TVS Racing TVS

PERFORMANCE RACES THROUGH OUR GENES.
Presenting TVS Apache RTR Series.




TVS Racing PERFORMANCE GEAR UP TO 20% OFF#
Available at selected dealerships.#

5% Cashback Up to ₹5 000*

Low Down Payment @ ₹16 999#

Step Up Low EMI @ ₹2 999#

Apache RTR SERIES RACING DNA UNLEASHED

www.tvsapache.com | For further details please give a missed call to 18003157227.
Debit Card EMI on ICICI Bank and Federal Bank, Credit Card EMI on Yes Bank, IndusInd Bank, Bank of Baroda, ICICI Bank.
#T & C apply. * Offer at select dealerships.

Cashback Partner: ICICI Bank Credit & Debit Cards | YES BANK CREDIT CARDS | FEDERAL BANK YOUR PERFECT BANKING PARTNER | Bank of Baroda Credit Card | IndusInd Bank

TVS CREDIT | IndusInd Bank | SHRIRAM City MONEY WHEN YOU NEED IT MOST | L&T Financial Services Two-wheeler Finance | IDFC FIRST Bank ALWAYS YOU FIRST

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers:** **ANGUL**: Shree Durga TVS, Ph: 9861222572. **DHENKANAL**: Orissa TVS, Ph: 8260250728. **Authorised Dealers:** Kamakhyanagar, Ph: 9437332936; Gondia: Ph: 7008092305; Rasol: Ph: 9437663780; Jiral, Ph: 7894884668, 9437549916; Parjang, Ph: 9777112004; Banarpal, Ph: 9040267959; Mahidharpur, Ph: 9777930551; Bhuban, Ph: 06769-272720, 9937707823; Pallahara, Ph: 9437663970; Khamar, Ph: 6371396100.

McCann/Blr/Tvs/15/01/21


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ